


▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-24 ◆FRIDAY ◆18 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୪ ◆ଶୁକ୍ରବାର ◆୧୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଇରାକ ସପିଙ୍ଗ୍ ମଲ୍‌ରେ ଅଗ୍ନିକାଣ୍ଡ; ୬୦ ମୃତ



■ **ବାଗଦାଗ, ୧୭ ।୭ (ଏଜେନ୍ସି):** ଇରାକ୍‌ର କୁଟ୍ ସହରର ଏକ ବଡ଼ ସପିଙ୍ଗ୍ ମଲ ତଥା ସୁପର ମାର୍କେଟ୍‌ରେ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ୬୦ ଜଣ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି । ଏଥିରେ ୫୦ରୁ ଅଧିକ ଆହତ ହୋଇଛନ୍ତି । ସେମାନଙ୍କୁ ବିଭିନ୍ନ ହସପିଟାଲରେ ଭର୍ତ୍ତି କରାଯାଇଛି । ଅଗିକାଣ୍ଡକୁ ଆୟତ୍ତ କରାଯାଇଥିଲେ ମଧ୍ୟ ୧୧ ଜଣ ନିଖୋଜ ରହିଛନ୍ତି ବୋଲି ଇରାକର ସରକାରୀ ସମାଚାର ଏଜେନ୍ସି ଆଇଏନ୍‌ଏ ସୂଚନା ଦେଇଛି । ଏଥିରେ କୁହାଯାଇଛି ଯେ ୫୯ ଜଣ ମୃତକଙ୍କ ପରିଚୟ ମିଳିସାରିଛି ଏବଂ ଜଣେ ବ୍ୟକ୍ତିର ମୃତଦେହ ଅତି ଭୟଙ୍କର ଭାବେ ଜଳି ଯାଇଥିବାରୁ ତା'ର ପରିଚୟ ମିଳିପାରି ନାହିଁ । ୫ ଦିନ ପୂର୍ବରୁ ଏହି ସୁପରମାର୍କେଟ ଖୋଲାଯାଇଥିଲା । ତେବେ କ'ଣ ପାଇଁ ଏହି ଅଗ୍ନିକାଣ୍ଡ ଘଟିଥିଲା ତାହାର କାରଣ ଜଣାପଡ଼ିନାହିଁ । ଘଟଣା ଯାଞ୍ଚ ପାଇଁ ଇରାକ ପ୍ରଧାନମନ୍ତ୍ରୀ ମହମ୍ମଦ ସିଆ ଅଲ-ସୁଦାନୀ ନିର୍ଦ୍ଦେଶ ଦେଇଛନ୍ତି । ଗତ ୨୦୨୩ରେ ଉତ୍ତର ଇରାକର ଏକ ୱେଡିଂ ହଲ୍‌ରେ ନିଆଁ ଲାଗିଯିବାରୁ ୧୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

## ପାଟନା ହସ୍ପିଟାଲ୍‌ରେ ଗ୍ୟାଙ୍ଗଷ୍ଟରକୁ ଗୁଳିକରି ହତ୍ୟା



■ **ପାଟନା, ୧୭ ।୭(ଏଜେନ୍ସି):** ୫ ଜଣ ସଶସ୍ତ୍ର ଯୁବକ ଆସିଲେ । ହାତରେ ପିସ୍ତଲ ଧରି ମେଡିକାଲ ଭିତରେ ପଶିଲେ । ମେଡିକାଲରେ ଚିକିତ୍ସାଧୀନ ଥିବା ରୋଗୀ ଉପରେ ଗୁଳି ବର୍ଷା କଲେ । ସେ ମରିଯିବା ପରେ ୩୦ ସେକେଣ୍ଡ ଭିତରେ ମେଡିକାଲରୁ ଫେରାର ହୋଇଯାଇଥିଲେ । ଏହା କୌଣସି ଚଳଚ୍ଚିତ୍ରର ଦୃଶ୍ୟ ନୁହେଁ, ବରଂ ଏହା ହେଉଛି ବିହାର ରାଜଧାନୀ ପାଟନାରେ ଅପରାଧୀଙ୍କ ଜଘନ୍ୟ କାଣ୍ଡର ନଗ୍ନ ନମୁନା । ମୃତ ବ୍ୟକ୍ତି ଜଣକ ହେଉଛି ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ମିଶ୍ର । ୧୨ଟି ହତ୍ୟା ମାମଲାରେ ଜେଲରେ ସଜା କାଟୁଥିବା ଚନ୍ଦନ ପାରୋଲରେ ଆସି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ତାକୁ ଏଭଳି ହତ୍ୟା କରାଯାଇଛି । ଏହି ହତ୍ୟାକାଣ୍ଡ ପଛରେ ବିରୋଧୀ ଗୋଷ୍ଠୀ ଶେରୁ ସିଂ ଗ୍ୟାଙ୍ଗର ହାତ ଥିବାର ସନ୍ଦେହ କରାଯାଉଛି ।

ପାଟନାର ପାରସ ହସ୍ପିଟାଲ୍‌ରେ ସ୍ପଷ୍ଟ ଦିବାଲୋକରେ ଗୁରୁବାର ଫିଲ୍ମ ଷ୍ଟାଇଲ୍‌ରେ ଗ୍ୟାଙ୍ଗଷ୍ଟର ହତ୍ୟାକାଣ୍ଡର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି । ଏଥିରେ ୫ ଜଣ ▸ପୃଷ୍ଠା-୭

## ସୌମ୍ୟାଶ୍ରୀ ନିର୍ଯାତନା ନିଆଁ; ସାରା ରାଜ୍ୟରେ କ୍ରୋଧ

# ବନ୍ଦ ସ୍ୱତଃସ୍ଫୂର୍ତ୍ତ, ଶାନ୍ତିପୂର୍ଣ୍ଣ

**ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାର ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ ଓ ସଫଳ ହୋଇଛି । ମିଳିତ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡକରାକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଦେଇ ସାରା ଓଡ଼ିଶାର ଜନସାଧାରଣ ଦିବଂଗତ ଛାତ୍ରୀଙ୍କୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବ୍ୟବସ୍ଥାଗତ ତ୍ରୁଟିକୁ ପରୋକ୍ଷରେ ଧିକ୍କାର କରିଛନ୍ତି । ନାରୀ ସୁରକ୍ଷା ଓ ମହିଳା ସଶକ୍ତୀକରଣର ନାରା ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାରର ମାତ୍ର ଏକ ବର୍ଷର ଶାସନ ପରେ ସାଧାରଣ ଜନତାଙ୍କ ତିକ୍ତ ଉପଲବ୍ଧିର ସ୍ୱର ସରକାରଙ୍କ ପାରିବାପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି ।**



### ଦୋକାନବଜାର ବନ୍ଦ, ବସ୍ ଓ ରେଳ ଚଳାଚଳ ପ୍ରଭାବିତ
### କଂଗ୍ରେସ ସମେତ ସାମିଲ ହେଲେ ୮ ସମଭାବାପନ୍ନ ଦଳ
### ଯୋଗଦେଲେ ମହିଳା ଓ ଛାତ୍ର କଂଗ୍ରେସ ଜାତୀୟ ସଭାପତି

■ **ଭୁବନେଶ୍ୱର, ୧୭।୭ (ସମିସ):** ସାରା ରାଜ୍ୟବାସୀଙ୍କ ମନରେ କ୍ରୋଧ ସୃଷ୍ଟି କରିଛି ସୌମ୍ୟାଶ୍ରୀ ନିର୍ଯାତନା ଓ ଆତ୍ମଦାହ ନିଆଁ । ଗାଁରୁ ସହର, ଉପାନ୍ତରୁ ଉପକୂଳ ପର୍ଯ୍ୟନ୍ତ ସବୁଠି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସୃଷ୍ଟି କରିଛି ଆଲୋଡ଼ନ । ଯାହାର ପ୍ରତିଫଳନ ଆଜି ସାରା ରାଜ୍ୟରେ ଦେଖିବାକୁ ମିଳିଛି କଂଗ୍ରେସ ଓ ସମଭାବାପନ୍ନ ୮ ବିରୋଧୀଦଳ ଡକରାରେ ଆଜି ବନ୍ଦ ହୋଇ ଯାଇଛି ଅଖଚକ, ଦୋକାନବଜାର । ଶୂନଶାନ ହୋଇ ଯାଇଛି ସଡ଼କ, ଅଚଳ ହୋଇଯାଇଛି ବେପାରବଣିଜ । ଏଫ୍‌ଏମ୍ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ପ୍ରଭାବରେ ସାରା ରାଜ୍ୟରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ବନ୍ଦକୁ ସମର୍ଥନ ପ୍ରଦାନ କରିଛନ୍ତି । କେବଳ ଜରୁରୀକାଳୀନ ସେବାରେ ନିୟୋଜିତ କିଛି ଗାଡ଼ିକୁ ଛାଡ଼ି ଦେଲେ ରାଜ୍ୟସାରା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି । ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ପୁରୀ, ବାରିପଦା, ଅନୁଗୋଳ, ଜୟପୁର, ବଲାଙ୍ଗିର ସହ ରାଜ୍ୟର ବିଭିନ୍ନ ସହରରେ ଯାନବାହନ ଚଳାଚଳ ବନ୍ଦ ହୋଇ ଯାଇଛି । ଜିଲ୍ଲା ମୁଖ୍ୟାଳୟ, ବ୍ଲକ୍, ଏପରିକି ଗାଁରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଛି ।

ସାରା ରାଜ୍ୟରେ ଖାଁ ଖାଁ ସ୍ଥିତି ସୃଷ୍ଟି ହୋଇଛି । ସକାଳ ୬ଟାରୁ ବନ୍ଦର ପ୍ରଭାବ ଆରମ୍ଭ ହୋଇଥିବାରୁ କଂଗ୍ରେସ ଓ ସହଯୋଗୀ ବିରୋଧୀ ଦଳର ନେତାମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦରେ ସାମିଲ ହେବାକୁ ଲୋକଙ୍କୁ ନିବେଦନ କରିଛନ୍ତି । ବସ୍ ଓ ଟ୍ରେନ୍ ଚଳାଚଳ ବ୍ୟାହତ ହେବା ଯୋଗୁଁ ପରିବହନ ବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପଡ଼ିଛି । କାଁ ଭାଁ ଛୋଟଛୋଟ ଘଟଣାକୁ ବାଦ ଦେଲେ ରାଜ୍ୟର ପ୍ରାୟ ସବୁ ସ୍ଥାନରେ ବନ୍ଦ ଶାନ୍ତିପୂର୍ଣ୍ଣ ରହିଛି । ରାଜଧାନୀ ଭୁବନେଶ୍ୱରେ ସକାଳୁ ସକାଳୁ ପିସିସି ▸ପୃଷ୍ଠା-୭

**୨୧ରୁ ସଂସଦର ମୌସୁମୀ ଅଧିବେଶନ**

# କେନ୍ଦ୍ର ପାଇଁ ଶିରପୀଡ଼ା ହେବ ଓଡ଼ିଶା ପ୍ରସଙ୍ଗ

■ **ଭୁବନେଶ୍ୱର/ନୂଆଦିଲ୍ଲୀ ୧୭।୭ (ସମିସ):** ଆସନ୍ତା ୨୧ରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ । ଏଥିପାଇଁ ୨୦ ତାରିଖରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ମାତ୍ର ଆଗାମୀ ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ଘେରିବା ନିମନ୍ତେ ୧୯ରେ ରଣନୀତି ପ୍ରସ୍ତୁତ କରିବ ବିରୋଧୀଙ୍କ ଇଣ୍ଡିମେଣ୍ଟ । ବିଶେଷ ଭାବରେ ଆଗାମୀ ଅଧିବେଶନରେ ଜାତୀୟ ପ୍ରସଙ୍ଗ ସହ ବିରୋଧୀଙ୍କ ପାଇଁ ଓଡ଼ିଶା ଘଟଣା ପ୍ରମୁଖ ପ୍ରସଙ୍ଗ ପାଲଟିବ ବୋଲି କୁହାଯାଉଛି । ଗତ ଦୁଇ ମାସ ମଧ୍ୟରେ ବିଭିନ୍ନ ଘଟଣା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ମଳିନ କରିଛି । ଗୋପାଳପୁର ଗଣ ବଳାତ୍କାର ଘଟଣା, ରଥଯାତ୍ରା ଅଘଟଣ ଓ ଦଳାଚକଟାରେ ୩ ମୃତ, ବିଏମ୍‌ସି କାର୍ଯ୍ୟାଳୟରେ ଅତିରିକ୍ତ କମିଶନରଙ୍କୁ ଘୋଷାରି ଘୋଷାରି ମାଡ଼, ଧରାକୋଟରେ ଦୁଇ ଦଳିତଙ୍କ ପ୍ରତି ବର୍ବର ବ୍ୟବହାର ଏବଂ ଏବେ ବ୍ୟବସ୍ଥା ଦ୍ୱାରା ନିର୍ଯାତିତ ହୋଇ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା ଓଡ଼ିଶାକୁ ଜାତୀୟସ୍ତରରେ ନିନ୍ଦିତ କରିଛି । ରାଜ୍ୟର ଆଇନଶୃଙ୍ଖଳା ଓ ପ୍ରଶାସନିକ ଅପାରଗତା ଯୋଗୁଁ ଏପରି ଘଟଣା ଘଟୁଥିବା ଜାତୀୟ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ବିଶେଷ ଭାବରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ସାଂସଦ ପ୍ରିୟଙ୍କା ଗାନ୍ଧୀ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼୍‌ଗେ, ବରିଷ୍ଠ ନେତା ଜୟରାମ ରମେଶ, ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଯେପରି ଓଡ଼ିଶା ପ୍ରସଙ୍ଗରେ ସକ୍ରିୟ ହୋଇଛନ୍ତି; ତାହା ବିରୋଧୀଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ସେହିପରି ଓଡ଼ିଶାରେ ବଙ୍ଗଳାଭାଷୀ ଶ୍ରମିକଙ୍କୁ ଅଟକ ପ୍ରସଙ୍ଗକୁ ନେଇ ତୃଣମୂଳ



### ୧୯ରେ ଇଣ୍ଡିମେଣ୍ଟ ବୈଠକ; ପ୍ରସ୍ତୁତ ହେବ ରଣନୀତି

କଂଗ୍ରେସ କଠୋର ଆଭିମୁଖ୍ୟ ପୋଷଣ କରିଛି । ଗତକାଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ପ୍ରସଙ୍ଗରେ ବିଜେପି ଓ ଏହି ଦଳ ଶାସିତ ରାଜ୍ୟକୁ ନିଶାଣ କରିଛନ୍ତି । ପଶ୍ଚିମ ବଙ୍ଗ ଲୋକଙ୍କୁ ବିଜେପି ଶାସିତ ରାଜ୍ୟରେ ଅଟକ ରଖାଯାଇଥିବାରୁ ଏହାର ପ୍ରତିବାଦ କରି କୋଲକାତାରେ ଏକ ବିଶାଳ ରାଲିର ଆୟୋଜନ କରିଥିଲେ । ତୃଣମୂଳ କଂଗ୍ରେସ ଏହି ପ୍ରସଙ୍ଗକୁ ▸ପୃଷ୍ଠା-୭

**ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା**

## କ୍ରାଇମବ୍ରାଞ୍ଚ ଟିମ୍‌ର ଖୋଳତାଡ଼

■ **ବାଲେଶ୍ୱର/କଟକ, ୧୭ ।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରିଛି କ୍ରାଇମବ୍ରାଞ୍ଚ । ଆଜି ଅପରାହ୍ଣରେ କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ କଲେଜରେ ପହଞ୍ଚି ଖୋଳତାଡ଼ କରିଛି । ଏହି ଟିମ୍‌ରେ ୱିମେନ ୱିଙ୍ଗର ଆଇଜି ଏସ୍‌ଏସ୍ ସାଇନିଙ୍କ ସହ ଡିଏସ୍‌ପି ଇମାମ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଂଚାଳି ରାଉତ ପ୍ରମୁଖ ରହିଥିଲେ । ଅପରାହ୍ଣ ପ୍ରାୟ ୪ଟା୧୫ରେ ସର୍କିଟ ହାଉସଠାରୁ ବାହାରି ଉକ୍ତ ଟିମ୍ ଫକୀର ମୋହନ ମହାବିଦ୍ୟାଳୟକୁ ଯାଇଥିଲେ । ଆଜି ପେଟ୍ରୋଲକୁ ନେଇ ତନାଘନା ହୋଇଥିବା ଜଣାଯାଇଛି । ଘଟଣା ଦିନ ସୌମ୍ୟାଶ୍ରୀ ସାଙ୍ଗରେ କଲେଜକୁ ପେଟ୍ରୋଲ ଆଣିଥିଲେ ନା ତାଙ୍କୁ କିଏ ପେଟ୍ରୋଲ ଦେଇଥିଲା, ଯଦି ଅନ୍ୟ କିଏ ତାଙ୍କୁ ଯୋଗାଇଛି ତେବେ ସେ କିଏ? ସେହିପରି, କଲେଜ ପରିସରକୁ ପଲିଥିନ୍‌ରେ ପେଟ୍ରୋଲ ଅଣାଯାଇଥିଲା ନା କୌଣସି ଡବାରେ ଏବଂ କେଉଁ ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଅଣାଯାଇଥିଲା, ସେନେଇ କ୍ରାଇମବ୍ରାଞ୍ଚ ତନାଘନା କରିଛି । ଘଟଣା ଘଟିବାର କିଛି ସମୟ ପୂର୍ବରୁ ଜଣେ କଲେଜ ଛାତ୍ର ନିକଟସ୍ଥ ▸ପୃଷ୍ଠା-୭

**କ୍ୟାମ୍ପସକୁ କିଏ ଆଣିଥିଲା ପେଟ୍ରୋଲ, ଦିଆସିଲି?**

**ଏସ୍‌ସିବିରେ ଜ୍ୟୋତିପ୍ରକାଶଙ୍କୁ ପଚରାଉଚରା**

## ଆଜିଠୁ ଉଚ୍ଚସ୍ତରୀୟ କମିଟି ତଦନ୍ତ

■ **ଭୁବନେଶ୍ୱର, ୧୭ ।୭ (ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ମାମଲାରେ କ୍ରାଇମବ୍ରାଞ୍ଚ ଓ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କରିଛି । ମାମଲାରେ ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷ ଜେଲ୍ ଯାଇଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ତଦନ୍ତ ପାଇଁ ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାର ଆଉ ଏକ ଉଚ୍ଚସ୍ତରୀୟ କମିଟି କଲେଜକୁ ଯିବ । ଆଇସିସି କମିଟିର ସମସ୍ତ ସଦସ୍ୟଙ୍କୁ ଗୋଟି ଗୋଟି କରି ପଚରାଉଚରା ▸ପୃଷ୍ଠା-୭

**ବ୍ୟକ୍ତିଗତ ହାଜିରା ଦେବେ ସମସ୍ତ ଆଇସିସି ସଦସ୍ୟ**

## ଛାତ୍ରୀଙ୍କୁ ଯୌନ ଶୋଷଣ; ଅଧ୍ୟାପକ ଗିରଫ



**ସମ୍ବଲପୁରରେ ଲଜ୍ଜା!**

■ **ସମ୍ବଲପୁର, ୧୭ ।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନ ହାରିବା ଘଟଣାକୁ ଦିନ ୨ଟା ନ ବିତୁଣୁ ସମ୍ବଲପୁରରୁ ପୁଣି ଏକ ଛାତ୍ରୀ ନିର୍ଯାତନାର ଖବର ଆସିଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ବିବାହର ପ୍ରଲୋଭନ ଦେଖାଇ ଜଣେ ଛାତ୍ରୀଙ୍କୁ ଯୌନ ଶୋଷଣ କରୁଥିବା ଭଳି ସଂଗିନ୍ ଅଭିଯୋଗ ହୋଇଛି । ଏନେଇ ଥାନାରେ ମାମଲା ପରେ ପୁଲିସ୍ ଏଜୁକେସନ୍ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ଗୋପିକାନ୍ତ ସୁନା (୩୨)ଙ୍କୁ ଗିରଫ କରିଛି । ତାଙ୍କ ଘର ବରଗଡ଼ ଜିଲ୍ଲାରେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ନିଲମ୍ବିତ କରିଛନ୍ତି ।

ସୂଚନାନୁସାରେ, ବିଶ୍ୱବିଦ୍ୟାଳୟର ବିଏ ବିଏଡ୍ ଯୁକ୍ତ ଦୁଇବର୍ଷର ଜଣେ ଛାତ୍ରୀ ଗତକାଲି ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଅନୁସାରେ, ୨୦୨୩ ଡିସେମ୍ବରରୁ ଏକାଡେମିକ୍ କ୍ଷେତ୍ରରେ ସାହାଯ୍ୟ କରିବା ଆଳରେ ଗୋପିକାନ୍ତ ତାଙ୍କ ସହ ସଂପର୍କ ବଢ଼ାଇଥିଲେ । ଏପରିକି, ପରେ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ । କିନ୍ତୁ, ବର୍ତ୍ତମାନ ଅଧ୍ୟାପକ ଜଣଙ୍କ ବିବାହ କରିବା ପାଇଁ ରାଜି ହେଉନାହାନ୍ତି । ଏଥିରେ ଛାତ୍ରୀଜଣଙ୍କ ମାନସିକସ୍ତରରେ ଭାଙ୍ଗିପଡ଼ିଛନ୍ତି । ତେଣୁ, ନ୍ୟାୟ ପାଇବା ଆଶାରେ ବାଧ୍ୟ ହୋଇ ବୁଧବାର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ୍ ମାମଲା ରୁଜୁ କରି ଅଭିଯୁକ୍ତ ଗୋପିକାନ୍ତଙ୍କୁ ବୁଢ଼ାରଜାରୁ ଗିରଫ କରି କୋର୍ଟଚାଲାଣ କରିଛି । ଏହି ଘଟଣା ସାମ୍ନାକୁ ଆସିବା ▸ପୃଷ୍ଠା-୭

**ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ**

## ଆବାସିକ ବିଦ୍ୟାଳୟ ଆଦିବାସୀ ଛାତ୍ରୀ ଗର୍ଭବତୀ

■ **ବିଷମ କଟକ, ୧୭।୭ (ସମିସ):** ମଙ୍ଗଳ ବିଭାଗରେ ପୁଣି ଅମଙ୍ଗଳ । ରାୟଗଡ଼ା ଜିଲ୍ଲାରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା । ବିଷମକଟକ ବ୍ଲକ୍ ଡକୁମ୍ ଗ୍ରାମରେ ଥିବା ଅନୁସୂଚିତ ଜାତି ଓ ଜନଜାତି ତଥା କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଆବାସିକ ବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀ ଗର୍ଭବତୀ ହୋଇଛନ୍ତି । ବୁଧବାର ରାତିରେ ବିଷମକଟକ ଥାନାରେ ଏତଲା ଦିଆଯାଇଛି । ପୁଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ଛାତ୍ରୀଙ୍କ ପୁନଃ ଡାକ୍ତରୀମାଇନା ପରେ ତାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବ ବୋଲି ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ କହିଛନ୍ତି ।

ଗତକାଲି ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭ୍ରାମ୍ୟମାଣ ଦଳ ଡୁକୁମ ସରକାରୀ ଉଚ୍ଚ ଆବାସିକ ବିଦ୍ୟାଳୟ ଆନ୍ତେବାସୀ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସମ୍ପୃକ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିବା ବେଳେ ପରୀକ୍ଷାରୁ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା । ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଚିକିତ୍ସକ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଡାକି ସମସ୍ତ କଥା ପଚାରି ବୁଝିଥିଲେ । ଛାତ୍ରୀଜଣଙ୍କ ଗ୍ରୀଷ୍ମଛୁଟିରେ ଘରକୁ ଯାଇଥିବା ବେଳେ ତାଙ୍କ ମାମୁପୁଅ ତାଙ୍କ ସହ ଅନୈତିକ ସମ୍ପର୍କ ରଖିଥିଲା । ଏ ସମସ୍ତ କଥା ଝିଅର ବାପା, ମା'ଙ୍କୁ ଶିକ୍ଷୟିତ୍ରୀ ସୂଚନା ଦେଇଥିଲେ । ଛାତ୍ରୀଜଣଙ୍କ ଗର୍ଭବତୀ ରହିଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରିଥିଲେ । କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରଧାନ ଶିକ୍ଷୟିତ୍ରୀ ବିଷମକଟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

**ନାଳିଫିତା ତଳେ ତଦନ୍ତ**

## ନ୍ୟାୟ ଅପେକ୍ଷାରେ ଆଉଜଣେ ସୌମ୍ୟା

▸▸ ଅସଦାଚରଣର ଶିକାର ହୋଇ କରିଥିଲେ ଆତ୍ମହତ୍ୟା
▸▸ ମାମଲା ନକରିବାକୁ ପୁଲିସ ପକାଉଥିଲା ଚାପ
▸▸ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ

■ **ପଟ୍ଟାମୁଣ୍ଡାଇ, ୧୭।୭ (ସମିସ):** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟା ବିଶିଙ୍କ ଆତ୍ମଦାହ ଘଟଣାକୁ ନେଇ ସାରା ଓଡ଼ିଶାର ବିଭିନ୍ନ ରାଜନୈତିକ ସଂଗଠନ, ଗଣ ସଂଗଠନ ଓ ଛାତ୍ର ସଂଗଠନ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ତେବେ ବହୁଚର୍ଚ୍ଚିତ ପଟ୍ଟାମୁଣ୍ଡାଇ କଲେଜର ଯୁକ୍ତ ୨ ଛାତ୍ରୀ ସୌମ୍ୟା ଶାଶ୍ୱତୀ ନାୟକଙ୍କ ଆତ୍ମହତ୍ୟା ଘଟଣାର ପର୍ଦ୍ଦାଫାଶ କେବେ ହେବ ଓ ଦୋଷୀ ଦଣ୍ଡ ପାଇବେ ସେନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି । ଘଟଣାର ୫ ମାସ ପରେ ବି ତଦନ୍ତ ନାଳିଫିତା ତଳେ ଚାପି ହୋଇରହିଛି । ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ରହସ୍ୟ ଏବେ ମଧ୍ୟ ସାର୍ବଜନୀନ ହୋଇପାରି ନାହିଁ । ପୁଲିସର ତଦନ୍ତ ମଧ୍ୟ ସନ୍ଦେହ ଘେରରେ ରହିଛି ।

ଅନ୍ୟପକ୍ଷରେ ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ ମଧ୍ୟ ଦିଶାହୀନ ହୋଇପଡ଼ିଥିବା ପଟ୍ଟାମୁଣ୍ଡାଇ କଲେଜ ଆଲମୁନି ଆସୋସିଏସନର ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ଓ ପଟ୍ଟାମୁଣ୍ଡାଇ ବିକାଶ ପରିଷଦର ସଭାପତି ତଥା କାଉନସିଲର ଗୋପୀବଲ୍ଲଭ ନାୟକ କ୍ଷୋଭକ୍ତି ପ୍ରକାଶ କରିଛନ୍ତି । କାହା ଇଙ୍ଗିତରେ ତଦନ୍ତ ବାଟବଣା ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ପଟ୍ଟାମୁଣ୍ଡାଇ କଲେଜରେ ଏଭଳି ସମ୍ବେଦନଶୀଳ ଘଟଣା କଲେଜର ଖ୍ୟାତି ଓ ପ୍ରତିଷ୍ଠାରେ ଆଞ୍ଚ ଆଣିଛି । ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶ ଏବେ ମଧ୍ୟ କାର୍ଯ୍ୟକାରୀ ହୋଇନଥିବାରୁ ବିଭାଗୀୟ ପାରିବାପଣିଆକୁ ପଦାରେ ପକାଇଛି ।

ଘଟଣାରେ ତତ୍କାଳୀନ ଅଧ୍ୟକ୍ଷଙ୍କ ବିବାଦୀୟ ବୟାନକୁ ନେଇ ବହୁ ଛାତ୍ର, ଅଣଛାତ୍ର, ରାଜନୈତିକ ସଂଗଠନ ପକ୍ଷରୁ ଦୃଢ ନିନ୍ଦା କରାଯିବା ସହିତ ଅଧ୍ୟକ୍ଷ ଦିଲ୍ଲୀପ ଭୂୟାଁଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ଘଟଣାର ତଦନ୍ତ କରୁଥିବା ପୁଲିସ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନର ନେତୃବର୍ଗଙ୍କ କଥାକୁ ଗୁରୁତ୍ୱ ଦେଇନଥିବା ବେଳେ ମୃତା ଛାତ୍ରୀଙ୍କ ମାଆଙ୍କ ଉପରେ କଲେଜ ବିରୁଦ୍ଧରେ କେସ ନକରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହୋଇଆସୁଛି ।

ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ କହିଥିବା ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଆଦେଶ କାର୍ଯ୍ୟକାରୀ ନହୋଇଥିବାରୁ ଏହା ପାଣିରେ ଗାର ସଦୃଶ ହୋଇଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି । ▸ପୃଷ୍ଠା-୭

ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା

# ଅଧ୍ୟକ୍ଷ ଓ ଏଚ୍‌ଓଡିଙ୍କ ପ୍ରାକ୍ ଗତିବିଧିକୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିବ କି?

ବାଲେଶ୍ୱର, ୧୭।୭ (ସମିସ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାର କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଆରମ୍ଭ କରିଥିବାବେଳେ ୫ଜଣିଆ ଟିମ୍ ଆଜି କଲେଜ ପରିସରରେ ତନାଘନା ଚଳାଇଛନ୍ତି। ସୌମ୍ୟାଶ୍ରୀ ଆତ୍ମାହୁତି ଦିନର ପାରିପାର୍ଶ୍ୱିକ ସ୍ଥିତାବସ୍ଥା ସମ୍ପର୍କରେ ଆଜି କ୍ରାଇମ୍ ବ୍ରାଞ୍ଚ ଟିମ୍ ତନାଘନା କରିଥିବା ବେଳେ ପୀଡ଼ିତାଙ୍କ ଏହି ଚରମ ନିଷ୍ପତ୍ତି ନେବାର ପ୍ରାକ୍ ଘଟଣାବଳୀକୁ ତଦନ୍ତ ପରିସରଭୁକ୍ତ କରିବ କି କ୍ରାଇମ୍ ବ୍ରାଞ୍ଚ? ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର କୁମାର ସାହୁ ଓ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଉପରେ ରହିଥିବା ଅଦୃଶ୍ୟ ଚାପ, ଆଇସିସି ରିପୋର୍ଟକୁ ପ୍ରଭାବିତ କରିବା ଆଦି ଉପରୁ ପର୍ଦ୍ଦା ଉଠିଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ। ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଭଳି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜିଲ୍ଲା ପୁଲିସ୍ ପ୍ରଶାସନ ଅବଗତ ଥିବା ସତ୍ତ୍ୱେ ଏଭଳି କଲେଜ କ୍ୟାମ୍ପସ୍ ମଧ୍ୟରେ ପୀଡ଼ିତା ଆତ୍ମାହୁତି ଦେଲେ କିଭଳି ଏବଂ ଏଥିରେ ପୁଲିସ୍‌ର ଗୁଇନ୍ଦା ବିଭାଗ କ'ଣ କରୁଥିଲା ସେନେଇ ତଦନ୍ତ ହେବା ଜରୁରୀ। ଗିରଫ ଅଭିଯୁକ୍ତ ଏଚ୍‌ଓଡି ଶ୍ରୀ ସାହୁ ଏବଂ ଅଧ୍ୟକ୍ଷ ଶ୍ରୀ ଘୋଷଙ୍କ ଘଟଣା ପୂର୍ବର ଗତିବିଧି, ସେମାନଙ୍କ କଲ୍ ରେକର୍ଡ ଆଦି ଯାଞ୍ଚ ହେଲେ ଉକ୍ତ ଘଟଣାକୁ ଚାପି ଦେବାକୁ ରହିଥିବା ଅଦୃଶ୍ୟ ଚାପ ଉପରୁ ପର୍ଦ୍ଦା ହଟିବ।

**ଯାଞ୍ଚ ହେବ କି କଲ୍ ରେକର୍ଡ, ପଡ଼ିଥିବା ଅଦୃଶ୍ୟ ଚାପର ପର୍ଦ୍ଦାଫାସ ହେବ କି?**

ସୂଚନାଯୋଗ୍ୟ; ଏଚ୍‌ଓଡି ସମୀର କୁମାର ସାହୁ ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ଜୁନ ୩୦ ତାରଖ ଦିନ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଏବିଭିପି ଲେଟର ପ୍ୟାଡ୍‌ରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଏଚଓଡି ସମୀର ସାହୁଙ୍କ ବିରୁଦ୍ଧରେ ଅଭିଯୋଗ ଆସିବା ପରେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀ ସୌମ୍ୟାଶ୍ରୀଙ୍କ ସମେତ ଛାତ୍ର ପରିଷଦର ସଦସ୍ୟ ତଥା ବରିଷ୍ଠ ପୁଲିସ୍ ପ୍ରଶାସନର ଉପସ୍ଥିତିରେ ଆଲୋଚନା ହୋଇଥିଲା। ଉକ୍ତ ସମ୍ବେଦନଶୀଳ ଅଭିଯୋଗକୁ ପୁଲିସ୍ ହାତକୁ ନ ଦେଇ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତଦନ୍ତ କରିବ ବୋଲି ନିଷ୍ପତ୍ତି ହେଲା। କଲେଜର ଆଇସିସି କମିଟି ନ ଥିବାରୁ ଗତ ୧ ତାରିଖ ଦିନ ତରବରିଆ ଭାବେ ଆଇସିସି କମିଟି ଗଠନ ହୋଇଥିଲା ଏବଂ ପୀଡ଼ିତା ସୌମ୍ୟାଶ୍ରୀ ଆଇସିସି କମିଟି ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଆଇସିସି କମିଟି କେଉଁ ସବୁ ଦିଗକୁ ତଦନ୍ତ କଲା, କିମ୍ବା ରିପୋର୍ଟକୁ କାଂଟଛାଂଟ କରିବାକୁ କୌଣସି ଚାପ ପ୍ରୟୋଗ ହୋଇଥିଲା ସେନେଇ କ୍ରାଇମ୍ ବ୍ରାଞ୍ଚ ତଦନ୍ତର ବହୁତ ବଡ଼ ଦିଗ ରହିଛି। ଗତ ୧ ତାରିଖ ଦିନ ପୀଡ଼ିତା ଛାତ୍ରୀ ଜଣକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଭେଟି ଅଭିଯୋଗ କରିଥିବା ବେଳେ ଶ୍ରୀ ଷଡ଼ଙ୍ଗୀ ମଧ୍ୟ ଅଧ୍ୟକ୍ଷଙ୍କୁ ଏହି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ଛାତ୍ରୀ ସୌମ୍ୟାଶ୍ରୀ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ, ଉଚ୍ଚ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ, ସଦର ବିଧାୟକ, କେନ୍ଦ୍ର ଶିକ୍ଷା ବିଭାଗ, ଏନସିଡବ୍ଲ୍ୟୁଆଇକୁ ଟ୍ୟାଗ୍ କରି ଅଭିଯୋଗ ଆଣିଥିଲେ। କିନ୍ତୁ ଗତ ୯ ତାରିଖ ରାତିରେ ଆଇସିସି କମିଟି କଲେଜ ଅଧ୍ୟକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ବାବଦରେ ଜାଣିବା ପାଇଁ ଗତ ୧୨ ତାରିଖ ଦିନ କଲେଜ ଅଧ୍ୟକ୍ଷ ଅଫିସ୍ କାର୍ଯ୍ୟାଳୟକୁ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଡ଼ାକିଥିଲେ। କମିଟିର ଏକତରଫା ନିଷ୍ପତ୍ତିକୁ ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ଗ୍ରହଣ କରିନପାରି ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିଥିଲେ। ସ୍ୱଳ୍ପ ସମୟ ମଧ୍ୟରେ ଛାତ୍ରୀ ଜଣକ ଦେହରେ ପେଟ୍ରୋଲ୍ ଢ଼ାଳି ନିଆଁ ଲଗାଇ ଥିବା ବେଳେ ଏନେଇ କଲେଜ କର୍ତ୍ତୃପକ୍ଷ କିଭଳି ସଚେତନ ନ ଥିଲେ, ପୁଲିସ୍‌ର ଗୁଇନ୍ଦା ବିଭାଗ କିଭଳି ସୁରାକ୍ ପାଇଲେନି ସେନେଇ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ଏହାର ଗୋଟି ଗୋଟି ଦିଗକୁ କ୍ରାଇମ୍ ବ୍ରାଞ୍ଚ୍ ତଦନ୍ତ କରି ଚାଲିଲେ ଘଟଣା ପଛର ଘଟଣା ପର୍ଦ୍ଦାଫାସ୍ ହେବା ସହ ମୃତ ପୀଡ଼ିତାଙ୍କୁ ନ୍ୟାୟ ମିଳିବ ବୋଲି ଆଲୋଚନା ଜୋର ଧରିଛି।

## ଦୁଷ୍କର୍ମ ଉଦ୍ୟମ ବିଫଳ ପରେ ମହିଳାଙ୍କୁ ଛୁରାମାଡ଼, ଯୁବକ ଗିରଫ

ରୂପସା, ୧୭।୭ (ସମିସ): ରୂପସା ଥାନା ଅଞ୍ଚଳରେ ଜନୈକା ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମରେ ଜଣେ ଯୁବକ ବିଫଳ ହୋଇ ଛୁରା ମାଡ଼ କରିଥିବା ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଯେ ବାଲିଆପାଳର ନେପୁ ଓରଫ ଆଦିତ୍ୟ ନାରାୟଣ ଘଡେଇ ନିଜ ସମ୍ପର୍କୀୟ ଘରକୁ ଆସିଥିବା ବେଳେ ଗତ କାଲି ଏହି ମହିଳାଙ୍କୁ ଏକୁଟିଆ ପାଇ ପ୍ରେମ ନିବେଦନ କରିଥିଲେ। ମାତ୍ର ମହିଳା ରାଜି ନ ହେବାରୁ ତାଙ୍କୁ ଜୋର ଜବରଦସ୍ତ ଟଣା ଓଟରା କରି ଛୁରାମାଡ଼ କରିଥିଲେ। ଏ ବାବଦରେ ଥାନାରେ ଲିଖିତ ଅଭିଯୋଗ ମୂଳେ କେଶ ନଂ ୬୦/୨୫ରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ଘଡେଇକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗିରଫ ଅଭିଯୁକ୍ତ ବିବାହିତ ବୋଲି ଜଣାପଡ଼ିଛି।

## ଜଳେଶ୍ୱରରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ଜଳେଶ୍ୱର ବ୍ଲକ, ୧୭।୭ (ସମିସ): ଜଳେଶ୍ୱରର ନୂତନ ଏସଡିପିଓ ଭାବେ କଟକ କ୍ରାଇମବ୍ରାଞ୍ଚର ଦକ୍ଷ ଅଫିସର ଭାବେ କାର୍ଯ୍ୟ କରିଥିବା ସୁବ୍ରତ କୁମାର ବେହେରା ଏଠାରେ ଯୋଗଦେଇଛନ୍ତି। ସେ ଜଳେଶ୍ୱର ପୁଲିସ ଉପଖଣ୍ଡ ଅଧିନସ୍ଥରେ ଥିବା ୫ଟି ଥାନା ଇଲାକାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୁଦୃଢ଼ କରିବା ସହ ବେଆଇନ ବାଲି କାରବାର, ନିଶା କାରବାରକୁ ରୋକିବା ସାଙ୍ଗକୁ ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳକୁ ପଶ୍ଚିମବଙ୍ଗ ସୀମା ଲାଗିଥିବାରୁ ଚୋରା କାରବାର ଉପରେ ରୋକ ଲଗାଯିବାକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## କମେଣ୍ଟମରାକୁ ନେଇ ଛୁରାମାଡ଼ ଘଟଣାରେ ୮ ଗିରଫ

ସୋର, ୧୭।୭ (ସମିସ): ସୋର ଥାନା ଦହିସଡା ପଞ୍ଚାୟତ ପାଟଣାସାହିରେ କମେଣ୍ଟମରାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣାରେ ସୋର ପୁଲିସ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ଗତ ୧୪ ତାରିଖ ସଂଧ୍ୟାରେ ଏହି ଘଟଣାକୁ ନେଇ ସରପଞ୍ଚଙ୍କ ଉପସ୍ଥିତିରେ ଏକ ବୈଠକ ଡକାଯାଇ ସମାଧାନ କରାଯାଉଥିଲା। ଏହି ସମୟରେ ଛୁରାମାଡ ହେବାରୁ ଏଥିରେ ତିନି ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏ ନେଇ ସୋର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୁଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରି ୮ ଜଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମାର୍କଣ୍ଡ ମଳିକ, ସାବିତ୍ରୀ ମଳିକ, ରାକେଶ ମଳିକ, ବଳରାମ ମଳିକ, ପଦ୍ମାବତୀ ମଳିକ, ହେମଲତା ମଳିକ, କମ୍ଭୁନାଥ ମଳିକ ଓ କନକ ମଳିକ।

## କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନୀଳଗିରି, ୧୭।୭(ସମିସ): ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ନୀଳଗିରି ଥାନା ଦକ୍ଷିଣନରସିଂହପୁର ପଞ୍ଚାୟତ ଓଲଡଙ୍ଗ ଗ୍ରାମର ଶମ୍ଭୁ ସିଂ ଏବଂ ତାଙ୍କ ବଡ଼ପୁଅ ମଙ୍ଗଳ ସିଂ(୧୮) ଗତକାଲି ରାତିରେ ମିତ୍ରପୁରରୁ ବଜାର ସାରି ଘରକୁ ଫେରିଥିଲେ। ଖାଇବା ପାଇଁ ବାପା ଡାକିଥିଲେ ମଧ୍ୟ ମଙ୍ଗଳ ମନଦୁଃଖରେ କାହାକୁ କିଛି ନ କହି ବିଛଣାରେ ଶୋଇପଡ଼ିଥିଲେ। ପରେ ରାତି ପ୍ରାୟ ୧୧ ଟା ବେଳେ ବିଛଣାରୁ ଉଠି ଯୁବକ କୁଆଡେ ପଳେଇଯାଇଥିବା କଥା ବାପା ପ୍ରକାଶ କରିଥିଲେ। ପରିବାର ଲୋକେ ମଙ୍ଗଳଙ୍କୁ ବହୁ ଖୋଜାଖୋଜି କରି ନିରାଶ ହୋଇପଡ଼ିଥିଲେ। ଆଜି ସକାଳେ ନିଜ ବାଡ଼ି ପଛ ଏକ କରଞ୍ଜ ଗଛରେ ବେକରେ ରସି ଲାଗି ଝୁଲୁଥିବା ଦେଖିବାକୁ ପାଇଥିଲେ। ନୀଳଗିରି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ନୀଳଗିରି ମେଡିକାଲରେ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ ଛାତ୍ର ଜଣକ ବାବାପଞ୍ଚଲିଙ୍ଗେଶ୍ୱର କଲେଜର ଯୁକ୍ତ ଦୁଇ କଳାର ଛାତ୍ର ଥିଲେ।

## ଅଯୋଗ୍ୟ ହାତଉଛନ୍ତି ପ୍ରଧାନମନ୍ତ୍ରୀ ଆବାସ

ଜଳେଶ୍ୱର ବ୍ଲକ, ୧୭।୭ (ସମିସ): ଜଳେଶ୍ୱର ବ୍ଲକ ପରିସରରେ ଚାଲିଥିବା ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନ ଶୁଣାଣୀରେ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର ଏବଂ ଗ୍ରାମବାସୀ ଅଭିଯୋଗ କରିଛନ୍ତି କି ଏକ ବର୍ଷ କିମ୍ବା ୨ ବର୍ଷ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ସାମିଲ ହୋଇଥିବା ଲୋକେ ପୁଣି ଥରେ ବର୍ତ୍ତମାନ ପିଇଓଙ୍କୁ ହାତ ବାରିସି କରି ଧନୀ ଶ୍ରେଣୀର ବ୍ୟକ୍ତି ଜିଓ ଟେକ୍ କରିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗ୍ରାମ ପଞ୍ଚାୟତର ଅନେକ ଗରିବ ଲୋକେ ଘର ନ ପାଇ ଆଜିବି ଝାଟି ମାଟି ଘରେ କାଳାତିପାତ କରିଛନ୍ତି କିନ୍ତୁ କିଛି ରାଜନୈତିକ ବ୍ୟକ୍ତି ପିଇଓଙ୍କୁ ହାତ ବାରିଶି କରି ଅଯୋଗ୍ୟ ଓ ଘର ପାଇ ଥିବାବ୍ୟକ୍ତିବିଶେଷଙ୍କୁ ଘର ଯୋଗାଇ ଦିଆଯାଇଛି। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ପିଇଓଙ୍କୁ ଅନତ୍ର ବଦଳି ଦାବି କରିଛନ୍ତି।

## ଦୁଇଟି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ






ବାଲେଶ୍ୱର, ୧୭।୭ (ସମିସ): ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡ ପକ୍ଷରୁ ଗୋଟିଏ ଦିନରେ ଦୁଇଟି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି। ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ରୁ ହୋଇଥିବା ଅଗ୍ନି-୧ ଓ ପୃଥିବୀ-୨ କ୍ଷେପଣାସ୍ତ୍ରର ସଫଳ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଦେଶର ଇଂଟିଗ୍ରେଟେଡ ଗାଇଡେଡ୍ ମିସାଇଲ ଡେଭେଲପମେଣ୍ଟ ପ୍ରୋଗ୍ରାମ (ଆଇଜିଏମଡିପି) ଅନ୍ତର୍ଗତ ବିକଶିତ ହୋଇଥିବା ଅଗ୍ନି-୧ କ୍ଷେପଣାସ୍ତ୍ରର ୭ଶହରୁ ୧୨ଶହ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ କ୍ଷମତା ରହିଛି। ଅଗ୍ନି-୧ ଭାରତର ଆଣବିକ ରକ୍ଷା ଶକ୍ତିର ବ୍ୟବସ୍ଥିତ ଯୁଦ୍ଧାସ୍ତ୍ର ଭାବେ ପରିଗଣିତ ହୋଇଛି। ୨୦୦୨ ମସିହାରେ ଏହି କ୍ଷେପଣାସ୍ତ୍ରର ପ୍ରଥମ ପରୀକ୍ଷଣ ହୋଇଥିବା ବେଳେ ୨୦୦୭ ମସିହାରେ ଏହା ଷ୍ଟ୍ରାଟେଜିକ୍ ଫୋର୍ସ କମାଣ୍ଡରେ ସାମିଲ ହୋଇଥିଲା। ମାରକ କ୍ଷମତା ହିସାବରେ ପୃଥିବୀ-୨ ଓ ଅଗ୍ନି - ୨ କ୍ଷେପଣାସ୍ତ୍ର ମଧ୍ୟରେ ଥିବା ଶୂନ୍ୟସ୍ଥାନ ପୂରଣରେ ଅଗ୍ନି-୧ ଅତ୍ୟନ୍ତ ସଠିକ ମାନକରେ କାର୍ଯ୍ୟ ସମ୍ପାଦନ କରେ। ସେହିପରି ସଫଳତାର ପରୀକ୍ଷଣ ହୋଇଥିବା ସ୍ୱଳ୍ପ ଦୂରଗାମୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପୃଥିବୀ -୨ ମଧ୍ୟ ଆଣବିକ ଯୁଦ୍ଧାସ୍ତ୍ର ବାହକ କ୍ଷମତା ରହିଛି। ୩୫୦କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ କ୍ଷମତା ରହିଥିବା ସ୍ଥଳ ଭାଗରୁ ସ୍ଥଳ ଭାଗକୁ ନିକ୍ଷେପ ହେଉଥିବା ଏହି କ୍ଷେପଣାସ୍ତ୍ରରେ ଲିକ୍ୟୁଡ ପ୍ରୋପୁଲସନ ଟୁଇନ ଇଞ୍ଜିନ ରହିଛି। ଅତ୍ୟନ୍ତ ଆଧୁନିକ ସ୍ୱଦେଶୀ ଜ୍ଞାନକୌଶଳ ଯୁକ୍ତ ଆନ୍ତରିକ ମାର୍ଗଦର୍ଶନ ଏବଂ ଯୁକ୍ତିପୂର୍ଣ୍ଣ ପ୍ରକ୍ଷେପ ପଥ ସଞ୍ଚାଳନ ବ୍ୟବସ୍ଥା ରହିଛି। ଦୁଇ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣରେ ସମସ୍ତ ସଞ୍ଚାଳନ ଓ ଯାନ୍ତ୍ରିକ ମାନଦଣ୍ଡ ପୂରଣ ହୋଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଓଲଟିଲା ଗାର୍ଡୱାଲ, ଭୁଶୁଡ଼ିଲା କଂକ୍ରିଟ ରାସ୍ତା

ବାଲେଶ୍ୱର(ଉତ୍ତର), ୧୭।୭(ସମିସ) : ରାଜ୍ୟରେ ନୂଆ ସରକାର ଆସିବାର ବର୍ଷେ ପୂର୍ତ୍ତି ହୋଇଛି। ଏଥିପାଇଁ ବିଜେପି ଦଳ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉତ୍ସବ ମନାଉଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବର୍ଷେ ମଧ୍ୟରେ ଆଖିଦୃଶିଆ କୌଣସି ଉନ୍ନୟନ କାର୍ଯ୍ୟର ପ୍ରକଳ୍ପ ହୋଇପାରିନାହିଁ। ବିଶେଷ କରି ବହୁ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ଯାଇଥିବା ନୂତନ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ବିଭିନ୍ନ ପଞ୍ଚାୟତ ମଧ୍ୟରୁ ଗୋପୀନାଥପୁର ପଞ୍ଚାୟତରେ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ବାଗରୁଖି ପୂର୍ତ୍ତ ବିଭାଗ ରାସ୍ତା ଠାରୁ ପଶରବିନ୍ଧା ଭାୟା ଗୋପୀନାଥନାଥପୁର, ନାରାୟଣପୁର, ବାସୁଦେବପୁର ପ୍ରାୟ ୫ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ଟି ଦୀର୍ଘଦିନ ଧରି ଗ୍ରାମ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଥିଲେ ବି ଏହି ରାସ୍ତା ଟି ନିର୍ମାଣ ହୋଇପାରୁ ନାହିଁ। ଫଳରେ ଏହି ରାସ୍ତାରେ ବର୍ତ୍ତମାନ ଗମନା ଗମନ ଦୁର୍ବିସହ ହୋଇପଡ଼ିଲାଣି। ସୂଚନାଯୋଗ୍ୟ ଯେ କିଛିଦିନ ପୂର୍ବରୁ ବର୍ଷା ଯୋଗୁଁ ଏହି ରାସ୍ତାର ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରୁ ୧୦୦ମିଟର ପରେ ଏକ ପୋଖରୀ ପାର୍ଶ୍ୱରେ ଥିବା ଗାର୍ଡୱାଲ ଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିବାରୁ ସେଠାରେ ଥିବା ଅଣଓସାରିଆ କଂକ୍ରିଟ ରାସ୍ତା ଟି ଭୁଶୁଡ଼ି ଯାଇଛି। ଫଳରେ ସ୍କୁଲକୁ ଯାଉଥିବା ଛୋଟ ଛୋଟ ପିଲା ତଥା ଲୋକେ ବିପଦ ପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ରାସ୍ତା ଉପରେ ପ୍ରାୟ ୩ରୁ ଉର୍ଦ୍ଧ୍ୱ ପଞ୍ଚାୟତ ର ଲୋକେ ଯିବା ଆସିବା କରୁଥିବା ବେଳେ ଆଗକୁ ଆହୁରି ବର୍ଷା ହେଲେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାର ଆଶଙ୍କା ରହିଛି।ଅପରପକ୍ଷରେ ଏହି ରାସ୍ତା ଟି ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ହୋଇଥିବାରୁ ପଞ୍ଚାୟତ କିମ୍ବା ପଞ୍ଚାୟତ ସମିତି ତରଫରୁ କୌଣସି କାର୍ଯ୍ୟ ହେବାର ନିୟମ ନଥିବା କୁହାଯାଉଛି। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ମରାମତି କିମ୍ବା ନୂଆ ରାସ୍ତା ନିର୍ମାଣ କରିବାକୁ ସରପଞ୍ଚ ରାଜୀବ କୁମାର ଘୋଷ, ସମିତି ସଭ୍ୟା ସୁସ୍ମିତା ସାହୁ, ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଙ୍କଜାକ୍ଷ ପଣ୍ଡା, ତଥା ଗ୍ରାମବାସୀ ପକ୍ଷରୁ ଅନିରୁଦ୍ଧ ପରିଡ଼ା, ପ୍ରଶାନ୍ତ ପରିଡ଼ା, ଶକ୍ତିଧର ପରିଡ଼ା, ବ୍ରଜବିହାରୀ ଦାସ, ସୁଶାନ୍ତ ପରିଡ଼ା, ୱାର୍ଡମେମ୍ବର ପରେଶ ଚନ୍ଦ୍ର ପ୍ରଧାନ, ପ୍ରମୁଖ ଦାବୀ କରିଛନ୍ତି।



## ବନ୍ଦବେଳେ ଆନ୍ଦୋଳନକାରୀ ଓ ସାଧାରଣ ଲୋକ ମୁହାଁମୁହିଁ

ଚନ୍ଦନେଶ୍ୱର, ୧୭।୭ (ସମିସ): ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୧୨ଟି ଦଳ ତରଫରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଗୁରୁବାର ଚନ୍ଦନେଶ୍ୱର ଠାରେ ଶାନ୍ତିପୂର୍ଣ୍ଣ ଭାବରେ ବନ୍ଦ ପାଳିତ ହୋଇଥିଲା। ଚନ୍ଦନେଶ୍ୱର-ଜଳେଶ୍ୱର ୫୭ ନଂ ରାଜ୍ୟ ରାଜପଥର ଚନ୍ଦନେଶ୍ୱର ବସଷ୍ଟାଣ୍ଡ ଠାରେ ଏସୁସିଆଇ ଓ ଡ଼ିଏସଓ ତରଫରୁ ବନ୍ଦ ପାଳନ ପରେ ସାଧାରଣ ଲୋକେ ସାଇକେଲରେ ଯାଉଥିବା ଓ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଆନ୍ଦୋଳନକାରୀମାନେ ନ ଛାଡ଼ିବାରୁ ଆନ୍ଦୋଳନକାରୀ ଓ ସାଧାରଣଲୋକ ମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ଘଟଣା ସ୍ଥଳରେ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲେ। ସେହିଭଳି ଭୋଗରାଇ କଂଗ୍ରେସ ତରଫରୁ ଚନ୍ଦନେଶ୍ୱର ଠାରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିଲା। ଏଥିରେ ଜିଲ୍ଲା ଉପ ସଭାପତି ଗୋପବନ୍ଧୁ ମହାପାତ୍ର, ପୂର୍ବତନ ସରପଞ୍ଚ ଶମ୍ଭୁନାଥ ମାଝୀ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମିତି ସଦସ୍ୟ ଭଗବାନ ରଣା, ବରିଷ୍ଠ କର୍ମୀ ବଳରାମ ପାତ୍ର, ଗୋବିନ୍ଦ ଗିରି, ସଂଯୋଜକ ସୁଜିତ ପାତ୍ର, ତପନ ଜେନା, ତ୍ରିଲୋଚନ ଦାସ, ଦୀପକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷେ ଶଙ୍ଖାରୀ, ଶ୍ରଦ୍ଧପୁର, ବିଚିତ୍ରପୁର ଓ ରାଣକୋଠା ଠାରେ ଏହାର ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳି ନ ଥିଲା।




## ବନ୍ୟାପାଣିରେ ବୁଡ଼ି ବୃଦ୍ଧ ମୃତ

ଭୋଗରାଇ, ୧୭।୭ (ସମିସ): ସୁବର୍ଣ୍ଣରେଖା ବନ୍ୟାପାଣିରେ ବୁଡ଼ିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁଳିଦା ଗାଁର ସୁଧାଂଶୁ ବେହେରା(୬୨)। ସୁବର୍ଣ୍ଣରେଖାରେ ଚଳିତବର୍ଷ ୪ର୍ଥ ବନ୍ୟା ଆସିଛି। ଏଭଳି ସ୍ଥଳେ ମାସାଧିକ ବନ୍ୟାଜଳ ପ୍ରପୀଡ଼ିତ ଅଞ୍ଚଳରେ ଛାଡି ନ ଥିବାବେଳେ ପୁଣି ଏକ ବନ୍ୟା ଆସିଥିବାରୁ ଜଳ ଯନ୍ତ୍ରଣା ସାଙ୍ଘାତିକ ହୋଇଛି।



ଗୁରୁବାର ମଧ୍ୟାହ୍ନରେ ସୁଧାଂଶୁ ଦେଉଳା ହାଟକୁ ସଉଦା କିଣିବାକୁ ଯାଇ ନିଖୋଜ ହୋଇଥିଲେ। ପରିବାର ଲୋକେ ଖୋଜଖବର ପରେ ଘର ନିକଟସ୍ଥ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିବାର ସୂଚନା ମିଳିଛି।

# ଏଫ୍‌ଏମ୍ କଲେଜ ଅଘଟଣ ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଲା

ବାଲେଶ୍ୱର, ୧୭।୭ (ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ଏବଂ ମୃତ୍ୟୁ ଘଟଣା ସବୁଠି ଆଲୋଡନ ସୃଷ୍ଟି କରିଛି। ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକଙ୍କ ଦ୍ୱାରା ନିର୍ଯାତିତ ହୋଇ ଛାତ୍ରୀଜଣକ ମାନସିକ ଚାପରେ ରହି କଲେଜ ପରିସରରେ ନିଜକୁ ନିଆଁ ଲଗାଇଥିଲେ। ଏହି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଏହି ଘଟଣା ପରେ କଲେଜରେ ଛାତ୍ରୀଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇବାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଘଟିବା ପରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ କଲେଜ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି। ପୂର୍ବରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏହି ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଥିବାବେଳେ ଏହା ଠିକ୍ କାର୍ଯ୍ୟ କରୁନଥିଲା। ଉଚ୍ଚଶିକ୍ଷା ବିଭାଗର ଚିଠି ପାଇବା ପରେ ବିଭିନ୍ନ କଲେଜରେ ସଙ୍ଗେ କମିଟି ଗଠନ ସହ ବୈଠକ କରାଯାଇଛି। ଏଥିସହ ପିଲାମାନଙ୍କୁ ନେଇ କର୍ମଶାଳା ଆୟୋଜନ କରାଯାଇଛି।

ସୂଚନାଯୋଗ୍ୟ, ଉତ୍ତର ଓଡ଼ିଶାରେ ସମୁଦାୟ ୨୦୮ ଟି ଯୁକ୍ତ ତିନି ସରକାରୀ ଓ ବେସରକାରୀ କଲେଜ ଥିବାବେଳେ ବାଲେଶ୍ୱର ଜିଲ୍ଲାରେ ୭୧ ଟି କଲେଜ ରହିଛି। ଚଳିତ ମାସ ୧୪ ତାରିଖ ଦିନ ସମସ୍ତ ସରକାରୀ, ପ୍ରାଇଭେଟ୍ ବିଶ୍ୱବିଦ୍ୟାଳୟ, କଲେଜକୁ ଚିଠି କରାଯାଇଛି। କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ନିର୍ଯାତନା ଆଇନ, ୨୦୧୩ ଅନୁଯାୟୀ ଆଭ୍ୟନ୍ତରୀଣ କମିଟି (ଆଇସି) ଉପରେ ୨୪ ଘଣ୍ଟା ମଧ୍ୟରେ ନିର୍ଦ୍ଦେଶାବଳୀର ତୁରନ୍ତ ପାଳନ ପାଇଁ କୁହାଯାଇଥିଲା। ଏଥିସହିତ ମହିଳା ସଦସ୍ୟ ଏବଂ ବାହ୍ୟ ପ୍ରତିନିଧିଙ୍କ ଉପଯୁକ୍ତ ପ୍ରତିନିଧିତ୍ୱ ସମେତ ଉକ୍ତ ଆଇନର ଧାରା ୪କୁ କଡ଼ାକଡ଼ି ପାଳନ କରି ୨୪ ଘଣ୍ଟା ମଧ୍ୟରେ ଆଇସି ଉପରେ ନିର୍ଦ୍ଦେଶାବଳୀର ଅନୁପାଳନ ଦାଖଲ କରିବାକୁ କୁହାଯାଇଥିଲା। ଏହା ସହିତ ୟୁଜିସି (ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ମହିଳା କର୍ମଚାରୀ ଏବଂ ପିଲାଙ୍କ ଯୌନ ନିର୍ଯାତନା ନିବାରଣ, ନିଷେଧ ଏବଂ ପ୍ରତିକାର) ନିୟମାବଳୀ, ୨୦୧୫ ପାଳନ, ସାଧାରଣ ସଚେତନତା ପାଇଁ ସମସ୍ତ ଆଇସି ସଦସ୍ୟଙ୍କ ନାମ ଏବଂ ଯୋଗାଯୋଗ ନମ୍ବର ଏକ ସ୍ପଷ୍ଟ ସ୍ଥାନରେ ପ୍ରଦର୍ଶନ କରନ୍ତୁ ଏବଂ ଏଚ୍ ଆଇ ଏମ୍ ଏସ୍ ପୋର୍ଟାଲରେ ସେମାନଙ୍କର ବିବରଣୀ ଅପଲୋଡ୍, ଛାତ୍ର ଏବଂ ଅଧ୍ୟାପକମାନଙ୍କୁ ସଚେତନ କରିବା ପାଇଁ କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ନିର୍ଯାତନା ଆଇନ, ୨୦୧୩ ଉପରେ ତୁରନ୍ତ କର୍ମଶାଳା ଆୟୋଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସମସ୍ତ କଲେଜରେ କମିଟି ଗଠନ କରି ରିପୋର୍ଟ ପକାଇ ଦେଇଛନ୍ତି। ଏବେ ସମସ୍ତ କଲେଜକୁ ଚିଠି ଯିବା ପରେ କମିଟି ଗଠନ ସହ ବୈଠକ କରିଛନ୍ତି। ପୂର୍ବରୁ କମିଟି ଥିଲା ହେଲେ ଏହାକୁ ଏତେ ଗୁରୁତ୍ୱ ଦେଉନଥିଲେ କଲେଜ କର୍ତ୍ତୃପକ୍ଷ। ୟୁଜିସି ଗାଇଡ ଲାଇନ ଆଗରୁ ବି ଥିଲା। ଆଗରୁ ସେମିତି କିଛି ଘଟଣା ଘଟିଥିବାରୁ ଏହି କମିଟିକୁ ଏତେ ଗୁରୁତ୍ୱ କେହି ଦେଉ ନ ଥିଲେ। ବର୍ତ୍ତମାନ ଏତେ ବଡ ଘଟଣା ପରେ କମିଟି ସକ୍ରିୟ ହୋଇଛି। କଡାକଡି ନିର୍ଦ୍ଦେଶ ଦିଆଯାଇଛି। ସବୁ ଶିକ୍ଷାନୁଷ୍ଠାନ ୨୪ ଘଣ୍ଟା ମଧ୍ୟରେ କମିଟି ଗଠନ କରି ରିପୋର୍ଟ ସରକାରଙ୍କୁ ପଠାଇବା ପାଇଁ ଚିଠି କରାଯାଇଛି ଏବଂ ସମସ୍ତେ ରିପୋର୍ଟ ମଧ୍ୟ କରିସାରିଛନ୍ତି। ପ୍ରତି ମାସର କଲେଜ ଅଧ୍ୟକ୍ଷ କମିଟିର ସମସ୍ତ ସଦସ୍ୟଙ୍କ ସହ ବୈଠକ କରିବା ଦରକାର ଏବଂ କମିଟି ମଧ୍ୟ ରିପୋର୍ଟ ଦେବ ଯେ ସେମିତି ବିଶୃଙ୍ଖଳିତ ପରିବେଶ କଲେଜରେ ନାହିଁ। ଏଥିସହ କୌଣସି ବି ସମ୍ବେଦନଶୀଳ ଘଟଣା ଦିଗରେ କଲେଜ ଅଧ୍ୟକ୍ଷ ତୁରନ୍ତ ପଦକ୍ଷେପ ନେବା ଉଚିତ ବୋଲି ସିଏଚଏସଇ ଡେପୁଟି ଡାଇରେକ୍ଟର ଜୟଦେବ ପ୍ରମାଣିତ ମତବ୍ୟକ୍ତ କରିଛନ୍ତି। ସେହିପରି ମହିଳା କଲେଜର ଅଧ୍ୟକ୍ଷା ଜ୍ୟୋସ୍ନାରାଣୀ ଦାସ କହିଛନ୍ତି, ଆମକୁ ଚିଠି ଆସିବା ପରେ ଆମେ ଏକ ୧୦ ଜଣିଆ କମିଟି ଗଠନ କରିଲୁ। ଯେଉଁଥିରେ ପ୍ରିଜାଇଡିଂ ଅଫିସର କଲେଜ ଅଧ୍ୟକ୍ଷା, ୨ ଜଣ ମହିଳା ଏବଂ ୨ ପୁରୁଷ କର୍ମଚାରୀ, ନନ୍ ଟିଚିଙ୍ଗ୍ ଷ୍ଟାଫ୍ ୨ ଜଣ, ୩ ଜଣ ପିଲା ଏବଂ ବାହାରୁ ଜଣେ କମିଟିର ସଦସ୍ୟ ରଖାଯାଇଛି। ଏଥିସହିତ ସମସ୍ତଙ୍କ ନାମ ନୋଟିସ୍ ବୋର୍ଡରେ ମରାଯାଇଛି। ଏହାବ୍ୟତୀତ ଯୁକ୍ତ ଦୁଇ ଏବଂ ତିନି ପିଲାଙ୍କୁ ନେଇ କର୍ମଶାଳା ଆୟୋଜନ କରାଯାଇଥିଲା। ଚିଠି ପାଇବା ପରେ ଆମେ ସଙ୍ଗେ ସଙ୍ଗେ କମିଟି ଗଠନ କରି ବିଭାଗକୁ ରିପୋର୍ଟ ଦେଇଦେଇଛୁ। କଲେଜର କର୍ମଚାରୀଙ୍କୁ ଆଣ୍ଟି ରାଗିଙ୍ଗ୍ କମିଟି ରହିଛି। ଏହି ଆଇସିସି କମିଟିରେ ଆମର ବାହାରର ସଦସ୍ୟ କେହି ନଥିଲେ। ତେଣୁ ଆମେ ପୁଣି କମିଟି ଗଠନ କରିଲୁ। ସେହିପରି ବଲାଙ୍ଗୀ କଲେଜ ଅଧ୍ୟକ୍ଷ ଡ. ରତ୍ନାକର ସିଂହ କହିଛନ୍ତି କମିଟି ଗଠନ ନେଇ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଚିଠି ଆସିଥିଲା। ଆମେ କମିଟି ଗଠନ କରି ରିପୋର୍ଟ ଦେଇ ଦେଲୁ। ଏବେ ନିର୍ଦ୍ଦେଶ ଅନୁସାରେ ନୂତନ କମିଟି ଗଠନ ହୋଇଛି। କମିଟିରେ ବାହାରର କେହି ସଦସ୍ୟ ନ ଥିଲେ। ଏବେ ନିର୍ଦ୍ଦେଶ ଅନୁସାରେ କମିଟି ଗଠନ କରିଲୁ। ବୈଠକ କରାଯାଇ ସବୁକିଛି ସ୍ଥିର କରାଗଲା। ତେବେ ଅନେକ ଶିକ୍ଷାନୁଷ୍ଠାନରେ କମିଟି ଗଠନ ହୋଇନଥିବା ତ ପୁଣି କେଉଁଠି କମିଟି ଥାଇ ବି କାର୍ଯ୍ୟକ୍ଷମ ହେଉ ନ ଥିଲା। ଅନ୍ୟପଟେ ଅନେକ କଲେଜ ଆଇସିସି କମିଟିରେ ବାହାରୁ ଜଣଙ୍କୁ ସଦସ୍ୟ କରାଯାଇନଥିଲା। ଏଫ୍ ଏମ୍ କଲେଜରେ ଏପରି ଘଟଣା ପରେ ସକ୍ରିୟ ହୋଇଛି ଆଇସିସି କମିଟି। ୟୁଜିସି ଗାଇଡ ଲାଇନ ଅନୁସାରେ ସମସ୍ତ ଶିକ୍ଷାନୁଷ୍ଠାନରେ ତରବରିଆ ଆଇସିସି କମିଟି ଗଠନ କରାଯାଇ ନୋଟିସ୍ ବୋର୍ଡରେ ନାମ ଉଲ୍ଲେଖ କରାଯାଇଛି।



**● ବିଭିନ୍ନ କଲେଜରେ ତୁରନ୍ତ ଗଠନ ହେଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି**

**● ଛାତ୍ରୀମାନଙ୍କୁ ନେଇ ଆୟୋଜିତ ହେଲା କର୍ମଶାଳା**

## ନାବାଳିକାର ଆତ୍ମହତ୍ୟା

କାଳିପଦା, ୧୭।୭(ସମିସ): ବାଲିଆପାଳ ଥାନା ଦେଉଳା ଗ୍ରାମର କନ୍ଦା ବିନ୍ଧାଣୀର ନାବାଳିକା ଝିଅ ଆଜି ଗାଁରେ ଏକ ଖଜୁରୀ ଗଛରେ ଫାସି ଲଗାଇ ଆତ୍ମହତ୍ୟା କରିଛି। ମୃତ୍ୟୁ କାରଣ ସ୍ପଷ୍ଟ ହୋଇ ନାହିଁ। ପୁଲିସ ପହଞ୍ଚି ଶବ ଜବତ କରିଛି।



## ଯମୁନା ନାଳରେ କୁମ୍ଭୀର; ଲୋକେ ଆତଙ୍କିତ

**ଯାଜପୁର, ୧୭ା୭ (ସମିସ):** ଯମୁନା ନାଳରେ କୁମ୍ଭୀର ବୁଲୁଥିବା ଦେଖି ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବୁଢ଼ାନଦୀରୁ ଯମୁନା ନାଳ ବାହାରି ଭୁବନେଶ୍ୱରପୁର, ବେରୁଦା, ସିମିଳିଆ ପଞ୍ଚାୟତ ଦେଇ ଖରସ୍ରୋତା ନଦୀରେ ମିଶିଛି। ଖରସ୍ରୋତା ନଦୀରୁ କୁମ୍ଭୀର ଯମୁନା ନାଳରେ ଆସି ବୁଲୁଥିବା ସ୍ଥାନୀୟ ଅଧିବାସୀ ଦେଖିବାକୁ



ପାଇଥିଲେ। ଏହିନାଳ ଚତୁଃପାର୍ଶ୍ୱରେ ଗୃହପାଳିତ ପଶୁ ବୁଲାବୁଲି କରିବା ସହ ଲୋକେ ଶୌଚ ହେବା ପାଇଁ ନାଳକୁ ଯାଇଥାନ୍ତି। ନାଳରୁ ଗୃହପାଳିତ ପଶୁ ପାଣି ପିଇବାର ବି ନଜିର ରହିଛି। କିନ୍ତୁ କୁମ୍ଭୀର ବୁଲୁଥିବା ଯୋଗୁଁ ଲୋକେ ଏବେ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟିଦେବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ରୋଟାରୀ କ୍ଲବ୍ ଓ ଇନରହ୍ୱିଲ୍ କ୍ଲବ୍‌ର ପ୍ରତିଷ୍ଠା ଦିବସ

**ଯାଜପୁର, ୧୭ା୭ (ସମିସ):** ଯାଜପୁରସହର ସ୍ଥିତ ଅମ୍ବିକାଇ ଠାରେ ଥିବା ରୋଟାରୀ କ୍ଲବ୍ ଓ ଇନରହ୍ୱିଲ୍ କ୍ଲବର ପ୍ରତିଷ୍ଠା ଦିବସ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଦାମୋଦର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଇନରହ୍ୱିଲ୍ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ ଏବଂ ଆସିଷ୍ଟାଣ୍ଟ ଗଭର୍ଣ୍ଣର ପ୍ରମୋଦ ସାମଲ, ଜୋନାଲ ଚେୟାର ସୁଦୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରୋଟାରୀ କ୍ଲବର ନୂତନ ସଭାପତି ଭାବେ ପ୍ରଦୀପ କୁମାର କର ଓ ସମ୍ପାଦକ ଭାବେ ସୁବାସ ଚନ୍ଦ୍ର ମହାପାତ୍ର, ଇନରହ୍ୱିଲ୍ କ୍ଲବର ନୂତନ ସଭାପତି ଭାବେ ସତ୍ୟଭାମା ପତି ଓ ସମ୍ପାଦକ ଭାବେ ଲିଲିରାଣୀ କର ପୂର୍ବତନ ସଭାପତି ଓ ସମ୍ପାଦକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ରୋଟାରୀ କ୍ଲବ ପକ୍ଷରୁ ପୂର୍ବତନ ସଭାପତି ନିତ୍ୟାନନ୍ଦ ମିଶ୍ର, ସମ୍ପାଦକ ପ୍ରଶନ୍ନ କୁମାର ବିଶ୍ୱାଳ, ରାଜ କିଶୋର ପଣ୍ଡା, ପ୍ରବୋଦ କୁମାର ନାୟକ, ବିବେକାନନ୍ଦ ବିଶ୍ୱାଳ, ଶିରିଶ ବିହାରୀ ମିଶ୍ର, ସୁଶାନ୍ତ ପଣ୍ଡା, ସମ୍ବିତ ନାୟକଙ୍କ ସମେତ ସମସ୍ତ ସଦସ୍ୟ ମାନେ ଯୋଗଦେଇଥିଲେ। ନୂତନ ସଦସ୍ୟ ଭାବେ ବରିଷ୍ଠ ଶିଶୁ ବିଶେଷଜ୍ଞ ସୁପ୍ରକାଶ ଶତପଥି, ଡା.ହରିଶ ଚନ୍ଦ୍ର ପଣ୍ଡାଙ୍କୁ କ୍ଲବ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## ରିଜର୍ଭ ବାଟାଲିୟନ ପରିସରରେ ବ୍ୟାପକ ଚାରାରୋପଣ

**ସୁକିନ୍ଦା, ୧୭ା୭ (ସମିସ):** ସୁକିନ୍ଦା ସ୍ଥିତ ଥାର୍ଡ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପରିସରରେ ଗୁରୁବାର ବ୍ୟାପକ ଚାରାରୋପଣ କରାଯାଇଛି। ସୁକିନ୍ଦା ବନ ବିଭାଗ ଓ ରିଜର୍ଭ ବାଟାଲିୟନର ମିଳିତ ସହଯୋଗରେ ବିଭିନ୍ନ ପ୍ରଜାତିର ଶତାଧିକ ଚାରାରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଥାଡ୍ର୍ ବାଟାଲିୟନର ଦୁର୍ଗପତି ଯାକୁବ ଖାନ, ଉପ ଦୁର୍ଗପତି ସନ୍ତୋଷ ଦଣ୍ଡସେନା, ହେମନ୍ତ ଦାସ, ସହକାରୀ ଦୁର୍ଗପତୀ ବାଙ୍କନିଧି ନାୟକ, ନରେଶ ବେହେରା, ହରି ନାରାୟଣ ନାୟକ, ଭାସ୍କର ସାହୁ, ରଞ୍ଜନ କୁମାର ବାରିକ, ପ୍ରାଣକୃଷ୍ଣ ପରିଡ଼ା, ଗୁଣ ମହାନ୍ତ ଓ ବନ ବିଭାଗର ଡେପୁଟି ରେଞ୍ଜର ସୌମ୍ୟରଞ୍ଜନ ମାଝୀଙ୍କ ସମେତ ବହୁ ଯବାନ ଓ ବନ କର୍ମଚାରୀ ସାମିଲ ହୋଇ ଚାରାରୋପଣ କରିଥିଲେ। କରିଥିଲେ।



# ବନ୍ୟା ପାଣି ଘେରରେ ଦଶରଥପୁର ବ୍ଲକ୍‌ର ଅନେକ ପଞ୍ଚାୟତ

**ଦଶରଥପୁର, ୧୭ା୭ (ସମିସ)**





ଲଘୁଚାପ ଜନିତ ବର୍ଷା ପ୍ରଭାବରେ ବୈତରଣୀ ଓ ତାହାର ଶାଖା କାଣି ନଦୀରେ ବନ୍ୟା ଜଳ ଆସିବାରୁ ଦଶରଥପୁର ବ୍ଲକର ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ କଟିକଟା, ଜୟନ୍ତରା, ଦଉପୁର, କସପା, ମଲ୍ଲୀକାପୁର, ଦୁଦୁରାଅନ୍ତା, ଖାନନଗର, କମାରଡିହି ଓ କଁୟା ପଞ୍ଚାୟତବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏହି ସବୁ ପଞ୍ଚାୟତର ବହୁ ଗ୍ରାମ ଚାରିପଟେ ବନ୍ୟା ଜଳ ପ୍ରବେଶ କରିଥିବା ବେଳେ ଚାଷ ଜମି ଜଳମଗ୍ନ ହୋଇଛି। ବିଶେଷ କରି ବ୍ଲକ ଅଧୀନ କମାରଡିହି, କଁୟା ପଞ୍ଚାୟତରେ ବନ୍ୟାସ୍ଥିତି ଗମ୍ଭୀର ହେଉଥିବା ଦେଖିବାକୁ ମିଳିଛି। କଁୟା ପଞ୍ଚାୟତ ଗହିରାପାଳ, ଗରବନ୍ଧ, ଗରଡିହ, ଗୁଣ୍ଠୁଣିପଡ଼ା, ମାଧପୁର ଓ ଧରମପୁର ଗ୍ରାମ ଚାରିପଟେ ବନ୍ୟା ଜଳ ମାଡ଼ି ଯାଇଥିବା ବେଳେ ଧରମପୁର ଗ୍ରାମ ରାସ୍ତାରେ ୩ ଫୁଟ ଉଚ୍ଚରେ ବନ୍ୟା ପାଣି ଚାଲୁଥିବା ହେତୁ ଏହା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ନିକଟ ଅତୀତରେ କୁମ୍ଭୀର ଗୁଣ୍ଠୁଣିପଡ଼ାର ଜଣେ ଗୋପାଳଙ୍କଙ୍କ ଗାଇକୁ ନଦୀକୁ ଟାଣି ନେଇଥିବା ବେଳେ ରାସ୍ତା ଉପରେ ବନ୍ୟା ପାଣି ଚାଲିବା ଯୋଗୁଁ କୁମ୍ଭୀରକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଆଜି ପୁଣି ଥରେ ସେହି ଗୁଣ୍ଠୁଣିପଡ଼ା ନଦୀ ବନ୍ଧକଡ଼ରେ ଏକ କୁମ୍ଭୀରକୁ ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିବା ଖବର ପାଇ ବନବିଭାଗ ପକ୍ଷରୁ ଅଧିକାରୀ ଦୁର୍ଯ୍ୟୋଧନ ବେଜ, ଧର୍ମେନ୍ଦ୍ର ପ୍ରଧାନ, ଆନନ୍ଦ ଚନ୍ଦ୍ର ପାତ୍ର, ନୀଳିମା ପ୍ରିୟଦର୍ଶିନୀ ନାୟକ ସମେତ

**କୁମ୍ଭୀରକୁ ଦେଖି ଭୟଭୀତ ଗ୍ରାମବାସୀ**

**ଲୋକଙ୍କୁ ସତର୍କ ରହିବାକୁ ବନ କର୍ମଚାରୀଙ୍କ ପକ୍ଷରୁ ପରାମର୍ଶ**

ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ଓ ଗ୍ରାମବାସୀଙ୍କ ସହ ପଞ୍ଚାୟତର ଧରମପୁର, ଗହିରାପାଳ, ଗୁଣ୍ଠୁଣିପଡ଼ା, ଇଚ୍ଛାପୁର ଆଦି ନଦୀ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ପହଞ୍ଚି ଲୋକଙ୍କୁ ଭୟଭୀତ ନହେବାକୁ ଡାକବାଜି ଯନ୍ତ୍ର ଦ୍ୱାରା ପରାମର୍ଶ ଦେଇଥିଲେ। ଏଥିସହିତ ବିଭିନ୍ନ ସମ୍ବେଦନଶୀଳ ସ୍ଥାନମାନଙ୍କରେ କୁମ୍ଭୀର ପ୍ରତି ସତର୍କ ରହିବା ସମ୍ପର୍କିତ ଲିଖିତ ସୂଚନାଫଳକ ଲଗାଇ ଲୋକମାନଙ୍କୁ ସଚେତନ ରହିବାକୁ ଅନୁରୋଧ କରିଥିବା ଦେଖାଯାଇଛି। ଧରମପୁର ଗାଁ ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ଗାଁ ଲୋକେ ବାହାରକୁ ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ପ୍ରଜାତିର ବିଷଧର ସରୀସୃପଙ୍କ ଯୋଗୁଁ ଗ୍ରାମବାସୀ ଭୟରେ ରହିଛନ୍ତି। ପରିବାର ବୟସ୍କ ବ୍ୟକ୍ତିଙ୍କ ନେଇ ଅଞ୍ଚଳବାସୀ ଚିନ୍ତାରେ ପଡ଼ିଛନ୍ତି। ବନ୍ୟା ପାଣି ପ୍ରଭାବରେ ସମ୍ପୂର୍ଣ୍ଣ କଁୟା ପଞ୍ଚାୟତବାସୀଙ୍କ ଜୀବନଯାପନ ଅସ୍ତବ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଛି।

### ବନ ବିଭାଗ ପକ୍ଷରୁ ସଚେତନତା

**କୟାଁଗୋଲା:** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ବୈତରଣୀ କୂଳ ଅବସ୍ଥିତ ଗୁଣ୍ଠୁଣିପଡ଼ା ଗ୍ରାମର ରାଧାଶ୍ୟାମ ଦାସଙ୍କ ଗୋଟେ ଗର୍ଭଣୀ ଗାଇକୁ କୁମ୍ଭୀର ଟାଣି ନେଇଯିବା 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଆଜି ଯାଜପୁର ବନ କର୍ମଚାରୀ କୟାଁ ପଞ୍ଚାୟତରେ ପହଞ୍ଚି ଲୋକମାନଙ୍କୁ ସଚେତନ କରାଇବା ସହିତ କେହି ଲୋକେ ବନ୍ୟା ପାଣି ଆସିଥିବାରୁ ନଦୀକୂଳକୁ ଆସନ୍ତୁ ନାହିଁ ବୋଲି କହିଥିଲେ। କୟାଁ ପଞ୍ଚାୟତର ମୁରବି ଶ୍ରେଣୀୟ ଲୋକମାନଙ୍କ ସହ ବନ କର୍ମଚାରୀ ଆଲୋଚନା କରିଥିଲେ।

ସକାଳ ପ୍ରଭାବ

## ଗାଁ ରାସ୍ତାରେ ବନ୍ୟା ପାଣି; ଲୋକେ ହିନସ୍ଥା



**କୟାଁଗୋଲା:** ବୈତରଣୀ ନଦୀରେ ବନ୍ୟା ଯୋଗୁଁ କୟାଁ ପଞ୍ଚାୟତ ବୈତରଣୀର ନଦୀକୂଳିଆ ଗାଁ ଧରମପୁର ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିଛି। ଏଥିଯୋଗୁଁ ଧରମପୁର ଗ୍ରାମର ୧୫ ଓ ୧୬ ନମ୍ବର ୱାର୍ଡର କିଛି ଘରେ ପାଣି ପଶିଛି ଏବଂ ରାସ୍ତା ପାଣିରେ ବୁଡ଼ିଥିବାର ଦେଖିବାକୁ ମିଳିଛି। ବନ୍ୟା ସମୟ ଆସିଲେ ଏହି ପଞ୍ଚାୟତର ଧରମପୁର ଗାଁ ଜଳ ବନ୍ଦୀ ହୋଇପଡ଼େ। ଏନେଇ ବାରମ୍ବାର ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟିକାଙ୍କ ନିକଟରେ ଅଭିଯୋଗ ହେବା ସତ୍ତ୍ୱେ କିଛି ସୁଫଳ ମିଳୁନି। ଘେରି ବନ୍ଧ ନଥିବାରୁ ନଦୀରେ ପାଣି ଆସିଲେ ଗାଁରେ ପାଣି ପଶେ ଓ ବିଲ, ବାଡ଼ି ବୁଡ଼ି ଯାଇଥାଏ। ଲୋକେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ନଦୀରେ ଲୋକେ କୁମ୍ଭୀର ଦେଖିଥିବାରୁ ଲୋକମାନେ ପାଣିରେ ଯିବା ଆସିବାକୁ ଭୟ କରୁଛନ୍ତି। ଅଞ୍ଚଳର ପରିମଳ ବିପର୍ଯ୍ୟସ୍ତ ହେବାସହ ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦେଖାଦେଇଛି। କୋମଳମତି ଛାତ୍ରଛାତ୍ରୀ ପାଣିରେ ପଶି ଯାତାୟାତ କରୁଥିବାରୁ ଥଣ୍ଡା, ଜ୍ୱର, କାଶ ଆଦି ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି।

## ବିରଳ ପ୍ରଜାତିର ରଣା ଉଦ୍ଧାର

**ସୁକିନ୍ଦା, ୧୭ା୭ (ସମିସ):** ସୁକିନ୍ଦା ବନବିଭାଗ ଅଧୀନ ରାଂଶୋଳ ଗ୍ରାମରୁ ଏକ ବିରଳ ପ୍ରଜାତିର ତଥା ବିଷଧର ରଣା ସାପ ଉଦ୍ଧାର ହୋଇଥିବା ଦେଖିବାକୁ ମିଳିଛି। କାଳିଆପାଣି ଥାନା ଅନ୍ତର୍ଗତ ରାଂଶୋଳ ଗ୍ରାମ ବିଦ୍ୟାଧର ପାତ୍ରଙ୍କ ବାଡ଼ିରେ ଏକ ବଡ଼ ସାପ ଦେଖି ସୁକିନ୍ଦା ଅଞ୍ଚଳର ସାପ ଉଦ୍ଧାରକାରୀ ଯୁବକ ସୋମ୍ୟାଜିତ (ଜଗା)ଙ୍କୁ ସୂଚନା ଦେଇଥିଲେ। ସୌମ୍ୟଜିତ ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରି ସାପକୁ ଉଦ୍ଧାର କରି ସୁକିନ୍ଦା ସୁନାଝର ପାହାଡ଼ ପାଦଦେଶରେ ସୁରକ୍ଷିତ ଭାବେ ଛାଡ଼ି ଦେଇଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ସାପ ୬ଫୁଟରୁ ଅଧିକ ଲମ୍ବା ହୋଇଥିବା ଜଣାପଡ଼ିଛି। ଏଭଳି ପ୍ରଜାତିର ସାପ ଏବେ ପ୍ରାୟ ଦେଖିବାକୁ ମିଳୁନାହିଁ। ସେମାନେ ସାଧାରଣତଃ ଘନ ଜଙ୍ଗଲରେ ରହନ୍ତି। ଜଗା ସୁକିନ୍ଦା ତଥା ଆଖପାଖ ଅଞ୍ଚଳରେ ଅନେକ ସ୍ଥାନରେ ବିଷଧର ସାପ ଉଦ୍ଧାର କରିବା ସୁରକ୍ଷିତ ଭାବେ ଛାଡ଼ିବା ସହ ବହୁ ଲୋକଙ୍କ ଜୀବନ ବଞ୍ଚାଇଥିବା ଦେଖିବାକୁ ମିଳିଛି।

## ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ | ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ଯାଜପୁର, ୧୭ା୭ (ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ପି. ଅନ୍ୱେଷୋ ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛ। ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଥିଲେ। ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସଫଳ ରୂପାୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୫ ମାସରେ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟର ୯୧ ପ୍ରତିଶତ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ବେଳେ ଯକ୍ଷ୍ମା ରୋଗୀଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିକର ଖାଦ୍ୟ ପ୍ରଦାନ ଓ ନିକ୍ଷୟ ପୋଷଣ ଯୋଜନା ଅନ୍ତର୍ଗତ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତାକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫାଇଲେରିଆ ରୋଗ ନିରାକରଣ ପାଇଁ ଅଗଷ୍ଟ ୧୦ ତାରିଖରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଅଗଷ୍ଟ ମାସ ୧୨ ତାରିଖରେ ହେବାକୁ ଥିବା ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ଆଲୋଚନା କରାଗଲା। ଜିଲ୍ଲାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମାସରେ ୮ଟି ଯୋଗ ଶିବିର ଓ ୨ଟି ସ୍ୱାସ୍ଥ୍ୟ ଭିତ୍ତିକ ଦିବସ ପାଳନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା। ୯ ତାରିଖ ବ୍ୟତୀତ ମାସର ୨୧ ତାରିଖରେ ଅତିରିକ୍ତ ପ୍ରଧାନମନ୍ତ୍ରୀ ମାତୃତ୍ୱ ସୁରକ୍ଷିତ ଅଭିଯାନ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜନନୀ ସୁରକ୍ଷା ଯୋଜନା ରାଶି ଓ ସମ୍ପୂର୍ଣ୍ଣା ଯୋଜନା ଅନ୍ତର୍ଗତ ପ୍ରସବ ପରେ ଘରକୁ ଫେରିବା ପାଇଁ ପ୍ରଦାନ କରାଯାଉଥିବା ରାଶି ପ୍ରଦାନ ରେ ବିଳମ୍ବ କୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାର ସମସ୍ତ ସରକାରୀ ଡାକ୍ତରଖାନାରେ ପ୍ରସବ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସମସ୍ତ ଅଧିକ୍ଷକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ, ଜିଲ୍ଲା ସ୍ତରୀୟ ଅଧିକାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳକ, ମାନେ ଉପସ୍ଥିତ ଥିଲେ।

## ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟିତ

**ଦାନଗଦି, ୧୭ା୭ (ସମିସ):** ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ପକ୍ଷରୁ ଗୋବରଘାଟି ଫେଜ୍-୨ର ବାମିଆଘାଟ କମ୍ୟୁନିଟି ହଲ୍‌ରେ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି। ଏହି କେନ୍ଦ୍ରକୁ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ)ର ଲଜିଷ୍ଟିକ୍ସ ପରିଚାଳନା ମୁଖ୍ୟ ଶୁଭ୍ରାଂଶୁ ଶେଖର ରାଉତ ଓ ଟାଟା ଷ୍ଟିଲ୍ କଳିଙ୍ଗନଗର କର୍ମଚାରୀ ସଂଘ (ଟିଏସ୍‌କେଡବ୍ଲ୍ୟୁ)ର ସଭାପତି ରବୀନ୍ଦ୍ର କୁମାର ଜାମୁଦା ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଗୋଷ୍ଠୀର ସଦସ୍ୟ ଏବଂ ଚଡ଼ିଆ, ଗୋବରଘାଟି ଓ ନୂଆ ଚମ୍ପାକୋଇଲା ଅଞ୍ଚଳର ବିସ୍ଥାପିତ



ପରିବାରବର୍ଗ ସାମିଲ ହୋଇଥିଲେ। ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଆଦିବାସୀ ନୃତ୍ୟ ଓ ସଙ୍ଗୀତକୁ ନେଇ ୪ ଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ସେଥିରେ ଯୁବବର୍ଗ, ମହିଳା ଓ ଗୋଷ୍ଠୀର ନେତୃମଣ୍ଡଳୀ ସମେତ ୬୦ରୁ ଅଧିକ ଜନସାଧାରଣ ଯୋଡ଼ି ହୋଇଥିଲେ। ଝାଡ଼ଖଣ୍ଡର ଆଦିବାସୀ ରାମୋଜ ଆଖଡ଼ାଙ୍କ ସହଯୋଗରେ କର୍ମଶାଳା ଆୟୋଜିତ। ସମାରୋହରେ ଟିଏସ୍‌ଏଫ୍ ଟିମ୍ ତରଫରୁ ଆଦିବାସୀ ନୃତ୍ୟ ଓ ସଙ୍ଗୀତ କେନ୍ଦ୍ରର ଲକ୍ଷ୍ୟ ଏବଂ ପାରମ୍ପରିକ କଳାକୃତିକୁ ସମୃଦ୍ଧ କରିବା ଓ ଆଦିବାସୀ ଗୋଷ୍ଠୀଙ୍କୁ ସଶକ୍ତ କରିବା ଉପରେ ଆଲୋକପାତ କରାଯାଇଥିଲା।

## ବିଲକୁ ଯାଇଥିବା ବେଳେ ଯୁବକଙ୍କ ମୃତ୍ୟୁ

**ଯାଜପୁର, ୧୭ା୭ (ସମିସ):** ବିଲକୁ ଯାଇଥିବା ବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଜପୁର ବ୍ଲକ ବିଚିତ୍ରପୁର ପଞ୍ଚାୟତ ସେହି ଗ୍ରାମର ରଞ୍ଜନ କୁମାର ନାୟକ। ସେ ସକାଳୁ ବିଲକୁ ଯାଇଥିବା ବେଳେ ଏଭଳି ଅଘଟଣ ଘଟିଛି। ରଞ୍ଜନଙ୍କ ବଡ଼ ଭାଇ ଅକ୍ଷୟ କୁମାର ନାୟକ ଗ୍ରାମବାସୀଙ୍କ ପାଖରୁ ଜାଣିବାକୁ ପାଇଥିଲେ ଯେ, ତାଙ୍କ ସାନ ଭାଇ ବିଲ ପାଣିରେ ପଡ଼ି ରହିଛନ୍ତି। ତୁରନ୍ତ ରଞ୍ଜନକୁ ଚିକିତ୍ସା ନିମନ୍ତେ ଯାଜପୁର ମେଡିକାଲକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନ ପାଣିରେ ବୁଡ଼ି ପ୍ରାଣ ହରାଇଥିବା କିମ୍ବା କୌଣସି ଜନ୍ତୁ କାମୁଡ଼ିବା ଦ୍ୱାରା ତାର ମୃତ୍ୟୁ ହୋଇଛି ବୋଲି ବଡ଼ ଭାଇ ଅକ୍ଷୟ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଯାଜପୁର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।

## ସାମାଜିକ ଗଣମାଧ୍ୟମକୁ ଗୁରୁତ୍ୱ ଦିଅନ୍ତୁ ସରକାର

**ବଡ଼ଚଣା, ୧୭ା୭ (ସମିସ):** ସମଗ୍ର ଦେଶରେ ଡିଜିଟାଲ ଇଣ୍ଡିଆକୁ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ। କିନ୍ତୁ ଏହା ଠିକଣା ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଅନେକ ସରକାରୀ କାର୍ଯ୍ୟକ୍ରମ ସଫଳ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରି ସରକାର ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ଯୋଡ଼ିହେବା ସହିତ ନାନା ସମସ୍ୟାର ସମାଧାନ ହୋଇପାରିବ। ସାମାଜିକ ଗଣମାଧ୍ୟମ ମଧ୍ୟରେ 'ଏକ୍ସ' ପ୍ରମୁଖ ମାଧ୍ୟମ। ଏହି ବ୍ୟବସ୍ଥାରେ ରାଜ୍ୟ ଓ କେନ୍ଦ୍ର ସରକାର, ସରକାରଙ୍କ ବିଭିନ୍ନ ବିଭାଗ, ବିଭାଗୀୟ ଅଧିକାରୀ, ବିଭିନ୍ନ ରାଜନୈତିକ ବ୍ୟକ୍ତିବିଶେଷ, ସାମ୍ବାଦିକ ଏବଂ ଜନସାଧାରଣ ଏହାକୁ ବ୍ୟବହାର କରିଥାନ୍ତି। ଯେକୌଣସି ପଦସ୍ତ ଅଧିକାରୀ ବା ବ୍ୟକ୍ତି ବିଶେଷ କିଛି ପୋଷ୍ଟ କଲେ ତାହା ରାଜ୍ୟର ପ୍ରମୁଖ ଖବର ହୋଇଯାଏ। ତାହା ଗଣମାଧ୍ୟମର ମୁଖ୍ୟ ଖବର ଭାବେ ସ୍ଥାନିତ ପାଇଥାଏ। ନିକଟ ଅତୀତରେ ବାଲେଶ୍ୱର ଜିଲ୍ଲାର ଏଫ୍‌ଏମ୍ ଅଟୋନୋମସ୍ କଲେଜର ଛାତ୍ରୀ ସୋମ୍ୟାଶ୍ରୀ ବିଶି ମଧ୍ୟ 'ଏକ୍ସ' ମାଧ୍ୟମରେ ରାଜ୍ୟ ସରକାର, ଉଚ୍ଚଶିକ୍ଷା ବିଭାଗ, କେନ୍ଦ୍ର ଉଚ୍ଚ ଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, ଜିଲ୍ଲାପାଳ ଆଦି ସମସ୍ତଙ୍କୁ ଟ୍ୱିଟ୍‌କରି ତାଙ୍କ ସମସ୍ୟାର ଅଭିଯୋଗ ଜଣାଇଥିଲେ। ତାଙ୍କ ଟ୍ୱିଟ୍‌କୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଅବହେଳାର ସ୍ୱୀକାର ହୋଇ ସେ ଆତ୍ମାହୁତି ଦେଇଛନ୍ତି। 'ଏକ୍ସ'ରେ ସେ କରିଥିବା ଅଭିଯୋଗର ସମାଧାନ କରାଯାଇଥିଲେ ଆଜି ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ବିଗତ ସରକାରରେ 'ଏକ୍ସ'କୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା; କିନ୍ତୁ ଏବେ ଏହାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅଧିକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହାକୁ ଅଗ୍ରାଧିକାର ଦେବା ଦାବିରେ ରାଜ୍ୟସ୍ତରୀୟ ସଂଗଠନ 'ଆସେସୋସିଅନ ଅଫ ଟ୍ୱିଟର ଆକ୍ଟିଭିଷ୍ଟ' (ଆଟା)ର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ସଂଯୋଜକ ସବ୍ୟସାଚୀ ସାହୁ ଓ ଜିଲ୍ଲା ଟ୍ୱିଟର ବଏ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଆଜି ଯାଜପୁର ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ମନ୍ଦିର ସମ୍ମୁଖରେ ଟ୍ୱିଟର ଆକ୍ଟିଭିଷ୍ଟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସାଧାରଣ ଲୋକଙ୍କ ଗୁହାରି ଶୁଣନ୍ତୁ ବିଭାଗୀୟ ଅଧିକାରୀ ଏବଂ ଏହାକୁ ନେଇ ମାସକୁ ଥରେ ଲୋକସଭା ଭବନରେ ସମୀକ୍ଷା ବୈଠକ ବସୁ। ଟ୍ୱିଟର ତଥା 'ଏକ୍ସ' କୁ ସରକାରୀ ବିଭାଗ ଗୁରୁତ୍ୱ ଦିଅନ୍ତୁ। ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ନିଶ୍ଚିତ କରନ୍ତୁ ଏବଂ ଯେକୌଣସି ସମସ୍ୟାମୂଳକ ସମାଧାନର ରିପୋର୍ଟ ସାର୍ବଜନୀନ କରାଯାଉ। ଏହି ଘଟଣା ରାଜ୍ୟରେ ଯେପରି ପୁନରାବୃତ୍ତି ନ ହୁଏ ସେ ନେଇ ସଂଗଠନ ପକ୍ଷରୁ ରାଜ୍ୟସରକାରଙ୍କୁ ଅବଗତ କରାଯାଇଛି।



**ଟିମ୍ 'ଆଟା'ର ଯାଜପୁର ଶାଖା ପକ୍ଷରୁ ବିକ୍ଷୋଭ**

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ରକ୍ଷା କରିବାରେ ବିଫଳ ପୁଲିସ

**ଯାଜପୁର/ଜେନାପୁର, ୧୭ା୭ (ସମିସ)**

ଯାଜପୁର ଜିଲ୍ଲାରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ନାନା ବିଶୃଙ୍ଖଳା ଦେଖିବାକୁ ମିଳିଥିବା ବେଳେ ପୁଲିସ ପକ୍ଷରୁ ତାହାକୁ ରୋକିବାରେ ବିଫଳ ହେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଥାନାଗୁଡ଼ିକରେ ମାଳ ମାଳ ଅଭିଯୋଗ ଆସିବା ପରେ କୌଣସି ସୁଫଳ ନ ମିଳିବାର ପ୍ରଭାବ ଯାଜପୁର ଏସ୍‌ପି ଅଫିସ ଉପରେ ପଡୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଏସ୍‌ପିଙ୍କ ନିକଟରେ ପହଞ୍ଚୁଥିବା ଦେଖିବାକୁ ମିଳିଛି। ଯାହା ଯାଜପୁର ପୁଲିସ ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗତ ବର୍ଷକ ମଧ୍ୟରେ ଏହି ବିଶୃଙ୍ଖଳା ଏତେ ବଢ଼ିଛି ଯେ, ଅସାମାଜିକ ବ୍ୟକ୍ତିଙ୍କ ଶିକାର କେବଳ ଜନସାଧାରଣ ହେଉନାହାଁନ୍ତି ବରଂ ଏଥିର ପୁଲିସ ବି ଶିକାର ହେଉଥିବା ବିଦ୍ଧିବଦ୍ଧ ଅଭିଯୋଗ ହୋଇଛି।

କିନ୍ତୁ ଏଦିଗରେ ପୁଲିସ ମଧ୍ୟ ପୁଲିସକୁ ନ୍ୟାୟ ଦେଇପାରୁନାହିଁ। କାରଣ ଅପରାଧୀମାନେ ଶାସକ ଦଳର ଛତ୍ରଛାୟାରେ ରହୁଥିବାରୁ ସେମାନଙ୍କ ବିରୋଧରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁ ନଥିବା ଚର୍ଚ୍ଚା ହେଉଛି। ଧର୍ମଶାଳାରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ପୂର୍ବତନ ବିଧାୟକଙ୍କ ପର୍ଯ୍ୟନ୍ତ ମରଣାନ୍ତକ ଆକ୍ରମଣର ଶୀକାର ହୋଇଥିଲେ ସୁଦ୍ଧା ପୁଲିସର ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପୁଲିସର ନରମ ମନୋଭାବ ପାଇଁ ଧର୍ମଶାଳା ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ଦ୍ରୁତଗତିରେ ବୃଦ୍ଧି ପାଉଛି। ଦିନ ଦ୍ୱିପହରରେ ଚୋରି, ଡକାୟତି, ମାର୍‌ପିଟ, ହତ୍ୟା, ଗୁଳି ଫୁଟିବା ଭଳି ସଙ୍ଗୀନ ଘଟଣାମାନ ଘଟୁଥିଲେ ସୁଦ୍ଧା ପୁଲିସ ନିରବତା ଅବଲମ୍ବନ କରୁଛି ବୋଲି ଅଭିଯୋଗ ହେଉଛି। ଧର୍ମଶାଳା ବିଧାୟକଙ୍କ କୁମାରୀସ୍ଥିତ କାର୍ଯ୍ୟାଳୟରେ ଗୁଳି ଫୁଟିବା, ପୂର୍ବତନ ବିଧାୟକ ପ୍ରଣବ ବଳ ବନ୍ତରାୟଙ୍କ ଗାଡ଼ି ଉପରକୁ କୁରିକଣାରେ ଅଣ୍ଡା ମାଡ଼, ଆରୁହାରେ ମରଣାନ୍ତକ ଆକ୍ରମଣ ଓ କ୍ରସର କର୍ମଚାରୀକୁ ବାଡେଇ ବାଡେଇ ମାରିଦେବା ଭଳି ଅନେକ ଦୁର୍ଦ୍ଦାନ୍ତ ଅପରାଧିକ ଘଟଣା ଘଟିଛି। ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ ନ କରିବା ଫଳରେ ଅପରାଧୀମାନେ ବିଭିନ୍ନ ଅଦାଲତରୁ ଆଗୁଆ ଜାମିନ ପାଇବାରେ ସକ୍ଷମ ହେଉଛନ୍ତି। କ୍ରସର କର୍ମଚାରୀ ଅର୍ଜିତ ଜେନା ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ସିଲୁ ମହାପାତ୍ର ପାଖରେ ଏପର୍ଯ୍ୟନ୍ତ ପହଞ୍ଚି ପାରୁନି ପୁଲିସ। ଦୁଇମାସ ବିତି ଯାଇଥିଲେ ସୁଦ୍ଧା ଏଯାବତ୍ ପୁଲିସ ହାତ ଖାଲି। ପୁଲିସର ଏଭଳି ମୌନ କାର୍ଯ୍ୟକଳାପ ଦେଖି ଅସାମାଜିକ ବ୍ୟକ୍ତିମାନେ ଧର୍ମଶାଳା ଅଞ୍ଚଳରେ ଆତଙ୍କ ରାଜ ଚଳାଇଛନ୍ତି। ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପରେ ଧର୍ମଶାଳା ପୁଲିସ ମଧ୍ୟ ବାଦ ପଡ଼ିନାହିଁ। ଧର୍ମଶାଳା ଥାନାର ଏସ୍‌ଆଇ ଅରୁଣିମା ମହାପାତ୍ରଙ୍କୁ ଥାନା ଭିତରେ ଦୁର୍ବ୍ୟବହାର ଓ ଧମକ ଦିଆଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇନାହିଁ। ଯାହା ପୁଲିସର ଅସହାୟତାକୁ ସ୍ପଷ୍ଟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ଜୁନ୍ ୭ ତାରିଖ ରାତି ୨ଟା ୩୦ରେ ଡିସିଓ ଭାବରେ କାର୍ଯ୍ୟ କରୁଥିବା ସମୟରେ ଗ୍ରାମ ଚହଟା ଥାନା ଧର୍ମଶାଳାର ଲୋକନାଥ ମହାନ୍ତି, ରାଜା ପାଳ, ସୁମନ ମହାନ୍ତି, ସପ୍ତନଗର ମହାନ୍ତିଙ୍କ ସମେତ ୮ରୁ ୧୦ ବ୍ୟକ୍ତି ଥାନା ଭିତରେ ପ୍ରବେଶ କରିଥିଲେ। ସେତିକିବେଳେ ଏଏସଆଇ ଅରୁଣିମା ମହାପାତ୍ର ରିସେପ୍ସନ ଡେସ୍କରେ ବସିଥିଲେ। ଲୋକନାଥ ଜୋରଜବରଦସ୍ତି ଡିସିଓଙ୍କ ଚେୟାରରେ ବସିଥିଲେ। ଡିସିଓ ଚେୟାରରେ ବସିବାକୁ ବାରଣ କରିବାରୁ ସେ କ୍ଷୁବ୍ଧ ହେବାସହ ତା ସହଯୋଗୀମାନେ ବଡ଼ପାଟିରେ ଚିତ୍କାର କରି ଯୁକ୍ତିତର୍କ କରିଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ ଅସଦାଚରଣ କରିବାସହିତ ମାଡ଼ ମଧ୍ୟ ମାରିଥିଲେ। ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଏନେଇ ଗତ ଜୁନ୍ ୮ ତାରିଖରେ ଧର୍ମଶାଳା ଥାନାରେ ଏଏସ୍‌ଆଇ ଅରୁଣିମା ମହାପାତ୍ର ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ସବୁବେଳେ ଅନ୍ୟକୁ ନ୍ୟାୟ ପ୍ରଦାନ କରୁଥିବା ପୁଲିସ ଏହି ଘଟଣାରେ ନ୍ୟାୟ ପାଇପାରିନାହିଁ। ଖୋଦ୍ ଥାନାରେ ଆତଙ୍କ ଖେଳାଇଥିବା ଅଭିଯୁକ୍ତମାନଙ୍କୁ ଧରିବାରେ ଏବଂ ମହିଳା ଏଏସଆଇଙ୍କୁ ନ୍ୟାୟ ଦେବାରେ ଯାଜପୁର ଏସ୍‌ପି ବିଫଳ ହୋଇଥିବା ଚର୍ଚ୍ଚା ହେଉଛି। ଅଭିଯୁକ୍ତମାନଙ୍କ ରାଜନେତା ଲିଙ୍କ୍ ଥିବାରୁ ସେମାନେ ଧରାପଡୁ ନ ଥିବା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। ସେହିଭଳି ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ପୁଲିସ ବିରୋଧରେ ମାଳ ମାଳ ଅଭିଯୋଗ। ପ୍ରତିଦିନ ଏଠାରେ ରାଜନୈତିକ ସଂଘର୍ଷ, ଗଣ୍ଡଗୋଳ ଘଟୁଥିବା ବେଳେ ପୁଲିସ ଏଠାରେ ଥିବା ପରି ମନେ ହେଉନାହିଁ। କିଛିଦିନ ତଳେ ପୁଲିସ ବିରୋଧରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିବା ବିଜେଡି କର୍ମୀ ସିଦ୍ଧାନ୍ତ ବେହେରାଙ୍କୁ କାଳିଆପାଣି ଥାନା ଅଧିକାରୀ ଶିବଚରଣ ବେହେରା ବେଆଇନ ଭାବେ ଘରୁ ଉଠାଇନେଇ ନାନା ନିର୍ଯାତନା ଦେଇଥିଲେ। ତାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ କରିଥିଲେ ଏବଂ କଟକ ବଡ଼ଡାକ୍ତରଖାନାରେ ତାଙ୍କୁ ଚିକିତ୍ସିତ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରିତିରଞ୍ଜନ ଘଡ଼େଇ ଏହାକୁ କଡ଼ାଭାଷାରେ ନିନ୍ଦା କରିବା ସହିତ ସମ୍ପୃକ୍ତ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଶତାଧିକ ବିଜେଡି କର୍ମୀ ଯାଜପୁର ଏସପି ଅଫିସ୍ ମଧ୍ୟ ଘେରଉ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେହି ଘଟଣାରେ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। କେବଳ ଧର୍ମଶାଳା କିମ୍ବା ସୁକିନ୍ଦା ନୁହେଁ ସାରା ଜିଲ୍ଲାରେ ଏଭଳି ସମାନ ଅବସ୍ଥା ଦେଖିବାକୁ ମିଳିଛି। ଯେତେବେଳେ ଲୋକଙ୍କ ସରକାର କହି ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଅପରାଧ ଓ ଅପରାଧୀଙ୍କ ପାଇଁ ଶୂନ୍ୟସହନଶୀଳର ଭାଷଣ ମାରୁଛନ୍ତି। ସେତେବେଳେ ଯାଜପୁରର ଉଦାହରଣ ଦେଖିଲେ ହାସ୍ୟାସ୍ପଦ ବୋଲି ଅନୁଭବ ହେଉଛି। ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତେରେ ଥିଲେ ବି ପୁଲିସ ଏଠାରେ ଜନତାଙ୍କୁ ଠିକଣା ନ୍ୟାୟ ଦେଇପାରୁନାହିଁ। ତେଣୁ ବେଳ ଥାଉ ଥାଉ ପୁଲିସ ଅପରାଧୀମାନଙ୍କୁ ସାବାଡ ନ କଲେ ଆଗକୁ ନେଡିଗୁଡ଼ କହୁଣିକୁ ଗଡ଼ିଯିବ ବୋଲି ଚର୍ଚ୍ଚା ହେଉଛି।

**ବଢୁଛି ଅସନ୍ତୋଷ**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଭୟ କୁମାର ସ୍ୱାଇଁ

ଗୋଡା, ବୋରିକିନା, ଜଗତସିଂହପୁର

ଆବିର୍ଭାବ - ୨୪/୦୭/୧୯୬୯

ତିରୋଧାନ - ୦୮/୦୭/୨୦୨୫

ବାବା! ଏ ଯିବାର ବୟସ ନ ଥିଲା। ହେଲେ ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା? ଆମେ ଯଥାସମ୍ଭବ ଚେଷ୍ଟା କଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ଶୋକସନ୍ତପ୍ତ: ହତଭାଗ୍ୟ ଝିଅ- ଦୀପ୍ତି ପୁଅ- ଅରୁ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି

# କେନ୍ଦ୍ରାପଡ଼ାରେ ଓଡ଼ିଶା ବନ୍ଦ ସମ୍ପୂର୍ଣ୍ଣ ସଫଳ











କେନ୍ଦ୍ରାପଡ଼ା, ୧୭।୭(ସମିସ): ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବ୍ୟବସ୍ଥାକୃତ ହତ୍ୟାର ଓଡ଼ିଶା ହାଇକୋର୍ଟର କର୍ତ୍ତବ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ, ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରିବା, ତଦନ୍ତରେ ସ୍ୱଚ୍ଛତା ଓ ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ ପ୍ରତାପ ଷଡଙ୍ଗୀ, ସ୍ଥାନୀୟ ବିଧାୟକ ପଦବୀରୁ ଇସ୍ତଫା ଦେବା ଦାବିରେ ଆଜି ଆହୂତ ଓଡ଼ିଶା ବନ୍ଦ କେନ୍ଦ୍ରାପଡ଼ା ଜିଲ୍ଲା ଓ ସହରରେ ସମ୍ପୂର୍ଣ୍ଣ ସଫଳ ହୋଇଛି। କଂଗ୍ରେସ, ସିପିଆଇ(ଏମ୍), ସିପିଆଇ ଓ ସିପିଆଇ(ଏମ୍ଏଲ) ସମେତ ଆଠଟି ବିରୋଧୀ ଦଳ ଡାକରାରେ ସମସ୍ତ ଗଣସଂଗଠନ ଓ ସମଗ୍ର ଜିଲ୍ଲାବାସୀ ସାମିଲ ହୋଇ ବନ୍ଦକୁ ସଫଳ କରିଛନ୍ତି। ଜିଲ୍ଲାର ସମସ୍ତ ୯ଟି ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲଟି ସହିତ କେନ୍ଦ୍ରାପଡ଼ା ସହର ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। କଟକ-ଚାନ୍ଦବାଲି ରାସ୍ତାର ତିନିମୁହାଣିଠାରେ ରାସ୍ତାକୁ ସତ୍ୟାଗ୍ରହୀ ବନ୍ଦ ରଖିବା ଫଳରେ ସକାଳ ୬ଟାରୁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ଜିଲ୍ଲାପାଳ ଅଫିସ ସହିତ ସମସ୍ତ ସରକାରୀ ଓ ବେସରକାରୀ ଅଫିସ, କୋର୍ଟ, ବ୍ୟାଙ୍କ, ପୋଷ୍ଟ ଅଫିସ, ସମସ୍ତ ସ୍କୁଲ କଲେଜ ଓ ସହରର ସମସ୍ତ ଦୋକାନ ବନ୍ଦ ରହିଥିଲା। କଂଗ୍ରେସ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣିରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଆଜିର ବନ୍ଦରେ ପୂର୍ବତନ ବିଧାୟକ ଚିନ୍ମୟପ୍ରସାଦ ବେହୁରା, ସିପ୍ରା ମଲ୍ଲିକ, କଂଗ୍ରେସ ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ରାଜ୍ୟ ନେତା ହଳଧର ସେଠୀ, ସିପିଆଇ(ଏମ୍ଏଲ) ରାଜ୍ୟ କମିଟି ସଭ୍ୟ ସଞ୍ଜୀବ ମହାନ୍ତି, ସିପିଆଇ ଜିଲ୍ଲା ସମ୍ପାଦକ ବିକାଶ ବେଉରା, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଶ୍ରମିକ ନେତା ଜଗତଜୀବନ ଦାଶ, ପ୍ରଦୀପ ମହାନ୍ତି, ସୟଦ ଅବଦୁଲ ସତ୍ତାର, ବିଧୁଭୂଷଣ ମହାପାତ୍ର, ଫକୀର ଖଟୁଆ, ଯୁବ କଂଗ୍ରେସ ନେତା ଉମେଶ ପାଢ଼ୀ, ଆଶିଷ ଲେଙ୍କା, ଦିଲ୍ଲୀପ ପ୍ରଧାନ, କମ୍ୟୁନିଷ୍ଟ ନେତା ଆଦିକନ୍ଦ ରାଉଳ, ମାଧବ ଦାସ, ଅବସରପ୍ରାପ୍ତ କର୍ମଚାରୀ ସଂଘ ନେତା ଅଜୟ ସାମଲ, ବୈଷ୍ଣବ ସ୍ୱାଇଁ, ସଂଯୁକ୍ତା ରାଉତ, ଅମରେନ୍ଦ୍ର ଦାସ, ଶେଖ ଅତିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ପଟ୍ଟାମୁଣ୍ଡାଇ:** ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ, ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ଦାବିରେ କଂଗ୍ରେସ, ସିପିଆଇଏମ, ସିପିଆଇ, ସିପିଆଇଏମଏଲ, ରାଷ୍ଟ୍ରୀୟ ଜନତା ଦଳ, ଫରୱାର୍ଡ ବ୍ଲକ ଆଦି ୮ଟି ବିରୋଧୀ ଦଳ, ବିଭିନ୍ନ ଶ୍ରମିକ ସଂଗଠନ, ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ସଫଳ ହୋଇଛି। ଆଜି କଂଗ୍ରେସ ଓ ବାମପନ୍ଥୀ ଦଳ ଓ ନବ ନିର୍ମାଣ କୃଷକ ସଂଗଠନ, ଯୁବ ଓ ଛାତ୍ର କଂଗ୍ରେସ ନେତା ଓ କର୍ମୀ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ଦୋକାନ ବଜାର ବନ୍ଦ କରିବା ସହିତ ଅଫିସ ସମ୍ମୁଖରେ ପିକେଟିଂ କରିଥିଲେ। ବାଇପାସରେ ରାସ୍ତାରୋକ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଯୁବକଂଗ୍ରେସ ପ୍ରାକ୍ତନ ସଭାପତି ସତ୍ୟପ୍ରିୟ ସାମଲଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ସେଠୀ, ସ୍ନେହଲତା ଚୌଧୁରୀ, ତପନ ପାତ୍ର, ସୁଚିତ୍ରା ବିଶ୍ୱାଳ, ଅଶ୍ୱିନୀ ପାତ୍ର, ଚାନ୍ଦ ମିର୍ଜା, ଦେବେଶ ମଲିକ, ସ୍ମୃତିରଞ୍ଜନ ପାଢ଼ୀ, ସୁଶାନ୍ତ ରାଉତ ଓ ଜ୍ଞାନରଞ୍ଜନ ରାଉତ, ପ୍ରିନ୍ସ ପାତ୍ର, ସିପିଆଇ ନେତା ବାବାଜୀ ଧଳ, ଅଭୟ ଦାସ, ଶରତ ବେହେରା, ସିପିଆଇଏମଏଲ ନେତା ସଞ୍ଜୀବ ରାଉତ, ପ୍ରକାଶ ମଲିକ, ବସନ୍ତ ମଲିକ, ଶ୍ରୀକାନ୍ତ ଲେଙ୍କା, ନବ ନିର୍ମାଣ କୃଷକ ସଂଗଠନର ଦାଶରଥୀ ସାହୁ ଓ ଅଶୋକ ନାଥ, ସମାଜବାଦୀ ପାର୍ଟିର ଅମରେଶ ପାତ୍ର, ନବ ଦିଗନ୍ତ ସଂଗଠନର ପ୍ରକାଶ ମଲିକ, ଶଶୀକଳା ରାଉତ, ସରୋଜିନୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**ମାର୍ଶାଘାଇ:** ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଆତ୍ମାହୁତି ଘଟଣାରେ ନିରପେକ୍ଷ ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାୟକ, ସାଂସଦ, ଜିଲ୍ଲାପାଳ ଓ ଏସ୍ପିଙ୍କୁ ତଦନ୍ତ ପରିସରଭୁକ୍ତ ଦାବି କରି ମାର୍ଶାଘାଇ ବ୍ଲକ କଂଗେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ମହାକାଳପଡ଼ା ନିର୍ବାଚନମଣ୍ଡଳୀ କଂଗେସ ନେତା ବିଭ୍ରାଂଶୁ ଲେଙ୍କାଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ଅଯୁଗଳ ଦାସ, ରତିକାନ୍ତ ବେଉରା, ଉପେନ୍ଦ୍ର ବେହେରା, ଶିକ୍ଷାଂଶୁ ଲେଙ୍କା, ପ୍ରଭାସ ଦାସ, ସମିତି ସଭ୍ୟା ଭାରତୀ କାନୁନ୍‌ଗୋ, ଅଶୋକ ଦାସ, ଛାତ୍ର କଂଗ୍ରେସ ସଭାପତି ବିଶ୍ୱଜିତ୍ ବେଉରା, ଗୌରାଙ୍ଗ ଯେନାଙ୍କ ସମେତ ଶତାଧିକ ଯୁବ, ଛାତ୍ର କଂଗ୍ରେସ ବନ୍ଦ ପାଳନରେ ସାମିଲ ହୋଇଥିଲେ। ପାରାଦୀପ-ଚଣ୍ଡିଖୋଲ ୫୩ନଂ ଜାତୀୟ ରାଜପଥର ଶିଳିପୁର ଛକରେ ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ବାଇକ୍ ଶୋଭାଯାତ୍ରାରେ ଶତାଧିକ କର୍ମୀ ଯାଇ ମାର୍ଶାଘାଇ ବଜାର ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ। ଅରକ୍ଷିତ ବିଶ୍ୱାଳ, ଦୟାନିଧି ପଟ୍ଟନାୟକ, ନିରଞ୍ଜନ ଲେଙ୍କା, ପ୍ରଦୀପ ବେଉରା, ଅରବିନ୍ଦ ମହାନ୍ତି ପ୍ରମୁଖ ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଦୋକାନ ବଜାର ବନ୍ଦ ରହିବାଲ ସହ ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। କଂଗ୍ରେସ ନେତା ରତିକାନ୍ତ କାନୁନଗୋଙ୍କ ନେତୃତ୍ୱରେ ବିଧୁଭୂଷଣ ମହାପାତ୍ର, ରାଜୀବଲୋଚନ ମିଶ୍ର, ଜୟଦେବ ପରିଡ଼ା, ମୁନା ପଣ୍ଡା, ମନ୍ମଥ ସାହୁ ଓ ଶତାଧିକ କଂଗ୍ରେସ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ରାଜନଗର:** ଆଜି ରାଜନଗରରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ରାଜନଗର ପ୍ରବେଶ ପଥ ହଂସୁଆ ସେତୁ ନିକଟରେ ଶତାଧିକ କଂଗ୍ରେସ କର୍ମୀ ଟାୟାର ଜାଳି ରାସ୍ତାରୋକ କରିବା ସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ନିର୍ବାଚନମଣ୍ଡଳୀ ଯୁବ ନେତା ପ୍ରଶାନ୍ତ ରାଉତଙ୍କ ନେତୃତ୍ୱରେ ଅଖଚକ ବନ୍ଦ ସହିତ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ କରାଯାଇଥିଲା। ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦାମୋଦର ବିଶ୍ୱାସ, ବରିଷ୍ଠ ନେତା ବୈକୁଣ୍ଠ ବିଶ୍ୱାଳ, ମାଗୁଣି ପଢ଼ିହାରୀ, ରମାକାନ୍ତ ଜେନା, ପ୍ରଭାତ ପ୍ରଧାନ, କ୍ଷୀରୋଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ସଞ୍ଜୟ ପତି, ନିମାଇଁ ଦାସ, ଯୁବ ନେତା ସୁଶୀଲ ପ୍ରଧାନ, ସୌରଭ ଜେନା, କୈଳାସ ସାମଲ, ନାଗେଶ୍ୱର ସାହୁ ପ୍ରମୁଖ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ। ଓଡ଼ିଶା ବନ୍ଦ ସ୍ୱତଃପ୍ରବୃତ୍ତ ଭାବେ ସମର୍ଥନ ମିଳିଥିଲା। ସେହିପରି କଂଗ୍ରେସ ନେତା ଅଶୋକ ପ୍ରତିହାରୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବିଜୟ ନାୟକ, ଅଲେଖ ସ୍ୱାଇଁ, ବନମାଳୀ ସ୍ୱାଇଁ, ମନୋଜ ରାଉତରାୟ, ବିଦ୍ୟାଧର ଦାସ, ରୋହିତ ରାଉତ ପ୍ରମୁଖ ଯୋଗଦେଇ ସାନବଡଗୋପାଳପୁରଠାରେ ଟାୟାର ଜାଳି ରାସ୍ତାରୋକ କରିଥିଲେ।

**ରାଜକନିକା:** କଲେଜରେ ଅଧ୍ୟାପକଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇ ନ୍ୟାୟ ନ ପାଇ ଆତ୍ମଦାହ କରି ମୃତ୍ୟୁବରଣ କରିଥିବା ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ଆହୂତ ଓଡ଼ିଶା ବନ୍ଦ ରାଜକନିକାରେ ସଫଳ ହୋଇଛି। କଟକ-ଚାନ୍ଦବାଲି ରାସ୍ତାର ଚନ୍ଦନପୋଖରୀ ଛକଠାରେ ମିଳିତ ବିରୋଧୀ ଦଳର କର୍ମୀ ରାସ୍ତା ଅବରୋଧ କରିଥିଲେ। ସେହିପରି କାଟଣା, ଜୟନଗର, ବରାଡିଆ, କଣ୍ଟପଡ଼ା, ଓଳାଭର, କଣ୍ଡିଆଠାରେ ବନ୍ଦକୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। ଦୋକାନ, ସ୍କୁଲ, କଲେଜ, ବ୍ୟାଙ୍କ, ବୀମା, ବ୍ଲକ, ତହସିଲ ବନ୍ଦ ରହିଥିଲା।

**ଡେରାବିଶ:** ଆଜି ଡେରାବିଶରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ପାଟକୁରା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ଓ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଛତା ଛକଠାରେ ରାସ୍ତା ଅବରୋଧ କରାଯାଇଥିଲା। ଚାନ୍ଦୋଳଠାରେ ଡେରାବିଶ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ, କଂଗ୍ରେସ ଯୁବନେତା ସୁଖଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀ ସାମିଲ ହୋଇ ରାସ୍ତା ଅବରୋଧ କରିଥିଲେ। ବ୍ଲକ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରାଯାଇଥିଲା। ପାଟକୁରାର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ପହଞ୍ଚି ପଥପ୍ରାନ୍ତ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧନ କରି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ବ୍ୟବସ୍ଥିତ ହତ୍ୟା ବୋଲି କହିଥିଲେ। ଏହି ଘଟଣାରେ ସମ୍ପୂର୍ଣ୍ଣ ଦାୟୀ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ଯୁବନେତା କୈଳାସ କର, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମହାନ୍ତି, ହେମାଙ୍ଗିନୀ ପରିଡ଼ା, ବଂଶୀଧର ବେହେରା, କୃଷ୍ଣଚନ୍ଦ୍ର ଜେନା, ଅକ୍ଷୟ ପଣ୍ଡା, ନିମାଇଁ ଜେନା, ରବୀନ୍ଦ୍ର ପଣ୍ଡା, ହରିହର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଛତାଠାରେ ବରିଷ୍ଠ କଂଗ୍ରେସ ନେତା ବିଧୁଭୂଷଣ ମହାପାତ୍ର, ଜୟଦେବ ପରିଡ଼ା, ଫକିର ଖଟୁଆ, ରାଜକିଶୋର ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ରଶ୍ମିରଞ୍ଜନ ପଣ୍ଡା, କମଳଲୋଚନ ମହାନ୍ତି, କରୁଣାକର କର, କଳ୍ପତରୁ ମହାନ୍ତି, ଦୁର୍ଯ୍ୟୋଧନ ବାରିକ, ଖଗେଶ୍ୱର କର, ସତ୍ୟଜିତ ସ୍ୱାଇଁ, ସାରଦା ସିଂ, ଧର୍ମେନ୍ଦ୍ର ସିଂ ଯୋଗଦେଇ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଅବରୋଧ କରିଥିଲେ।

**ମହାକାଳପଡ଼ା:** ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସର ବନ୍ଦ ଡାକରା ମହାକାଳପଡ଼ାରେ ସଫଳ ହୋଇଛି। କଂଗେସର ମହାକାଳପଡ଼ା ବ୍ଲକ ସଭାପତି କବିନ୍ଦ୍ର ସାମଲଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀଙ୍କ ସହ କମ୍ୟୁନିଷ୍ଟ ପାର୍ଟିର ବ୍ଲକ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ ପ୍ରମୁଖ ଉପସ୍ଥିତ ରହି ଜମ୍ବୁ-ମାର୍ଶାଘାଇ ମୁଖ୍ୟରାସ୍ତାର ମହାକାଳପଡ଼ା ଛକଠାରେ ରାସ୍ତା ଅବରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିରାକାର ଜେନା, ରଘୁନାଥ ସେଠୀ, ପ୍ରମୋଦ ସ୍ୱାଇଁ, ପ୍ରମୋଦ ଚୈଧୁରୀ, ଚିତ୍ତରଞ୍ଜନ ତରାଇ, ଭରତ ସେଠୀ, ଉପେନ୍ଦ୍ର ଚକ୍ରବର୍ତ୍ତୀ, ବୀର ବାରିକ, କ୍ଷୀରୋଦ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।

**ଆଳି:** ଫକୀରମୋହନ କଲେଜ ଛାତ୍ରୀଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ଓ ବାମ ଦଳଙ୍କ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏ ପରିପ୍ରେକ୍ଷୀରେ ଆଳି କଂଗ୍ରେସ ପକ୍ଷରୁ କଟକ-ଚାନ୍ଦବାଲି ରାସ୍ତାର ଆଳି ବଜାର ମଧ୍ୟସ୍ଥଳୀରେ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ଆଳି କଂଗ୍ରେସ ପ୍ରାର୍ଥିନୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ସମେତ ଆଳି ବ୍ଲକର ପୂର୍ବତନ ସଭାପତି ରବିନାରାୟଣ ବେହେରା, ମାନଗୋବିନ୍ଦ ଦାସ, ଦର୍ପନାରାୟଣ ସାହୁ, ରାଜମୋହନ ସ୍ୱାଇଁ, ସତ୍ୟପ୍ରିୟ ସାମଲ, ସତ୍ୟରଞ୍ଜନ ରାଉତରାୟ, ବିଜୟ ନାୟକ, ସଂଗ୍ରାମ ସାମଲ, ହବେଶ ପଲାଇ, ଜଗତ ଭୂଷଣ ରଥ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

## ପୋଡ଼ିଗଲା ଗୁହାଳ, ଗାଈବାଛୁରୀ ଜୀବନ୍ତଦଗ୍ଧ

**ଗରଦପୁର, ୧୭।୭(ସମିସ):** ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତର ବଙ୍ଗାରୀ ଗ୍ରାମରେ ଅଗ୍ନିକାଣ୍ଡରେ ଗୁହାଳ ପୋଡ଼ିଯାଇଥିବାବେଳେ ଗାଈବାଛୁରୀ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ରୁଷ ସ୍ୱାଇଁ ଗୁହାଳ ଘରେ ଧୂଆଁ ଦେଇଥିଲେ। ଏଥରୁ ନିଆଁ କୁହୁଳି ସମଗ୍ର ଗୁହାଳ ଘରକୁ ବ୍ୟାପିଯାଇଥିଲା। ଗୋରୁଙ୍କ ଚିତ୍କାର ଶୁଣି ଘର ଲୋକ ଓ ପଡ଼ିଶା ନିଆଁ ଲିଭାଇବାକୁ ପ୍ରୟାସ କରିବା ସହିତ ଗୋରୁଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। ଦୁଇଟି ଗାଈଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଥିବାବେଳେ ଗୋଟିଏ ଗର୍ଭବତୀ ଗାଈ ଓ ଗୋଟିଏ ବାଛୁରୀକୁ ବଞ୍ଚାଇ ପାରିନଥିଲେ। କୋରୁଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କଲା ବେଳକୁ ସବୁ କିଛି ଶେଷ ହୋଇଯାଇଥିଲା।

### ଡେରାବିଶରେ ପୁଣି ବାର୍ଡ ଫ୍ଲୁ ଆତଙ୍କ

## ଗୋଲରାହାଟ ଫାର୍ମରେ ଶତାଧିକ କୁକୁଡ଼ା ମୃତ

ଡେରାବିଶ, ୧୭।୭(ସମିସ): କିଛି ମାସ ବ୍ୟବଧାନରେ ଡେରାବିଶ ବ୍ଲକରେ ପୁଣି ବାର୍ଡ୍ ଫ୍ଲୁ ଆତଙ୍କ ଦେଖାଦେଇଛି। ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ପ୍ରଭାକର ଲେଙ୍କାଙ୍କ କୁକୁଡ଼ା ଫାର୍ମରେ କୁକୁଡ଼ା ମଡ଼କ ଜାରି ରହିଛି। ଶ୍ରୀ ଲେଙ୍କାଙ୍କ ଫାର୍ମରେ ୧୦୦ରୁ ଅଧିକ କୁକୁଡ଼ା ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଗତ ତିନିଦିନ ଧରି ଦୈନିକ ୩୦ରୁ ୪୦ଟି ଲେଖାଏଁ କୁକୁଡ଼ା ମରୁଥିବାବେଳେ ଆଜି ହଠାତ ଶତାଧିକ କୁକୁଡ଼ାଙ୍କ ମୃତ୍ୟୁ ଶ୍ରୀ ଲେଙ୍କାଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ବୁଧବାର ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଦିଲ୍ଲୀପ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଫାର୍ମକୁ ଯାଇ ଏହି କୁକୁଡ଼ାଙ୍କ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଛନ୍ତି। ତେବେ ଡାକ୍ତର ସେଠୀଙ୍କ କହିବା ଅନୁଯାୟୀ ଲ୍ୟାବରୁ ପରୀକ୍ଷା ହୋଇ ରିପୋର୍ଟ ଆସିବା ପରେ ଏହା ବାର୍ଡ୍ ଫ୍ଲୁ କି ନାହିଁ ଜଣାପଡ଼ିବ।

## ତୁଳସୀକ୍ଷେତ୍ର ହେଲ୍ପ ଫାଉଣ୍ଡେସନ୍ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ରାଜନଗର, ୧୭।୭(ସମିସ):** ତୁଳସୀ କ୍ଷେତ୍ର ହେଲ୍ପ ଫାଉଣ୍ଡେସନ୍ ପକ୍ଷରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ରାଜନଗର ବ୍ଲକ ବାରଗାଁ ମଙ୍ଗଳା ଛକଠାରୁ ମା’ ମାଟିଆ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଏହି ଶୋଭାଯାତ୍ରାରେ ଫାଉଣ୍ଡେସନ ସମ୍ପାଦିକା ମଧୁସ୍ମିତା ପରିଡ଼ା, ବିକ୍ରମ ରାଉଳ, ନିହାରିକା ପାତ୍ର, ସ୍ୱର୍ଣ୍ଣଲତା ଭୂଇଁ, ଉର୍ମିଳା ଦାସ, ପ୍ରମୋଦ ବରାଳ, ଅର୍ଚ୍ଚନା ଚଣ୍ଡ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି ନିମନ୍ତେ ମା’ଙ୍କ ପାଖରେ ପ୍ରାର୍ଥନା କରିଥିଲେ।

### ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା

## ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

**ଭାଇଙ୍କ ଅଭିଯୋଗ; ନିର୍ଯାତନା ଦେଇ ଭଉଣୀକୁ ମାରିଦେଲେ**

ରାଜନଗର, ୧୭।୭(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଖମାରସାହି ପଞ୍ଚାୟତର ନଳିତାପାଟିଆ ଗାଁରେ ସ୍ୱାମୀ-ସ୍ତ୍ରୀ ବନ୍ଦ ଘର ଭିତରେ ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଆଜି ଶବ ବ୍ୟବଚ୍ଛେଦ ପରେ ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ମୃତ ଶଶୀରେଖାଙ୍କ ଭାଇ ରାଜନଗର ଥାନା ଅନ୍ତର୍ଗତ ପେଣ୍ଠ ଗ୍ରାମର ନିତ୍ୟାନନ୍ଦ ଦାସ ତାଳଚୁଆ ସାମୁଦ୍ରିକ ଥାନାରେ ତାଙ୍କ ଭଉଣୀକୁ ନିର୍ଯାତନା ଦେଇ ମାରି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ୪ ବର୍ଷ ତଳେ ଭଉଣୀ ବିବାହ କରିଥିଲେ। ବିବାହ ପରେ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ। ୬ ତାରିଖ ଦିନ ଶାଶୂ, ଶଶୁର ମାର୍‌ପିଟ କରିଥିଲେ। ପୁଲିସ ମାମଲା ରୁଜୁ କରିଥିବା ଆଇଆଇସି ବିମଳ ମଲ୍ଲିକ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗତକାଲି ନଳିତାପାଟିଆ ଗାଁର ପଞ୍ଚାନନ ନାୟକଙ୍କ ପୁଅ ପ୍ରତାପ ନାୟକ ଓ ବୋହୂ ଶଶୀରେଖା ରଶି ଲଗାଇ ବନ୍ଦ ଘରେ ଆତ୍ମହତ୍ୟା କରିଥିଲେ। ୬ ତାରିଖ ଦିନ ତାଳଚୁଆ ସାମୁଦ୍ରିକ ଥାନାରେ ଶାଶୂ ଓ ଶଶୁର ବୋହୂ ନାଁରେ ଓ ବୋହୂ ଶାଶୂ ଶଶୁରଙ୍କ ନାଁରେ ଅଭିଯୋଗ କରିଥିଲେ। ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଘଟଣା ପରେ ଗୁଜରାଟରେ କାମ କରୁଥିବା ପ୍ରତାପ ଘରକୁ ଫେରିଥିଲେ। ୪ ଦିନ ତଳେ ଥାନାରେ ପହଞ୍ଚି ସମାଧାନ କରିଦେବାକୁ କହିଥିଲେ।

### ନିଖୋଜ ନାବାଳିକାକୁ ପୁଲିସ୍ ନ ଖୋଜିବାରୁ ବାପା ବିଷ ପିଇବା ଘଟଣା

## ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନକଲେ ଅତନୁ

ମହାକାଳପଡ଼ା, ୧୭।୭(ସମିସ): ମାସ ମାସ ପରେ ବି ନାବାଳିକା ଝିଅକୁ ଖୋଜିବା ଦିଗରେ ପୁଲିସ ପଦକ୍ଷେପ ନନେବାରୁ ନିରାଶ ହୋଇ ବାପା ବିଷ ପିଇବା ଘଟଣାରେ ଆଜି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇଛନ୍ତି। ପୁଲିସ୍ ନିଖୋଜ ନାବାଳିକାକୁ ଖୋଜିବା ଦିଗରେ ପଦକ୍ଷେପ ନେଇଥିଲେ, ଏପରି ଅଘଟଣ ଘଟି ନଥା’ନ୍ତା ବୋଲି ସେ କହିଛନ୍ତି। ତେଣୁ, ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଡିଜିପି ଓ କେନ୍ଦ୍ରାପଡ଼ା ଏସପିଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ଗୃହ ବିଭାଗ ନିର୍ଦ୍ଦେଶ ଦେଉ ବୋଲି ସେ କହିଛନ୍ତି। ଅପରପକ୍ଷେ, ବିଷ ପିଇ ଗୁରୁତର ହୋଇଥିବା ମହାକାଳପଡ଼ା ବ୍ଲକ୍ ତନ୍ତିଆପାଳ ଥାନା ଅନ୍ତର୍ଗତ ଚକଡ଼ା ଗୋଗୁଆ ଗ୍ରାମର କଳ୍ପତରୁ ଓଝାଙ୍କୁ ଆଜି ଅତନୁ ଭେଟିଛନ୍ତି। ତାଙ୍କ ଚିକିତ୍ସା ସଂପର୍କରେ ଡାକ୍ତରଙ୍କଠାରୁ ପଚାରି ବୁଝିଛନ୍ତି।



ସୂଚନାନୁଯାୟୀ, କଳ୍ପତରୁଙ୍କ ୧୬ବର୍ଷୀୟ ନାବାଳିକା ଝିଅଙ୍କୁ ସେହି ଗ୍ରାମର ଅଜୟ ଜେନାଙ୍କ ଭଣଜା ରାଜେଶ ଜେନା (ଚଗଲା) ବିବାହ ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରିନେଇଛି। ଏ ସଂପର୍କରେ କଳ୍ପତରୁ ମେ’ ୨୭ ତାରିଖରେ ତନ୍ତିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାକୁ ୨ ମାସ ବିତିବାକୁ ବସିଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଝିଅକୁ ଖୋଜିବାରେ ବିଳମ୍ବ କରିବାରୁ ଗତ ୯ ତାରିଖରେ ପୁଲିସର ଅସହଯୋଗ ସମ୍ବନ୍ଧରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗ କରିଥିଲେ। ନାବାଳିକାକୁ ଖୋଜିବାରେ ସମସ୍ତଙ୍କୁ ଗୁହାରି କରିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଶେଷରେ ବାଧ୍ୟ ହୋଇ ସେ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି।

## ବନ୍ୟା ଘେରରେ ରାଜନଗରର ୪ ପଞ୍ଚାୟତ



**ରାଜନଗର, ୧୭।୭(ସମିସ):** ବନ୍ୟା ଯୋଗୁଁ ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪/୬ ଫୁଟର ବନ୍ୟା ପାଣି ଚାଲୁଛି। ନଗଡ଼ ଗାଁର ୩୦୦ ପରିବାର ୫ ଦିନ ଧରି ପାଣି ଘେରରେ ଥିଲେ ମଧ୍ୟ ପ୍ରଶାସନ ଆଜି ଯାଏଁ ବିପନ୍ନଙ୍କ ନିକଟରେ ପହଞ୍ଚି ନାହିଁ। ରାସ୍ତା ଉପରେ ୬ ଫୁଟର ପାଣି ଚାଲୁଛି। ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣତୈଳା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇ ନ ଥିଲେ ମଧ୍ୟ ଗାଁ ଚାରିପାଖ ଓ ପଞ୍ଚାୟତ କାର୍ଯ୍ୟାଳୟ ଚାରିପାଖରେ ବନ୍ୟା ପଣି ଘେରି ରହିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ବନ୍ୟା ପାଣି ଚାଲୁଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟାଜଳ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ରାଜନଗର ବ୍ଲକ ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର, କେରଡ଼ାଗଡ଼, ବାଲିସାହିପାଟଣା ପଞ୍ଚାୟତର ଶହ ଶହ ଏକର ଜମିର ତଳିଘେରାକୁ ୭ ଦିନ ହେଲା ବନ୍ୟା ପାଣି ବୁଡାଇ ରଖିଛି।




### ଦୁଇ ଛାତ୍ରଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

# ପ୍ରଧାନ ଶିକ୍ଷକଙ୍କ ସମେତ ୪ ଜଣଙ୍କ ନାଁରେ ମାମଲା

**କୁଆମରା, ୧୭।୭ (ସମିସ)**

ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁ ନଗର ବ୍ଲକ କୁଆମରା ନୂତନ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଅନ୍ୟ ଜଣେ ସହକାରୀ ଶିକ୍ଷକ ଦଶମ ଶ୍ରେଣୀର ଦୁଇ ଜଣ ଛାତ୍ରଙ୍କୁ ନିର୍ଯାତନା ଦେଇଥିବା ନେଇ ଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇ ଘଟଣାର ତଦନ୍ତ କରି ଏକ ମାମଲା ରୁଜୁ କରିଛି। ଚିଲିମା ଗ୍ରାମର ଜ୍ୟୋତିଶଙ୍କର ମହାନ୍ତି ଓ ମୃତ୍ୟୁଞ୍ଜୟ ବଳିଆର ସିଂହଙ୍କ ପୁଅ ଦଶମ ଶ୍ରେଣୀରେ ଅଧ୍ୟୟନ କରନ୍ତି। କିଛି ଦିନ ହେବ ଦୁଇଛାତ୍ରଙ୍କୁ ଆକ୍ରୋଶ ମୂଳକ ଭାବେ ମାଡମାରିବା, ଉଠାବସା କରିବା, ଅନ୍ୟ ଛାତ୍ରଙ୍କ ଆଗରେ ଆକ୍ଷେପ କରିବା, ଛୋଟ ଛୋଟ କଥାକୁ ନେଇ ଗାଳିଗୁଲଜ କରି ଆସୁଥିଲେ ପ୍ରଧାନଶିକ୍ଷକ ଶିଶିର କୁମାର ପାତ୍ର ଓ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ। ହେଲେ କ୍ରମେ ନିର୍ଯାତନା ବଢ଼ିବାରୁ ଦୁଇ ଛାତ୍ର ନିଜର ଅଭିଭାବକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ଏବଂ ସ୍କୁଲ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ପରେ ଦୁଇ ଅଭିଭାବକ ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିବାରୁ ସନ୍ତୋଷ ଜନକ ଉତ୍ତର ମିଳି ନ ଥିଲା। ଫଳରେ ଉଭୟ ଆଇନର ଆଶ୍ରୟ ନେବାକୁ ବାଧ ହୋଇଥିଲେ ବୋଲି କହିଛନ୍ତି। ତବେ ପ୍ରଧାନ ଶିକ୍ଷକ ଏହି ଘଟଣାକୁ ନେଇ ବୁଧବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନତ କୁମାର ଗନ୍ତାୟତ ଓ ସମ୍ପାଦକ ସସ୍ମିତା ମହାପାତ୍ରଙ୍କୁ ଡାକି ଆଲୋଚନା କରିଥିଲେ। ସଭାପତି ଓ ସମ୍ପାଦକ ଏହି ଘଟଣାକୁ ସମାଧାନ କରିବା ପରିବର୍ତ୍ତେ ଶ୍ରେଣୀ ଗୃହ ମଧ୍ୟକୁ ଯାଇ ସମସ୍ତ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ସମ୍ପୃକ୍ତ ଦୁଇ ଛାତ୍ରଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ଫଳରେ ଉକ୍ତ ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେବା ସହ ଉତ୍ତେଜନା ଦେଖାଦେଇଥିଲା। ଉଭୟ ଶିକ୍ଷକଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ଉଭୟ ଶିକ୍ଷକ ଓ ଅଭିଭାବକଙ୍କୁ ନେଇ ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ଫଳ ମିଳିନଥିଲା। ପରେ ଆଇଆଇସି ପଞ୍ଚାନନ ମହାନ୍ତି ପହଞ୍ଚି ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ର, ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ପରିଚାଳନା କମିଟିର ସଭାପତି ସନତ କୁମାର ଗନ୍ତାୟତ ଓ ସମ୍ପାଦକ ସସ୍ମିତା ମହାପାତ୍ରଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏ ନେଇ ସହକାରୀ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଘଟଣାର ସମ୍ପୂର୍ଣ୍ଣ ସତ୍ୟତା ନାହିଁ। ଜାଣିଶୁଣି ମୋତେ ଫସାଇ ଦେବା ନିମନ୍ତେ ଉଦ୍ୟମ ହେଉଛି ବୋଲି କହିଛନ୍ତି।

## କୃଷି ଉଦ୍ୟମୀ ତାଲିମ ଶିବିର ଉଦ୍‌ଯାପିତ



**ବାରିପଦା, ୧୭।୭ (ସମିସ):** ବ୍ୟାଙ୍କ ଅଫ ଇଣ୍ଡିଆ, ଆରଏସଟିରେ ଏକ କୃଷି ଉଦ୍ୟମୀ ତାଲିମ ଶିବିର ୧୩ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୫ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ସମସ୍ତ ପ୍ରକାର ଚାଷ, ରୋଗ ପୋକ ପରିଚାଳନା, ମିଶ୍ରିତ ଚାଷ, କୁକୁଡ଼ା, ବତକ, ଛେଳି, ଗାଈ, ମାଛ, ଛତୁ, ମହୁ, ଫୁଲ ଜୈବିକ ସାର ଓ କୀଟନାଶକ ପ୍ରସ୍ତୁତ ପ୍ରଣାଳୀ ଓ ଜିଆ ଖତ ପ୍ରସ୍ତୁତି ଉଭୟ ଥିଓରୀ ଓ ପ୍ରାକ୍ଟିକଲରେ ପଢ଼ାଯାଇଥିଲା। ବ୍ୟାଙ୍କ ସହାୟତା, ବିଭିନ୍ନ ଚାଷର ଯୋଜନାରେ ରିହାତି, ବୀମା, ଭଲ ଉଦ୍ୟୋଗୀ କିପରି ହୋଇପାରିବେ, ବଜାର ବ୍ୟବସ୍ଥା ଇତ୍ୟାଦିର ବିସ୍ତୃତ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନିର୍ଦ୍ଦେଶକ ଶରତ କୁମାର ମିଶ୍ର ଓ ହେମନ୍ତ ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପ୍ରଶିକ୍ଷକ ଶିଶିର କୁମାର ମହାନ୍ତ, ଫାକଲ୍ଟି ଅନ୍ତର୍ଯ୍ୟାମୀ ମହାନ୍ତ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶେଷରେ ସମସ୍ତ ଶିବିରାର୍ଥୀଙ୍କୁ ବ୍ୟାଙ୍କ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ବାରିପଦା, ୧୭।୭ (ସମିସ):** ଜମ୍ବୀରାଡିହା ଛକ ନିକଟରେ ଏକ ଦ୍ରୁତଗାମୀ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଚନ୍ଦାବିଲା ଅଞ୍ଚଳର ରୁହିୟା ମାର୍ଣ୍ଡି(୨୩)। ସେ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ି ଯାଇଥିଲେ। ଫଳରେ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସିନେ ନିର୍ଦ୍ଦେଶକଙ୍କ ପତ୍ନୀଙ୍କଠାରୁ ହାର ଲୁଟ୍

**ବାରିପଦା:** କିଛି ଦିନର ବ୍ୟବଧାନ ପରେ ବାରିପଦା ସହରରେ ପୁଣି ଛିନତାଇ ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ଦିନ ଦ୍ୱିପ୍ରହରରେ ସିନେ ନିର୍ଦ୍ଦେଶକ ଚିନ୍ମୟ ଦାସପଟ୍ଟନାୟକଙ୍କ ପତ୍ନୀଙ୍କଠାରୁ ସୁନାହାର ଛିନତାଇ କରିଛନ୍ତି। ଏନେଇ ପୁରୁଣାହାଟସାହି ଅଞ୍ଚଳର କାବେରୀ ଦାସପଟ୍ଟନାୟକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ କଲ୍ୟାଣ ମଣ୍ଡପରୁ ଘରକୁ ଫେରୁଥିବା ବେଳେ ପାଲବଣି ଜାତୀୟ ରାଜପଥରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ପରେ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ସହାୟତାରେ ଯାଞ୍ଚ କରିଥିଲେ। ଖବର ପାଇ ସିଭିଲ ଟିମ ଛାନଭିନ ଆରମ୍ଭ କରିଛି।

## ମୋରମ ଟ୍ରାକ୍ଟର ଜବତ; ଚାଳକ ଗିରଫ

**ବାରିପଦା:** ବେଆଇନ ଭାବେ ମୋରମ ଚୋରା ଚାଲାଣ ବେଳେ ବାରିପଦା ସଦର ଥାନା ପୁଲିସ ଦ୍ୱାରା ମୋରମ ବୋଝେଇ ଟ୍ରାକ୍ଟର ଜବତ ସହ ଚାଳକଙ୍କୁ ଗିରଫ କରାଯାଇଛି। ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଇଟାମୁଣ୍ଡିଆ ଗ୍ରାମର ଦୀନବନ୍ଧୁ ନାଏକ(୨୮)। ପୁଲିସ ପକ୍ଷରୁ ଗୌଡ଼ଡିହା ଛକ ଅଞ୍ଚଳରେ ପାଟ୍ରୋଲିଂ ସମୟରେ ଗାଡିକୁ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଟିପିଏନ୍‌ଓଡିଏଲ୍ ସୁପରଭାଇଜରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେତନଟୀ, ୧୭।୭ (ସମିସ):** ବେତନଟୀ ଟାଟା ପାୱାର ଷ୍ଟୋର ସୁପରଭାଇଜରଙ୍କ ବୁଧବାର ରାତିରେ ଏକ ବନ୍ଦ ଘରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ଯାଜପୁର ଜିଲ୍ଲା ବନ୍ତଲା ଉପକଣ୍ଠ ଉପୁଳା ଅଞ୍ଚଳର ରଞ୍ଜନ ମଲ୍ଲିକଙ୍କ ପୁତ୍ର ଶଶାଙ୍କ ଶେଖର ମଲ୍ଲିକ (୩୦)। ସେ ଅଢେଇ ବର୍ଷ ହେବ ଟାଟା ପାୱାରରେ ଷ୍ଟୋର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ଘଟଣା ଦିନ ଅପରାହ୍ନରେ କାର୍ଯ୍ୟ ସାରି ବେତନଟୀ ଭଡାଘରକୁ ଫେରିଥିଲେ। ସହକର୍ମୀମାନେ ତାଙ୍କୁ ବାରମ୍ବାର ଫୋନ କରିଥିଲେ; କିନ୍ତୁ ସେ ଫୋନ ଉଠାଇ ନ ଥିଲେ। ପରେ ସେମାନେ ତାଙ୍କ ଭଡାଘରର କବାଟ ବାଡେଇଥିଲେ। ଦୀର୍ଘ ସମୟ ଧରି କବାନ ନ ଖୋଲିବାରୁ ସ୍କାଏଲାଇଟ ଉପରେ ଚଢି ଦେଖିଲା ବେଳକୁ ତାଙ୍କର ମୃତଦେହ ଝୁଲୁଛି। ପରେ ଘରମାଲିକ ଓ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲେ। ସେ ସିଲିଂ ଫ୍ୟାନରେ ଲୁଙ୍ଗି ବାନ୍ଧି ବେକରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି ବୋଲି ଅନୁମାନ କରାଯାଉଛି। ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

**ଠାକୁରମୁଣ୍ଡା/ମହୁଲଡିହା, ୧୭।୭ (ସମିସ):** ମହୁଲଡିହା ଥାନା ଜରକ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପାଣପୋଷି ଗ୍ରାମର ଚାଷୀ ଟୁଲୁ ପମ୍ପ ସାହାଯ୍ୟରେ ତଳି କିଆରୀରେ ପାଣି ମଡାଇବା ବେଳେ ବିଦ୍ୟୁତ୍ ଆଘାତରେ ଆଜି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ବରଙ୍ଗା ହୋ (୩୫)। ସେ ଧାନ ବିଲକୁ ଟୁଲୁ ପମ୍ପ ସାହାଯ୍ୟରେ ତଳିରେ ପାଣି ମଡାଇବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ସ୍ତ୍ରୀ ଚାନ୍ଦୁ ହୋ ଏବଂ ଗ୍ରାମବାସୀ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ଏଏସଆଇ ସଞ୍ଜୟ କୁମାର ନାଏକ ଠାକୁରମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

## ମଞ୍ଚସ୍ଥ ହେଲା ନାଟକ 'ହେ ମଣିମା'



**ବାରିପଦା, ୧୭।୭ (ସମିସ):** ବାରିପଦା ସହିଦ ସ୍ମୃତି ଭବନରେ ନୂତନ ନାଟ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ 'ହେ ମଣିମା' ନାଟକ ମଞ୍ଚସ୍ଥ ହୋଇଛି। ଏହି ଦୁଇ ଦିନିଆ ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଚ୍ଛାୟତ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଗୋକୁଳ ଚନ୍ଦ୍ର ଦାସଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ 'ହେ ମଣିମା'ରେ ସହ ନିର୍ଦ୍ଦେଶନା ଦେଇଥିଲେ ଅଭିନେତା ରାଜେନ୍ଦ୍ର ସାହୁ। କୋଟି ଓଡ଼ିଆଙ୍କ ମଉଡମଣୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଅଭିମାନ ଆପତ୍ତି ଅଭିଯୋଗ କରି କିଭଳି ଭକ୍ତଟିଏ କାଣିଚାଏ କୃପା ପାଇ କୃତାର୍ଥ ହୋଇଯାଏ ତାହା ଦର୍ଶକଙ୍କୁ ବେଶ ମନ ମୋହିଛି ଓ ନାଟକର ବିଭିନ୍ନ ଚରିତ୍ରରେ ନାଟ୍ୟକାର ଗୋକୁଳ ଚନ୍ଦ୍ର ଦାସ, ରାଜେନ୍ଦ୍ର ସାହୁ, ଦୀପଙ୍କର ମିଶ୍ର, ସୁବ୍ରତ ବାରିକ, ଶୁଭଶ୍ରୀ ଦାସ, ଶୁଭଶ୍ରୀ ବାଗ୍ ଏବଂ ଶିଶୁକଳାକାର ଭାବେ ଚନ୍ଦ୍ରକାନ୍ତ ଦାସ ଅଭିନୟ କରିଥିଲେ। ଆହେ ନୀଳଶୈଳ ଗୀତରେ ନାଟକ ପ୍ରାରମ୍ଭରେ ନୃତ୍ୟ ଶିଳ୍ପୀ ହିମାଦ୍ରିତନୟା ଚୌଧୁରୀ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥିସହିତ ରାଜସିନୀ ମହାନ୍ତ, ଚିନ୍ମୟ ବାରିକ ଓ ହିମାଦ୍ରୀ ତନୟା ନାଟକରେ ନୃତ୍ୟ ପରିବେଷଣ କରିଥିଲେ। ସୁମନ୍ତ ପୃଷ୍ଟି, ପଲ୍ଲିନା ସରଘରିଆ ଏବଂ ଶୁଭମ୍ ମାଇତି ସଙ୍ଗୀତ ପରିବେଷଣ କରିଥିବାବେଳେ ବାଦ୍ୟଯନ୍ତ୍ରରେ ସୁମନ୍ତ ପୃଷ୍ଟି ଓ ବିଭୂତି ଭୂଷଣ ବେହେରା, ରୂପସଜ୍ଜାରେ ଦିଲ୍ଲୀପ ଆଇଚ ଏବଂ ଶବ୍ଦ ଓ ଆଲୋକରେ ସଞ୍ଜୟ କୁମାର ନାୟକ ସହାୟତା କରିଥିଲେ। ସତ୍ୟାନନ୍ଦ ସେଜପଡ଼ା ଓ ପ୍ରଦୀପ ସରଘରିଆ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା ଅତିଥିରୂପେ ଯୋଗ ଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ସାମ୍ବାଦିକ ସଞ୍ଜୟ ଚୌଧୁରୀ ସଭାପତିତ୍ୱ କରିଥିଲେ।

### ତୀର୍ଥଯାତ୍ରାରେ ଯିବେ ୩୯୮ ବରିଷ୍ଠ ନାଗରିକ

## ବୁଲିବେ ଅଯୋଧ୍ୟା, ବାରଣାସୀ, ରମେଶ୍ୱରମ୍, ମଦୁରାଇ

**ବାରିପଦା, ୧୭।୭ (ସମିସ):** ରାଜ୍ୟର ବରିଷ୍ଠ ନାଗରିକଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ ସୁବିଧା ଯୋଗାଇ ଦେବା ନିମନ୍ତେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରୁ ୩୯୮ ଜଣ ଏହି ସୁଯୋଗ ପାଇବେ। ଏଥିପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ଜଣେ ତୀର୍ଥ ଯାତ୍ରୀଙ୍କ ପାଇଁ ୨୧ ହଜାର ଟଙ୍କା ଖର୍ଚ୍ଚ କରାଯିବା ନେଇ ସ୍ଥିର କରାଯାଇଛି। ଏହି ତୀର୍ଥ ଯାତ୍ରା ଉଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଏକ ସ୍ୱତନ୍ତ୍ର ରେଳ ବାଲେଶ୍ୱର ରେଳ ଷ୍ଟେସନରୁ ନଭେମ୍ବର ୭ରୁ ୧୨ତାରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ଅଯୋଧ୍ୟା-ବାରଣାସୀ ଓ ଦ୍ୱିତୀୟ ପର୍ଯ୍ୟାୟରେ ଜାନୁଆରୀ ୭ରୁ ୧୨ ତାରିଖ ପର୍ଯ୍ୟନ୍ତ ୬ ଦିନ ପାଇଁ ରାମେଶ୍ୱରମ-ମଦୁରାଇ ଅଭିମୁଖେ ଯାତ୍ରା କରିବ। ଯୋଜନାର ସମ୍ପୂର୍ଣ୍ଣ ବିବରଣୀ ପର୍ଯ୍ୟଟନ ବିଭାଗ ୱେବସାଇଟରେ ଉପଲବ୍ଧ। ତେବେ ଏହି ଯୋଜନାରେ ସୁବିଧା ପାଇବା ନିମନ୍ତେ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି। ତନ୍ମଧ୍ୟରୁ ଯୋଗ୍ୟ ବରିଷ୍ଠ ନାଗରିକ ସମଗ୍ର ଜୀବନ କାଳ ମଧ୍ୟରେ ଗୋଟିଏ ଥର ଯାତ୍ରା ପାଇଁ ସୁଯୋଗ ପାଇପାରିବେ। ଆଗ୍ରହୀ ବରିଷ୍ଠ ନାଗରିକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୭୫ ବର୍ଷରୁ କମ୍ ହୋଇଥିବ। ଏଥିସହ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ। ଆର୍ଥିକ ଦୁର୍ବଳ ଶ୍ରେଣୀ ତଥା ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କ ପାଇଁ ସମ୍ପୂର୍ଣ୍ଣ ଗସ୍ତ ଖର୍ଚ୍ଚ ସରକାରଙ୍କ ତରଫରୁ ବହନ କରାଯିବାର ବ୍ୟବସ୍ଥା କରାଯାଇଛି। ୭୦ରୁ ୭୫ ବର୍ଷ ପର୍ଯ୍ୟନ୍ତ ବରିଷ୍ଠ ନାଗରିକ ଯାତ୍ରା ସମୟରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ନିଜର ସହାୟକ ଭାବେ ସାଙ୍ଗରେ ନେଇପାରିବେ ଏବଂ ଏଥିପାଇଁ ସମ୍ପୃକ୍ତ ବରିଷ୍ଠ ନାଗରିକ ତାଙ୍କ ସହାୟକଙ୍କ ଗସ୍ତଖର୍ଚ୍ଚର ୫୦ ଭାଗ ଅର୍ଥ ଦାଖଲ କରିବେ। ଆଗ୍ରହୀ ବରିଷ୍ଠ ନାଗରିକ ନିର୍ଦ୍ଧାରିତ ଫର୍ମ ପୂରଣ କରି ଫର୍ମ ସହିତ ନିଜର ପ୍ରମାଣପତ୍ରର ଏକ ନକଲ ଜିଲ୍ଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଗଷ୍ଟ ୧୫ ତାରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ କିମ୍ବା ଡାକ ଯୋଗେ ଦାଖଲ କରିପାରିବେ। ଏତଦ ବ୍ୟତୀତ ଅନଲାଇନ ଲିଙ୍କ ମାଧ୍ୟମରେ ମଧ୍ୟ ଫର୍ମ ଦାଖଲ କରି ପାରିବେ। ଆବେଦନକାରୀଙ୍କ ସଂଖ୍ୟା ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ହୁଏ ତେବେ ପ୍ରଶାସନ ସ୍ତରରେ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ କମିଟି ଜରିଆରେ ଲଟେରୀ କରାଯାଇ ଉପଯୁକ୍ତ ଚୟନ ପ୍ରଣାଳୀ ଦ୍ୱାରା ତୀର୍ଥଯାତ୍ରା ପାଇଁ ଯୋଗ୍ୟ ବିବେଚିତ ବରିଷ୍ଠ ନାଗରିକଙ୍କୁ ଚୟନ କରାଯାଇ ସମ୍ପୃକ୍ତ ବରିଷ୍ଠ ନାଗରିକଙ୍କୁ ସେମାନଙ୍କ ଠିକଣାରେ ଜଣାଇ ଦିଆଯିବ ଏବଂ ପରବର୍ତ୍ତୀ ସମୟରେ ଏହି ଯାତ୍ରା ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ଜିଲ୍ଲାର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପଠାଯିବ ବୋଲି କୁହାଯାଇଛି। ଆବେଦନ ପାଇଁ ଆବେଦନକାରି ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ଅଶ୍ୱିନୀ ମିଶ୍ରଙ୍କ ସହିତ ମୋବାଇଲ ନଂ. ୯୦୪୦୭୩୭୪୮୧ ଜରିଆରେ ଯୋଗାଯୋଗ କରିପାରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସୂଚନା ଦେଇଛନ୍ତି।

## ଯୁବ ସାମ୍ବାଦିକଙ୍କୁ ହତ୍ୟାର ପ୍ରତିବାଦ

**ବାରିପଦା, ୧୭।୭ (ସମିସ):** ମାଲକାନଗିରି ଜିଲ୍ଲା ମୁରଲିଗୁଡାର ଯୁବ ସାମ୍ବାଦିକ ସି.ନରେଶ କୁମାରଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବାରୁ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ଏହାର ତିବ୍ର ନିନ୍ଦା କରିବା ସହ ହତ୍ୟାକାରୀକୁ ତୁରନ୍ତ ଗିରଫ କରିବା ଦାବି କରିଛି। ଏହାବ୍ୟତୀତ ମୃତ ସାମ୍ବାଦିକଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ଏବଂ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି ସଂଘ। ସରକାର ଯଥାଶୀଘ୍ର ସାମ୍ବାଦିକଙ୍କୁ ସୁରକ୍ଷା ଓ ନିରାପତ୍ତା ଆଇନ ଲାଗୁ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଜିଲା ସାମ୍ବାଦିକ ସଂଘ ଦାବି କରିଛି। ମୟୂରଭଞ୍ଜ ଜିଲ୍ଲା ସଂଘ ସଂଘ ଅନୁବନ୍ଧିତ ଥିବା କଳିଙ୍ଗ ୟୁନିଅନ ଅଫ ୱାର୍କିଙ୍ଗ ଜର୍ଣ୍ଣାଲିଷ୍ଟ ପକ୍ଷରୁ ରାଜ୍ୟ ସଭାପତି ମନୋଜ ଦାସ, ଉପ ସଭାପତି ସୌରଭ ପଟ୍ଟନାୟକ, ଜିଲ୍ଲା ସଭାପତି ଅରୁଣ କୁମାର ଓତା, ସାଧାରଣ ସମ୍ପାଦକ ସଞ୍ଜୟ ଅଗ୍ରୱାଲ, କୋଷାଧକ୍ଷ ଆଲୋକ ସ୍ୱାଇଁ, ଉପ ସଭାପତି ମନୋଜ ବେହେରା, ଦିଲ୍ଲୀପ ସାହୁ, ଜଗବନ୍ଧୁ ପ୍ରଧାନ, ଖୁଦିରାମ ମହାନ୍ତି, ସୀତାନାଥ ବେହେରା, ଉପଦେଷ୍ଟା ତପନ ମହାନ୍ତି, ସନ୍ତୋଷ ବାଛିନି, ସୁଶାନ୍ତ ମହାନ୍ତି, ନିହାର ବେହେରା, ରଣଜିତ ସାହୁ, ନେତାଜୀ ରଥ, ପ୍ରଶାନ୍ତ ଦାସ ପଟ୍ଟନାୟକ, ନିହାର ରଞ୍ଜନ ମହାପାତ୍ର, ବିଶ୍ୱରଞ୍ଜନ ପାଲ, ନିମାଇଁ ଦାଶ, ଲଲାଟେନ୍ଦୁ ଦାସ ପ୍ରମୁଖ ଘଟଣାର ଘୋର ନିନ୍ଦା କରିଛନ୍ତି।

## ନୂତନ ଅପରାଧିକ ଆଇନ ସଂକ୍ରାନ୍ତ କର୍ମଶାଳା



**ବାରିପଦା, ୧୭।୭ (ସମିସ):** ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରି ତଦନ୍ତ ପ୍ରକ୍ରିୟା କରିବାକୁ ନେଇ ପୁଲିସ କର୍ମଚାରୀଙ୍କ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଛି। ନୂତନ ଭାରତୀୟ ଅପରାଧିକ ଆଇନ ନରି ବାରିପଦା ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଥାନା ଅଧିକାରୀ ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ମାନଙ୍କୁ କର୍ମଶାଳାରେ ନୂତନ ଆଇନ ନେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନୀୟମକୁ ସଠିକ ଭାବେ କାର୍ଯ୍ୟକାରୀ କରି ତଦନ୍ତ ପ୍ରକ୍ରିୟା କରିବା ନେଇ ତାଲିମ ପ୍ରଦାନ କରାଯାଇଛି। ଉକ୍ତ ଅଧିନିୟମକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହା ନୂତନ ଅପରାଧିକ ଆଇନ ଜରିଆରେ ତଦନ୍ତ ପ୍ରକ୍ରିୟା ସଠିକ ଭାବେ ସମ୍ପାଦନା ହେବା ସହ ଲୋକେ ନ୍ୟାୟ ପାଇବେ ବୋଲି ଆଶା ପ୍ରକଟ କରାଯାଇଛି।

## ସମ୍ପତ୍ତି ମାଲିକାନାକୁ ନେଇ ପୀଡ଼ିତା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ବାରିପଦା, ୧୭।୭ (ସମିସ):** ସମ୍ପତ୍ତି ବିବାଦ ନେଇ ବାରିପଦା ଗୋଲାପବାଗ ୱାର୍ଡ ନଂ ୧୦ରେ ରହୁଥିବା ସ୍ୱାତା ସାହା ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଙ୍କ ଜେଜେମା'ଙ୍କ ମାଲିକାନାରେ ଥିବା ଏକ ଘରକୁ ତାଙ୍କ ଶଶୁର ଜଣେ ଓକିଲ ମାଧ୍ୟମରେ ଦାବି କରିଥିଲେ, ଯାହା ବାରିପଦା ଜିଲ୍ଲା ଅଦାଲତ ଦ୍ୱାରା ୨୦୨୩ ଫେବୃଆରୀରେ ଅବୈଧ ଘୋଷିତ ହୋଇଥିଲା। ଗତ ୭ ଜୁଲାଇ ୨୦୨୫ରେ ପ୍ରାୟ ୩୦ ଜଣ ଦୁର୍ବୃତ୍ତ ବଳପୂର୍ବକ ତାଲା ଭାଙ୍ଗି ଏହି ଘର ଦଖଲ କରିଥିବା ସ୍ୱାତା ଅଭିଯୋଗ କରିଛନ୍ତି। ଏଥିସହିତ ତାଙ୍କ ଘରୁ ମୂଲ୍ୟବାନ ଜିନିଷ ଓ ଗହଣା ଚୋରି ହୋଇଛି। ଏ ସମ୍ପର୍କରେ ବାରିପଦା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ଗ୍ରହଣ କରାଯାଇ ନାହିଁ ବୋଲି ସ୍ୱାତା କହିଛନ୍ତି। ତାଙ୍କ ସ୍ୱାମୀ ବର୍ତ୍ତମାନ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବାରୁ ସେ ମାନସିକ ଓ ଶାରୀରିକ ଦୁର୍ବଳତାରେ ଭୋଗୁଛନ୍ତି ବୋଲି ଜିଲ୍ଲାପାଳଙ୍କୁ ଭେଟି କହିଛନ୍ତି। ଏଥିସହିତ ସେ ଏସ୍‌ପିଙ୍କୁ ମଧ୍ୟ ଫେରାଦ ହୋଇଛନ୍ତି।

## ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା ଘୋଷଣାକୁ ସ୍ୱାଗତ

**ରାଇରଙ୍ଗପୁର, ୧୭।୭ (ସମିସ):** ବୁଧବାର ରାଜ୍ୟ ସରକାର ନୂତନ ରାଇରଙ୍ଗପୁର ପୁଲିସ ଜିଲ୍ଲା ଘୋଷଣା କରିଥିବାରୁ ସବୁ ମହଲରେ ସ୍ୱାଗଦ କରାଯାଇଛି। ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ଯଶିପୁର ବିଧାୟକ ତଥା ଜଙ୍ଗଲ ଓ ଶ୍ରମ ମନ୍ତ୍ରୀ ଇଂଗଣେଶ ରାମ ସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ, ପ୍ରାକ୍ତନ ଟସର ନିଗମ ଅଧ୍ୟକ୍ଷ ସଞ୍ଜିବ ମହାନ୍ତି, ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରାକ୍ତନ କଂଗ୍ରେସ ବିଧାୟକ ଶାମଚରଣ ହାଁସଦା, ପ୍ରାକ୍ତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି, ବରିଷ୍ଠ ନାଗରିକ ତଥା ପ୍ରାକ୍ତନ ଓକିଲ ସଂଘ ସଭାପତି ରସାନନ୍ଦ ଲେଙ୍କା, ତୁଷାର କାନ୍ତି କବି, ପ୍ରାକ୍ତନ ଓକିଲ ସଂଘ ସଭାପତି ପ୍ରଭାସ କବି ସମେତ ସବୁ ମହଲରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏଥିସହିତ ସାଂସଦ ଶ୍ରୀ ମାଝୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରିପୋର୍ଟକୁ ୭ ମାସ ପୂରିଲା

# ଶୁଳିଆପଦା ବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ୍

**ବାରିପଦା, ୧୭।୭ (ସମିସ)**




ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ରିପୋର୍ଟକୁ ୭ ମାସ ପୂରି ୮ ମାସ ହେଲାଣି। ମାଳମାଳ ଦୁର୍ନୀତିର ପୁଳାପୁଳା ତଥ୍ୟ ପ୍ରମାଣ ସହ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ୩ ଥର ଅଭିଯୋଗ ପରେ ବି ଏଯାଏ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ୧୫ଟି ବିଭିନ୍ନ ଦୁର୍ନୀତି ସହିତ ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କୁ ଅଫିସ ପରିଚାଳନାରେ ଅସମର୍ଥ ବୋଲି ରିପୋର୍ଟ ଆସିଲା। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଉକ୍ତ ରିପୋର୍ଟ ଉପଲବ୍ଧ ହେବା ପରେ ସାମାନ୍ୟ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ୮ ମାସ ହେଲାଣି ଏପର୍ଯ୍ୟନ୍ତ ସାମାନ୍ୟତମ କର୍ଯ୍ୟାନୁଷ୍ଠାନ ନ ହେବା ଅଭିଯୋଗକାରୀଙ୍କୁ ନିରାଶ କରିଛି। ଅଭିଯୋଗକାରୀ ଇତିମଧ୍ୟରେ ୩ ଥର ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ କରିସାରିଲେଣି। ସମସ୍ତ ତଥ୍ୟ ପ୍ରମାଣ ଓ ତଦନ୍ତ ରିପୋର୍ଟ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ମୁଖ୍ୟମନ୍ତ୍ରୀ ବାରମ୍ବାର ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ଶୂନ୍ୟ ସହନଶୀଳତାର କଥା ଦୋହରାଇ ଚାଲିଛନ୍ତି। ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେବା ପାଇଁ ମୁଖ୍ୟଶାସନ ସଚିବ ଚିଠି ମଧ୍ୟ ଲେଖିସାରିଛନ୍ତି, କିନ୍ତୁ ଜନଶୁଣାଣି ରିପୋର୍ଟରେ ଅସମର୍ଥ ଉଲ୍ଲେଖ କରାଯାଇଥିବା ଶୁଳିଆପଦା ବିଇଓ ଏହି ନିୟମରୁ ବାଦ୍ ପଡୁଛନ୍ତି କିପରି ? ଗତ ୨୦୧୮ ମସିହାରେ ବିଇଓ ମାଳତୀ ଟୁଡୁ ଶୁଳିଆପଦାରେ ଯୋଗଦେବା ପରଠାରୁ ସେ ବିବାଦୀୟ ହୋଇ ପଡ଼ିଥିଲେ। ତାଙ୍କର ବିଭିନ୍ନ ବେଆଇନ କାର୍ଯ୍ୟ ଓ ଦୁର୍ନୀତି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଆସିଥିଲା। ବିଇଓଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବେଆଇନ ଭାବେ ସରକାରୀ ଟଙ୍କା ଯାଇଥିବା ସମସ୍ତ ପ୍ରମାଣ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପ୍ରକୋଷ୍ଠରେ ୨୦୨୪ ସେପ୍ଟେମ୍ବର ୨୩ ତାରିଖରେ ତଥ୍ୟ ପ୍ରମାଣ ସହିତ ପୁଣିଥରେ ଅଭିଯୋଗ କରିଥିଲେ ଅଭିଯୋଗକାରୀ। ଗତ ନଭେମ୍ବର ୨୫ ତାରିଖରେ ଅଭିଯୋଗ ତଦନ୍ତର ରିପୋର୍ଟ ଆସିଥିଲା ହେଲେ ଦୁର୍ନୀତି ଗ୍ରସ୍ତ ବିଇଓଙ୍କୁ ରିପୋର୍ଟରେ ଦୁର୍ନୀତି ଗ୍ରସ୍ତ ବଦଳରେ ଅସମର୍ଥ ଉଲ୍ଲେଖ କରାଯାଇଥିଲା। ମାଳମାଳ ଦୁର୍ନୀତି ସବୁ କୁଆଡେ ଚାପି ହୋଇଗଲା। ଅସମର୍ଥ ଉଲ୍ଲେଖ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ଏହାକୁ ନେଇ ଅଭିଯୋଗକାରୀ ପୁଣିଥରେ ଅଭିଯୋଗ କରିବାରୁ ଏକ ପୁରୁଣା ରିପୋର୍ଟ ଦିଆଗଲା। ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ, ମୁଖ୍ୟମନ୍ତ୍ରୀ ନିଜେ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତାର କଥା କହୁଥିବା ବେଳେ ଆଜି ଯାଏ ଶୁଳିଆପଦା ବିଇଓଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।







# ଓଡ଼ିଶା ବନ୍ଦକୁ ବାଲେଶ୍ୱର ସହରରେ ଜନସମର୍ଥନ

ବାଲେଶ୍ୱର, ୧୭।୭(ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମାହୁତି ଘଟଣା ବ୍ୟବସ୍ଥାଗତ ଉତ୍ପୀଡ଼ନ ଓ ଉଦାସୀନତାର ଚରମ ଦୃଷ୍ଟାନ୍ତ। ଏହି ଘଟଣାକୁ ବରଦାସ୍ତ କରିପାରୁନାହିଁ ଓଡ଼ିଶାର ସାଧାରଣ ଜନତା ତଥା ସର୍ବୋପରି ବାଲେଶ୍ୱରବାସୀ। କ୍ରମାଗତ ମାନସିକ ନିର୍ଯାତନାର ଶିକାର ହୋଇ ଛାତ୍ରୀ ସୌମ୍ୟାଶ୍ରୀ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ସରକାରୀ ବ୍ୟବସ୍ଥାର ସମସ୍ତ ବଡ଼ପଣ୍ଡାମାନଙ୍କଠାରେ ଆକୁଳ ନିବେଦନ କରିଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ରାଜ୍ୟ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗର ଅଧିକାରୀ, ବାଲେଶ୍ୱରର ସାଂସଦ, ସଦର ବିଧାୟକ, ଜିଲ୍ଲାପାଳ, ପୁଲିସ ଅଧୀକ୍ଷକ ପ୍ରଭୃତିଙ୍କଠାରୁ ନ୍ୟାୟ ପାଇବା ପାଇଁ ଦ୍ୱାରସ୍ଥ ହୋଇଥିଲା। ଥାନାରେ ଏତଲା ଦେବା ସହିତ ଗଣମାଧ୍ୟମରେ ତାଙ୍କର ମାନସିକ ନିର୍ଯାତନାର କାହାଣୀ ବର୍ଣ୍ଣନା କରି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ସାହାଯ୍ୟର ହାତ ତାଙ୍କୁ କେହି ବଢ଼ାଇଲେ ନାହିଁ। ଶେଷରେ ଗତ ଜୁଲାଇ ୧୨ତାରିଖରେ ସେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେଲେ। ଜୁଲାଇ ୧୪ରେ ଏମସ କର୍ତ୍ତୃପକ୍ଷ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ତାଙ୍କର ଆତ୍ମାହୁତି ଥିଲା ନା ତାଙ୍କୁ ଚକ୍ରାନ୍ତ କରି ହତ୍ୟା କରାଯାଇଛି, ତାହା ଆଜି ସାଧାରଣରେ ଘୋର ସନ୍ଦେହର କୁହେଳିକା ସୃଷ୍ଟି କରିଛି। ଓଡ଼ିଶାର ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଯେ ଛାତ୍ରୀମାନେ ଆଜି ସୁରକ୍ଷିତ ନୁହନ୍ତି ଏହି ଘଟଣା ତା'ର ଏକ ଜ୍ୱଳନ୍ତ ଉଦାହରଣ। ଏହି ଦିବଂଗତ ଛାତ୍ରୀ ତଥା ଓଡ଼ିଶାର ନାରୀଜାତିକୁ ନ୍ୟାୟ ଦେବାପାଇଁ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଆଜି 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଥିଲା। ବନ୍ଦ ଆହ୍ୱାନ ଦେଇଥିବା ରାଜନୈତିକ ଦଳମାନଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଇବାକୁ ଦାବି କରାଯାଇଛି। ଆଜି

## ଦୋକାନ ବଜାର ବନ୍ଦ, ରାସ୍ତାଘାଟ ଶୂନ୍‌ଶାନ

ସକାଳ ୬ଟାରୁ ବନ୍ଦ ଆହ୍ୱାନ ଦେଇଥିବା ରାଜନୈତିକ ଦଳମାନଙ୍କ ନେତା, କର୍ମୀ ଓ ସେମାନଙ୍କ ଗଣସଙ୍ଗଠନ ସଦସ୍ୟମାନେ ଶହଶହ ସଂଖ୍ୟାରେ ବାଲେଶ୍ୱର ସହରର ଷ୍ଟେସନ ଛକରୁ ମୋଟରସାଇକେଲ ଶୋଭାଯାତ୍ରାରେ ଓ ପାଦରେ ଚାଲିଚାଲି ରେଳଷ୍ଟେସନ, ବ୍ୟାଙ୍କ, ବୀମା, ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅଫିସ କାର୍ଯ୍ୟାଳୟ, ଦୋକାନ ବଜାର, କୋର୍ଟକଚେରୀ, ଡାକ ଟେଲିଫୋନ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ପାଇଁ ନିବେଦନ କରିଥିଲେ। ଏହି ବନ୍ଦକୁ ବାଲେଶ୍ୱର ସହରରେ ଅକୁଣ୍ଠ ଜନସମର୍ଥନ ମିଳିଥିଲା ଏବଂ ସହର ଶୂନଶାନ ହୋଇଯାଇଥିଲା। ସହରରେ କୌଣସି ଗାଡ଼ିମୋଟର, ଅଟୋରିକ୍ସା ପ୍ରଭୃତି ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। ଏହି ବନ୍ଦକୁ ଜନସାଧାରଣମାନେ ନିଜ ଆଡୁ ସମର୍ଥନ ଜଣାଇଥିବାରୁ ଓ ଆଇନଶୃଙ୍ଖଳା ସୁରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ ଥିବାରୁ କୌଣସି ସ୍ଥାନରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। କଂଗ୍ରେସ, ସିପିଆଇ, ସିପିଆଇ(ଏମ) ଓ ଫରୱାର୍ଡ଼ ବ୍ଲକ ଆଦି ଇଣ୍ଡିଆ ମେଣ୍ଟ ପକ୍ଷରୁ ସଞ୍ଜୀବ ଗିରି, ସରୋଜ ଲେଙ୍କା, ରଞ୍ଜନ ଦାସ, ଗୋପୀନାଥ ପାଢ଼ୀ, ଅରୁଣ ଜେନା, ଅର୍ଚ୍ଚନା ନନ୍ଦୀ, ପଦ୍ମଲୋଚନ ଲେଙ୍କା, ଗୌତମ ଦାସ, ସୁଦର୍ଶନ ଜେନା, ତୁଷାର ମହାପାତ୍ର, ନିର୍ମଳ ନାୟକ, ସୀତାଂଶୁ ନନ୍ଦୀ, ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ରାଜକିଶୋର ଲେଙ୍କା, ଯତୀନ ପାତ୍ର, ତପନ ସିଟ, ବନ୍ଦନା ପାତ୍ର, କମଳାକାନ୍ତ ନାୟକ, ଜ୍ୟୋସ୍ନା ସେନାପତି, ଶ୍ରୀକାନ୍ତ ବୁଗୁଡ଼ାଇ, ବିଦ୍ୟାଧର ମହାନ୍ତି, କେଶବ ନାୟକ, ଉର୍ମିଳା ମାଝୀ, ବାସନ୍ତୀ ନାୟକ, ସର୍ବେଶ୍ୱର ମିଶ୍ର, ଲକ୍ଷ୍ମୀଧର ଗିରି, ରବୀନ୍ଦ୍ର ବେହେରା, ଭରତ ସେଠୀ, ସଞ୍ଜୟ ଦାସ, ବୀରେନ୍ଦ୍ର ଜେନା, ହେମଲତା ଦାସ, ସେକ ଅଜଗର ଅଲ୍ଲୀ, ଜୀବନ ମହାପାତ୍ର ଓ ସନ୍ତୋଷ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ବନ୍ଦ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।















# ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ବନ୍ଦ ପାଳନ

ବାଲେଶ୍ୱର, ୧୭।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ଼ ବିଏଡ଼ ଛାତ୍ରୀ ମୃତ୍ୟୁ ଘଟଣା ବିରୁଦ୍ଧରେ ଏସୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ଓଡ଼ିଶା ବନ୍ଦ ଆହ୍ୱାନ




ଦେଇଥିଲା। ଏସ ୟୁ ସି ଆଇ (କମ୍ୟୁନିଷ୍ଟ ) ବାଲେଶ୍ୱର ଜିଲ୍ଲା କମିଟିର ସଦସ୍ୟମାନେ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ପିକେଟିଂ କରି ସେଠାରୁ ଗଡ଼ଗଡ଼ିଆ ଛକ, ଫକୀରମୋହନ କଲେଜ, ଆଜିମାବାଦ, ପଦୁଆଁପଦା ରାସ୍ତା ପରିକ୍ରମା କରି ଷ୍ଟେସନ ଛକରେ ରାସ୍ତା ଅବରୋଧ କରିଥିଲେ। ସେଠାରୁ କର୍ମକର୍ତ୍ତା ଜିଲ୍ଲାପାଳ ଅଫିସ ସମ୍ମୁଖରେ ପିକେଟିଂ କରି ବନ୍ଦକୁ ସଫଳ କରିବା ପାଇଁ କ୍ଷୁଦ୍ର ବ୍ୟବସାୟୀ, ଅଟୋ ଚାଳକ, ରିକ୍ସା ଚାଳକ, ବ୍ୟାଙ୍କ, ବୀମା, ସୋସାଇଟି, ଅଫିସ କର୍ମଚାରୀମାନଙ୍କୁ ଓଡ଼ିଶା ବନ୍ଦକୁ ସମର୍ଥନ କରିବା ପାଇଁ ନିବେଦନ କରିଥିଲେ। ଏହି ଆବେଦନକୁ ବ୍ୟାପକ ସମର୍ଥନ ଜଣାଇ ଦୋକାନ, ବଜାର, ବ୍ୟାଙ୍କ, ଅଫିସ ସ୍ୱତଃସ୍ଫୂର୍ତ୍ତ ବନ୍ଦ ହୋଇଥିଲା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରିବା, ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ଓ ଦୀର୍ଘ ମାସ ଧରି ଛାତ୍ରୀଙ୍କ ଯୌନ ନିର୍ଯ୍ୟାତନା, ମାନସିକ ନିର୍ଯ୍ୟାତନା ଓ ଏକାଡେମିକ ହାରାଷମେଣ୍ଟର ଅଭିଯୋଗକୁ କର୍ଣ୍ଣପାତ କରିନଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଉକ୍ତ ଦୁଃଖଦ ଘଟଣାର ସମସ୍ତ ନୈତିକ ଦାୟିତ୍ୱ ବହନ କରି ଉଚ୍ଚ ଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବା, ସମସ୍ତ କଲେଜ ୟୁନିଭର୍ସିଟି କ୍ୟାମ୍ପସ ଭିତରେ ଏବଂ ବାହାରେ ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନା, ଏକାଡେମିକ ହାରାସମେଣ୍ଟ ଓ ଥ୍ରେଟ କଲଚର ବନ୍ଦ କରିବା ଏବଂ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ନିରାପତ୍ତା ପ୍ରଦାନ କରିବା ଏବଂ ଛାତ୍ରୀର ପରିବାରକୁ ଏକ କୋଟି ଟଙ୍କା ଦେବା ଆଦି ଦାବି କରିଥିଲେ। ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବଙ୍କ ନେତୃତ୍ୱରେ ଜିଲ୍ଲା କମିଟି ସଦସ୍ୟ ଉମାକାନ୍ତ ଦାସ, ନନ୍ଦ ରାୟ ଚୌଧୁରୀ, ଆଞ୍ଚଳିକ କମିଟି ସଦସ୍ୟ କେଶବ ନାୟକ ସୁଦର୍ଶନ ଦାସ ପ୍ରଶାନ୍ତ ଦାସ ଏହି ବନ୍ଦରେ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

● ଏଫ୍‌ଏମ୍ ମହାବିଦ୍ୟାଳୟ

# ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ପାଠପଢ଼ା ବନ୍ଦ

ବାଲେଶ୍ୱର, ୧୭।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଘଟଣ ପରେ କଲେଜ ପରିସର ସ୍ୱାଭାବିକ ହୋଇନାହିଁ। କଲେଜ ପରିସରରେ ପୁଲିସ କର୍ମଚାରୀ ମୁତୟନ ରହିଛନ୍ତି ଏବଂ ଘଟଣାର ଅଧିକ ତଦନ୍ତ ଜାରି ରହିଛି।



ଏହି ପରିପ୍ରେକ୍ଷୀରେ କଲେଜରେ ପାଠପଢ଼ା କାଲିଠୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ ରହିବ ବୋଲି କଲେଜ ପକ୍ଷରୁ ଆଜି ନୋଟିସ୍ ଜାରି କରାଯାଇଛି। ବିଶେଷ କରି ମୁଖ୍ୟ(ମେନ୍ କ୍ୟାମ୍ପସ୍) ଏବଂ ପୂର୍ବ କ୍ୟାମ୍ପସ (ଇଷ୍ଟ କ୍ୟାମ୍ପସ)ର ବିଭିନ୍ନ କୋଠରୀଗୁଡ଼ିକରେ ୧୮.୦୭.୨୫ଠାରୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଶ୍ରେଣୀ ବନ୍ଦ ରହିବ। କାରଣ ଏହି କୋଠରୀଗୁଡ଼ିକରେ ପୁଲିସ କର୍ମଚାରୀଙ୍କ କ୍ୟାମ୍ପିଂ ରହିବ। ମୁଖ୍ୟ କ୍ୟାମ୍ପସର ରୁମ୍ ନମ୍ବର ୧୦, ୧୨, ଏନଜି-୧, ଏନଜି-୨ ଏବଂ ହେରିଟେଜ୍ ହଲ୍ ଏବଂ ପୂର୍ବ କ୍ୟାମ୍ପସର ରୁମ୍ ନମ୍ବର ଇସି-୨, ୪, ୫, ୮, ୧୩, ଓଲଡ୍ ବି. ଇଡ୍ (ଗ୍ରାଉଣ୍ଡ ମହଲା) ଆଦିରେ ପାଠପଢ଼ା ବନ୍ଦ ରହିବ ବୋଲି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଫିରୋଜ ପାଢ଼ୀ ସୂଚନା ଜାରି କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# କଟକ ସିଟି



## ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ

# ସହରରେ 'ଅଖ-ଚକ' ବନ୍ଦ

କଟକ,୧୭ ।୭ (ସମିସ):

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୂତି ଏବଂ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ କଂଗ୍ରେସ ପକ୍ଷରୁ ଆଜି ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା ରୌପ୍ୟନଗରୀରେ ସଫଳ ହୋଇଛି । ଅଖ ଓ ଚକ ସବୁକିଛି ବନ୍ଦ ହୋଇଥିବା ବେଳେ ଜନସାଧାରଣ ନିଜ ତରଫରୁ ଏହି ବନ୍ଦକୁ ସମର୍ଥନ ଦେଇଥିବା ଦେଖିବାକୁ ମିଳିଥିଲା। ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଥିଲା। ଏଥି ସହିତ ବ୍ୟବସାୟୀକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା। ସେହିପରି ପେଟ୍ରୋଲ୍ ପମ୍ପ୍ ଗୁଡ଼ିକ ବନ୍ଦ ରହିଥିଲା। ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଖୋଲା ରହିଥିବା ବେଳେ ଆନ୍ଦୋଳନକାରୀମାନେ ପିକେଟିଂ କରି କାର୍ଯ୍ୟବନ୍ଦ କରି ଧର୍ମଘଟକୁ ସଫଳ କରିବା ନିମନ୍ତେ ନିବେଦନ କରିଥିଲେ। ଏହି ଧର୍ମଘଟ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ କୌଣସି ଅପ୍ରିତିକର ଘଟଣା ଘଟିନଥିବା ସୂଚନା ମିଳିଛି।



ଆଜି ଭୋର ୬ଟାରୁ ଜରୁରିକାଳୀନ ବ୍ୟବସ୍ଥାକୁ ବାଦ୍ ଦେଲେ କଟକ ସହରରେ ଅନ୍ୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ଏଥି ସହିତ କଟକ ନେତାଜୀ ବସ ଟର୍ମିନାଲ(ସିଏନ୍‌ବିଟି)ରୁ ଗାଡି ଗଡିବା ବନ୍ଦ ହୋଇଥିଲା। ଏହି ବନ୍ଦ ପ୍ରଭାବରେ କଟକ ସହରରେ ଏକାଧିକ ଶିକ୍ଷାନୁଷ୍ଠାନ ସହ ଅଖ ଓ ଚକ ବନ୍ଦ ରହିଥିଲା। ଏହି ଅବସରରେ କଂଗ୍ରେସ ନେତ୍ରୀ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋଷ ଓ କଂଗ୍ରେସ ବରିଷ୍ଠ ନେତା ଇଂ.ମହମ୍ମଦ ମୋକିମଙ୍କ ନେତୃତ୍ୱରେ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ସିଡିଏ କାର୍ଯ୍ୟାଳୟ ଚାଲିଥିବା ବେଳେ କର୍ମଚାରୀଙ୍କୁ ଏହି ବନ୍ଦ ଡାକରାକୁ ସର୍ମଥନ କରିବାକୁ ନିବେଦନ କରାଯାଇଥିଲା। ଏଥି ସହିତ ସେଲ୍ଟର ଛକ, ସତୀଚଉରା, ବାଦାମବାଡି ଛକ, ଲିଙ୍କ୍‌ରୋଡ, ଓଏମ୍‌ପି ଛକ, ଶିଖରପୁର ଛକ, ଯୋବ୍ରା, କଲେଜ ଛକ, ରାଣୀହାଟ, ମଙ୍ଗଳାବାଗ ଛକ, ବକ୍ସି ବଜାର, ଚଣ୍ଡୀ ଛକ, କନିକା ଛକ ଆଦି ବିଭିନ୍ନ ଅଞ୍ଚଳ ଗୁଡ଼ିକରେ ଏକ ବିଶାଳ ବାଇକ ରାଲି ମାଧ୍ୟମରେ ସହରରେ ଥିବା ସମସ୍ତ ବ୍ୟାଙ୍କ ଓ ଅନ୍ୟାନ୍ୟ କାର୍ଯ୍ୟାଳୟଗୁଡିକୁ ବନ୍ଦ କରାଯାଇଥିଲା। ଏନେଇ ବିଧାୟିକା ସୋଫିଆ କହିଛନ୍ତି ଯେ, ଓଡିଶା ବନ୍ଦ ଡାକରା କେବଳ ସମ୍ପୃକ୍ତ ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିବା ଦାବିରେ କରାଯାଇଛି। ଭାଜପା ସରକାର ନାରୀ ସୁରକ୍ଷା ଦିଗରେ ସମ୍ପୂର୍ଣ୍ଣ ଭାବେ ବିଫଳ ରହିଛି। ଏହି ଘଟଣାର ଉଚ୍ଚସ୍ତରୀୟ ଯାଞ୍ଚ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା କଂଗ୍ରେସ ଦାବି କରିଛି ବୋଲି ସେ କହିଥିଲେ। ଏହି ବନ୍ଦ କାର୍ଯ୍ୟକ୍ରମରେ ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ ଭୋଳ, ଲିଜା ରାଉତ, କଂଗ୍ରେସ ନେତା ବିଶ୍ୱଜିତ ଦାସ, ସୂର୍ଯ୍ୟକାନ୍ତ ରାଉତ, ସତ୍ୟାନନ୍ଦ ରାଉତ, ଶରତ ଚନ୍ଦ୍ର ଶେଠୀ, ସୁଜିତ ସ୍ୱାଇଁ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ ପ୍ରମୁଖ ଶତାଧୀ କର୍ମୀ ଉପସ୍ଥିତ ଥିଲେ। ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ରଙ୍କ ନେତୃତ୍ୱରେ ବକ୍ସିବଜାରସ୍ଥିତ ପୁଲିସ ଡିଜି ଅଫିସ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭ ପ୍ରଦର୍ଶନ ସମୟରେ ସ୍ଥିତି ଅଣାୟତ୍ତ ହେବାରୁ ଉପସ୍ଥିତ ପୁଲିସ ଘଟଣାସ୍ଥଳରୁ କଂଗ୍ରେସ କର୍ମୀଙ୍କୁ ଅଟକ ରଖି ପରେ ଛାଡି ଦେଇଥିଲେ। ସେହିଭଳି ସିପିଆଇ ଓ କଂଗ୍ରେସ ପକ୍ଷରୁ ଗଣ୍ଡରପୁର ପେଟ୍ରୋଲ୍ ପମ୍ପ୍ ନିକଟରେ ରାସ୍ତାରୋକ କରାଯାଇଥିଲା।

କଟକ ନଗର ଯୁବ ଓ ଛାତ୍ର କଂଗ୍ରେସ ମିଳିତ ଆନୁକୂଲ୍ୟରେ ବହୁ କଂଗ୍ରେସ କର୍ମୀ ଶକ୍ତି ନଗର କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ଲିଙ୍କ୍‌ରୋଡ ଛକରେ ବନ୍ଦ ପାଳନ କରିଥିଲେ। କଟକ ନଗର ଯୁବ କଂଗ୍ରେସ ସଭାପତି ଡଃ ବିପ୍ଳବ ଶିଳାଦିତ୍ୟ, ଜିଲ୍ଲା କଂଗ୍ରେସ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ,ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍ ପ୍ରମୁଖ ଶାନ୍ତିପୂର୍ଣ୍ଣ ଭାବରେ ଓଡିଶା ବନ୍ଦରେ ଅଂଶ ଗ୍ରହଣ କରିଥିଲେ।



**ଏସ୍‌ୟୁସିଆଇ୍ :** ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁ ଘଟଣା ଏବଂ ୪ଦଫା ଦାବିରେ ଏସୟୁସିଆଇ(କମ୍ୟୁନିଷ୍ଟ)ପକ୍ଷରୁ ଆଜି ଜିଲ୍ଲାପାଳ ଅଫିସ ଏବଂ ୟୁକୋ ବ୍ୟାଙ୍କ ସମ୍ମୁଖରେ ବନ୍ଦ ପାଳନ କରାଯାଇଥିଲା। ଏହା ପରେ କର୍ମୀମାନେ ସେହି ଠାରୁ ଏକ ଶୋଭାଯାତ୍ରାରେ ଆସି କଲେଜ ଛକ ଠାରେ ରାସ୍ତାରୋକ୍ କରିବା ସହିତ ବନ୍ଦ ପାଳନ କରିଥିଲେ। ଏହି ବନ୍ଦ ପାଳନରେ ଏସୟୁସିଆଇ ଜିଲ୍ଲା ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲ୍ଲା କମିଟି ସଭ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ବାବି ବଳବନ୍ତରାୟ, ଭାଗ୍ୟରବି ଦାସ, ବିନୋଦ ସେଠୀ, ମାଳବିକା ସାମଲ, ସୌଭାଗ୍ୟ ସାମଲ, ଅକ୍ଷୟ ରାଉଳ, ପ୍ରତାପ ମିଶ୍ର, ପରମାନନ୍ଦ ସେଠୀ, ସିପ୍ରା ମହାନ୍ତି, ସୋଭା ଦେହୁରୀ, ଝରଣା ଦାସ, ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।

ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାଦ୍ୟାଳୟ, ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିକେଟିଂ ସହ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦକୁ ଛାତ୍ରଛାତ୍ରୀ ସ୍ୱତଃସ୍ଫୂର୍ତ୍ତ ସମର୍ଥନ କରିବା ସହିତ ଛାତ୍ର/ଛାତ୍ରୀମାନେ ଶ୍ରେଣୀ ବର୍ଜନ କରିଥିଲେ। ସହରର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ବନ୍ଦ ରହିଥିଲା। ଆଜିର ସାରା ଓଡ଼ିଶା ଧର୍ମଘଟ ଉପଲକ୍ଷେ କଟକରେ ହୋଇଥିବା କାର୍ଯ୍ୟକ୍ରମରେ ଏଆଇଡିଏସଓ ଜିଲ୍ଲା ସଭାପତି ଇଶା ଧର, ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, କୋଷାଦକ୍ଷ ଶୁଭସ୍ମିତା ସାହୁ, ଜିଲ୍ଲା କମିଟି ସଭ୍ୟ ଜ୍ୟୋସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ, ରାଜେଶ ନାୟକ, ସରୋଜ ବେହେରା, ଗାୟତ୍ରୀ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।




**ଏଆଇଡିଏସ୍‌ଓ :** ଫକୀର ମୋହନ ମହାବିଦ୍ୟାଳୟର ମୃତା ଛାତ୍ରୀ ସୌମ୍ୟାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏଆଇଡିଏସଓ ପକ୍ଷରୁ ଆଜି କଟକ ବନ୍ଦ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ଜେକେବିକେ ସରକାରୀ କଲେଜ, ଶୈଳବାଳା ମହିଳା ମହାବିଦ୍ୟାଳୟ, ଖ୍ରୀଷ୍ଟ

## ଛାତ୍ରୀଙ୍କ ପରିବାରକୁ ୧ କୋଟି କ୍ଷତିପୂରଣ ଦାବି




ସିପିଆଇ ପକ୍ଷରୁ ସୌମ୍ୟାଙ୍କ ମୃତ୍ୟୁ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଆଜି କଟକ ବନ୍ଦ କରାଯାଇଥିଲା। ନ୍ୟାୟିକ ତଦନ୍ତ, ଛାତ୍ରୀଙ୍କର ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ,କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସିପିଆଇ ସମେତ ବାମଦଳ ଆହ୍ୱାନରେ ହୋଇଥିବା ଓଡ଼ିଶା ବନ୍ଦରେ ସିପିଆଇ କଟକ ନଗର କମିଟି ପକ୍ଷରୁ ରୌପ୍ୟନଗରୀ ବନ୍ଦକୁ ସଫଳ କରାଯାଇଛି। କଟକ ଷ୍ଟେଟ୍‌ବ୍ୟାଙ୍କର ମୁଖ୍ୟ ଶାଖା ସମ୍ମୁଖରେ ହୋହଲ୍ଲା କରି ସମ୍ପୃକ୍ତ ଶାଖାକୁ ବନ୍ଦ କରିବା ସହ ସହରର ଅନ୍ୟାନ୍ୟ ବ୍ୟାଙ୍କ୍ ଓ ଅଫିସ ସମ୍ମୁଖରେ ପିକେଟିଂ କରି ବନ୍ଦ କରାଯାଇଥିଲା। ସିପିଆଇ ନେତା ଅମରେନ୍ଦୁ ମହାନ୍ତି, ଜିଲ୍ଲା ସଂପାଦକ ବିନୋଦ ବେହେରା। ମିହିର ବିଶ୍ୱାଳ, କ୍ଷିରୋଦ ବିଶ୍ୱାଳ, ବିପିନ ବିହାରୀ ପାଢ଼ୀ, ନୈନା ଦେହୁରୀ,ବିଜୟ ସାହୁ, ଭାବଗ୍ରାହୀ ଦାସ, ଜଗନ୍ନାଥ ମଲ୍ଲିକ, ଶ୍ରମିକ ନେତା କିଶୋର ଜେନାଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ସେହିପରି ଜଗତପୁରରେ ଜିଲ୍ଲା ସହ-ସଂପାଦକ ଉଦୟ କେଶରୀ ଶର୍ମା,ସୁନାକର ବରାଳ, ମାହାଙ୍ଗାରେ ହରିହର ମହାନ୍ତି, ହୃଷୀକେଶ ମଲ୍ଲିକ, ନିଶ୍ଚିନ୍ତକୋଇଲିରେ କସ୍ତୁରୀ ଚରଣ ପାତ୍ର,ସନାତନ ମଲ୍ଲିକ, ହିମାଂଶୁ ଭୂୟାଁ, ବାଲିଝରୀରେ ପ୍ରସନ୍ନ ମହାପାତ୍ର ପ୍ରମୁଖ ବନ୍ଦରେ ନେତୃତ୍ୱ ନେଇ ବନ୍ଦକୁ ସଫଳ କରାଇଥିଲେ।



## ଏସ୍‌ସିବି ରୋଗୀଙ୍କ ଖାଦ୍ୟ ସାରଣୀ ବଦଳିବ

### ଶୁଖିଲା ଖାଦ୍ୟରେ ମିଲେଟ୍ କେକ୍, ରନ୍ଧା ଖାଦ୍ୟରେ ଚିକେନ୍

କଟକ,୧୭।୭ (ସମିସ): ଏସ୍‌ସିବି ମେଡିକାଲରେ ରୋଗୀଙ୍କ ଖାଦ୍ୟ ସାରଣୀ ବଦଳିବ । ଡାଏଟ ଭିଜିଲାନ୍ସ କମିଟିର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅଗଷ୍ଟ ପହିଲାରୁ ରୋଗୀଙ୍କୁ ନୂତନ ଧରଣର ଖାଦ୍ୟ ପ୍ରଦାନ କରାଯିବ । ଶୁଖିଲା ଖାଦ୍ୟରେ ବିସ୍କୁଟ ଏବଂ ଦୁଇଟି କଦଳୀ ଦିଆଯାଉଥିଲା । ଏଣିକି କଦଳୀ ସହ ମିଲେଟ କେକ ଏବଂ ମିଲେଟ ବିସ୍କୁଟ ଦିଆଯିବ । ସେହିପରି ରନ୍ଧା ଖାଦ୍ୟରେ ସପ୍ତାହକୁ ୩ଥର ରୋଗୀ ଆମିଷ ଖାଦ୍ୟ ପାଉଥିଲେ । ଯେଉଁଥିରେ ସପ୍ତାହକୁ ଦୁଇଥର ମାଛ ଏବଂ ଥରେ ଅଣ୍ଡା ଖାଦ୍ୟ ଥାଳିରେ ରହୁଥିଲା । ଆଗକୁ ମାଛ ଏବଂ ଅଣ୍ଡା ସହ ରନ୍ଧାଖାଦ୍ୟ ସାରଣୀରେ ଚିକେନ୍ ଯୋଡି ହେବ । ପ୍ରକାଶଯୋଗ୍ୟ, ବଡ଼ ଡାକ୍ତରଖାନାରେ ବିଭିନ୍ନ ବାର ଓ ଓଳି ଅନୁସାରେ ରୋଗୀଙ୍କ ପାଇଁ ଭିନ୍ନଭିନ୍ନ ପ୍ରକାର ଖାଦ୍ୟସୂଚୀ ରହିଛି । ଗତ ବର୍ଷ ରାଜ୍ୟ ସରକାର ନିର୍ଦ୍ଧାରିତ ଖାଦ୍ୟ ମୂଲ୍ୟ ବୃଦ୍ଧି କରିବା ପରେ ସପ୍ତାହକୁ ତିନି ଦିନ ନିରାମିଷ ଖାଦ୍ୟ ତାଲିକାରେ ସାମିଲ ହୋଇଥିଲା । ଶୁକ୍ରବାର, ରବିବାର ମାଛ ତରକାରି ଓ ବୁଧବାର ଅଣ୍ଡା ମଧ୍ୟାହ୍ନ ଭୋଜନରେ ଦିଆଯାଉଥିଲା । ଏହାକୁ ପରିବର୍ତ୍ତନ କରି ବୁଧବାର ଚିକେନ୍, ଶୁକ୍ରବାର ମାଛ ତରକାରି ଓ ରବିବାର ଅଣ୍ଡା ଦିଆଯିବ ବୋଲି ସ୍ଥିର କରାଯାଇଛି । ପ୍ରାୟ ୨୧୦୦ ରୋଗୀଙ୍କୁ ନିୟମିତ ଏଭଳି ଖାଦ୍ୟ ଯୋଗାଇ ଦିଆଯାଉଛି ।

## ଅଳଙ୍କାର ଦୋକାନରୁ ଚୋରି

ଚୌଦ୍ୱାର,୧୭।୭ (ସମିସ): ଜାତୀୟ ରାଜପଥ ୫୫ନଂ ଚୌଦ୍ୱାର କଲେଜ ସମ୍ମୁଖ ରାସ୍ତା କଡରେ ଥିବା ଜଗନ୍ନାଥ ଜୁଏଲର୍ସ ନାମକ ଏକ ଅଳଙ୍କାର ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଦୋକାନ ମାଲିକ ପ୍ରମୋଦ କୁମାର ସାହୁ ଥାନାରେ କରିଥିବା ଅଭିଯୋଗ ସୂତ୍ରରୁ ପ୍ରକାଶ ଯେ ସଟରର ତାଲା ଭାଙ୍ଗି ସିସିସଟିଭିକୁ ଭାଙ୍ଗି ସମସ୍ତ ସାମଗ୍ରୀ ଚୋରି କରି ନିଆଯାଇଛି । ପ୍ରମୋଦଙ୍କଠାରୁ ଖବର ପାଇ ଚୌଦ୍ୱାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ଘଟଣାର ତଦନ୍ତ ଜାରି ରଖିଛି । ଅନୁରୂପଭାବେ ଦୁର୍ବୃତ୍ତମାନେ ଧୂମାବତୀ ଛକରେ ଥିବା ଏକ ସେଲୁନ୍‌ର ଆଜବେଷ୍ଟସ୍ ତାଡ଼ି ଦେକାନ ଭିତରେ ଥିବା ସାମଗ୍ରୀ ଚୋରାଇ ନେଇଥିବା ଅଭିଯୋଗ ହୋଇଛି ।

## ମାଟିତଳୁ ୬ଟି ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ଉଦ୍ଧାର

ସାଲେପୁର,୧୭ ।୭ (ସମିସ): ଗୋରୁ ଗୁହାଳ ପାଇଁ ନିଅଁ ଖୋଳା ଯାଉଥିବାବେଳେ ମାଟି ତଳୁ ପ୍ରାୟ ୧ଫୁଟ ଉଚ୍ଚତାର ୬ଟି ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଉଦ୍ଧାର ହୋଇଥିବା ଜଣାଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ସାଲେପୁର ବ୍ଲକ୍‌ର ରାଇସୁଙ୍ଗୁଡ଼ା ପଞ୍ଚାୟତର କୁସମ୍ବୀ ଗ୍ରାମର ରାଉତସାହିଠାରେ ବହୁ ଜନସମାଗମ ହୋଇ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇଉଠିଛି । ସୂଚନା ଅନୁସାରେ, କୁସମ୍ବୀ ଗ୍ରାମର ମନ୍ଦରଧର ସାହୁଙ୍କ ଘର ପଛପଟେ ଏକ ଗୁହାଳ ଘର ନିର୍ମାଣ ପାଇଁ ନିଅଁ ଖୋଳା ଯାଉଥିବାବେଳେ ବହୁ ପୂରାତନ ଅଷ୍ଟଧାତୁ ନିର୍ମିତ ୬ଟି ବିରଳ ମୂର୍ତ୍ତି ଉଦ୍ଧାର କରାଯାଇଛି । ଏହି ମୂର୍ତ୍ତିକୁ ମନ୍ଦରଧର ସାହୁଙ୍କ ପରିବାର ଲୋକ ତାଙ୍କ ଘରେ ରଖି ପୂଜାର୍ଚ୍ଚନା କରୁଛନ୍ତି । ମୋଗଲ ସାମ୍ରାଜ୍ୟ ସମୟରେ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯାଉଥିବାବେଳେ ସେହି ସମୟରେ ସେଠାରେ ଥିବା ମଠର ମଠାଧୀଶମାନେ ଏହି ମୂର୍ତ୍ତିର ସୁରକ୍ଷା ପାଇଁ ସେଠାରେ ମାଟି ତଳେ ପୋତି ଦେଇଥିବା କୁହାଯାଉଛି । ଦୁର୍ମୂଲ୍ୟ ବିରଳ ମୂର୍ତ୍ତି ୧ ଫୁଟ ଉଚ୍ଚତାର ନାରାୟଣ ଏବଂ ଲକ୍ଷ୍ମୀ କଳସ ଧରିଥିବା ମୂର୍ତ୍ତି, ମହାବୀର ହନୁମାନ, ମା'ଦକ୍ଷିଣକାଳୀ ଓ ରାଧାକୃଷ୍ଣଙ୍କ ବିରଳ ମୂର୍ତ୍ତି ଉଦ୍ଧାର ପାଇଛି । ଏହା ଅଷ୍ଟଧାତୁ ନିର୍ମିତ ଶହ ଶହ ବର୍ଷ ତଳର ବହୁ ପ୍ରାଚୀନ ମୂର୍ତ୍ତି ଗୁପ୍ତ ଭାବରେ ପୋତା ଯାଇଥିବା ଦେଖିବାକୁ ମିଳିଛି ।



## ନକଲି ବିଦେଶୀ ମଦ କାରଖାନା ଠାବ

ଆଠଗଡ଼,୧୭।୭ (ସମିସ): ଜନବସତିରୁ ଅଳ୍ପ ଦୂରରେ ଏକ ଘର ଭିତରୁ ବିପୁଳ ପରିମାଣର ନକଲି ବିଦେଶୀ ମଦ ସହିତ ମଦ ତିଆରି ସରଞ୍ଜାମ ଜବତ କରାଯାଇଛି । ବିଭିନ୍ନ ଦାମୀ ବ୍ରାଣ୍ଡର ଏହି ନକଲି ବିଦେଶୀ ମଦ ବାହାରକୁ ଚୋରା ଚାଲାଣ ହେଉଥିଲା । ଗତ ଦୁଇ ଦିନ ତଳେ ଭୁବନେଶ୍ୱରର ତମାଣ୍ଡୋ ଅଞ୍ଚଳରୁ ୫୪ ପେଟି ନକଲି ବିଦେଶୀ ମଦ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଜବତ କରାଯାଇ ଦୁଇ ଜଣଙ୍କୁ ଗିରଫ କରିବା ପରେ ଏହା ଆଠଗଡ଼ରେ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା । କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ସହିତ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଆଠଗଡ଼ ବୀରକିଶୋରପୁର ମୈତ୍ରୀ ନଗର ଅଞ୍ଚଳରେ ମିଳିତ ଭାବରେ ଚଢ଼ଉ କରାଯାଇ ୩୦୦ ପେଟିରୁ ଅଧିକ ଏହି ନକଲି ବିଦେଶୀ ମଦ ଜବତ କରାଯାଇଛି । ଯାହାର ଆନୁମାନିକ ବଜାର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପତି ସୂଚନା ଦେଇଛନ୍ତି । ଅଧିକ ତଦନ୍ତ ଦୃଷ୍ଟିରୁ ଗିରଫ ଅଭିଯୁକ୍ତଙ୍କ ନାମ ଗୋପନ ରଖାଯାଇଥିବା ବେଳେ ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ୫ଟି ଟିମରେ ବିଭକ୍ତ ହୋଇ ଏହି ଯାଞ୍ଚ କରୁଥିବା ଜଣାପଡିଛି । ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପତିଙ୍କ ସହିତ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଗୁଇନ୍ଦା ବିଭାଗ ନିରୀକ୍ଷକ ଧିରେନ ବେହେରା, ଅବନୀ ମହାପାତ୍ର, ଉପନିରୀକ୍ଷକ ଅରୁଣ ଭୋଇ, ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ବିକାଶ ପ୍ରଧାନଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଚଢ଼ଉ ଦଳରେ ସାମିଲ ଥିଲେ ।

## ସିରିଜ୍ ଲୁଟ୍‌ପାଟ ଘଟଣା: ୩ ଲୁଟେରା ଗିରଫ

କଟକ,୧୭ ।୭ (ସମିସ):

ସହରରେ ଗତ ବୁଧବାର ଘଟିଥିବା ସିରିଜ୍ ଲୁଟପାଟ ଘଟଣାରେ ଫେରାର ମୁଖ୍ୟ ଅଭିଯୁକ୍ତକୁ କମିଶନରେଟ୍ ପୁଲିସ ଧରିବାରେ ସଫଳ ହୋଇଛି । ଅଭିଯୁକ୍ତ ହେଉଛି ପାରାଦୀପ ନିମିଡି କଟକୁଆଳ ଗାଁରେ ରହୁଥିବା ରଘୁନାଥପୁରର ଚିନ୍ଦି ଓରଫ ରାଜା ଓରଫ ବିଶ୍ୱନାଥ ନାୟକ(୨୯) । ଏଥିସହ ଲୁଟ୍ ଅଳଙ୍କାର କିଣିଥିବା କୁଜଙ୍ଗ କୋଠିଆ ସାହିର ଉମେଶ ଚନ୍ଦ୍ର ସାହୁ(୫୫)କୁ ମଧ୍ୟ ଗିରଫ କରାଯାଇଛି । ଲୁଟ୍‌ପାଟ ବେଳେ ସହଯୋଗୀ ଦୀପୁ ଓରଫ ହୃଦାନନ୍ଦ ସିଂହ(୩୬) ଗିରଫ ହୋଇଥିଲା । ଆଜି ଉପରୋକ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି ।

ଦିନ ପ୍ରାୟ ୧ଟା ବେଳେ ବଜ୍ରକବାଟୀ ରାସ୍ତାରେ ଏକ ସପିଙ୍ଗମଲ୍ ସମ୍ମୁଖରେ ଢେଙ୍କାନାଳର ସୁମିତ୍ରା ଦାସଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇଥିଲେ । ଠିକ୍ ଅଧ ଘଣ୍ଟା ପରେ ଛତ୍ରବଜାର ଅର୍ବନା ହାଟ ରାସ୍ତାରେ ଦୁର୍ବୃତ୍ତଦ୍ୱୟ ଆଉ ଜଣେ ମହିଳାଙ୍କୁ ଟାର୍ଗେଟ କରିଥିଲେ । ରାଜେନ୍ଦ୍ର ନଗରର ଦିଲ୍ଲୀପ ମଲ୍ଲିକ ଓ ପତ୍ନୀ ସୌଭାଗ୍ୟମଞ୍ଜରୀ ଏସସିବି ମେଡିକାଲରୁ ତାଳଦଣ୍ଡା କେନାଲ ରାସ୍ତା ଦେଇ ଘରକୁ ଫେରୁଥିଲେ । ଅର୍ବାନ ହାଟ ନିକଟରେ ବାଇକରେ ପିଛା କରିଆସୁଥିବା ଦୁଇ ଦୁର୍ବୃତ୍ତ ସୌଭାଗ୍ୟମଞ୍ଜରୀଙ୍କ ବେକରୁ ସୁନାହାର ଝାମ୍ପି ନେଇଥିଲେ । ଏହା ଜାଣିପାରି ସେ ବାଇକରେ ବସିଥିବା ଦୁର୍ବୃତ୍ତ ଦୀପୁ ସିଂହର ହାତକୁ ଧରି ଟାଣି ଆଣିଥିଲେ । ଏଥିରେ ଉଭୟ ଦୀପୁ ଓ ଚିନ୍ଦି ବାଇକରୁ ଗଳି ପଡିଥିଲେ । ପାଟିଶୁଣି ପାଖଆଖର ଲୋକ ଦୌଡି ଆସି ୨ ଜଣଙ୍କୁ ଧରିବାକୁ ଉଦ୍ୟମ କରିଥିଲେ । ଏତିକିବେଳେ ଚିନ୍ଦି ପାଖରେ ରଖିଥିବା ଏକ ପିସ୍ତଲ ବାହାର କରି ଲୋକଙ୍କୁ ଦେଖାଇ ସେଠାରୁ ଦୌଡି ପଳାଇବାରେ ସକ୍ଷମ ହୋଇଥିଲା । ଧରାପଡିଥିବା ଦୀପୁକୁ ଉତ୍ତ୍ୟକ୍ତ ଲୋକମାନେ ନିର୍ଘାତ ପିଟି ଲହୁଲୁହାଣ କରିଦେଇଥିଲେ । ମାଲଗୋଦାମ ଥାନା ପୁଲିସ ପହଞ୍ଚି ଦୀପୁକୁ ଉତ୍ତ୍ୟକ୍ତଙ୍କ କବଳରୁ ଉଦ୍ଧାର କରି ତୁରନ୍ତ ମେଡିକାଲ ନେଇଯାଇଥିଲା । ଘଟଣାସ୍ଥଳରୁ ପୁଲିସ ଲୁଟେରାଙ୍କ ବାଇକକୁ ଜବତ କରିଥିଲା । ଘଟଣା ପରେ ଉଭୟ ମଙ୍ଗଳାବାଗ ଓ ମାଲଗୋଦାମ ଥାନା ପୁଲସ ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ । ଲୁଟପାଟ ପରେ ଅଭିଯୁକ୍ତ ଚିନ୍ଦି ଜଗତସିଂହପୁର ଅଭିମୁଖେ ଯାଇଥିବା ଜାଣିବା ପରେ ପୁଲିସ ସେଠାରେ ଚଢଉ କରିଥିଲା । ବିଳମ୍ବିତ ରାତିରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ତାକୁ ପଚରାଉଚରା ପରେ ଲୁଟ୍ ସୁନା ସେ ଉମେଶକୁ ବିକ୍ରି କରିଥିବା କହିଥିଲା । ଅଭିଯୁକ୍ତଙ୍କ ପାଖରୁ ୨ଟି ମୋବାଇଲ, ଗୋଟିଏ ୭.୬୫ ଏମଏମ ପିସ୍ତଲ ସହିତ ୩ଟି ଗୁଳି ଭର୍ତ୍ତି ମାଗାଜିନ ଜବତ ହୋଇଛି । ସେହିପରି ଉମେଶ ପାଖରୁ ୨ଟି ଅଧଛିଣ୍ଡା ସୁନା ଚେନ, ଗୋଟିଏ ସୁନା ଚେନ ଓ ତରଳ ସୁନା ଜବତ ହୋଇଛି । ଅଭିଯୁକ୍ତ ଚିନ୍ଦି ନାଁରେ ପାରାଦୀପ ଲକ୍ ଥାନାରେ ୨୩ଟି ମାମଲା ରହିଛି । ସେହିପରି ଦୀପୁ ନାଁରେ ବାଲିକୁଦା, ପାରାଦୀପ ଲକ, ମଙ୍ଗଳାବାଗ ଥାନାରେ ୪ଟି ମାମଲା ରହିଛି । ଉମେଶ ନାଁରେ ପାରାଦୀପ ଥାନାରେ ୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡିଛି ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ, କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିଏମ (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଗଣେଶ ପୂଜା ଆୟବ୍ୟୟ ହିସାବରେ ଅନିୟମିତତା

ତାଳଚେରସଦର,୧୭ ।୭ (ସମିସ):

ଓଡ଼ିଶା ପ୍ରସିଦ୍ଧ ତାଳଚେରର ଗଣପର୍ବ ଗଣେଶପୂଜା-୨୦୨୪ ଆୟବ୍ୟୟ ହିସାବରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣିଛନ୍ତି କିଛି ପୂଜାକମିଟି । କେନ୍ଦ୍ରୀୟ ପୂଜା କମିଟି ୨୦୨୪ ପୂଜାର ଆୟବ୍ୟୟ ହିସାବ ପ୍ରଦାନ କରୁ ନ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅତି ତରବରିଆ ଭାବେ ହ୍ୱାଟ୍ସଆ।ପ୍ ଗ୍ରୁପ୍‌ରେ ଛଡ଼ାଯାଇଛି । ତେବେ ଏହି ହିସାବକୁ ନେଇ ଏବେ ତାଳଚେର ଅଞ୍ଚଳରେ ବିବାଦ ସୃଷ୍ଟି ହୋଇଛି । ସମ୍ପୂର୍ଣ୍ଣ ଆୟବ୍ୟୟ ହିସାବ କାହିଁକି ସର୍ବସାଧାରଣରେ ପ୍ରକାଶ କରାଯାଉ ନାହିଁ ତାକୁ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି । ହ୍ୱାଟ୍ସଆପ୍ ଗ୍ରୁପରେ ଛଡ଼ାଯାଇଥିବା ହିସାବ ଅନୁଯାୟୀ ଆୟ ଅନୁପାତରେ ବ୍ୟୟର ତାଳମେଳ ରହୁ ନ ଥିବା ଅଭିଯୋଗ ହୋଇଛି । ଉପଜିଲ୍ଲାପାଳ ତଥା କେନ୍ଦ୍ରୀୟ ପୂଜା କମିଟି ସଭାପତି ଏକ ବଜେଟ କରି ୧୯ଲକ୍ଷ ମଧ୍ୟରେ ଖର୍ଚ୍ଚ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଠାରୁ ଅଧିକ ଖର୍ଚ୍ଚ କରାଗଲେ ସଭାପତିଙ୍କଠାରୁ ଅନୁମତି ନେବା ଆବଶ୍ୟକ ବୋଲି ନିର୍ଦ୍ଦେଶ ରହିଥିଲା । ତେବେ କେନ୍ଦ୍ରୀୟ ପୂଜା କମିଟି କର୍ମକର୍ତ୍ତାମାନେ ସଭାପତିଙ୍କ ବିନା ଅନୁମତିରେ କିପରି ୧୯ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କଲେ ତାକୁ ନେଇ ବିଭିନ୍ନ ପୂଜା କମିଟି ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହି ଅର୍ଥ ଏବେ କିଏ ଭରଣା କରିବ ବୋଲି ଆଲୋଚନା ଚାଲିଛି ।

ଅନ୍ୟପଟେ କେନ୍ଦ୍ରୀୟ ପୂଜା କମିଟି ଦେଇଥିବା ହିସାବ ଅନୁଯାୟୀ ୨୦୨୪ ପୂଜାରେ ୪୬ ଲକ୍ଷ ୪୧ ହଜାର ୮୬୧ ଟଙ୍କା ବିଭିନ୍ନ ସୂତ୍ରରୁ ଆଦାୟ ହୋଇଥିଲା । ୨୬ ଲକ୍ଷ ୩୧ ହଜାର ୫୧ ଟଙ୍କା ବ୍ୟୟ କରାଯାଇଥିଲା । ୯ ଲକ୍ଷ, ୨୨ ହଜାର ୫୦୬ ଟଙ୍କା ଗଚ୍ଛିତ ଥିବା ଦର୍ଶାଯାଇଛି । ତେବେ ଅବଶିଷ୍ଟ ୧୦ ଲକ୍ଷ ୮୮ ହଜାର ୩୦୪ ଟଙ୍କାର ହିସାବ କେନ୍ଦ୍ରୀୟ ଗଣେଶପୂଜା କମିଟି ଦେଇନାହିଁ । ଏହାକୁ ନେଇ ତାଳଚେର ଅଞ୍ଚଳରେ ହଟଚମଟ ଚାଲିଥିବା ବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତିନିବର୍ଷ ପାଇଁ ରହିଥିବା କୋଷାଧ୍ୟକ୍ଷ ଦୁଇବର୍ଷରେ ପଦବୀରୁ ଅବ୍ୟାହତି ନେବେ ବୋଲି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ମେସେଜ ଦେଇଛନ୍ତି । ଏହି ଘଟଣା ସନ୍ଦେହକୁ ଦ୍ୱିଗୁଣିତ କରିଛି । ଅନ୍ୟପଟେ କୋଷାଧ୍ୟକ୍ଷ ଅନିଚ୍ଛା ସତ୍ତ୍ୱେ ଚାପ ଓ ପରିସ୍ଥିତିରେ ପଡ଼ି ଖର୍ଚ୍ଚ କରିଛନ୍ତି ବୋଲି ସହସମ୍ପାଦକ ସ୍ୱୀକାର କରିଛନ୍ତି ।

# ପ୍ରେମିକାକୁ ପ୍ରତାରଣା; ଯୁବକ ଗିରଫ



ନାଲକୋ ନଗର,୧୭ ।୭ (ସମିସ): ନାଲକୋ ନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ପ୍ରେମଜାଲରେ ଫସାଇ ପ୍ରତାରଣା ଦେଇଥିବା ଅଭିଯୋଗରେ ପୁଲିସ ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା ଅଞ୍ଚଳର ମୁରଲୀ ବାରିକ (୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୂଚନା ଅନୁଯାୟୀ କିଛିବର୍ଷ ପୂର୍ବେ ନାଲକୋ ଅଞ୍ଚଳର ଯୁବତୀ ଓ ମୁରଲୀ ଉଭୟ ଭୁବନେଶ୍ୱରରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ । ଏହି ସମୟରେ ମୁରଲୀଙ୍କ ସହ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । କିଛି ମାସ ପରେ ମୁରଲୀ ବଦଳି ହୋଇ ବେଙ୍ଗାଲୁରୁ ଚାଲି ଯାଇଥିଲେ । ପରେ ମୁରଲୀ ଆଉ ଯୁବତୀଙ୍କୁ ଧରାଛୁଆଁ ଦେଇ ନ ଥିଲେ । ଯୁବତୀ ଜଣକ ଏ ନେଇ ଭୁବନେଶ୍ୱରରେ ମୁରଲୀଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ବେଙ୍ଗାଲୁରୁ ଯାଇ ସେଠି ମଧ୍ୟ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ପୁଲିସ ଏତଲା ଗ୍ରହଣ କରି ନ ଥିଲା । କୌଣସି ଉପାୟ ନ ପାଇ ଯୁବତୀ ନିଜ ଘରକୁ ଫେରି ୨୦୨୪ ଅକ୍ଟୋବରରେ ନାଲକୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ନାଲକୋ ଥାନା ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ବେଙ୍ଗାଲୁରୁ ଉତ୍ତୁର ଥାନା ଅନ୍ତର୍ଗତ ଏକ ଆପାର୍ଟମେଣ୍ଟରୁ ମୁରଲୀଙ୍କୁ କାବୁ କରିଥିଲା । ଯୁବତୀଙ୍କୁ ପ୍ରେମ ପରେ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଦେବା ଅଭିଯୋଗରେ ନାଲକୋ ଥାନା ପୁଲିସ ମୁରଲୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଗଙ୍ଗାଧର ବେହେରା ସୂଚନା ଦେଇଛନ୍ତି ।

# ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଶଯ୍ୟାଶାୟୀ ଦିବ୍ୟାଙ୍ଗ



କଣିହାଁ,୧୭ ।୭ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ପଥରମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ଦୀପକ କୁମାର ସାହୁ ଜନ୍ମରୁ ଅଦ୍ୟାବଧି ଶଯ୍ୟାଶାୟୀ ଅବସ୍ଥାରେ ପଡ଼ି ରହିଛନ୍ତି । ବାପାମା' ତାଙ୍କ ଯତ୍ନ ନେଉଛନ୍ତି । ପୂର୍ବରୁ ଦୀପକ ୮୦ ପ୍ରତିଶତ ଭିନ୍ନକ୍ଷମ ଥିବା ସରକାରଙ୍କ ପକ୍ଷରୁ ପ୍ରମାଣପତ୍ର ମିଳିଥିଲା । ବର୍ତ୍ତମାନ ଏହି ପୁରୁଣା ପ୍ରମାଣପତ୍ରକୁ ବିଭାଗୀୟ ଅଧିକାରୀ ଗ୍ରହଣ କରି ନ ଥିଲେ । ପୁନର୍ବାର ଦୀପକଙ୍କ ବାପା ରବିଚନ୍ଦ୍ର ସାହୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ତାଙ୍କ ପରୀକ୍ଷା କରାଇ ୯୦ ପ୍ରତିଶତ ଭିନ୍ନକ୍ଷମ ବୋଲି ଡିଜିଟାଲ ପ୍ରମାଣପତ୍ର ପାଇଛନ୍ତି । ନୂତନ ପ୍ରମାଣପତ୍ର ସହ ସାମାଜିକ ସୁରକ୍ଷା ଅଧିକାରୀ ଓ କଣିହାଁ ବିଡିଓଙ୍କୁ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ପାଇବାରୁ ଦୀପକ ବଞ୍ଚିତ ହୋଇଛନ୍ତି । ୮୦ ପ୍ରତିଶତ ଭିନ୍ନକ୍ଷମ ଓ ୮୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ରାଜ୍ୟ ସରକାର ୩୫ ଶହ ଟଙ୍କା ଭତ୍ତା ବ୍ୟବସ୍ଥା କରିଥିଲେ ମଧ୍ୟ ଦୀପକଙ୍କ କ୍ଷେତ୍ରରେ ବିଭାଗୀୟ ଅଧିକାରୀ ସହଯୋଗ କରୁ ନ ଥିବା ସେ ଏଥିରୁ ବଞ୍ଚିତ ହୋଇଥିବା ସୋମବାର କଣିହାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି । ତୁରନ୍ତ ତଦନ୍ତ କରି ବର୍ଦ୍ଧିତ ଭତ୍ତା ପ୍ରଦାନ ନ କଲେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି ଦୀପକଙ୍କ ବାପା ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

# ଶିବିରରେ ୩୧ ୟୁନିଟ ରକ୍ତ ସଂଗ୍ରହ



ଢେଙ୍କାନାଳ,୧୭ ।୭ (ସମିସ): ସ୍ଥାନୀୟ ଗୁରୁଦେବଜୀ ଫାଉଣ୍ଡେସନ ଏବଂ ମହାଦେବ ବାହିନୀ ମିଳିତ ସହଯୋଗରେ ଫାଉଣ୍ଡେସନର ପ୍ରତିଷ୍ଠାତା ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଇଂ ସାହୁ ତାଙ୍କ ଜୀବନର ୪୩ତମ ରକ୍ତଦାନ କରିଥିବା ବେଳେ ମୋଟ ୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଡା. ରଞ୍ଜନ କୁମାର ସାମଲ, ରକ୍ତକେନ୍ଦ୍ର ଅଧିକାରୀ ଡା. ସ୍ୱରୂପ ରଞ୍ଜନ ସାହୁ, ଅନୁଷ୍ଠାନର ଶୁଭେଚ୍ଛୁ ବିରଞ୍ଚି ନାରାୟଣ ପାଣି, ରୋଟାରିଆନ ରାଜକିଶୋର ବେହେରା, ତପନ କୁମାର ପାଲ, ଡ. ରଜନୀକାନ୍ତ ତରାଇ, ରଞ୍ଜନ କୁମାର ନାୟକ, କାଦମ୍ବିନୀ ମହାକୁଡ଼, ଶକ୍ତି ବାହିନୀ ସଦସ୍ୟା ସଙ୍ଗୀତା ସାହୁ, ମହାଦେବ ବାହିନୀର ସତ୍ୟଜିତ ଦଳେଇ ପ୍ରମୁଖ ଯୋଗଦେଇଥିଲେ ।

ରକ୍ତଦାତାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ଚାରା ଉପହାର ଦେଇଥିଲେ । ରକ୍ତ କେନ୍ଦ୍ରର ସମସ୍ତ କର୍ମଚାରୀ ସମେତ ଗୁରୁଦେବଜୀ ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ଇନ୍ଦ୍ରଜିତ ସାହୁ, ରେଡ୍ ଡୋନର କ୍ଲବ ସଂଯୋଜକ ଲିଟୁ ଦେହୁରୀ, ଶକ୍ତି ବାହିନୀର ସୁନନ୍ଦା ବେହେରା, ଋତୁପର୍ଣ୍ଣା ମଲ୍ଲିକ, ରାଜଲକ୍ଷ୍ମୀ ଜେନା, ମହାଦେବ ବାହିନୀର ସାଇଦର୍ଶନ ମାଟି, ପ୍ରତାପ ନାଏକ, ନାରାୟଣ ନାୟକ, ସନ୍ଦୀପ କର, ଭାରତ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ବସାଧାରଣ ରାସ୍ତା ଜବରଦଖଲ; ଜମି ପଡ଼ିଆ

ଛେଣ୍ଡିପଦା,୧୭ ।୭ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ କୋରଡ଼ା ରାଜସ୍ୱ ଗ୍ରାମ ଅନ୍ତର୍ଗତ ଚାକୁଣ୍ଡାପାଳ ମୌଜାରେ ସର୍ବସାଧାରଣଙ୍କ ଗ୍ରାମ୍ୟ ରାସ୍ତାକୁ କିଛି ପ୍ରଜା ଜବରଦଖଲ କରିଥିବାରୁ ଅନ୍ୟ ପ୍ରଜାମାନେ ବହୁ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହାର ସମାଧାନ ନିମନ୍ତେ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ କ୍ଷତିଗ୍ରସ୍ତ ଚାଷୀ ଏ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ଚାକୁଣ୍ଡାପାଳ ରାଜସ୍ୱ ମୌଜା ସରକାରୀ ରକ୍ଷିତ ଖାତା-୬୮ ପ୍ଲଟ ନଂ ୨୮୫, ୨୮୬, ୨୮୭, ୨୮୮, ୪୮୫ କିସମ ପାଣିମାହାର ଓ ସରକାରୀ ସର୍ବସାଧାରଣ ଖାତା-୬୯ ପ୍ଲଟ ନଂ-୧୮୮ କିସମ ଗ୍ରାମ୍ୟ ରାସ୍ତାକୁ କେତେକ ଚାଷୀ ନିଜ ଚାଷଜମି ସହ ସାମିଲ କରି ଜବରଦଖଲ କରିବା ଫଳରେ ଉକ୍ତ ବିଲ ମାଳକୁ ହଳ, ଶଗଡ଼, ଟ୍ରାକ୍ଟର, ଜନସାଧାରଣ ଯିବା ଆସିବା କରିବା ସମ୍ଭବ ହେଉନାହିଁ ।

ଫଳରେ ଜମି ଚାଷ ନ ହୋଇ ପଡ଼ିଆ ପଡ଼ିଛି । ଏହାର ସମାଧାନ ନିମନ୍ତେ କ୍ଷତିଗ୍ରସ୍ତ ଚାଷୀମାନେ ୨୦୨୪ ଜୁଲାଇ ୨ରେ ଛେଣ୍ଡିପଦା ତହସିଲଦାରଙ୍କୁ ଅଭିଯୋଗ କରିଥିଲେ । ତେବେ କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ୨୦୨୪ ଅକ୍ଟୋବର ୨୮ରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ । ଏହା ପରେ ମଧ୍ୟ କୌଣସି ପଦକ୍ଷେପ ନିଆ ନ ଯିବାରୁ ୨୦୨୫ ମେ ୮ରେ ବିଧାୟକ, ରାଜସ୍ୱ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି । ପରେ ପୁଣି ଜୁନ ୨୩ରେ ଛେଣ୍ଡିପଦା ସମିତି ଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏହାର ତଦନ୍ତ କରି ଜବରଦଖଲକାରୀଙ୍କ କବଳରୁ ଉକ୍ତ ସର୍ବସାଧାରଣ ଜାଗାକୁ ମୁକ୍ତ କରିବାକୁ ଯୋଗେଶ୍ୱର ପ୍ରଧାନଙ୍କ ସମେତ ବହୁ ଚାଷୀ ଅନୁରୋଧ କରିଛନ୍ତି ।

# ଜନସୁରକ୍ଷା ପରିଷଦର ବୈଠକ



ଢେଙ୍କାନାଳ,୧୭ ।୭ (ସମିସ): ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡସ୍ଥିତ ବାଣୀବିହାର କମ୍ପ୍ୟୁଟର ସେଣ୍ଟରରେ ଢେଙ୍କାନାଳ ଜନସୁରକ୍ଷା ପରିଷଦର ସାଧାରଣ ପରିଷଦ ବୈଠକ ଅନୁଷ୍ଠାନର ସଭାପତି ସମାଜସେବୀ ବିନାୟକ ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସାଧାରଣ ସମ୍ପାଦକ ଡ. ସମୀର ସାହୁ ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥି ଭାବେ ଡ. ପ୍ରମୋଦ ନାୟକ, ଛ'ଦେଶ ଅଞ୍ଚଳର ସମାଜସେବୀ ଜୟକୃଷ୍ଣ ମହାପାତ୍ର, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା କବି ବାହାଦୁର ପାଟସାହାଣୀ, ସମାଜସେବୀ ମଥୁରି ଚରଣ ସାହୁ ଯୋଗଦେଇ ଅନୁଷ୍ଠାନ କିପରି କାର୍ଯ୍ୟକରୁଛି ଓ ଆଗକୁ ଲୋକଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସୌନ୍ଦର୍ଯ୍ୟାର ପ୍ରତିଷ୍ଠାତା ସମାଜସେବୀ ସ୍ମିତାରାଣୀ ସାମଲଙ୍କୁ ଅନୁଷ୍ଠାନର ନୂତନ କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଏଥିରେ ସଭ୍ୟ ଅଧ୍ୟାପକ କ୍ଷୀରୋଦ ନାୟକ, ରୁମେନା ବେଗମ, ଅରୁଣ କୁମାର ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର, ପ୍ରଶାନ୍ତ ମହାପାତ୍ର, ସାଗିର ମହମ୍ମଦ, ରାମଚନ୍ଦ୍ର ଦେବତା, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଦିଲୀପ ବେହେରା, ଲଳିତ ମୋହନ ବେହେରା, ଈଶ୍ୱର ଚନ୍ଦ୍ର ମୁଦୁଲି, ବିପିନ ବିହାରୀ ବେହେରା, ଭଗବତୀ ସାହୁ, ବ୍ରହ୍ମାନନ୍ଦ ପ୍ରଧାନ, ସଚ୍ଚିଦାନନ୍ଦ ସିଂହ, ଦେବପ୍ରସାଦ ମିଶ୍ର, ସରୋଜ କୁମାର ଶତପଥୀ, ଅଶୋକ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ । ପ୍ରାରମ୍ଭରେ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଲଳିତ ମୋହନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ୍ ଆଦ୍‌ମୀ ପାର୍ଟିର ସାଙ୍ଗଠନିକ ବୈଠକ



ଢେଙ୍କାନାଳ,୧୭ ।୭ (ସମିସ): ଆମ୍ ଆଦ୍‌ମୀ ପାର୍ଟିର ମହିଷାପାଟସ୍ଥିତ ସଦର କାର୍ଯ୍ୟାଳୟରେ ଏକ ବୈଠକ ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ଏବଂ ଦଳର ପୂର୍ବତନ ଗଁଦିଆ ବ୍ଲକ ସଭାପତି ପୁରୁଷୋତ୍ତମ ସ୍ୱାଇଁଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଅତିଥି ଭାବେ ରାଜ୍ୟ ସାଂଗଠନିକ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ସୋସିଆଲ ମିଡିଆ ରାଜ୍ୟ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ ଦଳର ନୀତିଆଦର୍ଶ ଓ ଶୀର୍ଷ ନେତୃତ୍ୱଙ୍କ ସଂଘର୍ଷ କାହାଣୀ ଉପସ୍ଥାପନା କରିଥିଲେ । ବିଭିନ୍ନ ସମସ୍ୟାର ସମାଧାନ କରିବାରେ ଲୋକସମ୍ପର୍କ ବୃଦ୍ଧି ପାଇବ ଓ ସାମ୍ପ୍ରତିକ ସମୟରେ ଓଡ଼ିଶା ତଥା ଦେଶରେ ବିଜେପି ନେତାମାନଙ୍କ ବିଭିନ୍ନ ଦୁର୍ନୀତି ଭ୍ରଷ୍ଟାଚାର ବିଷୟରେ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଦାସ କହିଥିଲେ । ତାଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଭାପତିଙ୍କ ଦ୍ୱାରା ୭ଟି ଜିଲ୍ଲା ପରିଷଦ ଜୋନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ବୈଠକରେ ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ନଗେନ କୁମାର କର, ମନୋଜ ସାମଲ, ନଗର ସଭାପତି ଦେବାଶିଷ ନନ୍ଦ, ମହିଳା ନେତ୍ରୀ ସରସ୍ୱତୀ ପରିଡ଼ା, ଅନୁସୟା ସାମଲ, ରଚିତା ନାଏକ, ସଦସ୍ୟ ପ୍ରସନ୍ନ ବରାଳ, ଜୟନ୍ତ ଦାସ, ରୋହିତ ବେହେରା, ପୀତାମ୍ବର ସାମନ୍ତରାୟ, ଗୋବିନ୍ଦ ଚନ୍ଦ୍ର ସାହୁ, ବିଜୟ ନାଏକ, ସୁଚିତ୍ର ସାହୁ, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାଚନ ମଣ୍ଡଳୀ ସମ୍ପାଦକ ଅନିଲ ସାମଲ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ସମ୍ପାଦକ ଶେଷଦେବ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ୪ ବାଇକ ଆରୋହୀ ଆହତ

କିଶୋରନଗର,୧୭ ।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଇଣ୍ଡା କଦଳୀମୁଣ୍ଡା ପେଟ୍ରୋଲ ଟାଙ୍କି ସାମ୍ନାରେ ଗୁରୁବାର ବୋଲେରୋ ପଛରେ ବାଇକ୍ ଧକ୍କା ହେବାରୁ ବାଇକରେ ଯାଉଥିବା ୪ ଜଣ ଆହତ ହୋଇଛନ୍ତି । ବୋଲେରୋଟି ଅନୁଗୋଳରୁ ତାବଡ଼ା ଅଭିମୁଖେ ଯାଉଥିବା ବେଳେ ହଠାତ୍ ବ୍ରେକ ମାରିବାରୁ ପଛରୁ ଆସୁଥିବା ଏକ ବାଇକ ତା' ପଛରେ ଧକ୍କା ହୋଇଥିଲା । ସୂଚନା ପାଇ ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରି ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଫାଣ୍ଡି ଗାଡ଼ିରେ ବଇଣ୍ଡା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ । ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି ।

## ଟ୍ରକ ଓଲଟି ୨ ଗୁରୁତର

ବଇଣ୍ଡା,୧୭ ।୭ (ସମିସ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ଡେବେରାପାଲି ନିକଟରେ ଗୁରୁବାର ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକ ଓ ହେଲପର ଗୁରୁତର ଆହତ ହୋଇଛନ୍ତି । ତେବେ ସେମାନଙ୍କ ପରିଚୟ ମିଳିନାହିଁ । ଟ୍ରକ କଟକରୁ ସମ୍ବଲପୁର ଅଭିମୁଖେ ଯାଉଥିବା ବେଳେ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା । ସ୍ଥାନୀୟ ଲୋକେ ଚାଳକ ଓ ହେଲପରଙ୍କୁ ଉଦ୍ଧାର କରି ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି । ହଣ୍ଡପା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରିବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି ।

## ମଦ ଜବତ; ୨ ଗିରଫ

ବଇଣ୍ଡା,୧୭ ।୭ (ସମିସ): ହଣ୍ଡପା ଥାନା ପୁଲିସ ବୁଧବାର ବାଲିଆମ୍ବ ଓ କଣ୍ଡାଳ ଗ୍ରାମରେ ଚଢ଼ଉ କରି ଚୋରାମଦ ବିକ୍ରି ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି । ବାଲିଆମ୍ବ ଗ୍ରାମର ଜୟନ୍ତ ପ୍ରଧାନଙ୍କଠାରୁ ୬ ଲିଟର ଚୋରା ମହୁଲି ମଦ ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି । ସେହିପରି କଣ୍ଡାଳ ଗ୍ରାମର ସରୋଜ ପ୍ରଧାନଙ୍କଠାରୁ ୧୫ ଲିଟର ବିଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଛି ।

● ପୋଖରୀରେ ଗାଧେଇବା ବେଳେ ଅଘଟଣ

## ପୁଅ ଆଗରେ ଚାଲିଗଲା ବାପା ଜୀବନ

ଛେଣ୍ଡିପଦା,୧୭ ।୭ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ବରପଦା ଗାଁରେ ଘଟିଛି ଅଭାବନୀୟ ଘଟଣା । ପୋଖରୀରେ ଗାଧୋଉଥିବା ବେଳେ ପୁଅ ଆଗରେ ଚାଲିଯାଇଛି ବାପାର ଜୀବନ । ମୃତକ ହେଲେ ସେହି ଗାଁର ପଞ୍ଚୁ ବେହେରା । ପଞ୍ଚୁ ଓ ତାଙ୍କ ପୁଅ ଟିକନ କାମ କରିବାକୁ ଯାଇ ଘରକୁ ଫେରୁଥିବା ବେଳେ ଗାଁ ପୋଖରୀରେ ଗାଧେଉଥିଲେ । ତେବେ ଏହି ସମୟରେ ପଞ୍ଚୁ ପାଣିରେ ବୁଡ଼ିଯାଇଥିଲେ । ଟିକନ ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଗ୍ରାମବାସୀ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ଛେଣ୍ଡିପଦା ଅଗ୍ନିଶମ କର୍ମଚାରୀ ଓ ଗ୍ରାମବାସୀ ୨ଘଣ୍ଟା ଖୋଜାଖୋଜି କରିବା ପରେ ପଞ୍ଚୁଙ୍କ ମୃତଦେହ ଉଦ୍ଧାର ହୋଇଛି ।

# ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଶପଥ ଗ୍ରହଣ




ଅନୁଗୋଳ,୧୭ ।୭ (ସମିସ): ଅନୁଗୋଳ ମାରୱାଡି ପଞ୍ଚାୟତ ଧର୍ମଶାଳାରେ ଜିଲ୍ଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଶପଥ ଗ୍ରହଣ ସମାରୋହ ଓ ବିଶେଷ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ସଂଗଠନର ଆଇନ ପରାମର୍ଶଦାତା ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ ନିର୍ବାଚନ ଫଳାଫଳ ଘୋଷଣା କରିଥିଲେ । ସଭାପତି ଦୀପକ କୁମାର ବର୍ମା ଓ ସାଧାରଣ ସମ୍ପାଦକ ଅଶୋକ କୁମାର ମୋଦୀଙ୍କୁ ଶପଥ ପାଠ କରାଇଥିଲେ । ନୂତନ ସଭାପତି ବର୍ମା ଆଗାମୀ ଦିନରେ ସଂଗଠନର ଗଠନମୂଳକ କାର୍ଯ୍ୟ ପାଇଁ ଆହ୍ୱାନ କରିଥିଲେ । ସାଧାରଣ ସମ୍ପାଦକ ମୋଦୀ ସଙ୍ଗଠନକୁ ବ୍ୟବସାୟୀ ସ୍ୱାର୍ଥାଭିମୁଖୀ କରିବାକୁ ଗୁରୁତ୍ୱାରୋପ କରିଥିଲେ । ସାଧାରଣ ସଭାରେ ପୂର୍ବତନ ସମ୍ପାଦକ ନୀଳାଚଳ ପ୍ରଧାନ ବିଗତ ବର୍ଷର ଉଲ୍ଲେଖନୀୟ କାର୍ଯ୍ୟକଳାପର ବିବରଣୀ ଉପସ୍ଥାପନ କରିଥିଲେ । ଦିବଂଗତ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଲକ୍ଷ୍ମଣ ଅଗ୍ରୱାଲଙ୍କୁ ତାଙ୍କ ସାମାଜିକ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ସଭାପତି ଅଶୋକ କୁମାର ଜୈନ ସଂଗଠନର ନୂତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଦୁଇ ବର୍ଷ ପରିବର୍ତ୍ତେ ୫ ବର୍ଷ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରସ୍ତାବ ଓ କାର୍ଯ୍ୟକାରୀ ସମ୍ପାଦକ ସେକ୍ ରଫିକ୍ ସଂଗଠନର କାର୍ଯ୍ୟକଳାପକୁ ଅଧିକ ଗତିଶୀଳ କରିବା ନିମନ୍ତେ କାର୍ଯ୍ୟକାରୀ ସଦସ୍ୟମାନଙ୍କ ଦ୍ୱାରା ମନୋନୀତ ଚେୟାରମ୍ୟାନ ଓ ସିଇଓ ପଦବୀ ସୃଷ୍ଟି ପାଇଁ ପ୍ରସ୍ତାବ ଦେଇଥିଲେ । ଉଭୟ ପ୍ରସ୍ତାବ ଧ୍ୱନିମତରେ ପାରିତ ହୋଇଥିଲା । ସାଧାରଣ ସଭାରେ ପୂର୍ବତନ ସଭାପତି ଅଶୋକ କୁମାର ଜୈନ, ଉପସଭାପତି ବିକ୍ରମ ଅଗ୍ରୱାଲ, କୋଷାଧ୍ୟକ୍ଷ ବିକାଶ ପୋଦାର, ପୂର୍ବତନ କୋଷାଧ୍ୟକ୍ଷ କମଲ ଅଗ୍ରୱାଲ ଓ ମୁଖ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ମଞ୍ଚାସୀନ ଥିଲେ । ସେକ୍ ରଫିକ୍ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ସମ୍ପାଦକ ନୀଳାଚଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ଜବତ; ଜଣେ ଗିରଫ

ନାଲକୋ ନଗର,୧୭ ।୭ (ସମିସ): ନାଲକୋ ଥାନା ଅନ୍ତର୍ଗତ ସିପିପି ଛକ ନିକଟ ଏକ ଚା' ଦୋକାନରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରିବା ଅଭିଯୋଗରେ ପୁଲିସ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପରଜଙ୍ଗ ଅଞ୍ଚଳର ପର୍ଶୁରାମ ପରିଡ଼ା (୨୬) । ପର୍ଶୁରାମ ମଦ ବିକ୍ରି କରୁଥିବା ସୂଚନା ପାଇ ଗୁରୁବାର ସନ୍ଧ୍ୟାରେ ଥାନା ଏଏସଆଇ ଦୀପକ କୁମାର ସିଂ ଓ ପବିତ୍ର ନାଗଙ୍କ ନେତୃତ୍ୱରେ ଅଚାନକ ଚଢ଼ଉ କରାଯାଇଥିଲା । ସେଠାରୁ ୧୮ ଲିଟର ମଦ ଜବତ କରାଯିବା ସହ ପର୍ଶୁରାମଙ୍କୁ ଗିରଫ କରାଯାଇଛି । ଜବତ ମଦର ଆନୁମାନିକ ମୂଲ୍ୟ ୧୦ ହଜାର ଟଙ୍କା ହେବ ବୋଲି ପୁଲିସ କହିଛି । ଏ ନେଇ ଥାନାରେ ମାମଲା ରୁଜୁ ରୁଜୁ କରାଯାଇଛି ।




SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର
ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିଏମ୍ (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ବନ୍ଦକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସମର୍ଥନ









**ନିଶ୍ଚିନ୍ତକୋଇଲି,୧୭।୭ (ସମିସ):**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ବିଜେପି ସରକାରକୁ ଦାୟୀ କରାଯାଇ କଂଗ୍ରେସ ସମେତ ୮ଟି ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡକରା ନିଶ୍ଚିନ୍ତକୋଇଲି ଅଞ୍ଚଳରେ ସଫଳ ହୋଇଛି। ବ୍ଲକ କଂଗ୍ରେସ କମିଟି, କଂଗ୍ରେସ ଯୁବ ଛାତ୍ର କମିଟି ଓ ସିପିଆଇ ଜୋନାଲ କମିଟି ପକ୍ଷରୁ ବିଭିନ୍ନ ବଜାରରେ ଥିବା ବ୍ୟବସାୟ ପ୍ରତିଷ୍ଠାନ, ସ୍କୁଲ, କଲେଜ, ବ୍ୟାଙ୍କ, ଡାକ ଘର, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ତେଲ ଟାଙ୍କି ଆଦିକୁ ବନ୍ଦ କରାଯାଇଥିଲା। ଜିଲ୍ଲା କଂଗ୍ରେସର ପୂର୍ବତନ ସମ୍ପାଦକ ଆଇନଜୀବୀ ଭାସ୍କରଚନ୍ଦ୍ର ବେହେରା, ମାହାଙ୍ଗା ନିର୍ବାଚନ ମଣ୍ଡଳ ଯୁବ କଂଗ୍ରେସ ସଭାପତି ସେକ୍ ସଦାମ୍, ସିପିଆଇ ଜୋନାଲ କମିଟିର ସମ୍ପାଦକ ହିମାଂଶୁ ଶେଖର ଭୂୟାଁଙ୍କ ନେତୃତ୍ୱରେ ଶହ ଶହ କର୍ମୀ ନିଶ୍ଚିନ୍ତକୋଇଲି ପଣସପଡ଼ିଆଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ସହିତ ବିଭିନ୍ନ ଦୋକାନ ବଜାର ବନ୍ଦ କରିଥିଲେ। ପୂର୍ବତନ ବ୍ଲକ କମିଟି ସଭାପତି ରମାକାନ୍ତ ବେହେରା, ଅକ୍ଷୟ ଶତପଥୀ, ସମୀର ସାହୁ, ରାମଚନ୍ଦ୍ର ମଲିକ ଓ ସିପିଆଇ ପକ୍ଷରୁ ସନାତନ ମଲିକ, କସ୍ତୁରୀଚରଣ ପାତ୍ର, ମାଗୁଣି ନାୟକ, ସୁଦାମ ମଲିକଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ଟାଙ୍ଗୀ:** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ତଥା ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ ଅଞ୍ଚଳରେ ଓଡ଼ିଶା ବନ୍ଦ ସଫଳ ହୋଇଛି। କଂଗ୍ରେସ ପକ୍ଷରୁ ସେକ ସଲିମଙ୍କ ନେତୃତ୍ୱରେ ୧୬ ନମ୍ବର ଜାତୀୟ ରାଜପଥ ନିକଟ ଟାଙ୍ଗୀ ପ୍ରବେଶ ପଥ ପଶୁପତି ଗଡ଼ା ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ) ପକ୍ଷରୁ ରମେଶ ବେହେରାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସର ବ୍ଲକ ସଭାପତି ଆଶୁତୋଷ ବରାଳ, ତ୍ରିନାଥ ମଲ୍ଲିକ, ମନୋଜ ଖିଲାର, ଭୁବନାନନ୍ଦ ରାଉତ ଓ କାଳନ୍ଦୀ ସାହୁଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିବାବେଳେ ସିପିଆଇ(ଏମ)ର ରମେଶ ବେହେରା, ନବ କିଶୋର ଦାସ, ବିଷ୍ଣୁ ବେହେରା, ଡମ୍ବରୁଧର ସାହୁ ଓ ପିତାମ୍ବର ଲେଙ୍କାଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

**ନେମାଳ:** ସକାଳୁ ବହୁ ସଂଖ୍ୟାରେ କଂଗ୍ରେସ କର୍ମୀ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରୁ ଯୁବନେତା ବିଭୁତି ଭୂଷଣ ଦ୍ୱିବେଦୀଙ୍କ ନେତୃତ୍ୱରେ ପିସିସି ସଭ୍ୟ ଆଇନଜୀବୀ ନାରାୟଣ ଦ୍ୱିବେଦୀ, ମାହାଙ୍ଗା ଯୁବ କଂଗ୍ରେସ ସଭାପତି ସେକ ସଦାମ୍, କୃଷକ ନେତା ଶରତ ଦାଶ, ରମେଶ ସାହୁ, ମିଳନ ମଲ୍ଲିକ, କ୍ଷମାନିଧି ପୂଝାରୀ, ରମେଶ ବେହେରା, ହିମାଂଶୁ ଦାଶ ପ୍ରମୁଖ ନେତୃମଣ୍ଡଳୀ ନେମାଳ, ତିଳକଣା, ବରପଡା, ସାନ୍ତପୁର ସ୍ଥାନରେ ରାସ୍ତାରୋକ କରିବା ସହ ପିକେଟିଂ କରି ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଜେବିଏମ କମ୍ପ୍ୟୁଟର ପକ୍ଷରୁ ଅଧକ୍ଷ ଜାନକୀବଲ୍ଲଭ ମହାନ୍ତିଙ୍କ ନେତୃତ୍ୱରେ ଏକ ଦୀପଦାନ କାର୍ଯ୍ୟକମ ଅନୁଷ୍ଠିତ ହୋଇଥିଲା। ନେମାଳ ଥାନା ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

**କଣ୍ଟାପଡ଼ା:** କଣ୍ଟାପଡା ବ୍ଲକ ଅଞ୍ଚଳରେ ଫୁଲନଖରା-ନିଆଳି ରାସ୍ତାର ବରାହୀପୁରଠାରେ କଂଗ୍ରେସ କର୍ମୀଙ୍କ ରାସ୍ତା ଅବରୋଧ କାରଣରୁ ଯାତାୟତ ଏକପ୍ରକାର ବନ୍ଦ ରହିଥିଲା। ସେହିପରି ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। ନିମାଇଁ ଚରଣ ରାଉତରାୟ, ପଦ୍ମନାଭ ମହାନ୍ତି, ଭରତ ବେହେରା, ବାହନ ପରିଡା, ବୁଦ୍ଧନାଥ ମଲ୍ଲିକ, ଅଶୋକ ପରିଡା, ବିଶ୍ୱ କାନୁନଗୋ, ପ୍ରକାଶ ପ୍ରଧାନ ଓ ସୁମନ ପ୍ରଧାନ ପ୍ରମୁଖ ସାମିଲ ହୋଇ ବନ୍ଦକୁ ସଫଳ କରିଥିଲେ।





**ଚୌଦ୍ୱାର:** ଚୌଦ୍ୱାର ନଗର କଂଗ୍ରେସ କର୍ମୀମାନେ ଗାନ୍ଧୀଛକସ୍ଥିତ ରେଲୱେ ଫାଟକ ନିକଟରେ ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଓଟିଏମ୍ ବଜାର, ଗାନ୍ଧୀ ଛକ, କଳିଙ୍ଗ ବଜାର, ଚାରବାଟିଆ ବଜାର, ବଡ଼ବଜାର ସହ ପ୍ରାୟ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଚୌଦ୍ୱାରକୁ ଆସୁଥିବା କିଛି ଆମ ବସ ଗାନ୍ଧୀଛକଠାରେ ଅଟକି ରହିଥିଲା। ନଗର ସଭାପତି ବିଜୟ ବେହେରାଙ୍କ ନେତୃତ୍ୱରେ ମହିଳା ସଭାପତି ମୋନାଲିସା ଦାସ, କୈଳାସ ସାହାଣୀ, ସୁବାସ ଦଳେଇ, ରାଜୀବ ମହାନ୍ତି, ହରିହର ପରିଡା, ସୁବାସ ସୁବୁଦ୍ଧିରାୟ, ଅବନୀ ନାୟକ, ଦିଲ୍ଲୀପ ଭୂୟାଁ, ଜୟନ୍ତୀ ନାଥ, ଅର୍ଣ୍ଣବ ସାମଲଙ୍କ ସମେତ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଚୌଦ୍ୱାର ମହାବିଦ୍ୟାଳୟରେ ଅଧ୍ୟକ୍ଷା ରଶ୍ମି ରାଉତାରାୟଙ୍କ ପୌରହିତ୍ୟରେ ସୌମ୍ୟାଶ୍ରୀଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି ସଭା କଲେଜ ସଭାଗୃହରେ ଅନୁଷ୍ଠିତ ହୋଇଥିଲା।

**ସାଲେପୁର:** ସାଲେପୁର କଂଗ୍ରେସ କମିଟି ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ସଫଳ ହୋଇଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ବନ୍ଦ ସମୟରେ ଛକାପଞ୍ଝା ଚର୍ଚ୍ଚାକୁ ଆସିଛି। କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନେତୃତ୍ୱରେ ସମର୍ଥକମାନେ ସାଲେପୁର କୁଆଁପାଳ ଛକରେ ରାସ୍ତା ଉପରେ ପାଲ ପକାଉଥିବାବେଳେ ହରିବନ୍ଧୁ ଶତପଥୀଙ୍କ ସମର୍ଥକମାନେ ତାଙ୍କ ଆଗରେ ପାଲ ପକାଇବାକୁ ଉଦ୍ୟମ କରିଥିଲେ। ପୁଲିସ ପକ୍ଷରୁ କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଓ ହରିବନ୍ଧୁ ଶତପଥୀଙ୍କ ସମେତ ପ୍ରାୟ ୩୦ କର୍ମୀଙ୍କୁ ଉଠାଇ ନେଇ ପରେ ଛାଡି ଦିଆଯାଇଛି। ଯୁବ କଂଗ୍ରେସ ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, ସଫିଉଲ୍ ଆଲାମ, ହରେକୃଷ୍ଣ ବେହେରା, ସରୋଜ କର, ସେକ୍ ପୀର ବକ୍ସ, ପ୍ରତାପ ଚନ୍ଦ୍ର ଭୂୟାଁ, ସରପଞ୍ଚ ଶିବୁ ବେହେରା, ବିଶ୍ୱଜିତ୍ ଭୂୟାଁଙ୍କ ସମେତ ଶତାଧିକ କର୍ମୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଫୁଲନଖରା:** କଟକ ମହାନଗର ନିଗମର କଟକ ସଦର ଥାନାଞ୍ଚଳରେ ଥିବା ୪ଟି ୱାର୍ଡରେ ବନ୍ଦ ଡକରା ସଫଳ ହୋଇଛି। ବାଲିକୁଦାଠାରୁ ଫୁଲନଖରା ଛକ ପର୍ଯ୍ୟନ୍ତ ପୂର୍ବତନ ପିସିସି ସଂପାଦକ ଅନୀଲ ବେଉରାଙ୍କ ନେତୃତ୍ୱରେ ବନ୍ଦ କରାଯାଇଥିଲା। ପ୍ରାୟ ୫୦ କଂଗ୍ରେସ କର୍ମୀ ବାଲିକୁଦାଠାରୁ ଫୁଲନଖରା ଛକ ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରା କରିଥିଲେ। ୫୮ ନଂ ୱାର୍ଡ କର୍ପୋରେଟର ଜନାର୍ଦ୍ଦନ ପରିଡା, ପ୍ରଶାନ୍ତ ମହାନ୍ତି, ପ୍ରତାପ ବେହେରା, ଶରତ ଜେନା ପ୍ରମୁଖ କର୍ମୀମାନେ ଶାନ୍ତିଶୃଙ୍ଖଳା ସହିତ ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ବାରଙ୍ଗ ବ୍ଲକ ୩୩ନଂ ଜୋନ୍ ବ୍ରାହ୍ମଣଝରିଲୋ ଓ କୁରାଙ୍ଗପ୍ରଧାନ ଅଞ୍ଚଳରେ ବିଜୟ ମହାପାତ୍ରଙ୍କ ନେତୃତ୍ୱରେ ୧୬ନଂ ରାଜ୍ୟ ରାଜପଥ ଅବରୋଧ କରାଯାଇଥିଲା। ସତ୍ୟରଞ୍ଜନ ମହାନ୍ତି, ଦିଲ୍ଲୀପ ମହାରଣା, ରେହେମନ୍ ଖାଁ, ସେକ୍ ସୟିଦ ପ୍ରମୁଖ ସାମିଲ ହୋଇଥିଲେ। ଏସିପି ଶଶିକାନ୍ତ ରାଉତ ଓ ଆଇଆଇସି ଓମ୍ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

**ବାରଙ୍ଗ-ତ୍ରିଶୂଳିଆ:** ବନ୍ଦ ଡକରାର ଆଂଶିକ ପ୍ରଭାବ ବାରଙ୍ଗରେ ଦେଖିବାକୁ ମିଳିଛି। କଂଗ୍ରେସ ନେତା ମଣ୍ଟୁ ମାଝୀ, ମୁରଲୀ ସ୍ୱାଇଁ, ସଞ୍ଜୟ ବିଷୋୟୀ, ଅଞ୍ଜନ ରାଉତଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ବାରଙ୍ଗ ବ୍ଲକ କାର୍ଯ୍ୟାଳୟ, ବାରଙ୍ଗ ତହସିଲ କାର୍ଯ୍ୟାଳୟ, ତ୍ରିଶୂଳିଆ ବଜାର ଓ ସୀତାରାମ ବଜାର ଆଦି ସ୍ଥାନରେ ଗାଡ଼ି ମଟରକୁ କିଛି ସମୟ ପାଇଁ ରୋକିଥିଲେ।

**କନ୍ଦରପୁର:** କଟକ ସଦର କଂଗ୍ରେସ କମିଟି ପକ୍ଷରୁ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାର ସହିତ ବନ୍ଦ ପାଳନ ସଫଳ ହୋଇଛି। କନ୍ଦରପୁରଠାରେ କଟକ ସଦର କଂଗ୍ରେସ କମିଟିର ଉପସଭାପତି ସୀତାକାନ୍ତ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଦିଲ୍ଲୀପ ମହାନ୍ତି, କଟକ ଜିଲ୍ଲା କଂଗ୍ରେସର ସାଧାରଣ ସଂପାଦକ ଉଗ୍ରସେନ ଭୂୟାଁ, ନିହାର ରଞ୍ଜନ ନନ୍ଦଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ମାହାଙ୍ଗା:** ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରୁ ବାଇକ ରାଲି କରି ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ, ତହସିଲ, ମହାବିଦ୍ୟାଳୟ, ବିଦ୍ୟାଳୟ, ବ୍ୟାଙ୍କ ଆଦି ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ କରାଇଥିଲେ। କାର୍ଯ୍ୟକ୍ରମରେ ଅଲେଖ ପ୍ରସାଦ ସ୍ୱାଇଁ, ଉତ୍ତମ ବେହେରା, ଅଭିଳାଶ ମହାନ୍ତି, ଚୈତନ୍ୟ ପାଣି, ସଚିନ୍ଦ୍ର ବାରିକ ପ୍ରମୁଖ ଏହି ଓଡିଶା ବନ୍ଦ ଡକରାରେ ସମିଲ ହୋଇଥିଲେ।

**ନିଆଳି:** କଂଗ୍ରେସ କର୍ମୀମାନେ ନିଆଳି-ନଖରା ୬୦ ନଂ ରାଜ୍ୟ ରାଜପଥର ତହସିଲ ଛକଠାରେ ରାସ୍ତାରେ ବାଉଁଶବାନ୍ଧି ଅବରୋଧ କରି ବନ୍ଦ ପାଳନ କରିଥିଲେ। ପୂର୍ବତନ ବିଧାୟକ ରବିନ୍ଦ୍ର ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ସୌଭାଗ୍ୟ ରଞ୍ଜନ ବସ୍ତିଆ, ଡ. କେଦାରନାଥ ସାହୁ, ବଂଶୀଧର ବେହେରା, ମଧୁସ୍ମିତା ମହାପାତ୍ରଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**ମଙ୍ଗୁଳି:** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଂଗ୍ରେସ ପକ୍ଷରୁ ୧୬ ଓ ୫୫ନଂ ଜାତୀୟ ରାଜପଥ ସଂଯୋଗସ୍ଥଳ ମଙ୍ଗୁଳି ଛକରେ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରୋକ କରାଯାଇଥିଲା। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କଂଗ୍ରେସ ସଭାପତି ଆଶୁତୋଷ ବରାଳ, ଏସ୍‌କେ ହମିଦ୍, ତ୍ରିନାଥ ମଳିକ, ବଳରାମ ତରେଇ, ନିର୍ମଳ ସାମଲ, ଅମୃତ ମହାନ୍ତି, ଦୋବଶିଷ ବରାଳଙ୍କ ସମେତ କର୍ମୀ ସାମିଲ ଥିଲେ। ସିପିଆଇଏମ୍ ପକ୍ଷରୁ ଟାଙ୍ଗୀ ବ୍ଲକ୍ ଅଫିସ୍‌ର ମୁଖ୍ୟ ଫାଟକ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଥିଲା।

**ତିଗିରିଆ:** ତିଗିରିଆ ବ୍ଲକ କଂଗ୍ରେସ ସଭାପତି ସୋମନାଥ ଦାସ ଓ ଜିଲ୍ଲା କଂଗ୍ରେସ ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକଙ୍କ ନେତୃତ୍ୱରେ ନିଜିଗଡ଼ ପଞ୍ଚାୟତସ୍ଥିତ ମହାବୀରଠାରେ ଏକତ୍ରିତ ହୋଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। କଂଗ୍ରେସ କର୍ମୀମାନେ କଟକ-ନରସିଂହପୁର ମୁଖ୍ୟ ରାଜ୍ୟ ରାଜପଥକୁ ଅବରୋଧ କରିବା ସହିତ ବିଭିନ୍ନ ପଞ୍ଚାୟତରେ ବନ୍ଦ ପାଳନ କରାଯାଇଥିଲା। ମାନସ ଜେନା, ପ୍ରସନ୍ନ ନାୟକ୍, ବିଭୁତି ଭୂଷଣ ବେହେରାଙ୍କ ସମେତ ବହୁ କଂଗ୍ରେସ ନେତା-କର୍ମୀ ଉପସ୍ଥିତ ଥିଲେ।

**ବଡମ୍ବା:** ବଡମ୍ବା ଗାନ୍ଧୀ ଛକଠାରେ କଂଗ୍ରେସ ବ୍ଲକ ସଭାପତି ଅକ୍ଷୟ କରଣଙ୍କ ତତ୍ତ୍ୱାବଧାନରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କଟକ ନରସିଂହପୁର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। କଂଗ୍ରେସ ଦଳ ତରଫରୁ ବଡମ୍ବାଠାରୁ ମାଣିଆବନ୍ଧ ଏବଂ ଗୋପପୁର ପର୍ଯ୍ୟନ୍ତ ସବୁକିଛି ବନ୍ଦ କରାଯାଇଥିଲା। ବଡମ୍ବା ନରସିଂହପୁର ଯୁବ କଂଗ୍ରେସ ସଭାପତି ବଳଭଦ୍ର ପ୍ରହରାଜ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଶାନ୍ତନୁ ବଳିୟାରସିଂ, ବ୍ଲକ କଂଗ୍ରେସ ଉପସଭାପତି ପଞ୍ଚାନନ ମହାନ୍ତି, ସିପିଆଇ ନେତା ଦାମ ରଣା, ଗୁଣନିଧି ରାଉତ, ନିରଞ୍ଜନ ପତି, ଅଖିଳ ପଣ୍ଡା କୈଳାଶ ନାୟକ, ରମେଶ ପୁହାଣ ଉପସ୍ଥିତ ଥିଲେ।

**ଆଠଗଡ଼:** ଆଠଗଡ ବ୍ଲକ କଂଗ୍ରେସ ପକ୍ଷରୁ ନରସିଂହପୁର-ଖୁଣ୍ଟୁଣି ୬୫ନଂ ରାଜ୍ୟ ରାଜପଥର ଆଠଗଡ ବଜାର ଚାନ୍ଦବାଲି ଛକଠାରେ କଂଗ୍ରେସ ନେତା ଓ କର୍ମୀମାନେ ଧାରଣା ଦେଇ ରାସ୍ତା ଅବରୋଧ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୪ ପ୍ଲାଟୁନ ପୁଲିସ ଫୋର୍ସ ବିଭିନ୍ନ ଛକରେ ମୁତୟନ ରହିଥିଲେ। ଆଠଗଡ କଂଗ୍ରେସ ପ୍ରାର୍ଥୀ ସୁଦର୍ଶନ ସାହୁ, ପ୍ରଶାନ୍ତ ବେହେରା, ମନୋରଞ୍ଜନ ପଟ୍ଟନାୟକ, ବିକ୍ରମରାୟ ସାମନ୍ତ, ଶିରିସକୁମାର ଧଳ, ପ୍ରିୟବ୍ରତ ଦାସ, ପ୍ରିୟବ୍ରତ ବେହେରା, ଲମ୍ବୋଦର ସ୍ୱାଇଁ ଆଦି ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

**ନରସିଂହପୁର:** ବଡମ୍ବା ନିର୍ବାଚନମଣ୍ଡଳୀର ନରସିଂହପୁର ବ୍ଲକରେ ଶାନ୍ତିପୂର୍ଣ୍ଣ ଭବେ ବନ୍ଦ ପାଳନ କରାଯାଇଛି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବାଇକ ଶୋଭାଯାତ୍ରା ପରେ ବିଭିନ୍ନ ସ୍ଥାନକୁ ଯାଇ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ସ୍ୱେଚ୍ଛାକୃତ ଭାବେ ଓଡିଶା ବନ୍ଦ ଡକରାକୁ ସହମତି ଦେଇ ଅଞ୍ଚଳର ସମସ୍ତ ଦୋକାନ ବଜାର, ଗାଡିମଟର ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରା ବେଳେ ଜଗବନ୍ଧୁ ପଣ୍ଡା, ଭିକାରି ଖାଁ ସମେତ ବହୁ କର୍ମୀ ସାମିଲ ହୋଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରିଥିଲେ।

## ଛାତ୍ରଙ୍କୁ ମାଡ଼ମାରି ନିଲମ୍ବିତ ହେଲେ ଶିକ୍ଷୟିତ୍ରୀ

**ନିଶ୍ଚିନ୍ତକୋଇଲି,୧୭।୭ (ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ମଣିଜଙ୍ଗ ପଞ୍ଚାୟତରେ ଥିବା ଭଗବତୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରିୟା ପୃଷ୍ଟି ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରକୁ ମାଡ଼ ମାରି ଅଡୁଆରେ ପଡ଼ିଛନ୍ତି। ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ତାଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଜଣଙ୍କ ରାମକୃଷ୍ଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଙ୍କ ନିଲମ୍ବନ ପିରିୟଡ଼ରେ କାର୍ଯ୍ୟ କରିବେ ବୋଲି ଜଣାଯାଇଛି। ମାଡ଼ ଖାଇଥିବା ଛାତ୍ର ଜଣକ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେବା ପରେ ତାଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ନାମରେ କିଶୋରନଗର ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି। ଅଭିଯୋଗ ପାଇବା ପରେ କିଶୋରନଗର ଥାନା ଆଇଆଇସି ଏବଂ ମାହାଳ ହାଟ ଫାଣ୍ଡି ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ୧ ଘଣ୍ଟା କାଳ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଚରାଉଚରା କରି ତଦନ୍ତ କରିବା ପରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ମଣ୍ଡଳ ଶିକ୍ଷାଧିକାରୀଙ୍କ ପକ୍ଷରୁ ମଧ୍ୟ ଏବିଇଓ ସୁଶୀଲ ଚକ୍ରବର୍ତ୍ତୀ ଓ ମହମ୍ମଦ ଜାକିର ଖାଁ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରି ସତ୍ୟାସତ୍ୟ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

**ନିଶ୍ଚିନ୍ତକୋଇଲି,୧୭।୭ (ସମିସ):** ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ଅଧୀନରେ ଥିବା ମୋ ଭାରତ ସଂସ୍ଥାନ କଟକ ପକ୍ଷରୁ ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ କୋଲଣପୁର ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଛି। ପରିବାର ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଯତିନ୍ଦ୍ରନାଥ ଜେନା, ମୁଖ୍ୟବକ୍ତା ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ରାଜ୍ୟସ୍ତରୀୟ ପ୍ରଶିକ୍ଷକ ପ୍ରତାପଚନ୍ଦ୍ର ରାଉତ, ଅଙ୍ଗନବାଡ଼ି କର୍ମୀ ପ୍ରଭାତୀ ବେହେରା, ଶର୍ମିଷ୍ଠା ପରିଡ଼ା, ପୁଷ୍ପଲତା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଣତି ଖୁଣ୍ଟିଆ, ସରିତା ରାଉତ, ରୀତି ସାମନ୍ତରାୟ ସହଯୋଗ କରିଥିଲା ବେଳେ ଚନ୍ଦନ ମହାରଣା ଧନ୍ୟବାଦ ଦେଇଥିଲେ।

## ମଣି ନାଗେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ

**ବଡମ୍ବା,୧୭।୭ (ସମିସ):** ବଡମ୍ବା ବ୍ଲକ ଗୋପପୁର ଗ୍ରାମପଞ୍ଚାୟତ ନାରଣ ପ୍ରସାଦ ଗ୍ରାମର ମଣି ନାଗେଶ୍ୱର ଶିବ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି କଟକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ର ୩୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ ଜେନା, ବଡମ୍ବା ଯୁବନେତା ଦିବ୍ୟ ପ୍ରତାପ ସ୍ୱାଇଁ, ନରସିଂହପୁର ବ୍ଲକ ଅନ୍ତର୍ଗତ ନୂଆପଡା ପୂର୍ବତନ ସରପଞ୍ଚ ସରୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭତ୍ତା ଟଙ୍କା ଆତ୍ମସାତ ଅଭିଯୋଗ; କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କୁ ଚିଠି



**ଭଦ୍ରେଶ୍ୱର,୧୭।୭ (ସମିସ):** ମାହାଙ୍ଗା ବ୍ଲକ ଅଞ୍ଚଳରେ ବୃଦ୍ଧ ବୃଦ୍ଧା ଓ ବିଧବାମାନଙ୍କୁ ଭତ୍ତା ବଣ୍ଟନରେ ଘୋର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଅନିୟମିତତା ପଛରେ ଜଣେ ଯନ୍ତ୍ରୀଙ୍କ ହାତ ରହିଥିବା ଅଭିଯୋଗ ହୋଇଛି। ଭତ୍ତା ଅର୍ଥ ରାଶିକୁ ସମ୍ପୂର୍ଣ୍ଣ ଉଠାଣ ହୋଇଥିଲେ ମଧ୍ୟ କିଛି ହିତାଧିକାରୀ ଏହି ଟଙ୍କା ପାଇଥିବା ବେଳେ ଅନେକ ପାଇପାରିନାହାନ୍ତି। ଅପରପକ୍ଷେ ବଳକା ଟଙ୍କା ବ୍ୟାଙ୍କ ଜମାଖାତାରେ ନ ରଖି ମାସ ମାସ ଧରି ନିଜେ ପକେଟରେ ରଖିଛନ୍ତି ଖୋଦ ଦାୟିତ୍ୱରେ ଥିବା ଯନ୍ତ୍ରୀ।

ସୂଚନା ଅନୁଯାୟୀ, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତରେ ଜୁନ ମାସର ଭତ୍ତା ବଣ୍ଟନ ପାଇଁ ବିଡିଓଙ୍କ ପତ୍ର ସଂଖ୍ୟା ୪୯୫୮/୧୧-୬-୨୦୨୫ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ମଲିକ ଆଦେଶ ହୋଇଥିଲା। ଏହି ପଞ୍ଚାୟତରେ ଭତ୍ତା ଦେବା ପାଇଁ ସରକାର ତାଙ୍କୁ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିଲେ। ତେବେ ସେ ଜୁନ ମାସ ୧୨ ଓ ୧୩ ତାରିଖ ୨ଦିନ ଭତ୍ତା ବାଣ୍ଟିବା ପରେ ଅଚାନକ ଟଙ୍କା ଧରି ଯନ୍ତ୍ରୀ ଉଭାନ ହୋଇଯାଇଥିଲେ। ଚଳିତ ମାସରେ ଭତ୍ତା ଦେବା ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ନାୟକଙ୍କୁ ଆଦେଶ ହେବା ପରେ ସେ ହରଡଘଣାରେ ପଡିଥିଲେ। ଶେଷରେ ଘଟଣା ସମ୍ପର୍କରେ ବିଡିଓଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ବିଡିଓ ଦ୍ୱିବେନ୍ଦୁ ଦାସ କହିଛନ୍ତି, ଟଙ୍କା ପୈଠ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନିଆଁରେ ପୋଡ଼ି ଯୁବତୀ ଗୁରୁତର

**ବଡମ୍ବା,୧୭।୭ (ସମିସ):** ବଡମ୍ବା ବ୍ଲକ ଅଧୀନ ବଡବାରସିଙ୍ଗ ଗ୍ରାମର ମନିଷା ସ୍ୱାଇଁ (୨୦) ଗୁରୁବାର ନିଜେ ନିଜ ଦେହରେ ନିଆଁ ଲଗାଇ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୫୦ଶତକଡାରୁ ଅଧିକ ପୋଡ଼ିଥିବା ବଡ଼ମ୍ବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି। ବଡମ୍ବା ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନଥିବା ଭାରପ୍ରାପ୍ତ ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତି।

## କଠଉଖୋଜାରେ ଜଳିଗଲା ଦୁଇବଖରା

**ନରସିଂହପୁର,୧୭।୭ (ସମିସ):** ନରସିଂହପୁର ତହସିଲ ଅନ୍ତର୍ଗତ କଠଉଖୋଜା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇବଖରା ଗୁହାଳ ଘର ଜଳି ସମସ୍ତ ଆସବାପତ୍ର ଓ ଧାନ ଚାଉଳ ଜଳିପୋଡି ପାଉଁଶ ହୋଇଯାଇଛି। ବାସୁଦେବ ସାହୁ ଏବଂ ନିରଞ୍ଜନ ଜେନାଙ୍କର ନିଆଁ ଲାଗି ଦୁଇ ବଖରା ଗୁହାଳ ଘର ଜଳିଯିବା ସହ ସହିତ ବଡଧରଣ କ୍ଷତି ହୋଇଛି। ସେହି ଘରେ ଆସବାବପତ୍ର ସହିତ କୃଷି ସାମଗ୍ରୀ, ଆସବାପତ୍ର ଓ ଧାନଚାଉଳ ରହିଥିଲା। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନଙ୍କ ନିକଟରେ ରାଜସ୍ୱ ନିରୀକ୍ଷକ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

## ଆଇଏପିଏମ୍ ମୁଖ୍ୟାଳୟରେ ସିଏମ୍‌ଇ ପ୍ରୋଗ୍ରାମ୍

**କଟକ,୧୭।୭ (ସମିସ):** ଚହଟାସ୍ଥିତ ଆଇଏପିଏମ ହାଉସଠାରେ ଦୁଇଦିନ ଧରି ମିଡଟର୍ମ ହେଡକ୍ୱାର୍ଟର (ସିଏମଇ) ନିରନ୍ତର ମେଡିକାଲ ଏଜୁକେସନ ପ୍ରୋଗ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ରକ୍ତ



ସମ୍ବନ୍ଧୀୟ କର୍ମଶାଳା ଏସ୍‌ସିବି ପାଥଲୋଜି ବିଭାଗରେ ସମ୍ପାଦିତ ହୋଇଥିଲା। ଏଥିରେ ପଣ୍ଡିଚେରୀ ମେଡ଼ିକାଲ କଲେଜ ଅଧ୍ୟାପକ ଡା. ଦେବଦତ୍ତ ବସୁ ଓ ଡା. ଶ୍ରୀରାଗ କାନା ବକ୍ତବ୍ୟ ପ୍ରଦାନ କରିଥିଲେ। ଗତ ୧୨ ତାରିଖ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ଏ.ସୂର୍ଯ୍ୟନାରାୟଣ ନାଇଡୁ ଯୋଗଦାନ କରିଥିଲେ। ପ୍ରଫେସର ନିମାଇଁ ଚରଣ ପରିଜା ଏଥିରେ ସଭାପତିତ୍ୱ କରିଥିଲେ। ପରିଚାଳନା କମିଟିର ଚେୟାରମାନ ପ୍ରଫେସର ଲିଟି ମହାନ୍ତି ସ୍ୱାଗତ ଭାଷଣ, ହେଡ୍‌କ୍ୱାର୍ଟର ଯୁଗ୍ମ ସମ୍ପାଦକ ପ୍ରଫେସର ପ୍ରଣତି ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଗଠନର ସମ୍ପାଦକ ଡ଼ାକ୍ତର ଫକୀର ଚରଣ ମୁଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରଫେସର ରବିନାରାୟଣ ମଲ୍ଲିକ ସଂକ୍ରମଣ ରୋଗ ଉପରେ ଆଲୋଚନା କରିଥିଲେ। ପ୍ରଫେସର ବିଜୟ ନନ୍ଦ, ପ୍ରଫେସର ଜ୍ଞାନେନ୍ଦ୍ରନାଥ ମହାନ୍ତି, ପ୍ରଫେସର କନକଲତା ଦେବୀ, ଡା. ଏସଏନ ପ୍ରଧାନ ଓ ଡା. ଅସରନ୍ତି କର, ଡା. ନିରଞ୍ଜନ ରାଉତ, ଡା. ରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। ଅଭିଜିତ୍ ଓ ଅଞ୍ଜନ ପାଣିଗ୍ରାହୀ ସମେତ ବହୁ କର୍ମଚାରୀ ସଂପୃକ୍ତ ଥିଲେ।

# ଛାତ୍ରୀ ଆତ୍ମଦାହ ଘଟଣା
# ବନ୍ଦ ପାଳନକୁ ବିପୁଳ ସମର୍ଥନ






ବରଗଡ଼, ୧୭।୭ (ସମିସ)

ବାଲେଶ୍ୱର ଫକୀରମୋହନ (ଏଫ୍ଏମ୍) ସ୍ୱୟଂଶାସିତ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ତେଜି ଉଠିଛି । ଘଟଣାର ନ୍ୟାୟିକ ତଦନ୍ତ, ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଆଦି ଦାବି ନେଇ ଗୁରୁବାର କଂଗ୍ରେସ ଓଡ଼ିଶା ବନ୍ଦ ଡାକରା ଦେଇଛି । ଏହି ବନ୍ଦ ଡାକରାକୁ ବରଗଡ଼ ଜିଲ୍ଲାରେ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଛି । ସକାଳୁ ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ଯାନବାହନ ଚଳାଚଳ ବନ୍ଦ ଥିବାରୁ ରାସ୍ତାଘାଟ ଶୂନଶାନ୍ ହୋଇପଡ଼ିଥିଲା । ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଥିଲା । କଂଗ୍ରେସ କର୍ମୀମାନେ

## ଦୋକାନ ବଜାର ସହ ସରକାରୀ ବେସରକାରୀ ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ

ବିଭିନ୍ନ ସ୍ଥାନରେ ପିକେଟିଂ କରୁଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପଇଁତରା ମାରୁଥିବା ପରିଲକ୍ଷିତ ହୋଇଛି । ବରଗଡ଼ ସଦର ମହକୁମା ଠାରେ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ନିପନ ଦାଶ, ଯୁଗଳ ପ୍ରସାଦ ସିଂହ, ଆଇନଜୀବୀ ସରୋଜ ଷଡଙ୍ଗୀ, ଅନନ୍ତ ଶୟନ ପାଢ଼ୀ, ରବିନାରାୟଣ ଦାଶ, ପ୍ରତାପ ଚନ୍ଦ୍ର ନାୟକ, ଅମିତ ଆଚାର୍ଯ୍ୟ, ସୁଧୀର ଜେନା, ନିଲିମା ଅଗ୍ରୱାଲ, ଆନନ୍ଦ ପ୍ରଧାନ, ଗୌରବ ପତି (ଆଜାଦ), ପାଣ୍ଡବ କର୍ଣ୍ଣ, ଜତିରଞ୍ଜନ ପୁଝାରି, ସୁଭେନ୍ଦୁ ସାହୁ, ରଥ୍ କୁମ୍ଭାର, ଦେବୁ ସ୍ୱାଇଁ, କିଶୋର ସାହୁ, ମନୋହର ପ୍ରଧାନ, ସୁଶାନ୍ତ ସାହୁ, ବିମଳ ଶିକ୍କା, ଉମାକାନ୍ତ ଭୋଇ, ସନ୍ତୋଷ ସାହୁ, ନିତିନ ଦାଶ, ଅମିତ ନାୟକ, ପପୁ କୁମ୍ଭାର, ପ୍ରମୋଦ ନନ୍ଦ, ସୁଶିଲ ଭୋଇ, ସୁରେଶ ମହାନନ୍ଦ, ଆଶିଷ ବେହେରା, ଅଭିଲାଷ ପତି, ଅନନ୍ତ ତାଣ୍ଡି ପ୍ରମୁଖ ସାମିଲ ଥିଲେ ।

**ସୋହେଲା:** କଂଗ୍ରେସ ଦଳ ପକ୍ଷରୁ ସମଗ୍ର ରାଜ୍ୟରେ ୧୨ ଘଣ୍ଟିଆ ବନ୍ଦ ପାଳନ ଆହ୍ୱାନ କ୍ରମରେ ସୋହେଲାରେ କଂଗ୍ରେସ ଯୁବ ନେତା ସତ୍ୟନାରାୟଣ ଦେବତାଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି । କଂଗ୍ରେସ କର୍ମୀମାନେ ସୋହେଲା ମୁଖ୍ୟ ଛକରେ ରାୟପୁର ବରଗଡ଼ ଜାତୀୟ ରାଜପଥ ଏବଂ ସୋହେଲା ନୂଆପଡ଼ା ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ । ଫଳରେ ଶହ ଶହ ଯାନବାହନ ଅଟକି ରହିଥିଲା । ଆନ୍ଦୋଳନକାରୀ କେବଳ ଆମ୍ବୁଲାନ୍ସ ଏବଂ ଜରୁରୀକାଳୀନ ଯାନବାହନକୁ ଛାଡିଥିଲେ । ସୋହେଲାର ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ନ୍ୟାୟାଳୟ ଆଦି ବନ୍ଦ ରହିଥିଲା । କଂଗ୍ରେସ ଦଳ ପକ୍ଷରୁ ଆହୁତ ଆଜିର ବନ୍ଦକୁ ସୋହେଲା କୃଷକ ବିକାଶ ମଞ୍ଚ ସମର୍ଥନ କରିଥିଲା । ମଞ୍ଚର ସଭାପତି ମନ ମାଝୀ, ଜୟ କୃଷ୍ଣ ସାହୁ, ଯୁଧିଷ୍ଠିର ନାୟକ, ହେମଚନ୍ଦ୍ର ପଧାନ, ମନୋରଞ୍ଜନ ସାହୁ, ଦୈତାରୀ ଭୋଇ, ବିଜୟ ଭୋଇଙ୍କ ସମେତ କଂଗ୍ରେସ ବ୍ଲକ ସଭାପତି ଚୁଡାମଣି ସାହୁ, ପ୍ରଦୀପ ଦେବତା, ଅନିଲ ପଧାନ, ସନ୍ତୋଷ ସାହୁ, ସଞ୍ଜୀବ ଝାଙ୍କର, ମୋହନ ବେହେରା, ସୁରେଶ ସାହୁ, ପ୍ରମୋଦ ସାହୁ, ରମାକାନ୍ତ ସାହୁ, ନବାବ ଖାନ, ହମିଦ ମହମ୍ମଦ, ସୁରେଶ ଅଗ୍ରୱାଲ, ମଧୁ ଅଗ୍ରୱାଲ, ରୋହିତ ସା ପାକିସ୍ତାନ ଭୋଇ ଗୋପାଳ ନାୟକ, ଶରତ ବାଗ, ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।



**ବରଗଡ଼:** ସେହିପରି କଂଗ୍ରେସର ଓଡ଼ିଶା ବନ୍ଦ ଡାକରାରେ ଝାରବନ୍ଧ ବ୍ଲକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ସମସ୍ତ ଦୋକାନ ବଜାର, ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ପାଇଁ ଜନସାଧାରଣ ସହଯୋଗ କରିଥିଲେ । ବନ୍ଦ ସମୟରେ ଅଜିତ ପୋଡ,



ଉଦ୍ଧବ ପ୍ରଧାନ, ମହନ ପ୍ରଧାନ, ଜଗଦୀଶ ସାହୁ, ଗୋବିନ୍ଦ ପଟେଲ ପ୍ରମୁଖଙ୍କ ସହିତ ଜନସାଧାରଣ ସାମିଲ ଥିଲେ । ଯାନବାହନ ଚଳାଚଳ ବନ୍ଦ ଥିବାରୁ ସୀମାନ୍ତ ଛତିଶଗଡ଼ର ଯାତ୍ରୀ ମାନେ ଅସୁବିଧାରେ ପଡ଼ିଥିଲେ ।

**ମାଣ୍ଡୋସିଲ:** ମାଣ୍ଡୋସିଲ ଅଞ୍ଚଳରେ ବସଷ୍ଟାଣ୍ଡରେ କଂଗ୍ରେସ ନେତା ମହେନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ ହୋଇଛି । ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ, ଡାକଘର,



ଦୋକାନ ବଜାର, ପେଟ୍ରୋଲ ପମ୍ପ ବନ୍ଦ ହୋଇଥିଲା । ଏଥିରେ ନିତ୍ୟାନନ୍ଦ ପ୍ରଧାନ, ମହେନ୍ଦ୍ର ସାହୁ, ଯୁଧିଷ୍ଠିର ସାହୁ, ଅନିଲ ଦାସ, ଭୂପେନ୍ଦ୍ର ସାହୁ, ଶତ୍ରୁଘ୍ନ ପଟେଲ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

**ପାଇକମାଳ:** ପାଇକମାଳ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରାକୁ ଅଞ୍ଚଳର ଜନସାଧାରଣ ସମର୍ଥନ କରିଛନ୍ତି । ପାଇକମାଳ ଅଞ୍ଚଳରେ ସମସ୍ତ ଦୋକାନବଜାର, ଗାଡି ମଟର, ସରକାରୀ ଶିକ୍ଷାନୁଷ୍ଠାନ, ଘରୋଇ ଶିକ୍ଷାନୁଷ୍ଠାନ ତଥା ସରକାରୀ କାର୍ଯ୍ୟାଳୟ ବନ୍ଦ ଥିଲା । ପାଇକମାଳ ଛକରେ ବ୍ଲକ କଂଗ୍ରେସ ସଭାପତି ବିଜୟାନନ୍ଦ ପଟ୍ଟନାୟକ, ପୂର୍ବତନ ସଭାପତି ବିନୋଦ କାଳିଆ, ମନୋଜ



ତ୍ରିବେଦୀ, ଗଜରାଜ ସିଂ ପୁଟା, ସନ୍ତୋଷ ପାଣିଗ୍ରାହୀ, ମହେନ୍ଦ୍ର ଖୁଣ୍ଟିଆ, ଅଶ୍ୱିନୀ ପଟେଲ, ପ୍ରାଣବନ୍ଧୁ ଦାଶ, କ୍ଷତ୍ରିୟ ଲୁହାର, ରାହାସ ସାହୁ, ବିକାଶ ବହିଦାର, ଗତିକୃଷ୍ଣ ନାୟକ, ପିରବତୀ ନାୟକ, ପ୍ରହ୍ଲାଦ ସରାଫ, ସରୋଜ ବାରିକ, ଉମାକାନ୍ତ ବାଗ, ପଙ୍କଜ ବାଗ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

**ଭେଡେନ:** ଭେଡେନ ବ୍ଲକରେ ବନ୍ଦର ପ୍ରଭାବ ଦେଖାଦେଇଛି । କଂଗ୍ରେସର ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଜଣାଇ ବ୍ଲକର ଜନସାଧାରଣ ସ୍ୱତଃସ୍ଫୁର୍ତ୍ତ ଭାବେ ସମର୍ଥନ ଦେଇଛନ୍ତି । ସକାଳୁ ଜରୁରୀକାଳୀନ ସେବା ବ୍ୟତୀତ ବ୍ଲକର



ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ, ସ୍କୁଲ, କଲେଜ ସହିତ ଯାନବାହନ ଚଳାଚଳ ବନ୍ଦ ଥିବାରୁ ରାସ୍ତାଘାଟ ଶୂନଶାନ ହୋଇ ପଡ଼ିଥିଲା । କଂଗ୍ରେସ କର୍ମୀ ପିକେଟିଂ କରୁଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଭେଡେନ ଥାନା ଅଧିକାରୀ ସୁଶାନ୍ତ ଦାଶଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ପଇଁତରା ମାରୁଥିବା ପରିଲକ୍ଷିତ ହୋଇଥିଲା । ପିକେଟିଂରେ ଭେଡେନ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ପଣ୍ଡା, ଅଭିଷେକ ସେଟ, ଦଶରଥ ମେହେର, ସୁରୁବାବୁ ବାଗ, ଖୀରସିନ୍ଧୁ ଡାଙ୍ଗ, ପଞ୍ଚା ଭଏନା, ଲକ୍ଷ୍ମୀ ନାରାୟଣ ପାଢ଼ୀ, ବୀରସେନ ଖମାରି, ଦିଲିପ ଦାଶ, ଅଲେଖ ବେହେରା, ଦୋଳଗୋବିନ୍ଦ ବେହେରା, ସଞ୍ଜୟ ନନ୍ଦ, ପ୍ରସାଦି ଦାଶ, ରସିକ ସାହୁ, ଚକା ସେଟ, କାର୍ତ୍ତିକ ମେହେର, ନାରାୟଣ ମେହେର ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।

**ଅମ୍ବାଭୋନା:** ସାରା ରାଜ୍ୟରେ ବନ୍ଦ ପାଳନ ବେଳେ ବିଜେଡି ପକ୍ଷରୁ ଲୋୟର ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପିସିସି ସଭାପତି ଭକ୍ତ



ଦାସଙ୍କ ଆହ୍ୱାନରେ କଂଗ୍ରେସ ଓଡ଼ିଶା ବନ୍ଦ କରିଛି । ବାମପନ୍ଥୀ ଦଳଗୁଡିକ କଂଗ୍ରେସର ବନ୍ଦକୁ ସମର୍ଥନ ଜଣାଇଛନ୍ତି । ଅମ୍ବାଭୋନା ବ୍ଲକରେ ବନ୍ଦର ପ୍ରଭାବ ବେଶ୍ ପରିଲକ୍ଷିତ ହୋଇଛି । ଅଞ୍ଚଳରେ କଂଗ୍ରେସ କର୍ମୀ ଶାନ୍ତି ପୂର୍ବକ ବନ୍ଦ ପାଳନ କରିଥିଲେ । ସମସ୍ତ ବ୍ୟବସାୟିକ ସଂଘ ସମର୍ଥନ ଜଣାଇ ଓଡ଼ିଶା ବନ୍ଦକୁ ସଫଳ କରିଥିଲେ । ତେବେ ଯାତାୟାତ କରୁଥିବା ଯାନବାହନ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଦେଖାଯାଇଥିଲା । ଏହା ସହିତ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ ଗୁଡିକ ମଧ୍ୟ ବନ୍ଦ ଥିବା ପରିଲକ୍ଷିତ ହୋଇଥିଲା ।

**ପଦ୍ମପୁର:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ପଦ୍ମପୁର ଭେଡଁରିଆ ଛକ ଠାରେ ଟଙ୍କଧର ସାହୁଙ୍କ



ନେତୃତ୍ୱରେ କଂଗ୍ରେସ ନେତା ସନ୍ତୋଷ ଶତପଥୀ, ମନୋରଞ୍ଜନ ସିଂ ବରିହା, ମୁଜାଫର ହୁସେନ, ପ୍ରଦୀପ ସାହୁ, ପ୍ରଦୀପ ବେହେରା, ଅନୀଲ ଅଗ୍ରୱାଲ, ପିଣ୍ଟୁ ନାଥ, କାହ୍ନୁ ଚରଣ ସାହୁ ପ୍ରମୁଖ ଯାନବାହାନ ଯାତାୟତ ବନ୍ଦ କରିବା ସହ ସମସ୍ତ ଅଫିସ ବନ୍ଦ କରିଥିଲେ ।

**ଭଟ୍ଲି:** ବରଗଡ଼ ଜିଲ୍ଲା ଭଟ୍ଲିରେ କଂଗ୍ରେସ ଓ ଫରୱାର୍ଡ ବ୍ଲକ ତରଫରୁ ଆଜି ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି । ଭଟ୍ଲିରେ ଅଖଚକ ସମ୍ପୂର୍ଣ୍ଣ ବନ୍ଦ ହୋଇଛି । ବନ୍ଦ ଡାକରାକୁ ଜନସାଧାରଣ ପୂର୍ଣ୍ଣ ସମର୍ଥନ କରିଥିଲେ । ଏଥିରେ କଂଗ୍ରେସ ନେତା



ବ୍ରହ୍ମାନନ୍ଦ ମହାକୁଡ ଓ ଫରୱାର୍ଡ ବ୍ଲକର ରାଜ୍ୟ ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରୱାଲ ଓ ଅନେକ ଲୋକ ସାମିଲ ହୋଇ ପିକେଟିଂ କରିଥିଲେ । ବିଜୟା ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଭଟ୍ଲିର ପ୍ରାୟ ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ଥିବା ଦେଖିବାକୁ ମିଳିଥିଲା ।

## ଜର୍ଜ ହାଇସ୍କୁଲରେ ଯୌନ ଉତ୍ପୀଡ଼ନ ଉପରେ ଆଲୋଚନାଚକ୍ର



ବରଗଡ଼, ୧୭।୭ (ସମିସ): ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶଙ୍କ ସଭାପତିତ୍ୱରେ ଯୌନ ଉତ୍ପୀଡ଼ନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଇଓ ରୁଷିଆ ମେହେର, ବରପାଲି ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନୋଜ ସେଠି, ବରପାଲି ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଭୁଏ, ବରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ବରଗଡ଼ ଶିଶୁ କଲ୍ୟାଣ ସମିତିର ପ୍ରମୁଖ ସଦସ୍ୟା ରାଧା ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଇଓ ଶ୍ରୀ ମେହେର ମହିଳାଙ୍କ ସୁରକ୍ଷା ପାଇଁ ପ୍ରଚଳିତ ବିଶାଖା ଗାଇଡ ଲାଇନ (୧୯୯୭) ଓ ପସ୍କୋ ଆକ୍ଟ (୨୦୧୩) ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଶିଶୁ କଲ୍ୟାଣ ସମିତିର ସଦସ୍ୟା ରାଧା ଅଗ୍ରୱାଲ (୧୯୫୯)ରେ ଉଲ୍ଲିଖିତ ନିୟମ ଅନୁଯାୟୀ କାର୍ଯ୍ୟରତ ମହିଳା ମାନେ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶେଷରେ ଜର୍ଜ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁରେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶକ୍ତିନଗର ଶ୍ରୀମା ସଙ୍ଗୀତ ବିଦ୍ୟାଳୟରେ ଭାଗବତ କଥା

ବରଗଡ଼, ୧୭।୭ (ସମିସ): ବରଗଡ଼ ୱାର୍ଡ ନମ୍ବର ୧୧ ଶକ୍ତି ନଗର ସ୍ଥିତ ଶ୍ରୀମା ସଙ୍ଗୀତ ବିଦ୍ୟାଳୟ ପ୍ରାଙ୍ଗଣରେ ସପ୍ତଦିନାତ୍ମକ (୧୨ରୁ୧୮ ଜୁଲାଇ) ଭାଗବତ କଥା ଜ୍ଞାନ ଯଜ୍ଞ ଚାଲୁଛି । ଏଥିରେ କଥା ବାଚକରୂପେ ଶ୍ରୀଧାମ ବୃନ୍ଦାବନରୁ ଆଚାର୍ଯ୍ୟ ପଣ୍ଡିତ ବାଳମୁକୁନ୍ଦ ଜୀ ମହାରାଜ ସରଳ ଓ ସୁନ୍ଦର ଭାବେ



ଭାଗବତ କଥା ବୁଝାଉଛନ୍ତି । ଶତାଧିକ ପୁରୁଷ ଓ ମହିଳା ଏଥିରେ ଅଂଶଗ୍ରହଣ କରୁଛନ୍ତି । ପ୍ରତ୍ୟେକ ଦିନ ସଂଧ୍ୟାରେ ଆରତି ପରେ ପ୍ରସାଦ ବିତରଣର ବ୍ୟବସ୍ଥା ହୋଇଛି । ୧୮ ତାରିଖ ଯଜ୍ଞ କାର୍ଯ୍ୟ ସମାପନ ଓ ଶେଷରେ ଅନ୍ନଭୋଗର ବ୍ୟବସ୍ଥା କରାଯାଇଛି ।

## ରଷୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଦକ୍ଷତା ଦିବସ

ଭେଡେନ, ୧୭।୭ (ସମିସ): ଭେଡେନ ବ୍ଲକ ଅଧୀନ ରଷୁଡା ପଞ୍ଚାୟତ ସ୍ଥିତ ରଷୁଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଦକ୍ଷତା ଦିବସ ପାଳିତ ହୋଇଛି । ବିଦ୍ୟାଳୟର



ଭୋକେସନାଲ ଟ୍ରେନର ମନବୋଧ ରଣାଙ୍କ ତତ୍ତ୍ୱାବଧାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକୀରମୋହନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ସଭାର ମଞ୍ଚ ପରିଚଳନା ଶ୍ରୀ ରଣା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଏହି ଅବସରରେ ଚିତ୍ରାଙ୍କନ, ପ୍ରବନ୍ଧ, ରୋଲ ପ୍ଲେ, ସଙ୍ଗୀତ, ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ ।

## 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ବରଗଡ଼, ୧୭।୭ (ସମିସ): ବରଗଡ଼ ରାଣା ପ୍ରତାପ ସ୍କୁଲ ପରିସରରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅବସରରେ ବୃକ୍ଷରୋପଣ କରାଯାଇଛି । ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ଶିକ୍ଷକ ସୁଧାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ଛାତ୍ରଛାତ୍ରୀଙ୍କ ମାଁ ମାନେ ଉପସ୍ଥିତ ରହି ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା କର୍ମଶାଳା




ବରଗଡ଼, ୧୭।୭ (ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ କଲେଜର ଯୌନ ଉତ୍ପୀଡ଼ନ ନିରାକରଣ ସେଲ ତଥା ଆଇକ୍ୟୁଏସିର ମିଳିତ ସହଯୋଗରେ ଆଇନ ସଚେତନତା ଆଧାରିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷା ରଞ୍ଜିତା ନାୟକ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମୁଖ୍ୟ ମନସୀ ସାହୁ, ସମ୍ପାଦକ ବିଭୂତି ଭୂଷଣ ନାୟକ ଓ ଓକିଲ ବିମଳ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ । ପସ୍କୋ ଆକ୍ଟ ୨୦୧୩ ଆଧାରିତ କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଓ ନିରାକରଣ ଆଧାରିତ ଆଇନ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ସହାୟତା ପାଇଁ ବିଭିନ୍ନ ଆଇନ ସେବା ଉପରେ ଆଲୋକପାତ କରାଯାଇଥିଲା । ବିଭିନ୍ନ ଶିକ୍ଷାନୁଷ୍ଠାନରେ ଘଟୁଥିବା ବିବାଦୀୟ ଘଟଣା ଓ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ମାନସିକ ସ୍ଥିତି ଉପରେ ଅଧ୍ୟକ୍ଷା ନାୟକ ଚିନ୍ତା ପ୍ରକଟ କରିଥିଲେ । ସୁସ୍ଥ ଆନୁଷ୍ଠାନିକ ପରିବେଶ ଓ ଶୈକ୍ଷିକ ବାତାବରଣ ଉପରେ ଅଧ୍ୟାପିକା ମଧୁସ୍ମିତା ନନ୍ଦ ଆଲୋକପାତ କରିଥିଲେ । ଶେଷରେ ଡ.ପୁଷ୍ପାଞ୍ଜଳୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଚକରକେନ୍ଦ ଗାଁ ମଝିରେ ଆଣ୍ଠୁଏ କାଦୁଅ

## ପଞ୍ଚାୟତଠୁଁ ଜିଲ୍ଲା ପ୍ରଶାସନ ସବୁ ନିଦାବିଷ୍ଟ

ବରଗଡ଼, ୧୭।୭ (ସମିସ)

ଚକରକେନ୍ଦ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରାସ୍ତାରେ ଆଣ୍ଠୁଏ କାଦୁଅ ପାଣି ଭିତରେ ପଞ୍ଚାୟତ ବାସୀଙ୍କୁ ଯାତାୟାତ କରିବାକୁ ପଡୁଛି । ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଇଛି । ପଞ୍ଚାୟତ ଅଫିସ୍‌ଠୁଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କଲା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ହୋଇପଡ଼ିଛି । ସ୍କୁଲ୍, କଲେଜ ଏବଂ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରୁଥିବା ଲୋକେ ସବୁଦିନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି କାଦୁଅରେ ଯା ଆସ କରିବା ବେଳେ



ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ବରଗଡ଼ ବ୍ଲକ ଅଧୀନ ଚକରକେନ୍ଦ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ଦୃଶ୍ୟ ପ୍ରତ୍ୟହ ଦେଖାଯାଉଛି । ଟିକିଏ ବର୍ଷାରେ ରାସ୍ତା ଅବସ୍ଥା ବେହାଲ ହୋଇ ଆଣ୍ଠୁଏ କାଦୁଅ ଜମା ହେଉଛି । ଏହି ରାସ୍ତା ମରାମତି ପାଇଁ ପଞ୍ଚାୟତ ବାସୀ ବାରମ୍ବାର ଅଧିକାରୀଙ୍କୁ ଅଭିଯୋଗ କଲା ପରେ ମଧ୍ୟେ ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଛି । ଲୋକେ ନିଜ ସମସ୍ୟା ଜଣାଇବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଆସୁଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ଯିବା ରାସ୍ତା ହିଁ ଏକ ବିରାଟ ସମସ୍ୟା ରୂପେ ପରିଣତ ହୋଇଛି । ଏହି ସମସ୍ୟା ଦିଗରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ଧ୍ୟାନ ଦେଲେ ଗ୍ରାମବାସୀ ଉପକୃତ ହେବେ ବୋଲି ଅନୁରୋଧ କରିଛନ୍ତି ।

# ମାଲକାନଗିରି ଓ ରାୟଗଡ଼ା ଜିଲ୍ଲାରେ 'ଓଡ଼ିଶା ବନ୍ଦ'












ରାୟଗଡ଼ା,୧୭।୭(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଆଜି ରାୟଗଡ଼ାରେ ଓଡ଼ିଶା ବନ୍ଦ ପାଳନ କରାଯାଇଛି। ରାୟଗଡ଼ା ଜିଲ୍ଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ସମଗ୍ର ଜିଲ୍ଲାରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ଯୋଗୁ ଜନଜୀବନ ପ୍ରଭାବିତ ହୋଇଥିଲା। ୩୨୬ନମ୍ବର ଜାତୀୟ ରାଜପଥର ରାୟଗଡ଼ା ସହର ସ୍ଥିତ କପିଳାସ ଛକ ଠାରେ କଂଗ୍ରେସ ନେତା ଓ କର୍ମୀମାନେ ବନ୍ଦ ପାଳନ କରିଥିଲେ। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା। ସାଧାରଣ ଲୋକେ ଓଭରବ୍ରିଜ ଦେଇ ଯାତାୟାତ କରିବା ସଂପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କେବଳ ମେଡିକଲକୁ ଯାଉଥିବା ଆମ୍ବୁଲାନ୍ସ ଓ ରୋଗୀମାନଙ୍କୁ ଛଡା ଯାଉଥିବା ଦେଖିବାକୁ ମିଳିଥିଲା। ଏହି ବନ୍ଦ ପାଳନ ବେଳେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ବରିଷ୍ଠ କଂଗ୍ରେସ ନେତା ଚିନ୍ନାରୀ କ୍ରିଷ୍ଣା, ମନୋଜ ରଥ, ହୁତାସେନ ନାୟକ, ବାବୁ ରାଜଗୁରୁ, ଅଶୋକ ପୁଆଲା, ଭୂଷଣ ବିଡିକା, ହରିଶ ପଟ୍ଟନାୟକ, ଆସଲାମ ଖାନ, ମାଝି ଶଙ୍କର ରାଓ, ପାର୍ଥ ବର୍ଦ୍ଧନ, ଏମ.ଜଗଦୀଶଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହିଥିଲେ। ଓଭରବ୍ରିଜ ଠାରେ ରାସ୍ତା ଅବରୋଧ କରାଯାଇଥିବାରୁ ସକାଳୁ ସକାଳୁ ଅନେକ ମାଲବାହୀ ଟ୍ରକଗୁଡିକ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ଓ ମୃତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି କହିଛନ୍ତି ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ। ଆଜି କଂଗ୍ରେସର ବନ୍ଦ ପାଳନ ଯୋଗୁଁ ରାୟଗଡ଼ା ସହରର ସମସ୍ତ ଦୋକାନ ବଜାର,ସ୍କୁଲ କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କଗୁଡିକ ବନ୍ଦ ରହିଥିବା ବେଳେ କଂଗ୍ରେସ କର୍ମୀମାନେ ବାଇକ୍‌ରେ ପିକେଟିଂ କରି ଖୋଲାଯାଇଥିବା କିଛି ଦୋକାନଗୁଡିକୁ ବନ୍ଦ କରୁଥିବା ଦେଖିବାକୁ ମିଳିଥିଲା। ବନ୍ଦ ପାଳନ ବେଳେ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ବୁଲି ବୁଲି ଦାୟିତ୍ୱ ନିର୍ବାହ କରିଥିଲେ।

**ମାଲକାନଗିର :** ମାଲକାନଗିରି ଜିଲ୍ଲାରେ ଓଡିଶା ବନ୍ଦର ପ୍ରଭାବ ପଡିଛି, ଜିଲ୍ଲା କଂଗ୍ରେସ ଦଳ ସଭାପତି ଜି ଶ୍ରୀନିବାସ ରାଓ ଙ୍କ ନେତୃତ୍ୱ ରେ ଜିଲ୍ଲା ସଦର ମହାକୁମା ଠାରେ ଓଡିଶା ବନ୍ଦକୁ ସମର୍ଥନ କରି ବସଷ୍ଟାଣ୍ଡ, ଡିଏନକେ, କଲେଜ, ବାଲିମେଳା ଛକ ସହ ବିଭିନ୍ନ ଛକ ଠାରେ ଶତାଧିକ କଂଗ୍ରେସ କର୍ମୀ ପିକେଟିଂ କରିବା ସହ ଯାନ ବାହନ ଅଟକାଇ ଥିଲେ। ଏହା ଦ୍ୱାରା ଜିଲ୍ଲା ସଦର ସହିତ ସାତଟି ଯାକ ବ୍ଲକ ରେ ଦୋକାନ ବଜାର, ଯାନବାହାନ ଚଳାଚଳ ଆଜି ସକାଳ ୬ଟା ଠାରୁ ବନ୍ଦ ରହିଥିଲା। ଏହା ଦ୍ୱାରା ଯାତ୍ରୀ ଓ ସାଧାରଣ ଯାତାୟତରେ ମଧ ସମସ୍ୟା ଭୋଗିଥିଲେ। ବାଲେଶ୍ୱର ଏଫ ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣା କୁ ନିନ୍ଦା କରି, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କ ଇସ୍ତଫା, ମୃତ ପରିବାର କୁ ନ୍ୟାୟ, କ୍ଷତିପୂରଣ ଦାବି କରିଛି କଂଗ୍ରେସ ଦଳ। ସମଗ୍ର ମାଲକାନଗିରି ଜିଲ୍ଲାରେ ଓଡ଼ିଶା ବନ୍ଦ ପ୍ରଭାବ ପଡିଛି। ବନ୍ଦ ଯୋଗୁଁ ପେଟ୍ରୋଲ ପମ୍ପ, ସ୍କୁଲ, କଲେଜ ଭଳି ବିଭିନ୍ନ ଅନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। ଏଥିରେ ମାଲକାନଗିରି ନଗର କଂଗ୍ରେସ ଓ ଜିଲ୍ଲା କଂଗ୍ରେସ ସମେତ ସିପିଆଇ, ସିପିଏମ୍ ଆଦି ଦଳ ସାମିଲ୍ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ବନ୍ଦ ଡାକରାରେ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସହର ଓ ବିଭିନ୍ନ ବ୍ଲକ, ଜିଲ୍ଲାପାଳ ଅଫିସ ସହିତ ଅନ୍ୟାନ ଅଫିସ ସମ୍ମୁଖରେ ପୁଲିସ ମୁତୟନ ସହିତ କଡା ସୁରକ୍ଷା ବ୍ୟବସ୍ଥା କରା ଯାଇଥିଲା। ଏହା ବ୍ୟତିତ ମୋବାଇଲ୍ ପାଟ୍ରୋଲିଂ ଟିମ୍ ସହ ପିସିଆର୍ ଭ୍ୟାନ କଡ଼ାକଡ଼ି ପାଟ୍ରୋଲିଂ ବ୍ୟବସ୍ଥା ରଖାଯାଇଥିଲା। ଏହି ଆନ୍ଦୋଳନରେ ଜିଲ୍ଲା କଂଗ୍ରେସ ସଭାପତି ଜି ଶ୍ରୀନିବାସ ରାଓ, ଜିଲ୍ଲା କଂଗ୍ରେସ କମିଟି ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, କେଶୁ ରାଓ, ପଦ୍ମ ପାଙ୍ଗି, ପ୍ରଭାକର ପାଳ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳ, ରହିମ ଖାନ, କୃଷ୍ଣ ଚନ୍ଦ୍ର ଅନୁଗୁ, ଇର୍ମା ପଡିଆମୀ, ପୁଷ୍ପା ରାଣୀ କବାସୀ, ଭୀମା ବକ୍ଷର୍ଶେ ପ୍ରମୁଖ କଂଗ୍ରେସ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।ଏହା ବ୍ୟତିତ ବାଲିମେଳା ଛକଠାରେ ସିପିଆଇଏମ ଜିଲ୍ଲା ସମ୍ପାଦକ ବ୍ରଜ ମାଝୀ ଙ୍କ ନେତୃତ୍ୱ ରେ ପିକେଟିଂ ସହ ବନ୍ଧପାଳନ ହୋଇଥିଲା।

**ଗୁଣୁପୁର :** ଓଡିଶା ବନ୍ଦ ଡାକରାର ପ୍ରଭାବ ଗୁଣୁପୁର ଠାରେ ପଡିଛି। ଗୁଣୁପୁର ନିର୍ବାଚନ ମଣ୍ଡଳୀର ୫ଟି ବ୍ଲକ୍ ଯଥା ଗୁଣୁପୁର, ପଦ୍ମପୁର, ରାମନାଗୁଡ଼ା, ଗୁଡାରି, ଚନ୍ଦ୍ରପୁର ବ୍ଲକ୍‌ରେ କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ ଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ଗୁଣୁପୁର ବାଇପାସ୍ ଛକରେ କଂଗ୍ରେସ ବିଧାୟକ ଓ କର୍ମୀ ମାନେ ଟାୟାର ଜାଳି ରାସ୍ତା ଅବୋରଧ କରି ପ୍ରତିବାଦ କରିଛନ୍ତି। ସରକାର ବିରୋଧରେ ନାରା ଦିଆଯାଇଛି। ମୁଖ୍ୟ ରାସ୍ତା ଅବୋରଧ କରିବା ସହ ଗାଡି ଚଳାଚଳ , ଦୋକାନ ବଜାର ବନ୍ଦ ରହିଛି। ମୁଖ୍ୟମନ୍ତ୍ରୀ ଓ ଗଣ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ପାଇଁ ଦାବି କରିଛନ୍ତି କଂଗ୍ରେସ ବିଧାୟକ ସତ୍ୟଜିତ ଗମାଙ୍ଗ। ସେହିଭଳି ଏହି ବନ୍ଦ ପାଳନକୁ ସମର୍ଥନ ଜଣାଇଥିଲା ବାମପନ୍‌ଥୀ ଦଳ ସିପିଆଇଏମ୍‌ଏଲ ଲିବରେସନ ପାର୍ଟୀ।

**ବିଷମକଟକ :** ବନ୍ଦର ପ୍ରଭାବ ବିଷମ କଟକ ବ୍ଲକରେ ମଧ ଦେଖିବାକୁ ମିଳିଛି। ବିଷମ କଟକ ବିଧାୟକ ନିଳ ମାଧବ ହିକକା ଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନରେ ବିଷମ କଟକ ବ୍ଲକ କାର୍ଯ୍ୟାଳୟ ନିକଟରେ, ମାର୍କମା ମନ୍ଦିର ଛକ, ମାମାର୍କମା ମହାବିଦ୍ୟାଳୟ ଛକରେ କଂଗ୍ରେସ କର୍ମୀ ମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ସଂପୂର୍ଣ୍ଣ ଠପ୍ ହୋଇଯାଇଛି। ସ୍ୱାସ୍ଥ୍ୟସେବା ଏବଂ ଅଗ୍ନିଶମ ସେବା ଭଳି ଜରୁରୀକାଳିନ ସେବାକୁ ବାଦ ଦେଇ ଅନ୍ୟ ସମସ୍ତ ଦୋକାନ ବଜାର ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଛି। ସହରର ରାସ୍ତାଘାଟ ଏକ ପ୍ରକାର ଶୂନଶାନ ଦେଖିବାକୁ ମିଳିଥିଲା। ସହରରେ ଦୋକାନ ବଜାର, ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ପ୍ରତିଷ୍ଠାନ ସବୁ ବନ୍ଦ ରହିଛି। ଏହି ବନ୍ଦ ପାଳନରେ ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ନାଣକା, ଅଜିତ ସାରକା, ବୃନ୍ଦାବନ ପଟ୍ଟନାୟକ, ଶିବ ଶଙ୍କର ମହାପାତ୍ର, ଅନିରୁଦ୍ଧ ବେହେରା, ପୁରୁଷୋତ୍ତମ ତୁଳ, ଶୁଭେନ୍ଦୁ ଚୌଧୁରୀ, ନିଖିଳ ପଟ୍ଟନାୟକ, ଅମିତାଭ ପଟ୍ଟନାୟକଙ୍କ ସମେତ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମୀମାନେ ଯୋଗଦେଇ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦକୁ ସଫଳ କରିଥିଲେ।

**ଟିକିରି :** ଓଡିଶା ବନ୍ଦର ପ୍ରଭାବ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ଟିକିରିରେ ଦେଖିବାକୁ ମିଳିଛି। ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଦାସଙ୍କ ଡାକରାରେ ରାୟଗଡ଼ା ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଆହ୍ୱାନ କ୍ରମେ ରାୟଗଡ଼ା ଆସେମ୍ଲି ଯୁବ କଂଗ୍ରେସ ସଭାପତି ଜସେଫ କସ୍ଲା ଓ ଏସିସେଲ ସଭାପତି ରାଜେନ୍ଦ୍ର ଦୁରିଆଙ୍କ ନେତୃତ୍ୱରେ ବହୁ କଂଗ୍ରେସ ଦଳର କର୍ମୀ, ନେତା ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଛନ୍ତି। ରୋଗୀବୁହା, ଅଗ୍ନିଶମ ଜରୁରୀକାଳୀନ ସେବାକୁ ବାଦ ଦେଇ ସ୍କୁଲ, କଲେଜ, ଛୋଟବଡ଼ ଦୋକାନ ବଜାର, କାର୍ଯ୍ୟାଳୟ ଗୁଡିକ ସକାଳ ୬ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ରହିଥିଲା। କାଶୀପୁର ବ୍ଲକର କାଶୀପୁର, ଟିକିରି, ଡଙ୍ଗାସିଲ ସମେତ କାଶୀପୁର ବ୍ଲକର ସମସ୍ତ ପଞ୍ଚାୟତରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ଓ ଯବାନମାନେ ମୁତୟନ ରହିଥିଲେ। ସକାଳ ୬ଟାରୁ କଂଗ୍ରେସ କର୍ମୀମାନେ କାଶୀପୁର ବ୍ଲକର ବିଭିନ୍ନ ଛକରେ ବ୍ୟାନର ଲଗାଇ ରାସ୍ତା ଅବରୋଧ କରିବା ସହ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। କଂଗ୍ରେସର ବନ୍ଦ ପାଳନ ଯୋଗୁଁ କାଶୀପୁର ବ୍ଲକର ସମସ୍ତ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚଳ ମଧ୍ୟ ସଂପୂର୍ଣ୍ଣ ଭାବେ ବନ୍ଦ ରହିଛି। ଆନ୍ଦୋଳନକାରୀ କଂଗ୍ରେସ କର୍ମୀ ମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

**ମୁନିଗୁଡା :** ରାୟଗଡ଼ା ଜିଲ୍ଲା ମୁନିଗୁଡା ସଦର ମହକୁମା ଓ ଅମ୍ବାଦଳା ଠାରେ ଶହ ଶହ କଂଗ୍ରେସ କର୍ମୀ କଳାହାଣ୍ଡି ଓ ରାୟଗଡାକୁ ସଂଯୋଗ କରୁଥିବା ୫ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରି ରଖିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକ କଂଗ୍ରେସ କର୍ମୀ ମାନେ ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଗୁଡିକ ଅଟକି ରହିଥିଲା। ସ୍କୁଲ କଲେଜ ଓ ବଜାର ବନ୍ଦ ରହିଥିଲା। ମୁନିଗୁଡା ଠାରେ ମୁନିଗୁଡା ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାରଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇ ମୁନିଗୁଡା ଗୁଣ୍ଡିଚା ନଗର ଛକ, ସହିଦ ଲକ୍ଷ୍ମଣ ନାୟକ ଛକ ଓ ମୁନିଖୋଲ ଛକ ଠାରେ ରାସ୍ତା ଅବରୋଧ କରିଥିବା ବେଳେ କର୍ମୀ ମାନେ ଏକ ଶୋଭାଯାତ୍ରାରେ ଯାଇ ବିଭିନ୍ନ କାର୍ଯ୍ୟାଳୟ ଓ ଅନୁଷ୍ଠାନକୁ ବନ୍ଦ କରାଇଥିଲେ। ସେହିପରି ଅମ୍ବାଦଳା ଠାରେ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲଙ୍କ ନେତୃତ୍ୱରେ ଅମ୍ବାଦଳା ଓ ଏହାର ଆଖ ପାଖ ଅଞ୍ଚଳରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହିବା ସହ ଅମ୍ବାଦଳାର ଷ୍ଟେସନ ଛକରେ ରାସ୍ତା ଅବରୋଧ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବୀ କରିବା ସହ ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଅଞ୍ଚଳର କଂଗ୍ରେସ କର୍ମୀ ମାନେ ଅମ୍ବାଦଳା ସହରର ସମସ୍ତ ଦୋକାନ ବଜାର ଓ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରାଇଥିଲେ। ରାସ୍ତା ଅବରୋଧ ଯୋଗୁଁ ମୁନିଗୁଡା ଓ ଆମ୍ବଦଳା ନିକଟରେ ଶତାଧିକ ଯାନ ବାହାନ ଅଟକି ରହିଥିଲା। ଏହି ୧୨ ଘଣ୍ଟିଆ ଧର୍ମଘଟ ଯୋଗୁଁ ଦୂର ଦୁରାନ୍ତରୁ ଆସିଥିବା ଯାତ୍ରୀ ମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଯଦି ଦାବୀ ପୂରଣ ନହୁଏ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବିଷମ କଟକ ବିଧାୟକ ନୀଳମାଧବ ହିକକା ମତ ରଖିଥିଲେ।

**କାଶୀପୁର :** ରାୟଗଡା ଜିଲ୍ଲା କାଶୀପୁର ବ୍ଲକରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସକାଳ ୬ଟାରୁ କଂଗ୍ରେସ କର୍ମୀମାନେ ଜିଲ୍ଲାର ବିଭିନ୍ନ ଛକରେ ବ୍ୟାନର ଲଗାଇ ରାସ୍ତା ଅବରୋଧ କରିବା ସହ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। କଂଗ୍ରେସର ବନ୍ଦ ପାଳନ ଯୋଗୁଁ କାଶୀପୁର ବ୍ଲକର ସମସ୍ତ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚଳ ମଧ ସଂପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ସ୍କୁଲ ,କଲେଜ,ବ୍ୟାଙ୍କ ମଧ ବନ୍ଦ ରହିଥିଲା। ଆନ୍ଦୋଳନକାରୀ କଂଗ୍ରେସ କର୍ମୀ ମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଯାହାଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଆନ୍ଦୋଳନ ସମୟରେ କାଶୀପୁର ବ୍ଲକ କଂଗ୍ରେସ ସଭାପତି ଅଙ୍ଗଦ ନାଏକ, ପି ଦେବେନ୍ଦ୍ର ରାଓ, ଅନିଲ ଜୈନ, ପୁରନ୍ଦର ସିଂ, ବାଳକୃଷ୍ଣ ବୈଦ୍ୟ, ଜୟନ୍ତୁ ବୈଠାରୁ, ମିଥୁନ ନାଏକଙ୍କ ସହ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ରାମନାଗୁଡ଼ା :** ରାମନାଗୁଡା ବ୍ଲକ୍‌ରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ରାମନାଗୁଡା ବ୍ଲକର ମୁଖ୍ୟ କର୍ମୀ ଓ ସମର୍ଥକଙ୍କ ସହାୟତାରେ ଦୋକାନ, ବଜାର, ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଥିଲା। ତେବେ ଅତ୍ୟାବଶ୍ୟକ ଯାନବାହାନ ଗୁଡିକୁ ଛଡାଯାଇଥିଲା। ଏହି ରାସ୍ତା ଅବରୋଧରେ ରାମନାଗୁଡା ବ୍ଲକ୍ କଂଗ୍ରେସ ସଭାପତି ବାଞ୍ଛାନିଧି ବେହେରାଙ୍କ ନେତୃତ୍ୱରେ ରଞ୍ଜିତନାୟକ ବେହେରା, ଗୁଣୁପୁର ନିର୍ବାଚନ ମଣ୍ଡଳୀର ଓବିସି ସେଲର ସଭାପତି ତାଂଗୁଡୁ ଶ୍ରୀଧ. ଏସଟି ସେଲର ଉପସଭାପତି ପ୍ରକାଶ କୋଣ୍ଡାଗୋରୀ, ଭାସ୍କର କଦ୍ରାକା, ଯୁବନେତା ସନ୍ତୋଷ ଲାବଲା, ସୁଦର୍ଶନ ନାଗଭୁଷଣ ଆପାରାଓ, ପାଲଟା ପଦ୍ମମନ ଗାଣ୍ଟଲଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ସହ ବନ୍ଦ ଡାକରା ସଫଳ କରିଥିଲେ।

**ଗୁଡାରୀ :** ଗୁଡାରୀ ବ୍ଲକ୍ ଏବଂ ପରିଷଦରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସକାଳ ୯ ଟା ସମୟରେ ଶତାଧିକ କର୍ମୀମାନଙ୍କ ସହ ଏମ୍‌ପି ପ୍ରତିନିଧି ଏସ. ମିନେକେଶ୍ୱରୀ କଂଗ୍ରେସର ରାମକୃଷ୍ଣ ଏବଂ ବାମଦଳର ମୁଖ୍ୟ ବୃନ୍ଦାଭାଇଙ୍କ ନେତୃତ୍ୱରେ ଗୁଡାରୀ ସହରରେ ବାଇକ୍ ରାଲି କରିଥିଲେ। ୧୨ ଘଣ୍ଟିଆ ଆନ୍ଦୋଳନ ଯୋଗୁଁ ସ୍କୁଲ କଲେଜ ଦୋକାନ ବଜାର ବନ୍ଦ ରହିଥିଲା। ବାହାରରୁ ଆସି ବସ୍‌କୁ ଅପେକ୍ଷା କରିଥିବା ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆନ୍ଦୋଳନକୁ ଆଖି ଆଗରେ ରଖି ଗୁଡାରୀ ଥାନାଅଧିକାରୀ ସମର୍ପିତା ସ୍ୱାଇଁ ସହରର ମୁଖ୍ୟ ସ୍ଥାନରେ ପୋଲିସ ମୁତୟନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ପି.ରାମେଶାଙ୍କ ଆନ୍ଦୋଳନରେ ଦେଖା ନଦେବା ସାଧାରଣରେ ଚର୍ଚ୍ଚା ହେଉଛି।

**ପଦ୍ମପୁର :** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଠାରେ କଂଗ୍ରେସ ଦଳ ତରଫରୁ ବନ୍ଦ ପାଳନ ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। କଂଗ୍ରେସ ସମର୍ଥକ ମାନେ ପଦ୍ମପୁର ସୁନାରିଘାଇ ଛକ ଠାରେ ଟାଇର୍ ଜାଳି ରାସ୍ତା ଅବରୋଧ କରିବା ସହ ଦୋକାନ ବଜାର ବନ୍ଦ କରିଥିଲେ। ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ ଉଦ୍ୟୋଗ ବନ୍ଦ ରହିଥିଲା। ବିଧାୟକ ଗୁଣୁପୁର ସତ୍ୟଜିତ ଗମାଙ୍ଗଙ୍କ ନେତୃତ୍ୱରେ ପଦ୍ମପୁର ବ୍ଲକ କଂଗ୍ରେସ କମିଟି ତରଫରୁ ଓଡିଶା ବନ୍ଦ ପାଳନ କରାଯାଇଥିଲା। ସାଂସଦ ପ୍ରତିନିଧି ଏମ. ସୁରେଶ କୁମାର, ବ୍ଲକ ସଭାପତି ସାହେବ ଶବର, ପୂର୍ବତନ ବ୍ଲକ ଅଧକ୍ଷ ରମାକାନ୍ତ ମାଝୀ,ଅନିଲ ଚୌଧୁରୀ, ଖଇରା ମାଝୀ, ଦିଗାମ୍ବର ଦାସ,ସୂର୍ଯ୍ୟ ନାରାୟଣ, ପାଉଲ ମାଝୀ, ବୁଦ୍ଧ ଶବର,ଜ୍ଞାନ ରଞ୍ଜନ ମିଶ୍ର, କିଶୋର ପାଲାକା,ବାଲା ଶବର, ଚିରଞ୍ଜିବି ଗାଣ୍ଟା, ରାମୂର୍ତ୍ତିଙ୍କ ସହ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନଙ୍କ ସହ କେନ୍ଦୁଗୁଡା ଓ ଗୁମୁଡା ପୁଲିସ ପାଟ୍ରୋଲିଂ କରିଥିଲେ।

**ଚନ୍ଦ୍ରପୁର :** ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକରେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରାଯାଇ ଯାନବାହାନ ଚଳାଚଳ ବନ୍ଦ କରାଯାଇଥିଲା। ଚନ୍ଦ୍ରପୁରରେ ମା ଖିଲିଆ ମନ୍ଦିର ମୁଖ୍ୟ ରାସ୍ତାରେ ସକାଳ ୬ ରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିଲା। ବନ୍ଦ ଡାକରା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଦୋକାନ ବଜାର, ହନୁମନ୍ତପୁର ସାପ୍ତାହିକ ହାଟ, ସ୍କୁଲ, କଲେଜ, ବ୍ଲକ ଅଫିସ, ତହସିଲ ଅଫିସ ଆଇସିଡିସ ଅଫିସ, ପଞ୍ଚାୟତ ଅଫିସ୍,ବ୍ୟାଙ୍କ୍, ବେସରକାରୀ ବସ, ଲକ୍ଷ୍ମୀ ବସ ଓ ସରକାରୀ ବସ ଚଳାଚଳ ବନ୍ଦ ରହିଥିଲା। ଚନ୍ଦ୍ରପୁରରେ ବନ୍ଦ ଡାକରାରେ ବ୍ଲକ କଂଗ୍ରେସ କମିଟି ସଭାପତି ଜର୍ଜ କାଡ଼ାଇସିକା, ବୁଡୁବାଲି ସରପଞ୍ଚ ଭୀମ ଗଗେରେଙ୍ଗା, ରତନ ମାଳବିଶୋଇ, ମୁରାରି ପ୍ରସାଦ ଦଣ୍ଡସେନା, ସୁବାସ ମାଝୀ, ପରୀକ୍ଷିତ ବେହେରା, କାହ୍ନୁ ରାଜୁ, ରାଜୁ ପାଲାକା, ରୁଙ୍ଗାସା ପିଡିକାକା, ଜଗନ୍ନାଥ ବିଭାର, କାଳିଆ କାହ୍ନୁ ପଅସ୍କା, ଅଭି ଦିବାକା, ଅଙ୍କୁର ନାୟକ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ସେହିପରି ଡ଼ାଙ୍ଗସୋରଡ଼ାରେ ବିଜୟ ପ୍ରସାଦ ଉଲାକା, ସୁବ୍ରତ କୁମାର ମଣ୍ଡଳ, ସନ୍ୟାସୀ ଗଗେରେଙ୍ଗା, ପତି ଗର୍ଡନାକା, ହନୁମନ୍ତ୍‌ପୁରରେ ପୂର୍ଣ୍ଣ ବିଏସ୍କା, ବାବାଜି କୁସୁଲିଆ ,ମଦନ ବିଏସ୍କା, ଲେମ୍ବୁଡୁ ଗାଡ଼ାକା, ଗଙ୍ଗା ଦିବାକା, ସୁନିଲ ବଳିଆର, କପିଳ ମୁଗୁଲି ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ହରେକୃଷ୍ଣ ମୁଣ୍ଡାରୀ, ଖଗେଶ୍ୱର ଦେଉରୀ, ରଜନୀ ମିଶ୍ର, ରବି ମୁଟୁକା, ଏଙ୍କେଟି ରାଓ ଶବର, ତନୁଜା ଭାଟ ବନ୍ଦ ଡାକରା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

**କଲ୍ୟାଣସିଂହପୁର :** ବାମପନ୍ଥୀ ଓ କଂଗ୍ରେସ ଦଳ ପକ୍ଷରୁ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ଦେଇଥିବାରୁ ତାହାର ପ୍ରଭାବରେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁରରେ ପଡ଼ିଥିଲା। ରାୟଗଡା ଜିଲ୍ଲା ସଭାପତି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଆହ୍ୱାନ କ୍ରମେ ବ୍ଲକ ସଭାପତି ଚିନ୍ତାଲୀ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ବହୁ କଂଗ୍ରେସ ଦଳର କର୍ମୀ ନେତା ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଛନ୍ତି। ରୋଗୀବୁହା, ଅଗ୍ନିଶମ ଜରୁରୀକାଳୀନ ସେବା କୁ ବାଦ ଦେଇ ସ୍କୁଲ, କଲେଜ, ଛୋଟବଡ଼ ଦୋକାନ ବଜାର କାର୍ଯ୍ୟାଳୟ ଗୁଡିକ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏଥିରେ ସାଂସଦ ପ୍ରତିନିଧି କୁମାରସ୍ୱାମୀ କୌଶଲ୍ୟା, ବିଧାୟକ ପ୍ରତିନିଧି ପ୍ରଶାନ୍ତ କୌଶଲ୍ୟା, ନିୟମଗିରି ପାହାଡ଼ରେ ଆବାହକ ଲଦ ଶିକକା, କଞ୍ଚାଙ୍ଗମାଣ୍ଡି ବୋଳି ମାଝୀ, ପାର୍ସାଲି ସଭାପତି ଅଣ୍ଡେଲ ଉତ୍ରା, ଏସି ସେଲର ଜିଲ୍ଲା ଉପସଭାପତି (ବୁଡୁ) ଚିତ୍ତରଞ୍ଜନ ଗାଣ୍ଟା, ଲକ୍ଷ୍ମଣ ଲିଙ୍ଗିରି, ଆପୁଲୁ ସ୍ୱାମୀ କୌଶଲ୍ୟା, ଗୁଡୁଲ୍ଲା ପ୍ରସାଦ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଚିତ୍ରକୋଣ୍ଡା :** ଓଡ଼ିଶା ବନ୍ଦ ର ପ୍ରଭାବ ଚିତ୍ରକୋଣ୍ଡା ବ୍ଲକରେ ମଧ ଦେଖିବାକୁ ମିଳିଛି। ଚିତ୍ରକୋଣ୍ଡା ବ୍ଲକରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ନେତୃତ୍ୱ ପ୍ରତିବାଦ କରାଯାଇଥିଲା। ଚିତ୍ରକୋଣ୍ଡାର ସମସ୍ତ ସରକାରୀ ଅନଷ୍ଠାନ ଠାରୁ ବେସରକାରୀ ଅନୁଷ୍ଠାନ ସ୍କୁଲ,କଲେଜ, ବଜାର,ପେଟ୍ରୋଲ ପମ୍ପ ବସ ସେବା ଗୁଡିକ ବନ୍ଦ ଥିଲା। ବିଧାୟକ କହିଥିଲେ,ବିଜେପି ସରକାର ଙ୍କ ଦାୟିତ୍ୱହୀନତା ଏପରି ଘଟଣା ଘଟିଛି। ଏହୀ ଘଟଣା ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଦାୟୀ। ସୌମ୍ୟାଶ୍ରୀ ଓ ତାଙ୍କ ପାରିବାରକୁ ନ୍ୟାୟ ନ ମିଳିଲା ଯାଏଁ ଆଗକୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ସେ କହିଥିଲେ। ଏହି ବନ୍ଦରେ ବିଧାୟକଙ୍କ ସହିତ ମାଲକାନଗିରି ଜିଲ୍ଲା ପୂର୍ବତନ କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜିଲ୍ଲାପରିଷଦ ସଭ୍ୟା ବିନତି ଖିଲ, ଚିତ୍ରକୋଣ୍ଡା ବ୍ଲକ ସଭାପତି ବିଦେଶୀ ଗୌଡ଼ ଚିତ୍ରକୋଣ୍ଡା ବ୍ଲକର ଶହ ଶହ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**କୋରୁକୋଣ୍ଡା/ବାଲିମେଳା, :** ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ସଦର ସମେତ ବାଲିମେଳା ଏନଏସିରେ ମଧ ଏହାର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସର ବ୍ଲକ ସ୍ତରୀୟ ନେତାମାନେ ଅଞ୍ଚଳରେ ଥିବା ପ୍ରବେଶ ପଥ ଗୁଡିକରେ କଂଗ୍ରେସ ପତାକା ଲଗାଇ ବିଭିନ୍ନ ନାରା ବାଜି ସ୍ଲୋଗାନ ଦେଇ ବନ୍ଦ ଡାକରାକୁ ସଫଳ କରିଛନ୍ତି। ଏହି ବନ୍ଦ ଡାକରାରେ ଆଜି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ସେହିପରି ବାଲିମେଳା ନଗର କଂଗ୍ରେସ ସଭାପତି ସୁରେଶ ଖୋସଲାଙ୍କ ନେତୃତ୍ୱରେ ବାଲିମେଳା ସହରରେ ବନ୍ଦ ଡାକରା ସଫଳ ହୋଇଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପହଂଚି ସହରର ୧ ନଂ ୱାର୍ଡ ନୂଆ ସାହି ସ୍ଥିତ ଚେକ ଗେଟ ଠାରୁ ଏକ ବାଇକ ରାଲି ଯୋଗେ ସମଗ୍ର ସହର ପରିକ୍ରମା କରିଥିଲେ। ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ଏହି ରାଲି ଟି ସମଗ୍ର ସହର ପରିକ୍ରମା କରିଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଆଜିର ଏହି ବନ୍ଦ ଡାକରାରେ ଯୁବ କଂଗ୍ରେସ ନେତା ଇସାକ୍ ଖୋସଲା, ପିସିସି ସଦସ୍ୟ ରବି ହରିଜନ, ବିଜୟ ଖିଲ, ଚେତନା ଦାସ, ରାଜୀବ ଚନ୍ଦ୍ର ଖରାଙ୍କ ସମେତ କଂଗ୍ରେସର ବହୁ କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି କୋରୁକୋଣ୍ଡା ରେ ମଧ ବନ୍ଦ ର ପ୍ରଭାବ ଦେଖିବାକୁ ମିଳିଥିଲା। କୋରୁକୋଣ୍ଡା ବ୍ଲକ କଂଗ୍ରେସ ସଭାପତି ବିନାୟକ ପାତ୍ର ଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ସଫଳ ହୋଇଥିବା ବେଳେ ମାଲକାନଗିରି ଠାରୁ କୋରୁକୋଣ୍ଡା ସଦର ମହକୁମ ଦେଇ ବାଲିମେଳାକୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇ ଯାଇଥିଲା। କୋରୁକୋଣ୍ଡା ସଦର ପେଟ୍ରୋଲ ପମ୍ପ ଠାରେ ରାସ୍ତା ଅବରୋଧ କରାଯାଇଥିଲା। ସେହିପରି ଭାବେ ସମ୍ପୂର୍ଣ୍ଣ ଜିଲ୍ଲା ବନ୍ଦ ରହିଥିବା ବେଳେ ଗାଡି ଚଳାଚଳ, ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

**ଏମ୍‌ଭି-୭୯ :** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୭୯ର ପ୍ରମୁଖ ଛକରେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯାଇଛି। ଏମଭି-୭୯ର ବଜାରଛକ, ଡି.ଏନ.କେ ଛକ, ମାର୍କେଟ ଛକ ସମେତ ଅନ୍ୟ ପ୍ରମୁଖ ଛକରେ କଂଗ୍ରେସ କର୍ମୀମାନେ ପିକେଟିଂ କରିବା ସହିତ ଟାୟାର ଓ ବେନର ରଖିରାସ୍ତା ରୋକ କରିଛ ଲୋକଙ୍କୁ ଶାନ୍ତି ଶୃଙ୍ଖଳା ଭାବେ ବୁଝାଇବା ସହ ପୂର୍ଣ୍ଣ ସମର୍ଥନ କରିବା ପାଇ କହିଥିଲେ। ଛାତ୍ରୀଙ୍କୁ ନ୍ୟାୟ ଦେବା ଦାବି କରି କଂଗ୍ରେସ ନେତୃତ୍ୱରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ସହିତ ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକ ସହିତ ଓଡ଼ିଶା ବନ୍ଦ ପାଳନ କରିଥିଲେ। ଏହି ନ୍ୟାୟ ଦାବିରେ ଏମଭି-୭୯ର କଂଗ୍ରେସର ବରିଷ୍ଠ ନେତା ପଞ୍ଚୁରାମ ସରକାର,ବିଷ୍ଣୁ ସ୍ୱାଇଁ, ଯୁବ ସଭାପତି ମାନସ ହାଲଦାର,ଜନ୧ ସଭାପତି ମନୁ ଜେନା ଏବଂଯୁବ ଛାତ୍ର ସଂଗଠନ ସଭାପତି ପ୍ରସଞ୍ଜିତ ରଙ୍ଗ ପ୍ରମୁଖ ଉପସ୍ଥିତ ରହି ଏହାକୁ ସଫଳ କରିବା ପାଇଁ ରହିଥିବା ବେଳେ ଏମଭି-୭୯ ପୋଲିସ କିଭଳି କିଛି ଅଘଟଣ ନ ଘଟୁ ସେଥିପାଇଁ ଏମ୍.ଭି-୭୯ ପ୍ରତ୍ୟେକ ଛକ ଠାରେ ରହି ସଜାଗ ରହିଥିଲେ।









## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ

# ଗଡ଼ିଲାନି ବସ୍; ସରକାରୀ, ବେସରକାରୀ କାର୍ଯ୍ୟାଳୟ ବନ୍ଦ






**ରାଉରକେଲା,୧୭।୭ (ସମିସ)** ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ବହ୍ନି ଦେଖାଦେଇଛି। ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ କଂଗ୍ରେସ ଓ ୮ଟି ବାମପନ୍ଥୀ ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକରା ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ସହର ସମେତ ସମସ୍ତ ସହରାଞ୍ଚଳରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଥିବା ଏହି ବନ୍ଦର ପ୍ରଭାବ ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ପଡିଛି। ରାଉରକେଲା ବିର୍ସା ମୁଣ୍ଡା ଛକଠାରେ କଂଗ୍ରେସ ଏବଂ ବାମଦଳର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାସ୍ତା ଅବରୋଧ କରିଥିଲେ। ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ, ଅଗ୍ନିଶମ ପରି ଅତ୍ୟାବଶ୍ୟକ ସେବାକୁ ଏହି ଓଡ଼ିଶା ବନ୍ଦରୁ ବାଦ୍ ଦିଆଯାଇଥିଲା। ବିଶ୍ରା ଛକ ଠାରେ ମିଳିତ ଭାବେ ଏକତ୍ରୀତ ହୋଇ ବନ୍ଦ ପାଳନ କରିଥିଲେ। ରାଉରକେଲା ସହରର ବିଶ୍ରା ଛକ ଠାରେ ଆନ୍ଦୋଳନକାରୀମାନେ ବନ୍ଦ ପାଳନକୁ ଜୋରଦାର କରିଥିଲେ। ମୁଖ୍ୟ ମାର୍ଗରେ ପିକେଟିଂ କରାଯାଇ ଖୋଲା ରହିଥିବା ଦୋକାନ ବଜାରଗୁଡ଼ିକୁ ବନ୍ଦ କରାଯାଇଥିଲା। ଆନ୍ଦୋଳନକାରୀମାନେ ରାଉରକେଲା ରେଲଷ୍ଟେସନ ଠାରେ ପହଞ୍ଚି ରେଳ ଧାରଣାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିପରି ଆମ୍ବେଦକର ଛକ, ପାନପୋଷ, ବେଦବ୍ୟାସ ସମେତ ଅନ୍ୟ ଛକ ଠାରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିଥିଲେ। ଏହି ବନ୍ଦ ସମୟରେ ରାଉରକେଲାରୁ ସୁନ୍ଦରଗଡ ଜିଲ୍ଲା ସମେତ ସମ୍ବଲପୁର, କେନ୍ଦୁଝର, ଅନୁଗୋଳ, ବଡବିଲ ଆଦି ଅଞ୍ଚଳକୁ ଯାତାୟାତ କରୁଥିବା ଦୂରଗାମୀ ବସ୍ ଚଳାଚଳ ବନ୍ଦ ରହିଥିଲା। ସେହିପରି ସମସ୍ତ ଆଖପାଖ ଅଞ୍ଚଳକୁ ଯାତାୟାତ କରୁଥିବା ଘରୋଇ ବସ୍ ସେବା ଠପ୍ ହୋଇ ଯାଇଥିଲା। ତେବେ ବ୍ୟାଙ୍କ୍, ବୀମା କାର୍ଯ୍ୟାଳୟ ଖୋଲା ରହିଥିବା ବେଳେ କୌଣସି କାର୍ଯ୍ୟ ହୋଇ ନଥିବା ଜଣାପଡ଼ିଛି। ମୁଖ୍ୟ ମାର୍ଗରେ ଦୋକାନ ବଜାର ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏପରିକି ପ୍ରାୟ ଦୋକାନ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ସହରର ସମସ୍ତ ପଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଉଦିତନଗରରେ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପିକେଟିଂ କରି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ଡିସିସି ସଭାପତି ରଶ୍ମୀରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ୍ ବନ୍ଦ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପୂର୍ବତନ ସଭାପତି ଗଣେଶ ପ୍ରଧାନ, ରବି ରାଏ, ସନ୍ତୋଷ ବିଶ୍ୱାଳ, ସବୀର ହୁସେନ, ନିହାର ଦାସ , ବିନୋଦ ରାଉତ, ଇସ୍ତେହାର ମହମ୍ମଦ, ସୁନିତା ତିର୍କୀ, ରଞ୍ଜିତା ମଲ୍ଲିକ, ସୁନୀଲ ପଟ୍ଟନାୟକ, ହରପ୍ରସାଦ ସାମଲ, ରଘୁନାଥ ଦାସ, ପୂର୍ବତନ ରାଜ୍ୟ ମହାସଚିବ ପ୍ରବୋଧ ଦାସ, ଯୁବ ସଭାପତି ମୋତିଲାଲ ଦୀପ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ, ଯୁବ ନେତା ଶିବୁ ଦୀପ, ଗାନ୍ଧୀ ଦାସ, ପୂର୍ବତନ ଉପସଭାପତି ବାସୁଦେବ ବାନାର୍ଜୀ, ସଂଖ୍ୟାଲଘୁ ସଭାପତି ଇଜାଜ ଅକ୍ତର, ଅନୁସୂଚିତ ଜାତି ସଭାପତି ଦିବାକର ଦୀପ, ଯୁବ ସାଧାରଣ ସମ୍ପାଦକ ସନ୍ଦୀପନ ମହାପାତ୍ର, ଯୁବ ନେତା ପ୍ରସନ୍ନ କୁମାର ବଳିୟାରସିଂହ, ବାବୁଲି ଢୋଲିଆ, ଆଶିଷ ମହାନ୍ତି, ରଘୁନାଥପାଲି ଛାତ୍ର ସଭାପତି ଅନୁରାଗ ବିଶ୍ୱାଳ, ରାଜକିଶୋର ପ୍ରଧାନ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ବି.ପି ମହାପାତ୍ର, ବସନ୍ତ ନାୟକ, ହୃଦୟାନନ୍ଦ ଯାଦବ, ବିନୟ ବେହୁରିଆ, ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ଚନ୍ଦ୍ରଭାନୁ ଦାସ, ସୁରେନ୍ଦ୍ର ମହାନ୍ତି, ଏନ୍.ଏନ୍ ପାଣିଗ୍ରାହୀ, ଦିବାକର ମହାରଣା, ଅରୁଣ ମହାରଣା, ଅଜିତ ଏକ୍କା, ଅନାଦି ସାହୁ, ସମ୍ବିତ ସ୍ୱାଇଁ, ପ୍ରମୁଖ ସାମିଲ ଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ପାଇଁ ରାଉରକେଲା ସହରର ବିଭିନ୍ନ ଛକରେ ପୁଲିସ କର୍ମୀମାନେ ମୃତୟନ ଥିଲେ।

**ବଣାଇଁ:** ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁରେ ସାରା ଓଡ଼ିଶାରେ ଉଠିଛି ପ୍ରତିବାଦର ସ୍ୱର। ନ୍ୟାୟ ଦାବିରେ ସାରା ଓଡ଼ିଶା ବନ୍ଦ୍ ଡାକରା ଦିଆଯାଇଥିବାବେଳେ କଂଗ୍ରେସ ନେତୃତ୍ୱରେ ଆଠଟି ବିରୋଧୀ ଦଳ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି। କଂଗ୍ରେସ ନେତୃତ୍ୱରେ ଏହି ବନ୍ଦକୁ ୮ଟି ରାଜନୀତିକ ଦଳ ସମେତ ବିଭିନ୍ନ କୃଷକ ସଂଗଠନ, ଟ୍ରେଡ ୟୁନିଅନ, ସ୍ୱେଚ୍ଛାସେବୀ ସଂଗଠନ ଆଦି ସମର୍ଥନ କରୁଛନ୍ତି। ରାଜ୍ୟର ପ୍ରମୁଖ ଦଳ ବିଜେଡି ମଧ୍ୟ ଏହି ବନ୍ଦକୁ ନୈତିକ ସମର୍ଥନ ଦେଇଛି। ବନ୍ଦର ପ୍ରଭାବ ବଣାଇଁ ଉପଖଣ୍ଡରେ ମଧ୍ୟ ପଡ଼ିଛି। ବଣାଇଁ ବାମ ଦଳର ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଶହ ଶହ ଆନ୍ଦୋଳନରତ କର୍ମୀ ରାଜା ମୁଣ୍ଡା ବାଇପାସ୍ ଠାରେ ୧୪୩ ନମ୍ବର ଓ ୫୨୦ ନମ୍ବର ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଯାନବାହନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ। ବଣାଇଁ ସଦର ମହକୁମା ଠାରେ କଂଗ୍ରେସ ଓ ବାମ ଦଳ ପକ୍ଷରୁ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ମାନସ ସାହୁ, କର୍ମବୀର ଦାସ, ରୁଦ୍ର ଚରଣ ସାହୁ, ସମୀର ଚକ୍ରବର୍ତ୍ତୀ, ଗଗନ ବିହାରୀ ମହାରଣା, ଶ୍ରୀକାନ୍ତ ଦଣ୍ଡିତ, ଦୁର୍ଗାମାଧବ ବେହେରା ପ୍ରମୁଖ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ପିକେଟିଂ କରି ସରକାରୀ-ବେସରକାରୀ ଅଫିସ୍, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଆଦି ବନ୍ଦ କରିଛନ୍ତି।






**କୋଇଡ଼ା :** ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ଆଜି କଂଗ୍ରେସ, ସିପିଆଇଏମ୍ ତଥା ଅନ୍ୟାନ୍ୟ ବିରୋଧୀ ଦଳ ପକ୍ଷରୁ ସାରା ରାଜ୍ୟରେ ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ପାଳନ ହୋଇଥିବା ବେଳେ କୋଇଡା ବ୍ଲକ୍ ଖଣି ଅଞ୍ଚଳରେ ମଧ୍ୟ ଏହି ବନ୍ଦ୍‌ର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ଜିଲ୍ଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀ ଓ ସିପିଆଇଏମ୍ ପକ୍ଷରୁ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜ୍ୟ ସିଆଇଟିୟୁ ସମ୍ପାଦକ ପ୍ରଭାତ ପଣ୍ଡାଙ୍କ ନେତୃତ୍ୱରେ ଶହଶହ କର୍ମୀମାନେ ଟେନସା, କାଲଟା, ବରସୁଆଁ, ବିମଲାଗଡ଼, ରକ୍ସି, କୋଇଡ଼ା ଛକ, ନାରାୟଣପୋଷି ଛକରେ ଜାତୀୟ ରାଜପଥ ୫୨୦ ସମେତ ରାଜରାସ୍ତାକୁ ବନ୍ଦ୍ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିଥିବା ବେଳେ କେବଳ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ସରକାରୀ ଓ ବେସରକାରୀ ଅଫିସ୍, ଗାଡି ଚଳାଚଳ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଆଦି ସେବା ଠପ୍ ହୋଇଯାଇଥିବା ବେଳେ ଦୋକାନ ସବୁ ବନ୍ଦ ରହିଥିଲା। ଯଦି ସରକାର ତୁରନ୍ତ ଏହି ଘଟଣାର ସମାଧାନ କରି ନାରୀମାନଙ୍କ ଉପରେ ହେଉଥିବା ନିର୍ଯାତନା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି ତାହେଲେ ଆଗକୁ ଏହି ଆନ୍ଦୋଳନ ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀ କହିଥିଲେ।

---

## ଲତାଲଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ବଜ୍ରପାତ ସଚେତନତା



**କୁତ୍ରା,୧୭।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ଲତାଲଗାଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଡ. ସତିଶ ନିଶାଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ସିଆରସିସି ସୁଦୀପ୍ତ ବେହେରା ଯୋଗଦେଇ ଥିଲେ। ଏହି ସଭାଟି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀ ଖେସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଉପସ୍ଥିତ ଥିବା ଅତିଥିମାନେ କିପରି ଭାବରେ ବଜ୍ରପାତରେ ହେଉଥିବା ଦୁର୍ଘଟଣାରୁ ନିଜକୁ ସୁରକ୍ଷିତ ରଖିହେବ ସେ ବିଷୟରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମଟିକୁ ବିଦ୍ୟାଳୟର ଶିକ୍ଷକ ଡ. ରାଧାନାଥ ଦିଶ୍ରୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ନରେନ୍ଦ୍ର କୁଜୁର, ଶବ୍ୟା ତନ୍ତୀ, ସରସ୍ୱତୀ ମିଞ୍ଜ, ଲିନା ଭଇଂଶାଲ, ଅସୀମା ଗୁଡ଼ିକ, ମାମୀନା ବଡ଼ାଇ, ସୁବର୍ଣ୍ଣ ସାହୁ, ଡିଲେଶ୍ୱର ନାଏକ ଓ କମଳିନୀ ଦିଉରିଆ ସହଯୋଗ କରିଥିଲେ।

## ଆର୍‌ଏସ୍‌ପିରେ କାର୍ଯ୍ୟଦକ୍ଷତା ବୃଦ୍ଧି ଯୋଜନା କର୍ମଶାଳା



**ରାଉରକେଲା,୧୭।୭(ସମିସ):** ସେଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ଆର୍ମର ଗ୍ରେଡ୍ ପ୍ଲେଟ୍ ଉତ୍ପାଦନ ଲକ୍ଷ୍ୟକୁ ପ୍ରତି ମାସରେ ୩୦୦ ଟନ୍ ରୁ ୫୦୦ ଟନ୍ ପର୍ଯ୍ୟନ୍ତ ଲକ୍ଷ୍ୟ ହାସଲ କରିବା ଉପରେ ଏକ କାର୍ଯ୍ୟଦକ୍ଷତା ବୃଦ୍ଧି ଯୋଜନାର କର୍ମଶାଳା ଆରମ୍ଭ ହୋଇଥିଲା। ଏହି ଦୁଇଦିନିଆ କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ ଏଚଆର ଏଲଆଣ୍ଡ ଡି ବିଭାଗର ସିଜିଏମ ପି.କେ ସାହୁ, ଏନପିଏମ ଏବଂ ଏସ୍‌ପିପି ବିଭାଗର ସିଜିଏମ୍ ଆର.କେ ବିସାରେ, ଏସ୍‌ପିପି ବିଭାଗର ଜିଏମ ଇନଚାର୍ଜ ଡ. ପିକେ ପାଢ଼ୀଙ୍କ ସମେତ କାରଖାନାର ବହୁ ସିଜିଏମ, ବିଭାଗୀୟ ମୁଖ୍ୟ ତଥା ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସ୍ପେଶାଲ୍ ପ୍ଲେଟ୍ ପ୍ଲାଣ୍ଟ (ଏସ ପି ପି), ପିପିସି, ଆରସିଏଲ, ପିଏମ, ଏନପିଏମ, ମାର୍କେଟିଂ ଏବଂ ଏଫଆଣ୍ଡଏ ବିଭାଗର ଅଂଶଗ୍ରହଣକାରୀମାନେ ଯୋଗ ଦେଇଥିଲେ। ଏସ୍‌ପିପି ବିଭାଗର ସିନିୟର ମ୍ୟାନେଜର ବି ମାହାତୋ, କାରଖାନାର ବର୍ତ୍ତମାନର ଉତ୍ପାଦନ ସ୍ଥିତି, ଧାର୍ଯ୍ୟ ଲକ୍ଷ୍ୟ ଏବଂ ମାସିକ ୫୦୦ ଟନ ଆର୍ମର ଗ୍ରେଡ୍ ପ୍ଲେଟ୍ ଉତ୍ପାଦନ ତଥା ବର୍ତ୍ତମାନର ବଜାର ଏବଂ ଆର୍ଥିକ ସ୍ଥିତି ପାଇଁ ଆଗାମୀ ଚ୍ୟାଲେଞ୍ଜଗୁଡ଼ିକୁ ନେଇ ଏକ ବ୍ୟାପକ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବିସ୍ତୃତ ସିଣ୍ଡିକେଟ୍ ଆଲୋଚନା ପରେ ପରବର୍ତ୍ତୀ କାର୍ଯ୍ୟ ଯୋଜନା ଉପସ୍ଥାପନା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ପିକେ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଆର.କେ ବିସାରେ କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କର୍ମଶାଳାକୁ ସିନିୟର ମ୍ୟାନେଜର ଅର୍ଣ୍ଣପୂର୍ଣ୍ଣା ବେହେରା, ଏସପିପି ବିଭାଗର ମ୍ୟାନେଜର ଶାମ୍ବ ଗାଜାଲି ଏବଂ ଜୁନିୟର ଇଞ୍ଜିନିୟର ଏଚ୍‌ସିପଣ୍ଡା ପରିଚାଳନା କରିଥିଲେ।

## ଦର୍ଶକଙ୍କ ମନ ମୋହିଲା ଓଡ଼ିଶୀ ନୃତ୍ୟ



**ରାଉରକେଲା, ୧୭।୭(ସମିସ):** ରାଉରକେଲା ସ୍ଥିତ ଭଞ୍ଜଭବନଠାରେ ସାଧନା ଓଡ଼ିଶୀ ଡ୍ୟାନ୍ସ ଏକାଡେମୀ ତରଫରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଆହମ୍ମଦ ହୁସେନ ଶେଖଙ୍କ ସହଯୋଗରେ ଆୟୋଜିତ ଏହି ସାଂସ୍କୃତିକ ମହୋତ୍ସବରେ ସାଧନା ଓଡ଼ିଶୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ, ଯାହାକି ଦର୍ଶକମାନଙ୍କୁ ବିମୋହିତ କରିଥିଲା। ନୃତ୍ୟଗୁରୁ ତ୍ରିନାଥ ସ୍ୱାଇଁ ଓ ମୃତ୍ୟୁଞ୍ଜୟ ବାସା ନୃତ୍ୟ ପରିବେଷଣରେ ସହଯୋଗ କରିଥିଲେ। ଏହି ଅବସରରେ ନୃତ୍ୟ କରୁଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କ ପରିବାର ବର୍ଗ ସହିତ ଅନ୍ୟ ବରିଷ୍ଠ ଅତିଥିମାନେ ଉପସ୍ଥିତ ଥିଲେ। ମୃତ୍ୟୁଞ୍ଜୟ ବାସା ନୃତ୍ୟ ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ।

## କର୍ମସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା କର୍ମଶାଳା



**ରାଉରକେଲା, ୧୭।୭(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ 'କର୍ମ ସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଏବଂ ଆଭ୍ୟନ୍ତରୀଣ କମିଟିର ସଦସ୍ୟାମାନଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକ ବକ୍ତବ୍ୟ ରଖି କର୍ମସ୍ଥଳରେ କିପରି ସମସ୍ତ ମହିଳା, ଛାତ୍ରୀ ସୁରକ୍ଷିତ ରହିପାରିବେ, ସେ ଦିଗରେ ସମସ୍ତେ ସଚେତନ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏ ସଂକ୍ରାନ୍ତରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀମାନେ 'କର୍ମସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହ କରିଥିଲେ।

---

### ଆର୍‌ଏସ୍‌ପିରେ ବିଶ୍ୱ ଜନସମ୍ପର୍କ ଦିବସ ପାଳିତ

# 'ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା: ଜନସମ୍ପର୍କର ନୂତନ ଯୁଗ'




**ରାଉରକେଲା,୧୭।୭(ସମିସ):** ବିଶ୍ୱ ଜନସମ୍ପର୍କ ଦିବସ ପାଳନ ଅବସରରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା ଭାରତୀୟ ଜନସମ୍ପର୍କ ପରିଷଦ (ପିଆରସିଆଇ), ରାଉରକେଲା ଚାପ୍ଟର ସହଯୋଗରେ 'ବିଶ୍ୱାସ, ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା: ଜନସମ୍ପର୍କର ନୂତନ ଯୁଗ' ଶୀର୍ଷକ ଉପରେ ଏକ ସେମିନାର ରାଉରକେଲା କ୍ଲବର ସ୍ପେକ୍ଟ୍ରମ୍ ହଲ୍‌ରେ ଆୟୋଜିତ ହୋଇଯାଇଛି। ଏଥିରେ ଆରଏସ୍‌ପି କାର୍ଯ୍ୟବିଭାଗର ନିର୍ବାହୀନିର୍ଦ୍ଦେଶକ ବି.ଆର୍ ପଲାଇ ମୁଖ୍ୟଅତିଥି ଏବଂ ଭାରତୀୟ ଜନସଞ୍ଚାର ଅନୁଷ୍ଠାନ, ଢେଙ୍କାନାଳର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ତଥା ପ୍ରଫେସର ଡ. ମୃଣାଳ ଚାଟାର୍ଜୀ ମୁଖ୍ୟବକ୍ତା, ଆରଏସପି ଆଇନ ବିଭାଗର ସିଜିଏମ୍ ଡ. ଚିନ୍ମୟ ସମଜଦାର ସମ୍ମାନିତ ଅତିଥି ଏବଂ ଦିପୀକା ମହିଳା ସଂଘତିର ଉପାଧ୍ୟକ୍ଷା ଡ. ପ୍ରତିଜ୍ଞା ପଲାଇ ସେମିନାରର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଆରଏସପି, ଲୋକସମ୍ପର୍କ ବିଭାଗର ଜିଏମ ତଥା ସଞ୍ଚାର ମୁଖ୍ୟ ଓ ପିଆରସିଆଇ, ରାଉରକେଲା ଚାପ୍ଟରର ଅଧ୍ୟକ୍ଷା ଅର୍ଚ୍ଚନା ଶତପଥୀ, ଉପାଧ୍ୟକ୍ଷ ଦ୍ୱୟ ଡ. ଅଞ୍ଜନା ମୋଇତ୍ର ଏବଂ ଜେଜେ ଦାସ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ଏହି ସେମିନାରରେ ବହୁ ସଂଖ୍ୟକ ଜନସମ୍ପର୍କ ବୃତ୍ତିଧାରୀ, ପିଆରସିଆଇ, ରାଉରକେଲା ଚାପ୍ଟରର ସଦସ୍ୟ, ଆରଏସପିର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଗଣ ଯୋଗାଯୋଗର ଛାତ୍ରଛାତ୍ରୀ ଓ ଅଧ୍ୟାପକ୍ ଉପସ୍ଥିତ ଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ପଲାଇ ବର୍ତ୍ତମାନ ଲୋକ ସମ୍ପର୍କ କ୍ଷେତ୍ରରେ 'ବିଶ୍ୱାସ, ସ୍ୱଚ୍ଛତା ଏବଂ ପ୍ରଯୁକ୍ତିବିଦ୍ୟା'ର ଗୁରୁତ୍ୱ ଉପରେ ଆଲୋକପାତ କରି ଡିଜିଟାଲ୍ ଉପକରଣଗୁଡ଼ିକ ବିକଶିତ ହୋଇଥିଲେ ମଧ୍ୟ, ଆମର ମୂଳଲକ୍ଷ୍ୟ ଏହା ଉପରେ ବିଶ୍ୱାସ ନିର୍ମାଣ କରିବା ଏବଂ ଅର୍ଥପୂର୍ଣ୍ଣ ଭାବେ ସଂଯୋଗ କରିବାରେ ଅପରିବର୍ତ୍ତିତ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଶ୍ରୀ ଚାଟାର୍ଜୀ ତାଙ୍କର ଅଭିଭାଷଣରେ ଏକ ବିସ୍ତୃତ ଉପସ୍ଥାପନା ଦେବା ସହିତ ଜନସମ୍ପର୍କରେ ପ୍ରଯୁକ୍ତିବିଦ୍ୟା ଏବଂ ଏଆଇର ବର୍ଦ୍ଧିତ ପ୍ରଭାବ ଉପରେ ଆଲୋକପାତ କରିଥିଲେ। ବୃତ୍ତିଗତମାନଙ୍କୁ ଏଆଇକୁ ଏକ ଉପକରଣ ଭାବରେ ବ୍ୟବହାର କରିବା ସମୟରେ 'ଲେଖନ ଏବଂ ସୃଜନଶୀଳ ଭାବରେ ଚିନ୍ତା' କରିବାକୁ ପରାମର୍ଶ ଦେଇଥିଲେ। ସେ ଭାବନାର ବିଶ୍ଳେଷଣ, ଗଣମାଧ୍ୟମ ମନିଟରିଂ ଏବଂ ବିଷୟବସ୍ତୁ ସୃଷ୍ଟିରେ ଏଆଇର ସହାୟତା କରିବାର କ୍ଷମତା ବିଷୟରେ ଆଲୋଚନା କରିଥିଲେ। ଡ. ସମଜଦାର ଲୋକସମ୍ପର୍କ ଉପରେ ଗୁରୁତ୍ୱାରୋପ କରି ଜନସମ୍ପର୍କ ମୂଳତଃ ଲୋକ, ଧାରଣା, ପ୍ରତିଷ୍ଠାନ ଏବଂ ସମ୍ପ୍ରଦାୟ ମଧ୍ୟରେ ସଂଯୋଗ। ଶବ୍ଦର କାନ୍ଥ ନୁହେଁ ବରଂ ବୁଝାମଣାର ସେତୁ ନିର୍ମାଣ କରିବା ବୋଲି କହିଥିଲେ। ସିଓସି ଅର୍ଚ୍ଚନା ଶତପଥୀ ଏହି ବର୍ଷର ବିଶ୍ୱ ଜନସମ୍ପର୍କ ଦିବସ ପାଳନର ବିଷୟବସ୍ତୁ, ତଥା ପି ଆର ସି ଆଇ ର କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଡ. ଅଞ୍ଜନା ମୋଇତ୍ର ଅତିଥିମାନଙ୍କୁ ପରିଚୟ କରାଇଥିଲେ। ମତବିନିମୟ ଅଧିବେଶନରେ, ଅଂଶଗ୍ରହଣକାରୀ ଉତ୍ସାହର ସହ ବିଭିନ୍ନ ପ୍ରସଙ୍ଗ ଉଠାଇବା ସହିତ ନିଜ ନିଜର ସନ୍ଦେହ ଦୂର ପାଇଁ କେତେକ ପ୍ରଶ୍ନ ମଧ୍ୟ ପଚାରି ବୁଝି ଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଶ୍ରୀ ପଲାଇ ମୁଖ୍ୟ ବକ୍ତାଙ୍କୁ ସମ୍ମାନିତ କରିଥିଲେ। ଜନସମ୍ପର୍କ ବିଭାଗର ଡେପୁଟି ମ୍ୟାନେଜର ତଥା ରାଉରକେଲା ପିଆରସିଆଇ, ସମ୍ପାଦକ ଶଶାଙ୍କ ପଟ୍ଟନାୟକ, କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିବା ବେଳେ ଜନସମ୍ପର୍କର ଆସିଷ୍ଟାଣ୍ଟ ମ୍ୟାନେଜର ଜୟଦେବ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗୀତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଭୁବନେଶ୍ୱର ସିଟି





## ସ୍ୱଚ୍ଛ ସର୍ବେକ୍ଷଣରେ ବିଏମ୍‌ସିର ସଫଳତା | ଗୋଟିଏ ଡିଆଁରେ ୨୫ ପାର୍

ଭୁବନେଶ୍ୱର, ୧୭।୭(ସମିସ): ପ୍ରକାଶିତ ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ର ଫଳାଫଳରେ ଭୁବନେଶ୍ୱରକୁ ମିଳିଛି ସଫଳତା। ଗୋଟିଏ ଡିଆଁରେ ଏକଦମ୍ ୨୫ ସ୍ଥାନ ଉପରକୁ ଚଢ଼ିଛି ଭୁବନେଶ୍ୱର ମହାନଗର ନିଗମ। ଭୁବନେଶ୍ୱର ସହରକୁ ମିଳିଛି ସ୍ୱତନ୍ତ୍ର ମାନ୍ୟତା। ଦେଶରେ ଥିବା ତିନି ଲକ୍ଷରୁ ଦଶ ଲକ୍ଷ ଜନ ସଂଖ୍ୟା ସହର ମଧ୍ୟରେ ଭୁବନେଶ୍ୱର ଶ୍ରେଷ୍ଠ ୧୦ ନମ୍ବର ସ୍ଥାନରେ ରହିଛି। ମନ୍ତ୍ରଣାଳୟର ପ୍ରମିଜିଂ ସହର ଶ୍ରେଣୀରେ ଭୁବନେଶ୍ୱର ୯ମ ସ୍ଥାନ ଅଧିକାର କରିଛି। ପୂର୍ବରୁ ଭୁବନେଶ୍ୱର ସ୍ଥାନ ୩୪ ରହିଥିଲା। ଭୁବନେଶ୍ୱର ସହରକୁ ସମୁଦାୟ ୧୨୫୦୦ ମାର୍କରୁ ୧୦୫୪୮ ମାର୍କ ମିଳିଛି। ଗତ ବର୍ଷ ର୍‍ୟାଙ୍କିଂରେ ବାୟୋ ମାଇନିଂ ଆରମ୍ଭ ହୋଇ ନ ଥିଲା। ହେଲେ ଏବେ ବାୟୋ ମାଇନିଂରେ ୬୩ ପ୍ରତିଶତ ବର୍ଜ୍ୟ ଶେଷ ହୋଇଛି।



ସହରର ବିଭିନ୍ନ ପରିମଳ ଅଭ୍ୟାସ ଯାହାକି, ଡୋର୍ ଟୁ ଡୋର୍ କଲେକ୍ସନ୍, ସୋର୍ସ ସେଗ୍ରି ଗେସନ୍, ପ୍ରକ୍ରିୟା କରଣ, ଡମ୍ପିଂ ସାଇଟ୍‌ରେ ବିବିଧ ବ୍ୟବସ୍ଥା, ଜନ ବସତି ଏବଂ ବଜାର ଅଞ୍ଚଳର ସଫେଇ, ଜଳାଶୟର ସଫେଇ ଏବଂ ଶୌଚାଳୟ ଗୁଡ଼ିକର ସଫେଇକୁ ବିଚାରକୁ ନିଆଯାଇଥାଏ। ବର୍ଷ ତମାମ ସମସ୍ତ ସଫେଇ କର୍ମୀ, ସ୍ୱଚ୍ଛ ସାଥି, ସହଭାଗୀ ଅନୁଷ୍ଠାନ, କର୍ମଚାରୀ ଏବଂ ଅଧିକାରୀମାନେ ଏହି ବ୍ୟବସ୍ଥାରେ ଆଗେଇବା ପାଇଁ ଭୁବନେଶ୍ୱର ବାସୀଙ୍କ ସହଯୋଗ କାମନା କରିଥାନ୍ତି। ଟିମ୍ ବିଏମ୍‌ସିର ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ପରିମଳ ଏନ୍ ଗଣେଶ ବାବୁ, କର୍ପୋରେଟର୍ ଭାରତୀ ସିଂ ଏହି ଅବସରରେ ଉପସ୍ଥିତ ଥିଲେ।

> ବିଗତ ୩ ବର୍ଷ ମଧ୍ୟ ଭୁବନେଶ୍ୱର ଲମ୍ବା ଶିଡି ଚଢ଼ିଛି। ସଫେଇ କର୍ମଚାରୀ ରାତି ଦିନ କାମ କରୁଛନ୍ତି। ଟିମ୍ ବିଏମ୍‌ସି ସଫେଇକୁ ନିଜର ବ୍ରତ ଭାବି କାମ କରୁଛନ୍ତି। ଭୁବନେଶ୍ୱରକୁ ସଫେଇରେ ଦେଶର ୧ନମ୍ବର ସହର ଭାବେ ଗଢ଼ିବାକୁ ଆମେ ଆଗକୁ ପ୍ରୟାସ ଜାରି ରଖିବୁ।
>
> -ସୁଲୋଚନା ଦାସ, ମେୟର ବିଏମ୍‌ସି
>
> ଭୁବନେଶ୍ୱରବାସୀ ଏହି ସଫଳତାର ହକଦାର। ଏହାର ଶ୍ରେୟ ଭୁବନେଶ୍ୱର ବାସିନ୍ଦାଙ୍କୁ ଯିବ। ସେମାନଙ୍କ ସହଯୋଗ ବିନା ଏସବୁ ଅସମ୍ଭବ। ଡୋର ଟୁ ଡୋର ଗାର୍ବେଜ କଲେକସନ୍, ବାୟୋମାଇନିଂରେ ଚଳିତବର୍ଷ ଭୁବନେଶ୍ୱର ଭଲ ପ୍ରଦର୍ଶନ କରିଛି।
>
> -ଗଣେଶ ବାବୁ, ଡେପୁଟି କମିସନର, ପରିମଳ ବିଭାଗ, ବିଏମ୍‌ସି
>
> ବିଏମ୍‌ସି ଯାହା ରିପୋର୍ଟ ଦେଉଛି ସେହି ଅଧାରରେ ଅଧିକାଂଶ ମାର୍କ ଦିଆଯାଉଛି। ଅନ୍ୟପକ୍ଷରେ ଆମେ ସବୁବେଳେ ଅନ୍ୟକୁ ଫଲୋ କରୁଛୁ। ନୂଆ କିଛି କରୁ ନାହୁଁ। ବର୍ଜ୍ୟ ପ୍ରେସେସିଂ ସଠିକ୍ ଢଙ୍ଗରେ ହେଉ ନାହିଁ। ଭୁବନେଶ୍ୱରରେ ଏପର୍ଯ୍ୟନ୍ତ କୌଣସି କଣ୍ଟିଂଟ୍ ମ୍ୟାନେଜ୍‌ମେଣ୍ଟ ପ୍ଲାନ୍ ନାହିଁ, ଅଫିସର ବଦଳିଲେ ପ୍ଲାନ୍ ବଦଳିଯାଉଛି। ବରଂ ପ୍ରକୃତପକ୍ଷେ ଦେଖିବାକୁ ଗଲେ ୫ ବର୍ଷ ପୂର୍ବରୁ ଭୁବନେଶ୍ୱର ସ୍ଥିତି ଭଲ ଥିଲା।
>
> -ଡଃ. ପୀୟୂଷ ରାଉତ୍, ଅର୍ବାନ ପ୍ଲାନର

## ଏସି କାର୍‌ରେ ଗୋ ଚାଲାଣ; ୩ ଗିରଫ



ଭୁବନେଶ୍ୱର, ୧୭।୭ (ସମିସ): ଏସି କାର୍‌ରେ ଗୋ ଚାଲାଣ କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ମୁକୁନ୍ଦ ପ୍ରସାଦର ତୌସିଫ ହୁସେନ (୩୧), ଏସକେ ଫିରୋଜ (୩୦) ଓ ଜଟଣୀ ଥାନା ତରାବୋଇର ଦାନିଶ ମଲ୍ଲିକ (୨୬)।

ପୁଲିସ ସୂଚନା ଅନୁସାରେ, ଦୁର୍ବୃତ୍ତମାନେ ଗାଈ ଚୋରି କରି ସ୍କୋର୍ପିଓ ଗାଡ଼ିରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଚାଲାଣ କରୁଥିବା ନେଇ ଗୁରୁବାର ଭୋରରୁ ଗୋ ସେବକମାନେ ଖବର ପାଇଥିଲେ। ସେମାନେ ତମାଣ୍ଡୋ ଫ୍ଲାଏଓଭର ନିକଟରେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଡ୍ରାଇଭର ଧକ୍କା ଦେଇ ପଳାଇବାକୁ ଚେଷ୍ଟା କରିଥିଲା। ଗୋ ସେବକମାନେ କିଛି ଗୋଡ଼ାଇ ତମାଣ୍ଡୋ ବଜାର ନିକଟରେ ଗାଡ଼ିଟିକୁ ଅଟକାଇଥିଲେ। ଅଭିଯୁକ୍ତମାନେ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ପଳାଇବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ୩ ଜଣଙ୍କୁ କାବୁ କରି ନେଇଥିଲେ। ଭିଡ଼ ଭିତରେ ଆକ୍ରମଣରେ ୩ ଅଭିଯୁକ୍ତ ଆହତ ହୋଇଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଓ ପିସିଆର-୧୭ ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲକୁ ନେଇଥିଲା। ଗାଡ଼ି ଭିତର ନିର୍ଦ୍ଦୟ ଓ ଅମାନବୀୟ ଅବସ୍ଥାରେ ବନ୍ଧା ହୋଇଥିବା ୪ ଗାଈଙ୍କୁ ଉଦ୍ଧାର କରିବା ସହିତ ସ୍କୋର୍ପିଓ ଜବତ କରିଥିଲା। ଅଭିଯୁକ୍ତମାନେ ଗୋରୁଙ୍କ ମାଲିକାନା କିମ୍ବା ପରିବହନ ପାଇଁ ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ଗୋ ସେବକମାନଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ଆମେରିକୀୟ ଓଡ଼ିଆ ସୋସାଇଟିର ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, ୧୭।୭(ସମିସ): ଦି ଓଡ଼ିଶା ସୋସାଇଟି ଅଫ୍ ଦି ଆମେରିକାସ୍ (ଓଏସ୍‌ଏ)ର ୫୬ତମ ବାର୍ଷିକ ସମ୍ମିଳନୀ ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସ୍ ରାଜ୍ୟର ଡଲାସ୍‌ସ୍ଥିତ ଫ୍ରିସ୍କୋ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ତପନ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ଡ. ଶୀତକଣ୍ଠ ଦାଶ, ପ୍ରଫେସର ତ୍ରିଲୋକୀ ପାଣ୍ଡେ, ହ୍ୟୁଷ୍ଟନର କାଉନ୍‌ସିଲ ଜେନେରାଲ୍ ଡି.ସି. ମଞ୍ଜୁନାଥ, ଆବାହକ ତପନ ପାଢ଼ୀ, 'ଓସା'ର ସଭାପତି ଲୀନା ମିଶ୍ର, ସ୍ଥାନୀୟ ଚାପ୍ଟର ସଭାପତି ସ୍ମରଣିକା ରାଉତ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ସମ୍ମିଳନୀର ବାର୍ଷିକ ମୁଖପତ୍ର 'ଉର୍ମି' ଉନ୍ମୋଚିତ ହୋଇଥିଲା। ଏହି ତିନି ଦିନିଆ ସମ୍ମିଳନୀରେ ଶିକ୍ଷା, ସଂସ୍କୃତି, ସାହିତ୍ୟ ଭିତ୍ତିକ ସେମିନାର ସହ ପିଲାମାନଙ୍କ ମଧ୍ୟରେ ଲିଖନ, ଅଭିନୟ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ଚପ୍ଟର୍ ମଧ୍ୟରେ ଡ୍ରାମା ପ୍ରତିଯୋଗିତା ସହ କଳା ପ୍ରଦର୍ଶନୀ, ଫେଶନ୍ ସୋ, ସଙ୍ଗୀତ ଓ ନୃତ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ୧୯୦୯ରେ ଆମେରିକା ଆସିଥିବା ପ୍ରଥମ ଓଡ଼ିଆ ସାରଙ୍ଗଧର ଦାସଙ୍କ ଜୀବନୀକୁ ନେଇ ଡ୍ରାମା ପରିବେଷଣ କରାଯାଇଥିଲା। ଏହି ଡ୍ରାମାକୁ କନକ ହୋତା ରଚନା କରିଥିବା ବେଳେ ଓ ନିର୍ଦ୍ଦେଶନା ଦେଇଥିଲେ ବସନ୍ତ ମହାପାତ୍ର। ଶେଷରେ ଡଲାସ୍‌ର ଓଡ଼ିଆମାନେ ତପନ ପାଢ଼ୀଙ୍କ ଲିଖିତ ବ୍ରଡୱେ ଶୈଳୀରେ ଏକ ସଙ୍ଗୀତ ପରିବେଷଣ କରିଥିଲେ। ବ୍ଲାକ୍ ଇଗଲ୍ ବୁକ୍ସ ଦ୍ୱାରା ୭୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା।




ସମ୍ମିଳନୀରେ ୧୨ ଜଣ ବିଶିଷ୍ଟ ଓଡ଼ିଆଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବା ସହ ଡ. ଆଶୁତୋଷ ଦତ୍ତଙ୍କୁ ଏ ବର୍ଷ 'ଓସା'ର ସର୍ବଶ୍ରେଷ୍ଠ ପୁରସ୍କାର ମିଳିଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମିଳନୀରେ ଓସାର ନୂତନ କର୍ମକର୍ତ୍ତାମାନେ ଆଗାମୀ ଦୁଇବର୍ଷ ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ।

## ପୂଜକଙ୍କୁ ଅପହରଣ ପରେ ହତ୍ୟା ଉଦ୍ୟମ; ସେବାୟତ ଗିରଫ



ଭୁବନେଶ୍ୱର, ୧୭।୭ (ସମିସ): ପୂଜକଙ୍କୁ ଅପହରଣ କରି ହତ୍ୟା ଉଦ୍ୟମ କରିଥିବା ଜଣେ ସେବାୟତଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବଡୁ ସାହିର ସୁନୀଲ ବଟୁ ଓରଫ୍ ସୋନୁ (୨୮)।

ପୁଲିସ ସୂଚନା ଅନୁସାରେ, ପୂଜକ ରମେଶ ଚନ୍ଦ୍ର ପଣ୍ଡା ୯ ବର୍ଷ ଧରି ଅଭିଯୁକ୍ତ ସୋନୁଙ୍କ ଅଧୀନରେ ଲିଙ୍ଗରାଜ ମନ୍ଦିର ପରିସରରେ ଥିବା ତାରିଣୀ ମନ୍ଦିରରେ ପୂଜା କରି ଆସୁଥିଲେ। ଗତକାଲି ସନ୍ଧ୍ୟାରେ ସୋନୁ ନିଶାଗ୍ରସ୍ତ ଅବସ୍ଥାରେ ଆସି ରମେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ପରେ ତାଙ୍କୁ ଆକ୍ରମଣ କରିଥିଲେ। ରମେଶ ମନ୍ଦିର ବାହାରକୁ ପଳାଇବା ପରେ ସୋନୁ ଓ ଜଣେ ସହଯୋଗୀ ମିଶି ତାଙ୍କୁ ବାଇକରେ ଅପହରଣ କରି ନେଇଥିଲେ। ଗ୍ୟାରେଜ ଛକ ନିକଟରେ ଥିବା କେନାଲରେ ବୁଡ଼ାଇ ମାରିଦେବେ ବୋଲି ଧମକ ଦେଇଥିଲେ। ରମେଶ ପଳାଇବାକୁ ଉଦ୍ୟମ କରିବାରୁ ସୋନୁ ଗାମୁଛାରେ ତାଙ୍କ ବେକକୁ ଚାପି ହତ୍ୟା ଉଦ୍ୟମ କରିଥିଲେ। ରମେଶ ଆତ୍ମରକ୍ଷା ପାଇଁ ସୋନୁଙ୍କ ହାତକୁ କାମୁଡ଼ି ଦେଇ ସେଠାରୁ ଖସିବାରେ ସଫଳ ହୋଇଥିଲେ। ରମେଶଙ୍କ ଅଭିଯୋଗ ଆଧାରରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ମନ୍ଦିର ନିକଟରୁ ସୋନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ଏକ ବାଇକ୍ ଜବତ କରିଥିଲା। ସୋନୁଙ୍କ ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଥାନାରେ ୬ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ପ୍ରେମିକାର ଫଟୋ ଭାଇରାଲ୍ କରି ପ୍ରେମିକ ଗିରଫ



ଭୁବନେଶ୍ୱର, ୧୭।୭ (ସମିସ): ପ୍ରେମିକାର ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ମହିଳା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସୋର ଥାନା ଅଞ୍ଚଳର ମଧୁସୂଦନ ନାୟକ (୨୯)।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ଗତ ୬ ମାସ ହେବ ମଧୁସୂଦନ ସହ ପ୍ରେମ ସମ୍ପର୍କ ରହିଥିଲା। ପ୍ରେମ ଆଳରେ ମଧୁସୁଦନ ତାଙ୍କୁ ଦୁଷ୍କର୍ମ କରିବା ଲାଗି ଉଦ୍ୟମ କରିଥିଲା। ଏହି ଭଳି ଆଚରଣ ଯୋଗୁଁ ଯୁବତୀ ଗତମାସ ଦ୍ୱିତୀୟ ସପ୍ତାହରୁ ମଧୁସୂଦନ ସହିତ ସମ୍ପର୍କ ଛିନ୍ନ କରି ଦେଇଥିଲେ। ଏହାର ୧୫ ଦିନ ପରେ ମଧୁସୂଦନ ତାଙ୍କୁ ଫୋନ୍ କରି ପାଖରେ ରଖିଥିବା ଫଟୋ ଓ ଭିଡିଓ ଗୁଡ଼ିକୁ ବନ୍ଧୁ ଓ ସମ୍ପର୍କୀୟଙ୍କ ପାଖକୁ ପଠାଇଦେବ ବୋଲି ଧମକ ଦେଇଥିଲା। ପରବର୍ତ୍ତୀ ସମୟରେ ମଧୁସୂଦନ ଉକ୍ତ ଫଟୋଗୁଡ଼ିକୁ ଫେସବୁକରେ ଅପଲୋଡ କରି ଦେଇଥିଲା। ଫଳରେ ଅଭିଯୋକାରିଣୀ ନିଜ ବନ୍ଧୁପରିଜନଙ୍କ ନିକଟରେ ଅପମାନିତ ହୋଇଥିଲେ। ଏପରି ବେଆଇନ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ପୀଡ଼ିତା ମଧୁସୂଦନକୁ ଅନୁରୋଧ କରିଥିଲେ ମଧ୍ୟ ସେ ଶୁଣି ନଥିଲା। ଓଲଟି ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲା। ଏନେଇ ପୀଡ଼ିତା ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ମଧୁସୂଦନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ରାଜଧାନୀ ରାସ୍ତାକଡ଼ରୁ ପେଭର ବ୍ଲକ ଉଭାନ

## ପ୍ରହସନ ପାଲଟିଛି ପେଭରବ୍ଲକ ପ୍ରକଳ୍ପ

ଭୁବନେଶ୍ୱର, ୧୭।୭(ସମିସ)

ଭୁବନେଶ୍ୱର ମହାନଗର ଅଧୀନରେ ରହିଥିବା ରାସ୍ତା ପାର୍ଶ୍ୱରେ ପେଭରବ୍ଲକ ବିଛା ଯାଇଛି। ହେଲେ ପେଭରପ୍ଲକ୍ ବିଛା ଯିବାପରେ ଏହାର ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଦିନ କେଇଟା ପରେ କେଉଁଠି ଦବି ଯିବା ସହ ଭାଙ୍ଗିଯାଇ ମାଟି ଦିଶିଲାଣି। ସେହିପରି କେତେକ ସ୍ଥାନରେ ଉଭାନ୍ ହୋଇଯାଇଛି। ବିଶେଷ କରି ରାଜଧାନୀର ବିଭିନ୍ନବସ୍ତି ଅଞ୍ଚଳ ନିକଟରେ ରହିଥିବା ରାସ୍ତାରୁ ପେଭରବ୍ଲକ ଚୋରି ହେଉଥିବା ଅଭିଯୋଗ ହୋଇଛି। ରାତା ରାତି ଲୋକେ ରାସ୍ତା ଉପରୁ ଖଣ୍ଡଖଣ୍ଡ କରି ପେଭରବ୍ଲକ ଉଠାଇ ନେଇ ନିଜର ବିଭିନ୍ନ କାର୍ଯ୍ୟରେ ଲଗାଯାଉଛି। ଏପଟେ ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଯେଉଁ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ତାହା ବିଫଳ ହୋଇଥିବା କୁହାଯାଉଛି।



ସହରର ବିଭିନ୍ନ ସ୍ଥାନ ଯଥା ବାଣୀବିହାରରୁ ରୂପାଲି ଛକ, ଅଶୋକନଗର, ସତ୍ୟନଗର, ରାଜମହଲ, ଶିଶୁଭବନ ଛକ, ଆଚାର୍ଯ୍ୟ ବିହାରରୁ ଏଜି ଛକ ମଧ୍ୟରେ ମଧ୍ୟ ଅନେକ ସ୍ଥାନର ରାସ୍ତାର ଦୁଇ କଡ଼ରେ ପେଭର ବ୍ଲକ ବିଛା ଯାଇଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା ବର୍ଷା ଜଳ ସଂରକ୍ଷଣ କରାଯିବା। ମାଟି ସ୍ଥାନ ଉପରେ ବାଲି ପକାଯାଇ ତାହା ଉପରେ ପେଭର ବ୍ଲକ ପକାଇ ମେସିନ୍ ସାହାଯ୍ୟରେ ଲଗାଯାଇଥାଏ। ଫଳରେ ଏହି ସ୍ଥାନରେ ବର୍ଷା ପାଣି ବାହାରକୁ ନଯାଇ ସେହି ସ୍ଥାନରେ ହିଁ ମାଟି ତଳକୁ ଯାଇଥାଏ। ଏହାସହିତ ସ୍ୱଚ୍ଛ ଓ ଆକର୍ଷଣୀୟ ହୋଇଥିବା ସହ ଅନେକ ସ୍ଥାନରେ ବସିବାକୁ ସୁବିଧା ରହିଛି। ହେଲେ ବର୍ଷା ଜଳ ସଂରକ୍ଷଣ ତ ଦୂରର କଥା ଦିନ କେଇଟା ପରେ ରାସ୍ତା କଡ଼ରୁ ଉଭାନ୍ ହୋଇ ଯାଉଛି। ବିଜୁ ପଟ୍ଟନାୟକ ପାର୍କ ପଛପଟ ରାସ୍ତାରେ ପେଭରବ୍ଲକ ଉଠି ଯାଇଥିବାରୁ ବାଇକ୍ ଚାଳକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ସେହିପରି ୟୁନିଟ୍-୩, ୟୁନିଟ୍ ୧ସମେତ ସହରର ଅଧିକାଂଶ ସ୍ଥାନରେ ସମାନ ଅବସ୍ଥା ଦେଖିବାକୁ ମିଳିଛି। କେଉଁଠି ନିମ୍ନ ମାନର କାମ ଯୋଗୁଁ ତାହା ଆପେ ଆପେ ବାହାରି ରାସ୍ତା ଉପରେ ଗଦା ହୋଇଛି ତ ଆଉ କେଉଁଠି ବାଲି ପ୍ୟାକିଂ ଭଲରେ କରାଯାଇନଥିବାରୁ ତାହା ଉଠି ଯାଉଥିବା ବେଳେ ଅନେକ ସ୍ଥାନରେ ରାତି ଅଧିଆ ଲୋକମାନେ ଉଠାଇ ନେଇଯାଉଥିବା ଅଭିଯୋଗ ହୋଇଛି। ଫଳରେ ଅନେକ ସ୍ଥାନରେ ଏଭଳି ଦୃଶ୍ୟ କେବଳ ଅଞ୍ଚଳର ସୌନ୍ଦର୍ଯ୍ୟ ନଷ୍ଟ କରୁନି ବରଂ ପାର୍କିଂ ଠାରୁ ନେଇ ଯାତ୍ରୀମାନେ ଯାତାୟତରେ ମଧ୍ୟ ସମସ୍ୟା ଭୋଗୁଛନ୍ତି। ତେବେ ଏହି କାମ ସରିବା ପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିବା ବୁଦ୍ଧିଜିବୀମାନେ ମତ ଦେଇଛନ୍ତି। କାରଣ କେତେକ ପାର୍କିଂ ଅଞ୍ଚଳରେ ମାଟି ଦବି ଯାଇଥିବାରୁ ଏଠାରେ ଗାଡ଼ି ପାର୍କିଂ କରିବା ମଧ୍ୟ ସମ୍ଭବ ହେଉନଥିବା ବେଳେ ଆଉ କେତେକ ସ୍ଥାନରେ ପେଭରବ୍ଲକ ଉଠି ଯାଇଥିବାରୁ ସେଠାରେ ବର୍ଷା ସମୟରେ କାଦୁଅ ଜମି ରହୁଥିବା ଦେଖିବାକୁ ମିଳିଛି। ତେବେ ନିକଟରେ ୱାର୍ଡ ନମ୍ବର ୬୫ସ୍ଥିତ ପାତ୍ରପଡ଼ା ଅଧୀନସ୍ଥ ଭଗବାନପୁରରେ ଦିନ କେଇଟା ପରେ ରାସ୍ତାରୁ ଉଭାନ୍ ହୋଇଯାଇଛି ପେଭରପ୍ଲକ୍। ଫଳରେ ରାସ୍ତାର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଯିବା ଆସିବା କରିବାରେ ମଧ୍ୟ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ବିଛାଇବାର ଦିନ କେଇଟା ପରେ ଉଭାନ

## ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଲେ ମହିଳା

**● ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ପ୍ରେମିକ ଅଟକ**

ଭୁବନେଶ୍ୱର, ୧୭।୭ (ସମିସ): ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଜଣେ ମହିଳା ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଚିଲ୍ଲିପୋଖରୀ ଅଞ୍ଚଳର ସସ୍ମିତା ବେହେରା (୩୪)। ମାଆଙ୍କ ଅଭିଯୋଗ ଆଧାରରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ପ୍ରେମିକକୁ ଅଟକ ରଖିଛି।

ମିଳିଥିବା ସୂଚନା ଅନୁସାରେ, ସସ୍ମିତା ୫/୬ ବର୍ଷ ପୂର୍ବେ ବିବାହ କରିଥିବା ବେଳେ ତାଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି। ହେଲେ ସ୍ୱାମୀ ଓ ସନ୍ତାନଙ୍କୁ ଠାରୁ ଅଲଗା ହୋଇ ଯାଇଥିଲେ। କିଛି ମାସ ହେବ ପ୍ରେମିକ ଚିତ୍ତରଞ୍ଜନ ସେଠୀ ଓ ସସ୍ମିତା ମହାବୀର ନଗର ଅଞ୍ଚଳରେ ରହି ଆସୁଥିଲେ। ଆଜି ଚିତ୍ତରଞ୍ଜନ କୌଣସି କାମରେ ବାହାରକୁ ଯାଇଥିବା ବେଳେ ସସ୍ମିତା ଏକାକୀ ଘରେ ଥିଲେ। ଚିତ୍ତରଞ୍ଜନ ଫେରିବା ବେଳକୁ ସସ୍ମିତା ବେକରେ ଶାଢ଼ି ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଚିତ୍ତ ଠାରୁ ଖବରପାଇ ସସ୍ମିତାଙ୍କ ପରିବାର ଲୋକେ ମହାବୀର ନଗର ସ୍ଥିତ ଘରେ ପହଞ୍ଚିଥିଲେ। ସେପଟେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସସ୍ମିତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାଆ ମାଧବୀ ସାମଲଙ୍କ ଅଭିଯୋଗ କ୍ରମେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଚିତ୍ତରଞ୍ଜନକୁ ଅଟକ ରଖି ପଚରାଉଚରା ଚଳାଇଛି।

## ମଦ ଓ ଗଞ୍ଜେଇ ଜବତ; ବେପାରୀ ଗିରଫ

ଭୁବନେଶ୍ୱର, ୧୭।୭ (ସମିସ): ନିଶା ବେପାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଅବକାରୀ ଥାନା। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୬ ଅଞ୍ଚଳର ଫଗୁ ଚରଣ ଖଟୁଆ। ପୁଲିସ ସୂଚନା ଅନୁସାରେ, ୟୁନିଟ୍ ୬ ଅଞ୍ଚଳରେ ନିଶା କାରବାର ହେଉଥିବା ନେଇ ଅବକାରୀ ଥାନାକୁ ଖବର ମିଳିଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ କାଳୀ ମନ୍ଦିର ବସ୍ତିରେ ଚଢ଼ଉ କରି ଫଗୁକୁ ଗିରଫ କରିଥିଲା। ଯାଞ୍ଚ ସମୟରେ ତା' ଠାରୁ ୧.୫ କିଲୋ ଗଞ୍ଜେଇ ଓ ୧୦୦ ଲିଟର ଦେଶୀମଦ ଜବତ କରିଥିଲା। ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଅବକାରୀ ଥାନା।

## ଦୁର୍ଘଟଣାରେ କାର୍ ଚାଳକ ମୃତ

ଭୁବନେଶ୍ୱର, ୧୭।୭ (ସମିସ): ଗୁରୁବାର ସନ୍ଧ୍ୟାରେ କୁହା ଛକରେ ଏକ ଦୁର୍ଘଟଣା ଘଟିଛି। ଏକ ଦୋକାନ କାନ୍ଥକୁ ଧକ୍କା ଦେବାରୁ କାର ଚାଳକ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ପୁରୁଣା ଭୁବନେଶ୍ୱର ଅଞ୍ଚଳର କୃଷ୍ଣ ରଞ୍ଜନ ତ୍ରିପାଠୀ (୪୧)। ମିଳିଥିବା ସୂଚନା ଅନୁସାରେ, କୃଷ୍ଣ ଓ ଅନ୍ୟଜଣେ ବ୍ୟକ୍ତି କାର ଯୋଗେ ଜଟଣୀ ପଟରୁ ସୁନ୍ଦରପଦା ଆଡ଼କୁ ଆସୁଥିଲେ। ସେମାନେ କୁହା ଛକରେ ପାଇଥିବା ବେଳେ କାରଟି ଭାରସାମ୍ୟ ହରାଇ ଏକ ଦୋକାନ କାନ୍ଥରେ ପିଟି ହୋଇଥିଲା। ଫଳରେ ଦୁଇ ଜଣ ଯାକ ଗୁରୁତର ଆହତ ହୋଇଥିଲେ। ଖବରପାଇ ଏୟାରଫିଲ୍ଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହକୁ କ୍ୟାପିଟାଲ ହସପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଆହତ ବ୍ୟକ୍ତିଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଥିବା ବେଳେ ସେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେପଟେ କେଉଁ ପରିସ୍ଥିତିରେ ଏଭଳି ଦୁର୍ଘଟଣା ଘଟିଲା ତାହା ଏଯାଏଁ ସ୍ପଷ୍ଟ ହୋଇ ପାରିନାହିଁ।

## ପୁଲିସର ମାନବିକତା ପାଇଁ ବଞ୍ଚିଗଲେ ବୃଦ୍ଧା

ହଂସପାଳ, ୧୭/୭(ସମିସ): ପାହାଳ ଥାନା ପୋଲିସର ମାନବିକତା ସକାଶେ ବଞ୍ଚିଗଲା ଜଣେ ମହିଳାର ଜୀବନ। ସୂଚନା ଅନୁସାରେ କଂଗ୍ରେସର ଓଡ଼ିଶା ବନ୍ଦ୍ ଡାକରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ରୁଦ୍ରପୁର ଛକରେ ଜଗି ରହିଥିଲେ। ଠିକ୍ ଏହି ସମୟରେ ନୂଆପଡ଼ା ଖଡ଼ିଆଳର ଜଣେ ବୃଦ୍ଧା ରୋଗୀ ବସ୍ ଯୋଗେ କଟକ ବଡ଼ ଡାକ୍ତରଖାନାକୁ ଯାଉଥିଲେ। ବନ୍ଦ ଯୋଗୁଁ ରୁଦ୍ରପୁର ଛକ ନିକଟରେ ବସ୍ ଅଟକିବାରୁ ମହିଳା ଜଣକ ବସ୍ ଭିତରେ ଚେତାଶୁନ୍ୟ ହୋଇପଡ଼ିଥିଲେ। ସେଠାରେ କାର୍ଯ୍ୟରତ ଥିବା ପାହାଳ ଥାନା ଏସଆଇ ସ୍ମୃତିରଞ୍ଜନ ମହାନ୍ତି ସଙ୍ଗେ ସଙ୍ଗେ ମହିଳାଙ୍କ ମୁହଁରେ ପାଣି ଛିଞ୍ଚି ହୋସକୁ ଆଣିଥିଲେ ଏବଂ ନିଜ ଦୁଇ ହାତରେ ବୃଦ୍ଧା ମହିଳାଙ୍କୁ ଟେକି ନେଇ କିଛି ଦୂରରେ ଥିବା ଆମ୍ବୁଲାନ୍ସ ଦ୍ୱାରା କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ବାବୁଙ୍କ ଏହି ମହାନତା କାର୍ଯ୍ୟ ପାଇଁ ଚାରିଆଡୁ ପ୍ରଶଂସାର ଶୁଅ ଛୁଟୁଛି।

## ବାଲିଅନ୍ତାରେ କଂଗ୍ରେସର ବନ୍ଦ ସଫଳ

ବାଲିଅନ୍ତା, ୧୭।୭(ସମିସ): ବାଲିଅନ୍ତା ବ୍ଲକ କଂଗ୍ରେସ ସଂଗଠନ ପକ୍ଷରୁ କଂଗ୍ରେସର ଅଖଚକ ବନ୍ଦ ଆନ୍ଦୋଳନ ବେଶ ପ୍ରଭାବୀ ଢଙ୍ଗରେ ସଫଳ ହୋଇଛି। ବାଲିଅନ୍ତା ବ୍ଲକ କଂଗ୍ରେସ ସଭାପତି ଜନ୍ମେଜୟ ସ୍ୱାଇଁ, ବରିଷ୍ଠ ନେତା ବେଣୁଧର ଭୋଇ ଓ ଉପେନ୍ଦ୍ର ନାଥ ଶତପଥୀ ଓ ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ଏହି ୧୨ ଘଣ୍ଟିଆ ଆନ୍ଦୋଳନ ଚାଲିଥିଲା। ବାଲକାଟି ପୁରୀ କେନାଲବନ୍ଧ ଛକ, ଭିଙ୍ଗାରପୁର ରାମଚନ୍ଦ୍ରପୁର ଛକ, ଖମଙ୍ଗ ବଜାର, ବାଲିଅନ୍ତା ଗାନ୍ଧୀ ଛକରେ କଂଗ୍ରେସ ନେତୃବୃନ୍ଦ ଏବଂ କର୍ମୀ ରାସ୍ତା ଅବରୋଧ ପ୍ରତିବାଦ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଞ୍ଜିନିୟର ପ୍ରଭାସ ବାରିକ, ନାରାୟଣ ସାହୁ, ପ୍ରଦେଶ ଛାତ୍ର କଂଗ୍ରେସ ଉପ ସଭାପତି ସନ୍ଦୀପ ରାଉତରାୟ, ପୂର୍ବତନ ଜିଲ୍ଲା ପରିଷଦ କାହ୍ନୁ ଦାସ, ସୋମନାଥ ବେହେରା, ବିଜୟ ସାହୁ, ସୁଦର୍ଶନ ମହାପାତ୍ର, ରବି ନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଯୁବନେତା ସ୍ୱାଗତ କରଙ୍କ ନେତୃତ୍ୱରେ ବାଲିଅନ୍ତା ମହାତ୍ମା ଗାନ୍ଧୀ ସେତୁ ନିକଟରେ, ଅକ୍ଷୟ ପାତ୍ରଙ୍କ ନେତୃତ୍ୱରେ ଭିଙ୍ଗାରପୁର ରାମଚନ୍ଦ୍ରପୁର ଛକ ଏବଂ ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ରାସ୍ତା ଅବରୋଧ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର
ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ବ୍ରହ୍ମପୁରରେ ଓଡ଼ିଶା ବନ୍ଦ ସଫଳ

## ସୌମ୍ୟାଶ୍ରୀ ମୃତ୍ୟୁ ପାଇଁ ସରକାର ଦାୟୀ- କଂଗ୍ରେସ

### ଜନତାଙ୍କ ଆଗରେ ରାଜ୍ୟ ସରକାରଙ୍କ ଅପାରଗତା ବଖାଣିଲେ କର୍ମୀ









ବ୍ରହ୍ମପୁର,୧୭।୭(ସମିସ): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାକୁ ବିରୋଧ ଏବଂ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଂଗ୍ରେସ ସମେତ ସିପିଏମ, ସିପିଆଇ, ଫରୱାଡର୍ ବ୍ଲକ, ସିପିଆଇଏମଏଲ, ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହିକ୍ରମରେ ବ୍ରହ୍ମପୁର ସହରରେ ମଧ୍ୟ ୧୨ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ସଫଳ ହୋଇଛି। ଅତ୍ୟାବଶ୍ୟକ ସେବା ଜାରି ରହିଥିବା ବେଳେ ସହରର ପ୍ରାୟ ସମସ୍ତ ସ୍ଥାନରେ ଥିବା ବିଭିନ୍ନ ଦୋକାନ, ହୋଲସେଲ ବଜାର, ସ୍କୁଲ, କଲେଜ, ସରକାରୀ ଅନୁଷ୍ଠାନ ଅଦି ବନ୍ଦ ରହିଥିଲା। ଅନୁରୂପ ଭାବେ ବସ ଚଳାଚଳ ମଧ୍ୟ ବନ୍ଦ ଥିବା ଦେଖିବାକୁ ମିଳିଛି। ସକାଳୁ କଂଗ୍ରେସ ଓ ବାମପନ୍ଥୀ ଦଳମାନଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରାଯିବା ସହ ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହିକ୍ରମରେ ଶତାଧିକ କର୍ମୀଙ୍କୁ ନେଇ କଂଗ୍ରେସ ଜିଲ୍ଲା କାର୍ଯ୍ୟାଳୟ ଠାରୁ ଏକ ବାଇକ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ସ୍ଥାନ ବୁଲି ଓଡିଶା ବନ୍ଦକୁ ସଫଳ କରିବାକୁ ସାଧାରଣ ଜନତାଙ୍କୁ ଅନୁରୋଧ କରିବା ସହ ବନ୍ଦ ପାଳନରେ ସାମିଲ ହେବାକୁ କହିଥିଲେ। ଏଭଳି ଭାବେ କଂଗ୍ରେସ ସମେତ ବିଭିନ୍ନ ବାମ ଦଳର ନେତା ଓ କର୍ମୀମାନେ ରାଜ୍ୟ ସରକାରଙ୍କ ଅପାରଗତା ସମ୍ପର୍କରେ ଲୋକାଙ୍କୁ ଅବଗତ କରିଥିଲେ। ଓଡ଼ିଶାରେ ପ୍ରତିଦିନ ମହିଳା ନିର୍ଯ୍ୟାତନାର ଶିକାର ହେଉଛନ୍ତି। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣା ଏବେ ରାଜ୍ୟ ସରକାରଙ୍କ ଅପାରଗତାକୁ ପଦାରେ ପକାଇଥିବା କଂଗ୍ରେସ କର୍ମକର୍ତ୍ତାମାନେ ସାଧାରଣ ଜନତାଙ୍କୁ ବିଭିନ୍ନ ସ୍ଥାନରେ ବୁଝାଇଥିଲେ। ସରକାରୀ ଦାୟିତ୍ୱହୀନତା ଫଳରେ ଜଣେ ଛାତ୍ରୀ ନ୍ୟାୟ ନପାଇ ନିଆଁରେ ଜଳିଗଲା ବୋଲି ଲୋକଙ୍କୁ ବୁଝାଇଥିଲେ। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଥିଲା। ଏହା ସହ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବା ବୋଲି କଂଗ୍ରେସ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାବି କରାଯାଇଥିଲା। ଆନ୍ଦୋଳନ ବେଳେ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଭାପତି ଦୀପକ ପଟ୍ଟନାୟକ, ବୃନ୍ଦାବନ ଖଟେଇ, ରବିନ୍ଦ୍ର ଅଧିକାରୀ, ସାଇରାମ ପାତ୍ର, ରଶ୍ମି ପଟ୍ଟନାୟକ, ଯୁବ କଂଗ୍ରେସ ସଭାପତି ବିକାଶ ନାୟକ, ସୁବାଷିନୀ ପଟ୍ଟନାୟକ, ପିଣ୍ଟୁ ଜେନା, ଗୀତାଞ୍ଜଳି ସାହୁଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ଆନ୍ଦୋଳନାରେ ସିପିଏମର ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକ, ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବାବୁଲା ନାୟକ, କେଶବ ଗୌଡ଼, ହରି ନାହାକ, ଚିଟିବାବୁ, ରାଜା ରାଓ, ଦିଲ୍ଲୀପ ଛୋଟରାୟ, ଅଜୟ ଗୌଡ଼, ଗୋକୁଳ ତ୍ରିପାଠୀ, ଚନ୍ଦ୍ର ନାୟକ, ଶ୍ରୀଧର ସ୍ୱାଇଁ, ପୁରସ୍ତମ ସାହୁ ଓ ଖଲି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏଆଇଡିଏସ୍‌ର ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, କୋଷାଧ୍ୟକ୍ଷ କିସାନ କୁମାର ସାହୁ, ଜିଲ୍ଲା କମିଟି ସଭ୍ୟା ଶୁଭସ୍ମିତା ପାଣିଗ୍ରାହୀ, ସଭ୍ୟ ବାମିଆ ଉଗ୍ରସେଣ୍ଡିଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଏମ୍‌କେସିଜିରୁ ଘରୋଇ ହସ୍ପିଟାଲକୁ ରୋଗୀ ଚାଲାଣ ଘଟଣା

## ୫ଜଣିଆ କମିଟିର ତଦନ୍ତ ଆରମ୍ଭ; ୨୪ ଘଣ୍ଟାରେ ରିପୋର୍ଟ ତଲବ

ବ୍ରହ୍ମପୁର,୧୭।୭(ସମିସ)

ଏମ୍‌କେସିଜି ମେଡିକାଲର ଆଶୁଚିକିତ୍ସା ବିଭାଗରେ ଚିକିତ୍ସା ପାଇଁ ଆସିଥିବା ବାଘଲଟି ଗ୍ରାମର ବଳରାମ ଗୌଡଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ଡାକ୍ତର ଚାଲାଣ କରିବା ଏବଂ ସେଠାରେ ତାଙ୍କ ମୃତ୍ୟୁର ତଦନ୍ତ ଆରମ୍ଭ ହୋଇଛି। ଘଟଣାର ତଦନ୍ତ ପାଇଁ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ ଏକ ୫ଜଣିଆ ଟିମ ଗଠନ କରିଛନ୍ତି। ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ଟିମରେ ମେଡିକାଲର ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର, ନିଶ୍ଚେତକ ବିଭାଗର ମୁଖ୍ୟ ପ୍ରଫେସର ଡ଼ା. ଖଗେଶ୍ୱର ରାଉତ, ମେଡ଼ିକାଲ ଆଜୁଆଲଟି ଅଫିସର ଡ଼ା. ସୁବ୍ରତ ଦାଶ ଓ ହସ୍ପିଟାଲ ମ୍ୟାନେଜର ସିଦ୍ଧାର୍ଥ ପ୍ରଧାନ ଅନ୍ତର୍ଭୁକ୍ତ। ରେଜିଷ୍ଟ୍ରାରଙ୍କ ଚ୍ୟାମ୍ବରରେ ପ୍ରଥମ ଦିନରେ କମିଟି ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

- କମିଟି ସମ୍ମୁଖରେ ହାଜର ହେବେ ଡା. ଦିଲ୍ଲୀପ ପ୍ରଧାନ
- ଆଶୁଚିକିତ୍ସା ବିଭାଗର ସମସ୍ତ ସିସିଟିଭି ଯାଞ୍ଚ ଶେଷ
- ଜେରା ହେବେ ଆମ୍ବୁଲାନ୍ସ ଡ୍ରାଇଭର୍

ପ୍ରଥମ ପର୍ଯ୍ୟାୟରେ ମେଡିକାଲର ଆଶୁଚିକିତ୍ସା ବିଭାଗରେ ଲାଗିଥିବା ବିଭିନ୍ନ ସିସିଟିଭିରେ ଘଟଣା ଦିନର ଦୃଶ୍ୟକୁ କମିଟି ପକ୍ଷରୁ ଯାଞ୍ଚ କରାଯାଇଛି। ଉକ୍ତ ଦିନ ଅସ୍ଥିଶଲ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ଦିଲ୍ଲୀପ ପ୍ରଧାନଙ୍କର ଡ୍ୟୁଟି କେଉଁଠାରେ ଥିଲା। ଏବଂ ରୋଗୀ ଚାଲାଣ ବେଳେ ସେ ଆଶୁଚିକିତ୍ସା ବିଭାଗକୁ ଆସିଥିଲେ କି ନାହିଁ ତାହା ମଧ୍ୟ ଅନୁଧ୍ୟାନ କରାଯାଉଛି। ରୋଗୀଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଏମକେସିଜି ମେଡ଼ିକାଲରେ ଉପଲବ୍ଧ ଅଛି କି ନାହିଁ। ସେହିପରି ମେଡିକାଲର ଆଶୁଚିକିତ୍ସା ବିଭାଗରୁ ରୋଗ ଚାଲାଣ ବେଳେ ଯେଉଁ ଆମ୍ବୁଲାନ୍ସର ବ୍ୟବହାର ହୋଇଥିଲା ତାହାର ଡ୍ରାଇଭରଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ଜଣାପଡିଛି। ଆବଶ୍ୟକ ସ୍ଥଳେ କମିଟି ପୁଲିସର ସହଯୋଗ ନେବ ବୋଲି ଜଣାପଡିଛି। ଏସବୁ ବିଭିନ୍ନ ଦିଗକୁ ନେଇ କମିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନ ୪ଟା ସୁଦ୍ଧା ଘଟଣା ତଦନ୍ତ ରିପୋର୍ଟ ଅଧୀକ୍ଷକଙ୍କୁ ପ୍ରଦାନ କରାଯିବାକୁ ଥିବା ବେଳେ ଶୁକ୍ରବାର ଡାକ୍ତର ଦିଲ୍ଲିପ ପ୍ରଧାନ ହାଜର ହେବାକୁ ଥିବା ଜଣାପଡିଛି। ସେପଟେ ଘଟଣା ତଦନ୍ତ ସମ୍ପର୍କରେ ମୃତ ବଳରାମ ଗୌଡଙ୍କ ପରିବାରକୁ ଅବଗତ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ପରିବାର ସଦସ୍ୟମାନେ ତଦନ୍ତ ଚାଲିଥିବା ଖବର ପାଇ ଏମକେସିଜି ମେଡ଼ିକାଲରେ ପହଞ୍ଚି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀଙ୍କୁ ସାକ୍ଷାତ କରି ତଦନ୍ତ ପ୍ରକ୍ରିୟାରେ ସାମିଲ କରିବାକୁ ଦାବି କରିଥିଲେ।

## ଡକାୟତି ଯୋଜନା ପଣ୍ଡ; ୫ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ବ୍ରହ୍ମପୁର,୧୭।୭(ସମିସ): ସ୍ଥାନୀୟ ଝାଡ଼ାଙ୍କୁଲି ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ବସି ଡକାୟତି ଯୋଜନା କରୁଥିବା ୫ ଜଣ ଯୁବକଙ୍କୁ କାବୁ କରିଛି ନିମଖଣ୍ଡି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଝାଡାଙ୍କୁଲି ମାଝୀ ସାହିର ମିଟୁ ସାହୁ ଓରଫ ମୁରଲୀ(୪୮), ନିମଖଣ୍ଡିର ଟୁନା ନାୟକ(୨୮), ମହେଶ୍ୱର ପାତ୍ର ଓରଫ ଜଗା(୨୮), ପୁରୁଣା ଖଜୁରିଆ ଗ୍ରାମର କାଳିଆ ସେଠୀ(୨୮) ଓ ଝାଡାଙ୍କୁଲିର ପ୍ରଶାନ୍ତ କୁମାର ସେଠୀ(୩୨)। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ୨ଟି ଖଣ୍ଡା, ଗୋଟିଏ ପଞ୍ଝ୍ ଓ ଦୁଇଟି ମୋବାଇଲ ଜବତ କରିଥିବା ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି। ଗତ ବୁଧବାର ରାତିରେ ପୁଲିସ ପାଟ୍ରୋଲିଂ ବେଳେ ଝାଡ଼ାଙ୍କୁଲି ଗ୍ରାମର ଏକ ପେଟ୍ରୋଲ ପମ୍ପ ନିକଟସ୍ଥ ଖୋଲା ପଡ଼ିଆରେ କିଛି ଯୁବକ ଡକାୟତି ଯୋଜନା କରୁଥିବା ଖବର ମିଳିଥିଲା। ପରେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ପକ୍ଷରୁ ସେଠାରେ ଅତର୍କିତ ଚଢ଼ଉ କରି ୫ଜଣଙ୍କୁ କାବୁ କରିଥିଲା। କୌଶଳ କ୍ରମେ ଅଭିଯୁକ୍ତ ମୁରଲୀ ସାହୁ ଓରଫ ମିଟୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ ହେଁ ଦୌଡ଼ିବା ସମୟରେ ସେ ରାସ୍ତାରେ ପଡି ଆହତ ହୋଇଥିଲା। ଗିରଫ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଆର୍ମ୍ସ ଆକ୍ଟ, ଡକାୟତି, ହତ୍ୟା ଉଦ୍ୟମ ଓ ଚୋରି ଭଳି ବିଭିନ୍ନ ସଙ୍ଗୀନ ମାମଲା ରହିଛି। ଏକାଧିକ ସଙ୍ଗୀନ ମାମଲା ରହିଥିବା ପୁଲିସ ତଦନ୍ତ ବେଳେ ଜାଣିପାରିଛି। ଅଭିଯୁକ୍ତଙ୍କ ତଲାସି ବେଳେ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ଦୁଇଟି ମୋବାଇଲ, ୨ଟି ଖଣ୍ଡା ଏବଂ ଗୋଟିଏ ପଞ୍ଝ ଜବତ ହୋଇଥିଲା। ଗିରଫ ଅଭିଯୁକ୍ତ ମୁରଲୀ ନାଁରେ ପୂର୍ବରୁ ସଦର ଥାନାରେ ୩ଟି, ଜଗା ନାଁରେ ୪ଟି, ଟୁନା ନାଁରେ ନିମଖଣ୍ଡି ଥାନାରେ ଗୋଟିଏ ଓ ସଦର ଥାନାରେ ୬ଟି ମାମଲା, କାଳିଆ ନାଁରେ ଗୋଷାଣିନୂଆଗାଁ ଥାନାରେ ୨ଟି ଓ ପ୍ରଶାନ୍ତ ନାମରେ ବୈଦ୍ୟନାଥପୁର ଥାନାରେ ୩ଟି, ଗୋଳନ୍ଥରା ଥାନାରେ ଗୋଟିଏ ଓ ନିମଖଣ୍ଡି ଥାନାରେ ୨ଟି ମାମଲା ରହିଥିବା ଜଣାପଡିଛି।

### ■ ହାଇସ୍କୁଲ ଶିକ୍ଷକ ବଦଳିରେ ବ୍ୟାପକ ଅନିୟମିତତା ଅଭିଯୋଗ

## ନିୟମ ଉଲ୍ଲଂଘନ କରିଛି ଗଞ୍ଜାମ ଜିଲ୍ଲା ଶିକ୍ଷା ପ୍ରଶାସନ!

ବ୍ରହ୍ମପୁର,୧୭।୭(ସମିସ): ଜନସଂଖ୍ୟା ଓ ଭୌଗଳିକ ଦୃଷ୍ଟିକୋଣରୁ ଗଞ୍ଜାମ ଏକ ବଡ଼ ଜିଲ୍ଲା। କିନ୍ତୁ ଏହି ଜିଲ୍ଲା ବିଭିନ୍ନ କ୍ଷେତ୍ରରେ ଅବହେଳିତ ହେବାର ଚିତ୍ର ବିଭିନ୍ନ ସମୟରେ ପ୍ରତିପାଦିତ ହୋଇଛି। ବିଗତ କିଛି ବର୍ଷ ହେବ ଜିଲ୍ଲାରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ମାଧ୍ୟମିକ, ଉଚ୍ଚମାଧ୍ୟମିକ ଓ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ ଭାବେ ପଛରେ ପଡ଼ିଥିବା ବି ଲକ୍ଷ୍ୟ କରାଯାଇଛି। ଏପରିକି ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ପ୍ରସଙ୍ଗକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଏଭଳି ସ୍ଥଳେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିକଟରେ ପ୍ରକାଶ ପାଇଥିବା ହାଇସ୍କୁଲ ଶିକ୍ଷକ ବଦଳି ତାଲିକାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋସିଛି। ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରୁଥିବା ଅନେକ ଶିକ୍ଷକ ବଦଳିରୁ ବାଦ ପଡ଼ିଥିବା ବେଳେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱସ୍ତ ଶିକ୍ଷକଙ୍କୁ ବଦଳିରେ ସାମିଲ କରାଯାଇଥିବା ଗୁରୁତର ଅଭିଯୋଗ ହୋଇଛି। ଏପରିକି ସୁସ୍ଥ ସବଳ ଥିବା ଶିକ୍ଷକ ମଧ୍ୟ ସହରମୁହାଁ ହୋଇଛନ୍ତି। ଆଉ କିଛି ଶିକ୍ଷକ ଗତ କିଛିବର୍ଷ ପୂର୍ବେ ଆନ୍ତଃ ଜିଲ୍ଲା ବଦଳିରେ ଆସିଥିବା ବେଳେ ସମ୍ପ୍ରତି ପୁନଃ ଅଭ୍ୟାନ୍ତରିତ ବଦଳିରେ ସ୍ଥାନ ପାଇଥିବା ଅଭିଯୋଗ ହୋଇଥିବା ବେଳେ ଏହି ପ୍ରସଙ୍ଗକୁ ନେଇ ଶିକ୍ଷକଙ୍କ ଭିତରେ ଆଲୋଚନା ଓ ଚର୍ଚ୍ଚା ଜାରି ରହିଛି। ସୂଚନା ପ୍ରକାରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ବ୍ରହ୍ମପୁର ପକ୍ଷରୁ ଜିଲ୍ଲାସ୍ତରୀୟ ବଦଳି କମିଟି ପକ୍ଷରୁ ମଞ୍ଜୁର ହୋଇଥିବା ମାଧ୍ୟମିକ କ୍ୟାଡ଼େର ଶିକ୍ଷକଙ୍କ ବଦଳି ତାଲିକା ଗତ ୧୦ତାରିଖ ଦିନ ପ୍ରକାଶ ପାଇଥିଲା। କିନ୍ତୁ ଏଥିରେ ବ୍ୟାପକ ଅନିୟମିତତା ଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।

- ■ ପୂର୍ବରୁ ଅଧ୍ୟାପକ ଖାଲି ହୋଇଥିଲେ, ଏବେ ଶିକ୍ଷକ
- ■ ଗ୍ରାମାଞ୍ଚଳରେ ଭୁଶୁଡ଼ିବ ହାଇସ୍କୁଲ ଶିକ୍ଷା

ବଦଳି ତାଲିକାରେ କିଛି ଶିକ୍ଷକ ବଦଳିର ମାପଦଣ୍ଡ ପୂରଣ କରିନଥିବା ବେଳେ ଆଉ କିଛି ଶିକ୍ଷକଙ୍କୁ ବେନିୟମ ଭାବେ ସହର ଓ ଉପକଣ୍ଠକୁ ବଦଳି କରାଯାଇଥିବା ଅଭିଯୋଗ ହୋଇଛି। ଏଣେ ଯେଉଁ ସ୍କୁଲରୁ ଶିକ୍ଷକ ବଦଳି ହୋଇଛନ୍ତି, ସେଠାରେ ବିକଳ୍ପ ବ୍ୟବସ୍ଥା କରିବାରେ ଜିଲ୍ଲା ଶିକ୍ଷା ପ୍ରଶାସନ ବିଫଳ ହୋଇଥିବା ଶିକ୍ଷାବିତ ମହଲରେ ଅଭିଯୋଗ ହୋଇଛି। ଅପରପକ୍ଷେ ଗତ ମେ ମାସ ୧୩ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତି ଅନୁସାରେ ସାଂସଦ ଓ ବିଧାୟକ ଅଥବା ବିଧାୟିକା ମାନେ ସେମାନଙ୍କ ନିର୍ବାଚନ ମଣ୍ଡଳୀକୁ ସମ୍ପୃକ୍ତ ଥିବା ଶିକ୍ଷକଙ୍କ ବଦଳି ଲାଗି ଉଭୟ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୫ଜଣଙ୍କ ନାମ ସୁପାରିଶ କରିପାରିବେ। ଏଥିରେ ବି ଅନେକ ନିୟମ ସ୍ଥାନ ପାଇଥିଲା। ବିଶେଷ କରି କୌଣସି ଶିକ୍ଷକ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ବଦଳି ଲାଗି ସୁପାରିଶ କରିପାରିବେ ନାହିଁ ବୋଲି ଉଲ୍ଲେଖ ରହିଥିଲା। ଅନୁରୂପ ଭାବେ ଗତ ମେ ମାସ ୧୪ତାରିଖ ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ବଦଳି ସମ୍ପର୍କରେ ଏକ ନିୟମାବଳୀ ମଧ୍ୟ ପ୍ରକାଶ ପାଇଥିଲା। ଏଥିରେ ମଧ୍ୟ ସ୍ପଷ୍ଟ ଭାବେ ଅନେକ ବିଷୟ ସ୍ଥାନ ପାଇଥିଲା। ବିଶେଷ ଭାବେ ଶିକ୍ଷକ ଜଣକ ଗୋଟିଏ ସ୍କୁଲରେ ଅନ୍ୟୁନ୍ୟ ୬ବର୍ଷ ପୂରଣ କରିବା ଆବଶ୍ୟକ ରହିଥିବା କୁହାଯାଇଥିଲା। ତେବେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଅନେକ ପାତର ଅନ୍ତର ସ୍ପଷ୍ଟ ହୋଇଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି। ଆଗାମୀ ଦିନରେ ଏ ଦିଗକୁ ଗୁରୁତ୍ୱ ନଦେଲେ ଗ୍ରାମାଞ୍ଚଳରେ ଶିକ୍ଷକ ଖାଲି ହୋଇଯିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ।

ଏନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚେଷ୍ଟା କରିଥିଲେ ବି ସମ୍ଭବ ହୋଇନଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ଅନ୍ୟପକ୍ଷରେ ଗତ କିଛି ଦିନ ପୂର୍ବେ ଗଞ୍ଜାମ ଜିଲ୍ଲାରୁ ଅଧ୍ୟାପକ ଖାଲି ହୋଇଥିବା ବେଳେ ଏବେ ଅନେକ ସ୍କୁଲରୁ ଶିକ୍ଷକ ଖାଲି ହୋଇ ସହର ଓ ଉପକଣ୍ଠରେ ଭର୍ତ୍ତି ହେଉଛନ୍ତି। ଫଳରେ ଉପାନ୍ତ ଓ ଗ୍ରାମାଞ୍ଚଳରେ ଶିକ୍ଷକ ଅଭାବ ଲାଗି ରହିବ ନିଶ୍ଚୟ।

### ୬୪ତମ 'ସାହାଣୀ କପ୍' ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ

## କୋରାପୁଟ ଏବଂ ମାଲକାନଗିରି ବିଜୟୀ



ବ୍ରହ୍ମପୁର,୧୭।୭(ସମିସ)

ଗଞ୍ଜାମ ଜିଲ୍ଲା ଫୁଟବଲ ସଂଘ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଆନସିପ 'ସାହାଣୀ କପ୍'-୨୦୨୫ର ଗୁରୁବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ମୟୂରଭଞ୍ଜ ଓ କୋରାପୁଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ କୋରାପୁଟ ଦଳ ଶକ୍ତିଶାଳୀ ମୟୂରଭଞ୍ଜ ଦଳକୁ ଏକତରଫା ଭାବେ ୪-୦ ଗୋଲରେ ପରାସ୍ତ କରିଛି। ଖେଳ ପ୍ରାରମ୍ଭରୁ ହିଁ କୋରାପୁଟ ଦଳର ସମସ୍ତ ଖେଳାଳି ନିଜ ଭିତରେ ସମନ୍ୱୟ ରକ୍ଷା କରି ମୟୂରଭଞ୍ଜକୁ ପ୍ରଥମାର୍ଦ୍ଧରେ ୩ଟି ଏବଂ ପରେ ଦ୍ୱିତୀୟାର୍ଦ୍ଧରେ ଆଉ ଗୋଟିଏ ଏଭଳି ମୋଟ ୪ଟି ଗୋଲ ଦେଇଥିଲେ। ପ୍ରଥମ ମ୍ୟାଚରେ ଅତିଥି ଭାବେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ବରିଷ୍ଠ ସଦସ୍ୟ ଏଲ.କେ.ରେଡ୍ଡୀ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚରେ ରେଫେରୀ ଭାବେ ଲକ୍ଷ୍ମଣ ସେଠ, ପରେଶ ଭୋଇ, ବଳରାମ ସାଏ ଓ ନିତ୍ୟାନନ୍ଦ ମେହେର ଖେଳ ପରିଚାଳନା କରିଥିଲେ।

ସେହିଭଳି ଦ୍ୱିତୀୟ ମ୍ୟାଚ ମାଲକାନଗିରି ଓ ରାୟଗଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ଉପ ସଭାପତି ତାରିଣୀ ଚରଣ ସାମନ୍ତରାୟ ଓ କୋରାପୁଟ ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଦସ୍ୟ ବାପୁଜୀ ପାତ୍ର ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏହି ମ୍ୟାଚରେ ପ୍ରାରମ୍ଭରୁ ମାଲକାନଗିରି ଦଳ ରାୟଗଡା ଉପରେ ଭାରି ପଡିଥିଲା। ଏହି ମ୍ୟାଚରେ ମାଲକାନଗିରି ଠାରୁ ରାୟଗଡା ଦଳ ୮-୧ ଗୋଲ ବ୍ୟବଧାନରେ ପରାସ୍ତ ହୋଇଥିଲା। ଏହି ମ୍ୟାଚକୁ ଦିଗବିଜୟ ଦାସ, ଜଗନ୍ନାଥ ମାଝୀ, ଅମିତ ସିଂ ଓ ଶିବ ଦେହୁରୀ ରେଫେରୀ ଭାବେ ପରିଚାଳନା କରିଥିଲେ। ଉଭୟ ମ୍ୟାଚରେ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ ସୁଜିତ ପାତ୍ର।

### ଆଜି ଗଜପତି-ନବରଙ୍ଗପୁର ଏବଂ ଭୁବନେଶ୍ୱର-ଗଞ୍ଜାମ ମ୍ୟାଚ୍

୧୮ ତାରିଖ ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ଦୁଇଟି ମ୍ୟାଚ ଖେଳାଯିବ। ପ୍ରଥମ ମ୍ୟାଚ ଗଜପତି ବନାମ ନବରଙ୍ଗପୁର ଏବଂ ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ବନାମ ଗଞ୍ଜାମ ମଧ୍ୟରେ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ସାହାଣୀ କପ୍ ଫୁଟବଲର ଆୟୋଜନ ହେଉଥିବା ବେଳେ ଦିନକୁ ଦିନ ପ୍ରତ୍ୟେକ ମ୍ୟାଚ ରୋମାଞ୍ଚକର ହେଉଛି। ଯାହାକୁ ନେଇ ସହରର କ୍ରୀଡ଼ାବିତ୍ ଓ ଖାସ କରି ଫୁଟବଲ ପ୍ରେମୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହେଉଛି।

SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଜିଏମ (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025

ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

# ସୌମ୍ୟାଶ୍ରୀ ଆତ୍ମଦାହ

# ଓଡ଼ିଶା ବନ୍ଦକୁ ସମର୍ଥନ

## ଅଖିଚକ ବନ୍ଦ

## ନାରୀ ସୁରକ୍ଷାରେ ବିଫଳ ବିଜେପି ସରକାର



ଝାରସୁଗୁଡ଼ା,୧୭।୭(ସମିସ): ବାଲେଶ୍ୱର ଏଫ୍ଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ପ୍ରତିବାଦରେ ଆଜି ହୋଇଥିବା ଓଡ଼ିଶା ବନ୍ଦର ପ୍ରଭାବ ଝାରସୁଗୁଡ଼ା ଜିଲ୍ଲାର ସବୁଠି ଦେଖିବାକୁ ମିଳିଛି। ବନ୍ଦ ଡାକରା ଦେଇଥିବା କଂଗ୍ରେସ ଏବଂ ଅନ୍ୟ ଦଳ ଗୁଡିକ ପକ୍ଷରୁ ଝାରସୁଗୁଡା ବେଲପାହାଡ, ବ୍ରଜରାଜନଗର ପୌରାଞ୍ଚଳ ସହ ଲଖନପୁର, ଲଇକେରା, କୋଲାବିରା, କିର୍ମିରା ଝାରସୁଗୁଡା ବ୍ଲକ୍ ଅଞ୍ଚଳର ବିଭିନ୍ନ ଛକରେ ବିକ୍ଷୋଭ କରାଯାଇଛି। ଏହାସହ ସହ ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ କରାଯାଇଛି। ସୋମ୍ୟାଶ୍ରୀ ପାଇଁ କେବଳ ବିକ୍ଷୋଭକାରୀ ମାନେ ନୁହନ୍ତି ଜନସାଧାରଣ ମଧ୍ୟ ନ୍ୟାୟ ମାଗୁଛନ୍ତି। ସେଥିପାଇଁ ଆଜି ଏହି ବନ୍ଦକୁ ଝାରସୁଗୁଡାର ଜନସାଧାରଣ ସମର୍ଥନ ଜଣାଇ ସ୍ୱତଃପ୍ରବୃତ ଭାବେ ଦୋକାନ ବଜାର ବନ୍ଦ ରଖିଥିଲେ। ସେହିପରି ବିକ୍ଷୋଭକାରୀ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଯାଇ କାର୍ଯ୍ୟ ବନ୍ଦ କରିବା ସହ ବ୍ୟାଙ୍କ, ଘରୋଇ ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ ଆଦି ବନ୍ଦ କରିଥିଲେ। ସକାଳ ୬ରୁ ସନ୍ଧ୍ୟା ୬ ଯାଏଁ କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରି ପୀଡିତାଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ବିଜେପି ସରକାର ପାଇଁ ସୌମ୍ୟାଶ୍ରୀ ଆହୂତି ଦେଇଥିବା ଅଭିଯୋଗ କରିଛନ୍ତି। ନାରୀ ନିର୍ଯାତନା ରୋକିବାରେ ବିଫଳ ହୋଇଥିବା ବିଜେପି ସରକାର ସୌମ୍ୟାଶ୍ରୀକୁ ନ୍ୟାୟ ପ୍ରଦାନ ନକଲେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ବିକ୍ଷୋଭକାରୀ ପ୍ରକାଶ କରିଛନ୍ତି। ବନ୍ଦ ପାଳନ ଫଳରେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଖଣି ଏବଂ ଶିଳ୍ପାନୁଷ୍ଠାନରୁ ମାଲ ପରିବହନ ଠପ ହୋଇଛି। ପରିବହନ ବନ୍ଦ ରହିବାରୁ କୋଇଲା ଖଣି ଏବଂ ଶିଳ୍ପାନୁଷ୍ଠାନ ଗୁଡିକୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡିଛି। ମାଲ ପାରିବହନ କରୁଥିବା ଶହଶହ ଯାନବାହାନ ଚଳାଚଳ ନକରି ରାସ୍ତା କଡରେ ପାର୍କିଂ ୟାର୍ଡରେ ଛିଡା ହୋଇଥିବା ବେଳେ ବିକ୍ଷୋଭକାରୀ ଅନେକ ଶିଳ୍ପାନୁଷ୍ଠାନର ଗେଟ ବନ୍ଦ କରି ଥିଲେ। ଫଳରେ କର୍ମଚାରୀ କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇ ନପାରି ବାହାରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ପେଟ୍ରୋଲିଂ କରାଯିବା ସହ କିଛି ବିକ୍ଷୋଭକାରୀଙ୍କୁ ପୁଲିସ ଅଟକ ମଧ୍ୟ କରିଥିଲା।

## ରିଆମାଳ ବ୍ଲକ୍



ଦେବଗଡ଼: ସେହିପରି କଂଗ୍ରେସ ପକ୍ଷରୁ ରିଆମାଳ ବ୍ଲକ୍ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ଶୁଶାନ୍ତ ସ୍ୱାଇଁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାନେ ରାଜରାସ୍ତାକୁ ଓହ୍ଲାଇ ପ୍ରଥମେ ୫୩ ନମ୍ବର୍ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହାଦ୍ୱାରା ଯାନବାହାନ ସବୁ ଅଟକି ରହିଥିଲା। କଂଗ୍ରେସ କର୍ମୀ ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଗୁଡିକୁ ମଧ୍ୟ ପିକେଟିଂ କରି ବନ୍ଦ କରିଥିଲେ। ରିଆମାଳ, ଛତାବର୍, ତେଲିମୁଣ୍ଡା, ରେଙ୍ଗାଲବେଡା ବଜାରର ଦୋକାନ ସବୁ ବନ୍ଦ କରିଥିଲେ। କଂଗ୍ରେସର ବନ୍ଦ ଡାକରା କାର୍ଯ୍ୟକ୍ରମରେ ପ୍ରବୀର ଶତପଥୀ, ଜନ୍ମା ସାହୁ, କାଳିଆ ନାୟକ, ହେମନ୍ତ ସାହୁ, ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ସକ୍ରିୟ ସହଯୋଗ କରିଥିଲେ।

## ତୃତୀୟ ଜୋନ୍‌ରେ ଅଖିଚକ ବନ୍ଦ

ଇବଥର୍ମାଲ: ଓଡ଼ିଶା ଜାତୀୟ କଂଗ୍ରେସ ଡାକରାରାରେ ଲଖନପୁର ବ୍ଲକ୍ ତୃତୀୟ ଜୋନ୍ ଅଞ୍ଚଳରେ ବନ୍ଦ ପାଳନ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି। ଛାତ୍ରୀଙ୍କୁ ନ୍ୟାୟ ଦେବା ଓ ଜୁଡିସିଆଲ୍ ତଦନ୍ତ କରାଯାଇ ସମସ୍ତ ଦୋଷୀଙ୍କ ବରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ସମଗ୍ର ଅଞ୍ଚଳରେ ଦୋକାନ ବଜାର ସହ ଅଖିଚକ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବନ୍ଧବାହାଲ କୋଇଲାଖଣି ଅଞ୍ଚଳରେ ଲୋକେ ନିଜ ଆଡୁ ସମର୍ଥନ ଜଣାଇଲା ପରି ଦୋକାନ ବଜାର ବନ୍ଦ କରିଥିବା ବେଳେ ସ୍କୁଲ ତଥା କୋଇଲା ପରିବହନ ବନ୍ଦ ରହିଥିଲା। ଯାତ୍ରୀବାହି ବସଠାରୁ ଆରମ୍ଭକରି ଚାରିଚକିଆ ଜାନ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଇବଥର୍ମାଲ ଅଞ୍ଚଳରେ ତେଲେନପାଲି ମାର୍କେଟ ସ୍କୁଲ, କଲେଜ, ଗାଡିମଟର ଚଳାଚଳ ବନ୍ଦ ଥିଲା। କୁମ୍ଭାରବନ୍ଧ ରମ୍ପେଲା ସେତୁ ଅଞ୍ଚଳରେ ଥିବା ଡୁନଡୁନ ଛକରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏହି ରାସ୍ତା ଦେଇ ଦୁଇଟି ପାୱାରପ୍ଲାଣ୍ଟର ଆସ୍ ଓ କୋଇଲା ପରିବହନ ବନ୍ଦ ରହିଥିଲା। ଆଜି ପିସିସି ସଭ୍ୟ ସୁବ୍ରତ ପ୍ରଧାନ, ପ୍ରଫୁଲ୍ଲ ରାୟ(ବାବୁଲୁ), ପିଣ୍ଟୁ ଖମାରୀ, ସତ୍ୟଜିତ୍ ଜେନା, ଘନଶ୍ୟାମ ବାରିକ, ଅରବିନ୍ଦ ଯାଦବ, ମନମୋହନ ଝା, ନେତ୍ରାନନ୍ଦ ସାହୁ, କେଶବ ଗହିଲ, ଅନିଲ ସାହୁ, ସତ୍ୟଜିତ୍ ପ୍ରଧାନ, ଆନନ୍ଦ ରୋହିଦାସ ପ୍ରମୁଖ ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ଓପିଜିସି ପ୍ଲାଣ୍ଟ ଓ ଲଖନପୁର କୋଇଲାକ୍ଷେତ୍ର ଖଣି କାର୍ଯ୍ୟ ଚାଲୁଥିବା କୁହାଯାଇଛି। ବନହରପାଲି ପୁଲିସ ପକ୍ଷରୁ ଆଇଆଇସି ରଞ୍ଜିତ ନାଏକଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ପାଇଁ ସମସ୍ତ ମୁଖ୍ୟ ସ୍ଥାନ ମାନଙ୍କରେ ପୁଲିସ ମୁତୟନ କରା ଯାଇଥିଲା।



## ଦୋଷୀକୁ ଫାଶୀ ଦଣ୍ଡ ଦାବି



ଝାରସୁଗୁଡ଼ା/କିର୍ମିରା: କିର୍ମିରା ବ୍ଲକ୍‌ରେ କଂଗ୍ରେସ ସହ ବିଭିନ୍ନ ରାଜନୈତିକ ଦଳର ସହଯୋଗରେ ଓଡ଼ିଶା ବନ୍ଦ ପାଳିତ ହୋଇଛି। ବନ୍ଦ ପାଳନ ବେଳେ କିର୍ମିରା ବ୍ଲକ୍ ସହିତ ଅର୍ଡା, ଧୁତରା, ସାରସମାଳ, ସାରସପାଲି, ବନ୍ଧପାଲି, ଭାଲୁପତ୍ରା, କାଦୋବାହାଲ, ସୁଲାହି, ଭୀମଯୋର, ଚନ୍ଦରପୁର, ଝାରମୁଣ୍ଡା, କଙ୍କରାମୁଣ୍ଡା ଅଞ୍ଚଳରେ କାଁଭାଁ ସ୍ଥାନର ଚାଷ କାମକୁ ଛାଡିଦେଲେ ସ୍ୱଇଚ୍ଛାରେ ଅର୍ଦ୍ଧାଧିକ ଦୋକାନ ବଜାର, କଳକାରଖାନା, ଯାନବାହାନ ଚଳାଚଳ, ସ୍କୁଲ କଲେଜ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଛାତ୍ରୀଙ୍କ ପ୍ରତି ହୋଇଥିବା ଉତ୍ପୀଡ଼ନର ଦୃଢ଼ନିନ୍ଦା କରିବା ସହ ଛାତ୍ରୀର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହା ସହିତ ଛାତ୍ରୀ ଓ ତାଙ୍କ ପରିବାରବର୍ଗଙ୍କୁ ସରକାରଙ୍କଠୁ ଉଚିତ ନ୍ୟାୟ ମିଳିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଫାଶୀ ଦଣ୍ଡାଦେଶ ପାଇଁ ଦାବି ଉଠିଛି। ଓଡ଼ିଶା ବନ୍ଦ ପାଳନ ଲୋକଙ୍କ ସମର୍ଥନ ସହିତ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବରେ ହୋଇଯାଇଛି।

## ଦେବଗଡ଼ରେ ବିପୁଳ ଜନ ସମର୍ଥନ



ଦେବଗଡ଼: ଆଜି ଦେବଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ବେଳେ ସହରରେ ଏହାର ପ୍ରଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଦୋକାନ ବଜାର ସବୁ ବନ୍ଦ ରହିବା ସହ ଯାତ୍ରୀବାହୀ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କୌଣସି ସରକାରୀ କିମ୍ବା ବେସରକାରୀ ବସ ଚଳାଚଳ କରି ନଥିବାରୁ ଜନସାଧାରଣ ହଇରାଣ ହେବା ଦେଖିବାକୁ ମିଳିଥିଲା। ସକାଳୁ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଏକ ବାଇକ ରାଲିରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଫଳରେ କୌଣସି କର୍ମଚାରୀ ଭିତରକୁ ପ୍ରବେଶ କରି ନ ପାରି ଫେରି ଯାଇଥିଲେ। ସେହିପରି ପୂର୍ବତନ ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁଙ୍କ ନେତୃତ୍ୱରେ ଅନେକ କର୍ମୀ ୪୯ ନମ୍ବର ଜାତୀୟ ରାଜପଥ ବମ୍ବେ -କଲିକତା ରାସ୍ତାକୁ ସ୍ଥାନୀୟ ଆମ୍ବେଦକର ଛକ ନିକଟରେ ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ଶହ ଶହ ଯାନବାହନ ଅଟକି ରହିଥିଲା। ପରେ ଶ୍ରୀ ଗୁରୁଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ, ଡିଆରଡିଏ ସମେତ ଅନେକ ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରି ବନ୍ଦ କରାଯାଇଥିଲା। କଂଗ୍ରେସ କର୍ମୀ ଦଳ ଦଳ ହୋଇ ଅଫିସ, ସ୍କୁଲ ସହ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନକୁ ବିକ୍ଷୋଭ କରି ବନ୍ଦ କରୁଥିବା ଦେଖାଯାଇଥିଲା।

ଆଇନ ଶୃଙ୍ଖଳା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହରର ଅନେକ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ ହେବା ସହ ସହର ସାରା ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା। ସନ୍ଧ୍ୟାରେ ଶାନ୍ତି ଶୃଙ୍ଖଳା ସହ ଆନ୍ଦୋଳନ ଶେଷ ହେବାପରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଜନସାଧାରଣଙ୍କୁ ଆକୁଣ୍ଠ ସମର୍ଥନ ପାଇଁ ଧନ୍ୟବାଦ ଦିଆଯାଇଛି।

## ପରିବେଶ ସୁରକ୍ଷାରେ ସିଆଲଖଣ୍ଡହଥା ହାଇସ୍କୁଲର ଅଭିଯାନ

ଭେଡେନ,୧୭।୭(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଧୀନ ସିଆଲଖଣ୍ଡହଥା ହାଇସ୍କୁଲର ଓଡ଼ିଶା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପରିବେଶ ସୁରକ୍ଷା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ସରକାରୀ ଉଚ୍ଚ ବିଦ୍ୟାଳୟ, ସିଆଲଖଣ୍ଡହଥାର ମଦର ଟେରେସା କମ୍ପାନୀ ଗାଇଡ୍ସ ପ୍ରଧାନଶିକ୍ଷକ ମୀନକେତନ ପଧାନଙ୍କ ଅନୁମତି କ୍ରମେ ଏବଂ ଗାଇଡ କ୍ୟାପଟେନ୍ ବିଜୁଳିବତୀ ଦଲେଇଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ ହୋଇଛି। ପୂର୍ବରୁ ଲଗାଯାଇଥିବା ଚାରା ଗୁଡିକର ରକ୍ଷଣାବେକ୍ଷଣ ସକାଶେ ସେଥିରେ ଖତ, ପାଣି ଦେବା ସହ ଗୋରୁଗାଈ କିପରି ନଷ୍ଟ କରି ନ ପାରିବେ, ସେଥିପାଇଁ ବାଡ଼ ଦେଇ ପରିବେଶ ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ।

## ଶିକ୍ଷକ କୁଳମଣି ନାଗଙ୍କ ଦେହାନ୍ତ

ଭେଡେନ,୧୭।୭(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଦେଶଭଟଲି ଗାଁର କୁଳମଣି ନାଗ(୮୩)ଙ୍କ ଦେହାନ୍ତ ଘଟିଛି। କୁଳମଣି ନାଗ ଜଣେ ଶିକ୍ଷକତା ସହ ଗାଁର ଉନ୍ନତି ପାଇଁ କାର୍ଯ୍ୟ କରୁଥିଲେ, ଗରିବ ଛାତ୍ରଛାତ୍ରୀଙ୍କର ପାଇଁ ନିଜେ ନାମ ଲେଖାଇବା, ବହିପତ୍ର, ପୋଷାକ ଯୋଗାଇ ଦେଉଥିଲେ। ତାଙ୍କ ପାଇଁ ଭଟଲି ହରିଜନ ପଡାକୁ ମାଷ୍ଟର ପଡା ବୋଲି ଲୋକ କହୁଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ତାଙ୍କ ପଛରେ ପୁଅ ପ୍ରମୋଦ ନାଗ, ପ୍ରଦୀପ ନାଗ, ଝିଅ ପଦ୍ମିନୀ ଓ ନାତିନାତୁଣୀଙ୍କୁ ଛାଡି ଯାଇଛନ୍ତି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବନ୍ଧୁ ବାନ୍ଧବ ଓ ଆତ୍ମୀୟ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବଡ଼ ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ।



## କକା-ପୁତୁରାଙ୍କ ଆକ୍ରମଣରେ ଯୁବକ ମୃତ

ପଦ୍ମପୁର,୧୭।୭(ସମିସ): ପଦ୍ମପୁର ଆଦର୍ଶ ଥାନା ଅଧୀନସ୍ଥ ବିଶିପାଲି ଗାଁରେ ଜଘନ୍ୟ ହତ୍ୟାକାଣ୍ଡ ଦେଖିବାକୁ ମିଳିଛି। ଗାଁର ସଦାନନ୍ଦ ବରିହାଙ୍କ ସହ ସୁରେନ୍ଦ୍ର ବରିହା ଓ ରୂପେଶ ବରିହାଙ୍କର ଗଣ୍ଡଗୋଳ ହୋଇଥିଲା। ତାହା କ୍ରମଶଃ ଉଗ୍ରରୂପ ନେଇଥିଲା। ଉଭୟ କାକା ପୁତୁରା ସୁରେନ୍ଦ୍ର ଓ ରୁପେଶ ଏଥିରେ ଉତ୍ୟକ୍ତ ହୋଇ ସଦାନନ୍ଦଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସଦାନନ୍ଦର ପ୍ରାଣବାୟୁ ଉଡିଯାଇଥିଲା। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏ ସମ୍ପର୍କରେ ପଦ୍ମପୁର ଥାନାରେ ମାମଲା ରଜୁ କରି ତଦନ୍ତ ଜାରି ରହିଛି।

## ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଚେନ୍ନାଇରୁ ଗିରଫ

ଦେବଗଡ଼,୧୭।୭(ସମିସ): ବାରକୋଟ ଥାନାଞ୍ଚଳରୁ ଗତ ମାର୍ଚ୍ଚ ମାସରେ ଜଣେ ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତକୁ ଚେନ୍ନାଇ ଅମ୍ବାଟୁର ଠାରୁ ବାରକୋଟ ଥାନା ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବାରକୋଟ ଥାନାଞ୍ଚଳରୁ ଏକ ୧୬ ବର୍ଷିଆ ନାବାଳିକା ନିଖୋଜ ଥିବା ନେଇ ନାବାଳିକା ପରିବାର ଗତ ମାର୍ଚ୍ଚ ୧୯ ତାରିଖ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନିଖୋଜ ନାବାଳିକାକୁ ଅନୁଗୁଳ ଜିଲ୍ଲା ପାଲଲହଡା ଥାନା ଅଧୀନ ଡିମିରିଆ ଗାଁର ଉମାକାନ୍ତ ନାଏକ (୨୪) ଅପହରଣ କରିଥିବା ଜଣା ପଡ଼ିଥିଲା। ଉମାକାନ୍ତ ନାବାଳିକାକୁ କିଛିଦିନ ନିଜ ପାଖରେ ରଖିବା ପରେ ସମ୍ବଲପୁର ଜିଲ୍ଲା ଜମନକିରା ଥାନାଞ୍ଚଳରେ ଛାଡି ଫେରାର ହୋଇଯିବା ପରେ ସୂଚନା ପାଇ ବାରକୋଟ ଥାନା ପୁଲିସ ଅପହୃତା ନାବାଳିକାକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ପୁଲିସ ଉମାକାନ୍ତଙ୍କ କୌଣସି ପତ୍ତା ପାଇ ପାରିନଥିଲା। ପୁଲିସ ଅନୁସନ୍ଧାନ ଜାରି ରହିଥିଲା। ଅଭିଯୁକ୍ତ ତାମିଲନାଡୁ ଚେନ୍ନାଇର ଅମ୍ବାଟୁର ଠାରେ ଥିବା ସୂଚନା ପାଇ ପୁଲିସ ସେଠାରେ ଚଢ଼ାଉ କରି ଫେରାର ଅଭିଯୁକ୍ତ ଉମାକାନ୍ତକୁ କାବୁ କରି ବାରକୋଟ ଥାନାକୁ ଆଣିବା ପରେ ଆଜି କୋର୍ଟ ଚାଲାଣ କରିଥିଲା।

## ନଦୀରେ ବୁଡ଼ି ଯୁବକ ନିଖୋଜ

ଝାରସୁଗୁଡ଼ା,୧୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ସୋଡାମାଳ ପଞ୍ଚାୟତ ଅଧୀନସ୍ଥ ଭେଡେନ ନଦୀର ମହାଦେବପାଲି ଘାଟରେ ଗୁରୁବାର ନଦୀର ପ୍ରଖର ସ୍ରୋତରେ ସେଲ୍ଫି ନେଉଥିବା ଜଣେ ଯୁବକ ଭାସିଯାଇ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ବ୍ୟାଙ୍କରେ କାର୍ଯ୍ୟ କରୁଥିବା କେତେକ କର୍ମଚାରୀ ଏବଂ ନିଜ ସାଙ୍ଗଙ୍କ ସହିତ ଝାରସୁଗୁଡ଼ା ସହର ନିକଟର ମହାଦେବ ପାଲି ଶିବ ମନ୍ଦିରକୁ ବୁଲି ଯାଇଥିଲେ। ସମସ୍ତେ ନଦୀକୁ ଯାଇଥିବା ବେଳେ ଜଣେ ଯୁବକ ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଯୁବକ ଜଣକ ବ୍ରଜରାଜନଗର ଅଞ୍ଚଳର ବିକାଶ ସାହୁ ହୋଇଥିବା ନେଇ ଜଣାପଡିଛି। ଖବର ପାଇ ଘଟଣାସ୍ଥଳରେ କୋଲାବିରା ପୁଲିସ ଓ ଦମକଳ ବାହିନୀ ପହଞ୍ଚିଥିଲେ। ଦମକଳ ବାହିନୀ ପାଣିରେ ଖୋଜା ଖୋଜି ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ଖୋଜା ଚାଲିଥିବା ଜଣାପଡିଛି।

## ଗାଈଗୋରୁ, ଧନଜୀବନକୁ କାଳ ଫ୍ଲାଏଆସ୍

ଇବଥର୍ମାଲ,୧୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ଏନ୍ଏଚ ୪୯ ରାସ୍ତା ନିର୍ମାଣ ସକାଶେ ବ୍ୟବହୃତ ହୋଇଥିବା ଫ୍ଲାଏଆସ୍ ଗାଈଗୋରୁ, ଧନଜୀବନ ପାଇଁ କାଳ ହେଉଛି। ଗତ ୯ତାରିଖରେ କଲଡାମାଲ ଫ୍ଲାଏଆସ୍‌ରେ ଏକ ଗାଈ ଫସି ଯାଇଥିବା ଓ ପରେ ତାକୁ ଉଦ୍ଧାର କରାଯାଇଥିବା ଘଟଣା ଲୋକଙ୍କ ମନରୁ ଯାଇନଥିବା ବେଳେ ଗୁରୁବାର ପୁଣି ଲଖନପୁର ବ୍ଲକ୍ ରମ୍ପେଲା ପଞ୍ଚାୟତ ତାଲବେର୍ଣ୍ଣା ଓ ରମ୍ପେଲା ସେତୁ ମଝିରେ ଫ୍ଲାଏଆସ୍ ଭିତରେ ଏକ ଗାଈ ଫସି ଯାଇଥିଲା। ପାୱାରପ୍ଲାଣ୍ଟ ମାନଙ୍କରୁ ଅହରହ ଫ୍ଲାଏଆସ୍ ବେଆଇନ ପରିବହନ ହେବା ସହ ମନଇଚ୍ଛା ରାସ୍ତାକଡ଼େ ପକାଇ ଦିଆଯାଉଛି। ଫଳରେ ବର୍ଷାପାଣିରେ ଧୋଇହୋଇ ତାହା ଚାଷ ଜମି ତଥା ଇବ ନଦୀରେ ମିଶୁଛି। ସେହି ପାଣିରେ ଲୋକେ ଚାଷ କାମ କଲାବେଳେ ବା ପାଣିକୁ ବ୍ୟବହାର କଲେ କୁଣ୍ଡେଇ ହେବା ଆଖି ଜଳିବା ଭଳି ସମସ୍ୟା ଦେଖା ଦେଉଛି। ଆଜି ତାଲବେର୍ଣ୍ଣା ଆଗକୁ ଏକ ଖାଲରେ ଆସ୍ ପକାହୋଇଥିବା ବେଳେ ଗାଈଟି ଘାସ ଚରିବାକୁ ଯାଇ ସେଠାରେ ଫସି ଯାଇଥିଲା। ଦୀର୍ଘସମୟ ଯାଏଁ ସେଠାରେ ପଡ଼ି ରହି ଗାଈଟି ଛଟପଟ ହେଉଥିଲା। ଓଡ଼ିଶା ବନ୍ଦ ଯୋଗୁ ଅନେକ ସମୟ ଧରି ଗାଈ ଉପରେ କାହାରି ନଜର ପଡ଼ି ନଥିଲା। ପରେ ଦିନ ୨ ଟାରେ ନୂଆଁ ଆଶା ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ସୁମନ ଭୋଇ, ପ୍ରଦୀପ ଭୋଇ, ଆନନ୍ଦ ରୋହିଦାସ, ତୋଫାନ ମେହେର, ଚକାନୟନ ବିଶ୍ୱାଳ ପ୍ରମୁଖ ଗାଈଟିକୁ ଉଦ୍ଧାର କରି ସେବା କରିବା ପରେ ଗାଈଟି ଠିକ୍ ଥିବା ଜଣାପଡ଼ିଥିଲା। ଅଞ୍ଚଳରେ ଏଣେ ତେଣେ ଫ୍ଲାଏଆସ୍ ପକାଯାଉଥିବାରୁ ଏଭଳି ଜୀବନ ମରଣ ପରିସ୍ଥିତି ବାରମ୍ବାର ଉପୁଜୁଛି। ଏଣୁ ଜିଲ୍ଲା ପ୍ରଶାସନ ଏଦିଗରେ ଗୁରୁତ୍ୱ ଦେବାକୁ ଜନସାଧାରଣରେ ମତ ପ୍ରକାଶ ପାଇଛି।



## ୨୭% ସଂରକ୍ଷଣ ପାଇଁ ଓବିସି ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଦେବଗଡ଼,୧୭।୭(ସମିସ): ଓବିସି ମଞ୍ଚ ପକ୍ଷରୁ ମଞ୍ଚର ବହୁ ସଦସ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓବିସି ମଞ୍ଚର କାର୍ଯ୍ୟକାରୀ ସଭାନେତ୍ରୀ ରଞ୍ଜିତାରାଣୀ ପ୍ରଧାନଙ୍କ ଆବାହକତ୍ୱରେ ଜିଲ୍ଲା ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ଦେବଗଡ ଜିଲ୍ଲାର ଓବିସି ମାନଙ୍କୁ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା, ବିନା ଲାଞ୍ଚରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପଦବୀରେ ଆଶାୟୀଙ୍କୁ ନିଯୁକ୍ତି, ଜିନ୍ଦଲ, ଟାଟା, ବେଦାନ୍ତ ଭଳି ରାଜ୍ୟର ସମସ୍ତ ଘରୋଇ ଶିଳ୍ପ ସଂସ୍ଥାରେ ଅଣକୁଶଳୀ ଓ କୁଶଳୀ ଶ୍ରମିକଙ୍କ ଠାରୁ ସୁପରଭାଇଜର ଓ ଇଞ୍ଜିନିୟର ଭଳି ପଦବୀରେ ନିଯୁକ୍ତି, ଓବିସି ପ୍ରମାଣପତ୍ର ପ୍ରତି ୬ ମାସରେ ନବୀକରଣ ପରିବର୍ତ୍ତେ ଏକ କାଳୀନ ବୈଧ ପ୍ରମାଣପତ୍ର ପ୍ରଦାନ, ପଞ୍ଚାୟତ ଠାରୁ ସଂସଦ ପର୍ଯ୍ୟନ୍ତ ଓବିସିଙ୍କ ପ୍ରତିନିଧିତ୍ୱ ପାଇଁ ୨୭ ପ୍ରତିଶତ ସଂରକ୍ଷଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ତରଣୀ ପ୍ରଧାନ, ମୃତ୍ୟୁଞ୍ଜୟ ପ୍ରଧାନ, ଆଧାନାଣ ପ୍ରଧାନ ଓ ଲିକୁନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।



## ସିଆରସିସିଙ୍କ ଉଦ୍ୟମରେ ବିଦ୍ୟାଳୟ ହେଲା ୱାଇଫାଇ ଜୋନ୍

ବରଗଡ଼,୧୭।୭(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ବୈତାଳି କ୍ଲଷ୍ଟର ସିଆରସିସି ଦିବସ ସାହୁଙ୍କ ଉଦ୍ୟମରେ ତଥା କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କ ସହଯୋଗ ଦ୍ୱାରା ବୈତାଳି କ୍ଲଷ୍ଟର ପ୍ରଗତି ପଥରେ ଅଗ୍ରସର ହେଉଛି। ବିଗତ ତିନିବର୍ଷ ମଧ୍ୟରେ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟରେ ଅନେକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ହେଉଛି। ଏହି କ୍ରମରେ ଡିଜିଟାଲ ଶିକ୍ଷାର ଉନ୍ନତି ପାଇଁ ଗତ ଆର୍ଥିକ ବର୍ଷରେ ଉଦ୍ୟମ କରାଯାଇଥିଲା। ଯାହାଦ୍ୱାରା ଆଜି ପିଲାମାନେ ଉପକୃତ ହୋଇଛନ୍ତି। କ୍ଲଷ୍ଟର ଅଧୀନ ୧୦ଟି ବିଦ୍ୟାଳୟରେ ଫ୍ରି ୱାଇଫାଇ ଜୋନ୍ କରାଯାଇଛି। ଏହାଦ୍ୱାରା ବିଦ୍ୟାଳୟ ମାନଙ୍କରେ ହାଇ ସ୍ପିଡ ଇଣ୍ଟରନେଟକୁ ବ୍ୟବହାର କରି ବିଭିନ୍ନ କାମ କରାଯାଉଛି। ସୂଚନାଯୋଗ୍ୟ, ବିଦ୍ୟାଳୟ ମାନଙ୍କରେ ସରକାରଙ୍କ ପକ୍ଷରୁ ଟାବଲେଟ କମ୍ପ୍ୟୁଟର, ସ୍ମାର୍ଟ ଟିଭି, ସ୍ମାର୍ଟ ପ୍ୟାନେଲ ବୋର୍ଡ ଆଦି ଯୋଗେଇ ଦିଆଯାଇଛି। ଯାହାକି ଇଣ୍ଟରନେଟ ବିନା ଚାଲିବା ପ୍ରାୟ ଅସମ୍ଭବ। ଏହି ଅସୁବିଧାକୁ ଦୃଷ୍ଟିରେ ରଖି ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭମ ପତିଙ୍କ ପରାମର୍ଶ କ୍ରମେ ଶ୍ରୀ ସାହୁ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କ ବୈଠକ କରିଥିଲେ। ସେଥିରେ ପ୍ରତ୍ୟେକ ବିଦ୍ୟାଳୟରେ ୱାଇଫାଇ ଜୋନ୍ କରିବା ପାଇଁ ଶ୍ରୀ ସାହୁ ପ୍ରସ୍ତାବ ଦେଇଥିଲେ। ଗତ ଆର୍ଥିକ ବର୍ଷ ଅନୁଦାନରୁ ସମସ୍ତ ବିଦ୍ୟାଳୟରେ ୱାଇଫାଇ ଜୋନ୍ ହୋଇଛି। କ୍ଲଷ୍ଟର ଅଧୀନ ୱାଇଫାଇ ଜୋନ୍ ଗୁଡିକର ନାମ ହେଲା ଅମଠି, ବୈତାଳି, ଧନେଶ୍ୱର, ପୁଟୁକିଡୁଙ୍ଗୁରି, ସନଦାଦର, ସଂକ୍ରି, ଡୁମୁରିପାଣି ଏବଂ ଟୁହୁଙ୍ଗିଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସଂକ୍ରି ସେବାଶ୍ରମ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅମଠି। କେବଳ ଗୋଟିଏ ବିଦ୍ୟାଳୟ ଡୁଙ୍ଗୁରିଚଢ଼ାରେ ମୋବାଇଲ ନେଟୱର୍କ ଠିକ ଭାବେ ଆସିନଥିବାରୁ ଏହା ସମ୍ଭବ ହୋଇନାହିଁ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ଅନଲାଇନ ମାଧ୍ୟମରେ ଉପସ୍ଥାନ ନେବା ପାଇଁ ୟୁଏଏସ ପୋର୍ଟାଲ ବ୍ୟବହାର କରିବାକୁ କୁହାଯାଇଛି। ଯେଉଁଥିପାଇଁ ଇଣ୍ଟରନେଟ ବ୍ୟବସ୍ଥା ବେଶ ଉପଯୋଗୀ ହେବ। ଏହି କ୍ଲଷ୍ଟର ଅଧୀନ ୪ଟି ବିଦ୍ୟାଳୟରେ ସିସିଟିଭି କ୍ୟାମେରା ସହ ୱାଇଫାଇ ସଂଯୁକ୍ତ ହୋଇଥିବାରୁ ଅଭିଭାବକ ମାନେ ଘରେ ଥାଇ ବିଦ୍ୟାଳୟର ପାଠପଢ଼ା ଆପ୍ଲିକେସନ ମାଧ୍ୟମରେ ଦେଖିପାରୁଛନ୍ତି। ପିଲାମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପକୁ ଅଭିଭାବକ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି। ଶ୍ରୀ ସାହୁଙ୍କ ଏପରି କାର୍ଯ୍ୟକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଖୁବ୍ ପ୍ରଶଂସା କରିବା ସହ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।



SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/05

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ବନ୍ଦ ଡାକରାରେ ଅଟକିଗଲା ସାଧାରଣ ଜୀବନଯାତ୍ରା























ଭବାନୀପାଟଣା,୧୭ ।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ସାରା ରାଜ୍ୟ ଉଠୁଛି ପଡୁଛି। ଗୁରୁବାର କଂଗ୍ରେସ ସମେତ ୮ଟି ବାମପନ୍ଥୀ ତଥା ବିରୋଧୀ ଦଳ ପକ୍ଷରୁ ଗୁରୁବାର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। କଳାହାଣ୍ଡି, ନୂଆପଡ଼ା ଜିଲ୍ଲାରେ ଏହି ବନ୍ଦ ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସକାଳୁ ସକାଳୁ ଭବାନୀପାଟଣାରେ ରାସ୍ତା ଶୂନ୍ଶାନ ହୋଇଯାଇଥିଲା। ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଯାନବାହାନ ଚଳାଚଳ ଏବଂ ବ୍ୟାଙ୍କ ଇତ୍ୟାଦି ସବୁ ବନ୍ଦ ରହିଥିଲା। ଭବାନୀପାଟଣା ସହର ସମେତ ଜିଲ୍ଲାର ଜୁନାଗଡ, ଧର୍ମଗଡ଼ କେସିଙ୍ଗା, ନର୍ଲା, ମଦନପୁର ରାମପୁର, କଲମପୁର, ଜୟପାଟଣା ଆଦି ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଭବାନୀପାଟଣା ସହରର ମେଡିକାଲ ଛକ, ଘୋଡାଘାଟ ପୋଲ, ପିପଲ ନାଲା ପୋଲ, ଦୟାନିଧି ଛକ, ନକଟିଗୁଡା ଛକରେ କଂଗ୍ରେସ ନେତା ଓ କର୍ମୀ ରାସ୍ତା ଅବରୋଧ କରି ରଖିଥିଲେ। କୌଣସି ଯାନବାହାନକୁ ଛଡା ଯାଉ ନ ଥିଲା। ବିଧାୟକ ସାଗର ଦାସଙ୍କ ସହ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ଏବଂ ଛାତ୍ର ନେତା ସୁଶାନ୍ତ ପ୍ରଧାନୀ ଓ ଅନ୍ୟ ଯୁବ ଶକ୍ତି ସହରସାରା ପ୍ରତି ଛକରେ ବନ୍ଦକୁ ସଫଳ କରିବାରେ ସମସ୍ତଙ୍କୁ ସଚେତନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଉପ ସଭାପତି ଉଛବ ସାହୁ, ସନ୍ତୋଷ ପ୍ରଧାନ, ଦ୍ରୌପଦୀ ମାଝୀ, ସୈଭାଗ୍ୟ ମଲିକ, ଲକ୍ଷ୍ମୀ ପ୍ରିୟା ନାୟକ, ସମାଜବାଦୀ ପାର୍ଟିର ଜିଲ୍ଲା ସଭାପତି ଜଗଦୀଶ ପ୍ରମୁଖ ନାରାବାଜି ଦେଇ ଅଫିସ ଅଚଳ କରିଥିଲେ। ନକଟିଗୁଡା ଛକରେ ପୂର୍ବତନ କାଉନସିଲର ସୁକାନ୍ତ ବିଶି, ସଂଜୟ ମଲିକ, ପିପଲ ନାଳରେ ସରୋଜ ବାଗ, ସୁବାଷ ପ୍ରଧାନ, ସୁକାନ୍ତି ସରାଫ, ମନ୍ଦାକିନୀ ବାଣୁଆ, ମହିଳାନେତ୍ରୀ ମାର୍ଜିନା ପ୍ରଧାନ, ବାବା ଅଲୀ ଖାଁ, ରଇମାଳା ମାଝୀ, ଲିଙ୍ଗରାଜ ନାୟକ, ଭାଗବତ ଲାଲ, କେତନ ସିଂହ, ପ୍ରମୂଖ ଉପସ୍ଥିତ ରହି ରାସ୍ତା ଅବରୋଧ କରିଥିଲେ। ମେଡିକାଲ ଛକରେ ନିମାଞ୍ଚଳ ନାଏକ, ଗଣପତି ନାୟକ, କୃଷ୍ଣଚନ୍ଦ୍ର ନାୟକ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାକୁଡ, ପ୍ରଶାନ୍ତ ପ୍ରଧାନ, ସୁଦେଶ ନାୟକ, ଦାମୋଦର ମହାରଣା ପ୍ରମୁଖ ରାସ୍ତା ଅବରୋଧ କରିଥିଲେ। ସେହିପରି ସିପିଆଇ ଜିଲ୍ଲା ସହ ସମ୍ପାଦକ ସଞ୍ଜୟ ସୁନାନୀ କର୍ମୀମାନଙ୍କୁ ନେଇ ସହର ପରିକ୍ରମା କରିଥିଲେ।

**କର୍ଲାମୁଣ୍ଡା:** କର୍ଲାମୁଣ୍ଡା ବ୍ଲକରେ ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ, ଦୋକାନ ବଜାର ବନ୍ଦ ସହ ଗାଡି ଚଳାଚଳ ବନ୍ଦ ରହିଥିଲା। ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ମିଶ୍ର, ରାଜକିଶୋର ଜୈନ, ଦୟା ମାଝୀ, ଚୈତନ୍ୟ ସାହୁ, ଗୋବର୍ଦ୍ଧନ କୁମାର, ମାର୍କଣ୍ଡ ସାହୁ, ବବୃ ବାହନ ଭୋଇ, ମହେଶ୍ୱର ଗହୀର, ରଶ୍ମିରଞ୍ଜନ ରଣା, ଲାଭି ରଣା, ରମେଶ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ବ୍ଲକ ସଦର, ରିଷିଡା,



ଜୋରାଡ଼ବରା ଛକରେ ବନ୍ଦ କରାଯାଇଥିଲା।

**ଗୋଲାମୁଣ୍ଡା:** ଗୋଲାମୁଣ୍ଡାରେ ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ସ୍କୁଲକଲେଜ, ସରକାରୀ ଅଫିସ, ଚାରି ଚକିଆ ଯାନବାହାନ ଚଳାଚଳ ବନ୍ଦ ଥିଲା। ଦୋକାନ ବଜାର ସ୍ୱାଭାବିକ ଥିଲା। ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ କଂଗ୍ରେସ କମିଟିର ଶତାଧିକ କର୍ମୀ ଗୋଲାମୁଣ୍ଡାରେ ଧର୍ମଗଡ ଓ ନୂଆପଡା ଜିଲ୍ଲାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ଫୋର ୱେ ରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଥିଲେ।

**ଧର୍ମଗଡ:** ଧର୍ମଗଡ ସହରରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। ସହରର ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ପେଟ୍ରୋଲ ପମ୍ପ, ବ୍ୟାଙ୍କ ସମେତ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ତୁଷାର ରଞ୍ଜନ ପଟ୍ଟଯୋଷୀ, ସୁଲୋଚନା ବିଶି, ବେଣୁପାଣି ଦୁର୍ଗା, ପ୍ରେମଲାଲ ସାଗର, ସିପିଆଇର ଜଗଜ୍ଜୀବନ୍ ଦୁର୍ଗା, ଶ୍ୟାମସୁନ୍ଦର ଜାଲ, ମାଧବ ଚନ୍ଦ୍ର ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

**କୋକସରା:** କୋକସରାରେ ସକାଳ ୬ରୁ କଂଗ୍ରେସ କର୍ମୀ ୧୨ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ବ୍ଲକ ସଦର ମହକୁମା ଥାନା ସମ୍ମୁଖରେ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। କର୍ମୀମାନେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ, ଦେକାନ ବଜାର ସବୁ ବନ୍ଦ କରିଥିଲେ। ଏହା ଫଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଆମପାଣିଠାରେ ମଧ ବିଜୁ ଏକ୍ସପ୍ରେସୱେ ଏବଂ ୨୬ ନମ୍ବର ଜାତୀୟ ରାଜପଥ ଜିରୋ ପଏଣ୍ଟ ନିକଟରେ କଂଗ୍ରେସ କର୍ମୀ ରାସ୍ତା ଅବରୋଧ କରିଥିଲେ। କୋକସରାଠାରେ ବନ୍ଦ ପାଳନରେ ବରିଷ୍ଠ କଂଗ୍ରେସ ନେତା ପୁରୁଷୋତ୍ତମ ଗୁପ୍ତା, ତ୍ରିଭୁବନ ନାଏକ, ଲିଙ୍ଗରାଜ ବେହେରା, ନିମାଇଁ ଚରଣ ଧଙ୍ଗଡାମାଝୀ, ମହେନ୍ଦ୍ର ଧରୁଆ, ଅରୁଣ ମାଝୀ, ନାରିନେତ୍ରୀ ରଶ୍ମୀରେଖା ରାଉତ, ଫୁଲତୋଳା ଖମାରୀ, କେଶବ ଚନ୍ଦ୍ର ନାଏକ, କମଳ ନାଏକ, ହେମନ୍ତ ବାଗ, ଭୁଷଣ ମହାନନ୍ଦ, ରାମେଶ୍ୱର ପୁଞ୍ଜି, ପିତାମ୍ବର ଦାସ, ବାବୁଲାଲ ଦୁରିଆ ପ୍ରମୁଖ ସାମିଲ ହୋଇଥିଲେ। ଆମପାଣି ଠାରେ କୁମୁଦ ଚନ୍ଦ୍ର ପୁଝାରୀ, ହରିଶ୍ଚନ୍ଦ୍ର ନାଏକ, ଲକ୍ଷ୍ମଣ ବାଗ, ଗୋକୁଳ ବାରୀକ, ଧର୍ମୁ ଦୁର୍ଗା, କେଶବ ବେଣୁପାଣୀ, ନକୁଳ ବାଣୁଆ, ବଳରାମ ପାଣିଗ୍ରାହୀ ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

**ମ.ରାମପୁର:** ମ.ରାମପୁରରେ ଓଡିଶା ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀ ଓ ସିପିଏମ କର୍ମୀ ମିଶି ପିକେଟିଂ କରିଥିଲେ। ସମସ୍ତ ସରକାରୀ ବେସରକାରୀ ସ୍କୁଲ କଲେଜ, ଗାଡ଼ି ମୋଟର ଓ ଦୋକାନ ବଜାର ବନ୍ଦ କରିଥିଲେ। ବ୍ଲକ୍ କଂଗ୍ରେସ ସଭାପତି ରୁଦ୍ର ପ୍ରସାଦ ସିଂହ, ମହିଳା ସଭାନେତ୍ରୀ ଯଶୋଦା ନାଗ, ବରିଷ୍ଠ ଆଇନଜୀବୀ ପ୍ରଭାକର ନାଗ, ନାରାୟଣ ପ୍ରସାଦ ଅଗ୍ରୱାଲ, କିଶୋର ନାଗ, ଚିତ୍ତ ରଞ୍ଜନ ବାଗ, ପ୍ରକାଶ ମାଝୀ ଓ ସିପିଏମର ରାଜ୍ୟ କମିଟି ସଦସ୍ୟ ବିଶ୍ୱଜିତ ଚାଟାର୍ଜୀ ଜିଲ୍ଲା ସଂପାଦକ ସତ୍ୟଜିତ ଚାଟାର୍ଜୀ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ଥିଲେ।

**କେସିଙ୍ଗା:** କେସିଙ୍ଗାରେ କଂଗ୍ରେସ କର୍ମୀ ସକାଳ ୬ରୁ ସ୍ଥାନୀୟ ଭେଟନେରି ଛକ ସମେତ ସହରର ଅନେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରି ଗାଡିମଟର ଚଳାଚଳ ବନ୍ଦ କରିଥିଲେ। କଂଗ୍ରେସକୁ ସମର୍ଥନ କରି କେସିଙ୍ଗାର ସମସ୍ତ ଦୋକାନ ବଜାର ବନ୍ଦ ଥିଲା। ୨୬ ନମ୍ବର ଜାତୀୟ ରାଜପଥରେ ଗାଡ଼ିମଟରର ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ସହରରେ ଥିବା ସ୍କୁଲ କଲେଜ ସମେତ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କେସିଙ୍ଗା କଂଗ୍ରେସ ନଗର ସଭାପତି ସୁଭାଷ ଜୈନ, ବରିଷ୍ଠ କଂଗ୍ରେସ ନେତା ରାମ କୁମାର ଜୈନ, ମହେନ୍ଦ୍ର ନାଏକ, ବିଜୟ ଦୀପ, ରାମଲାଲ ସୁନାନୀ, ରାମଜୀ ମାତଖଣ୍ଡିଆ, ରୋହିତ ଜୈନ, ପ୍ରତାପ ବାଗ, ରତନ ଦୀପ, ବିଶ୍ୱାସୀ ନାଏକ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଜୁନାଗଡ଼:** ଜୁନାଗଡ଼ ସହରରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଚିତ୍ତରଞ୍ଜନ ନିଆଲ, ତୁଳେଶ୍ୱର ନାଏକ, ପରମେଶ୍ୱର ମଟେଲ, ଅମିତ ଅଗ୍ରୱାଲ, ପ୍ରଭାତ ଦାଶ, ଦାମ ବେହେରା, ରାଜାରାମ ଡୋଙ୍ଗରି, ଅକ୍ଷୟ ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

**କଲମପୁର:** କଲମପୁରରେ ମଦ୍ୟ ଗୁରୁବାର ବନ୍ଦ ପାଳନ କରାଯାଇଛି। କଂଗ୍ରେସ କମିଟି ସଦସ୍ୟ ପବିତ୍ର ବାଗ, ଜଗନ୍ନାଥ ନାଏକ, ପଦ୍ମକିଶୋର ନାଏକ, ଅହମ୍ମଦ ମହମ୍ମଦ, ପବନ ମାଝୀ, ନବ ସୁନାନୀ, ଶ୍ୟାମ ନାଗ, ଦଧି ବାହାନ ପ୍ରଧାନୀ, କଳାକାଁହୁ କଟା, ତାରିଣୀ ପଟେଲ, ଜଗମୋହନ ପୁଝାରୀ, ପ୍ରଦୀପ ଭୋଇ, ଟିକଚନ ମାଝୀ, ଗଣେଶ ନାଗ, ହରିଶଙ୍କର ଦୀପ, ଗଣେଶ ରଣା, ଜୟ ଶଙ୍କର ବନ୍ଦ ପାଳନର ନେତୃତ୍ୱ ନେଇଥିଲେ।

**ଥୁଆମୂଳ ରାମପୁର:** ଥୁଆମୂଳ ରାମପୁର ବ୍ଲକରେ ମଧ ବନ୍ଦ ଡାକରାର ବିଶେଷ ପ୍ରଭାବ ଦେଖିବାକୁ ମିଳିଛି। ସକାଳୁ ବ୍ଲକର ସଦର ମହକୁମା ସମେତ ବଡଛତ୍ରଙ୍ଗ, କର୍ଲାପାଟ, ସାଇସୁରୁନି ଏବଂ ଡୁମେରପଦରରେ ସ୍ଥାନୀୟ କଂଗ୍ରେସ କର୍ମୀ ଓ ନେତା ଏକାଠି ହୋଇ ଏହି ବନ୍ଦ ଡାକରାରେ ସାମିଲ ହୋଇଥିଲେ। ଏଥିସହିତ ସିପିଆଇ ଏମ୍ଏଲ୍(ଲିବରେସନ) ସ୍ଥାନୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ। ଡାକ୍ତରଖାନା, ଔଷଧ ଦୋକାନ, ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ବ୍ୟତୀତ ଗାଡିମୋଟର ଚଳାଚଳ ବନ୍ଦ ଥଲା। ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା।

**ନର୍ଲା:** ନର୍ଲାରେ ବନ୍ଦ ପାଳନକୁ ସମର୍ଥନ ମିଳିଛି। ଦୀପୁ ପାତ୍ର, ଚୁଳମଣି ଗୌଡ଼ିଆ, ନିରଜ ଶର୍ମା, ରଜନୀ କୁମାର, ରିଚେକର ଦୀପ, ପିଣ୍ଟୁ ନାଗ, ଅଲେଖ ସେନାପତି, ଗଣପତି ପରାଭୋଇ, ଡୋଳାଧର ଜାନୀ, ସନ୍ତୋଷ ମାଝୀ, ଶିବରାମ ମାଝୀ, ଡିଙ୍ଗର ପାତ୍ର, ସୀମା ବେହେରା, କେଶବ ପଧାନ ଓ ଦୟାସାଗର ନାଏକ ପ୍ରମୁଖ ନେତତ୍ୱ ନେଇଥିଲେ।

**ଲାଞ୍ଜିଗଡ:** ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର, ଲାଞ୍ଜିଗଡ଼, ସିକେରକୁପା, ଲାଞ୍ଜିଗଡ଼ ରୋଡ଼, ଛତ୍ରପୁର, କର୍ମଦ୍ଧା, ମୂଷାନାଳ, ବେନଗାଁ, ଲାଖବାହାଲି, ଗୋବର୍ଦ୍ଧନପୁରରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଛି। ଲାଞ୍ଜିଗଡ଼ ବ୍ଲକ କଂଗ୍ରେସ କମିଟି ସଭାପତି ବିଜୟ ନାଏକଙ୍କ ନେତୃତ୍ୱରେ ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ମନୋଜ ରାଉତ, ପ୍ରଦୀପ ମାଝୀ, ଗଣେଶ ବେହେରା,ଗୋବିନ୍ଦ ପ୍ରଧାନୀ, ଦଶରଥ ପାତ୍ର, କର୍ଣ୍ଣ ସାହୁ, ମୁଲୁ ମାଝୀ, ଜୟରାମ ତାଣ୍ଡି, ସାଲେଶ କରୁଆଁ, ରାଜେନ୍ଦ୍ର ନାଏକ, ସନ୍ତୋଷ ତୁଳ, ଗୋପାଳ ଦାସ ମହାନନ୍ଦ, ମନୋଜ ମାଝୀ, ଭାସ୍କର ଚନ୍ଦନ, ସନ୍ୟାସୀ ବେହେରା, ରାଜେଶ କରୁଆଁ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ନୂଆପଡ଼ା:** ନୂଆପଡ଼ାରେ ମଧ ବନ୍ଦ ପ୍ରଭାବ ପଡିଛି। ଜିଲ୍ଲା ସଦର ମହକୁମାରେ ଘାସିରାମ ମାଝୀ, ସୁରେଶ ଆଜାଦ, ମୁରଲୀଧର ନାଏକଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଭରତ ଲାଲ ରାଉତ, ଆଲୋକ ଗୁରୁ, ଅଭୟ ଯୋଷୀ, ହରି ମାଝୀ, ଦେବଦତ୍ତ ଦିକ୍ଷୀତ, ତିୱାରୀ, କୁଲଦୀପ ସୁରଜ, ଖାମସିଂ ମାଝୀ, ହେମୁ ନିଆଲ, ବୁନୁ ପଟେଲ, ଅନୀଲ ପଟେଲ ପ୍ରମୁଖ୍ ଏଥିରେ ସାମିଲ ଥିଲେ। କୁରୁମପୁରୀ ନିକଟରେ ହୋଇଥିବା ଆନ୍ଦୋଳନରେ ପିଲେଶ୍ୱର ସାହୁ, ତୁଲାରାମ ଅହୀର, ରମେଶ ଶବର, ଅୱାନ ଦେୱାଙ୍ଗନ, ମୁକେଶ ସାହୁ, ପାନାଲାଲ ପଟେଲ ସାମିଲ ହୋଇଥିଲେ। ତରବୋଡ଼ରେ ପପୁ ଅହୀରଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ଉଦ୍ୟାନବନ୍ଧରେ ମଧ ବଜାର ସହ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ଏଥିରେ ବିରଞ୍ଚି ବାଗ, ଭଗବାନ ତାଣ୍ଡି, କ୍ଷେତ୍ର ମାଝୀ, ମୁନକୁ ସୁନାନୀ, ସୁଶାନ୍ତ ହଲୱାଇ, ଅରୁଣ ସୁନାନୀ, ନରେନ୍ଦ୍ର ଦୀପ, ସତ୍ୟବାନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଜାଣ୍ଡେତରାରେ ହୋଇଥିବା ଆନ୍ଦୋଳନରେ ଭକ୍ତ ଶବର, ବିରାଟ ତାଣ୍ଡି, ଲକ୍ଷପତି ସୋନା, ଦସ୍ତାଗିର ଖାନ, ସନ୍ତୁ ସତନାମୀ, ଉମେଶ ସତନାମୀ, ଗୁଣବନ୍ତ ସୁନାନୀ ପ୍ରମୁଖ ସାମିଲ ଥିଲେ। ବୋଡେନରେ ଫାରୁକ ମହମ୍ମଦ ନେତୃତ୍ୱ ନେଇଥିଲେ।

**କୋମନା:** ନୂଆପଡ଼ା ଜିଲ୍ଲା କୋମନାରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଉଦ୍ୟାନବନ୍ଧ, ତରବୋଡ଼, କୁରୁମପୁରୀ ଆଦି ସହର ବନ୍ଦ ରହିଥିଲା। ଅଖଚକ ବନ୍ଦ ରହିବା ସହ ଦୋକାନ ବଜାର, ସ୍କୁଲ କଲେଜ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଶାହାରୁଖ ଖାନ ଓ ପାଶା ମହାନନ୍ଦଙ୍କ ନେତୃତ୍ୱରେ ଶତାଧିକ କର୍ମୀ ସାମିଲେ ହାଇ ଜାତୀୟ ରାଜପଥରେ ରାସ୍ତା ଅବରୋଧ କରିଥିଲେ।

**ସିନାପାଲି:** କଂଗ୍ରେସର ଓଡ଼ିଶା ବନ୍ଦ ପାଳନ ପ୍ରଭାବ ସିନାପାଲି ବ୍ଲକ୍‌ରେ ଦେଖିବାକୁ ମିଳିଥିଲା। ଭୀଷ୍ମରାଜ ସୁନାନୀ, ପଦ୍ମନାଭ ଜଗତ, ମାୟାଧର ଜଗତ, ଟୁନା ସୁନାନୀ, ମୁଣ୍ଟୁ ବାଗ, ଧର୍ମେନ୍ଦ୍ର ପଣ୍ଡା ପ୍ରମୁଖ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |
| 3 | ଡେପୁଟି ମ୍ୟାନେଜର (ଆଇଏସ୍ ଅଡିଟ୍) | 18 | ନିୟମିତ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.07.2025 ରୁ 31.07.2025 ପର୍ଯ୍ୟନ୍ତ।**

ସ୍ଥାନ: ମୁମ୍ବାଇ
ତାରିଖ: 11.07.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

www.sakalaepaper.com
ସକାଳ THE SAKALA





# ବନ୍ଦ ହୋଇଗଲା ଭୁବନେଶ୍ୱର

- ପ୍ଲାଟଫର୍ମରେ ଅଟକି ରହିଲେ ହଜାର ହଜାର ଯାତ୍ରୀ
- ଷ୍ଟେସନକୁ ପ୍ରବେଶ ଉଦ୍ୟମ ବେଳେ ପୁଲିସ-କଂଗ୍ରେସ କର୍ମୀ ଧସ୍ତାଧସ୍ତି
- ରାଜପଥ ସମେତ ରାଜଧାନୀରେ ପିକେଟିଂ; ଅଟକିଲା ଯାନବାହାନ
- ଶୂନ୍‌ଶାନ୍ ହୋଇଗଲା ରାଜଧାନୀ ରାସ୍ତାଘାଟ
- ବନ୍ଦ ରହିଥିଲା ଦୋକାନବଜାର, ବ୍ୟାଙ୍କ୍, ପେଟ୍ରୋଲ୍ ପମ୍ପ
- ଅଧିକାଂଶ ଘରୋଇ ସ୍କୁଲ୍ ବନ୍ଦ, ସରକାରୀ ସ୍କୁଲ୍‌ରେ ଉପସ୍ଥାନ ଦୁର୍ବଳ





ଭୁବନେଶ୍ୱର, ୧୭।୭ (ସମିସ): କଂଗ୍ରେସ ଓ ୮ଟି ବିଭିନ୍ନ ରାଜନୈତିକ ଦଳ ସମର୍ଥନରେ ଦିଆଯାଇଥିବା ଓଡ଼ିଶା ବନ୍ଦର ପ୍ରଭାବ ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ରାଜଧାନୀର ବରମୁଣ୍ଡା ବସ୍ ଟର୍ମିନାଲ ସମେତ ରେଳଷ୍ଟେସନ ଏବଂ ପ୍ରମୁଖ ଅଞ୍ଚଳରେ କଂଗ୍ରେସ ସମେତ ସିପିଆଇ, ସିପିଆଇଏମ୍ ଆଦି ରାଜନୈତିକ ଦଳ କର୍ମୀମାନେ ପିକେଟିଂ ଆରମ୍ଭ କରିଥିଲେ। ବରମୁଣ୍ଡା ବସ୍ ଟର୍ମିନାଲ୍ ପରିସରରେ ପୂର୍ବରାତିରୁ ଅଟକିଥିବା ବସ୍‌ଗୁଡ଼ିକୁ ସାରାଦିନ ଠିଆହୋଇ ରହିଥିଲା। ସେହିଭଳି ରେଳ ଷ୍ଟେସନ ଭିତରକୁ ପ୍ରବେଶ କରି ଟ୍ରେନ୍ ଚଳାଚଳ ବନ୍ଦ କରିବାକୁ କଂଗ୍ରେସର ପୂର୍ବତନ ବିଧାୟକ ସୁର ରାଉତରାୟଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଷ୍ଟେସନ ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷା କର୍ମୀମାନେ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାକୁ କଂଗ୍ରେସ ନେତା ଓ ପୁଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସାରାଦିନ ରେଳ ଷ୍ଟେସନରେ ଯାତ୍ରୀ ଅଟକି ରହିଥିବା ଦେଖିବାକୁ ମିଳିଥିଲା।

ସେହିଭଳି ଦିନର ପ୍ରଥମାର୍ଦ୍ଧରେ ରାଜଧାନୀର ରାଜମହଲ, ମାଷ୍ଟରକ୍ୟାଣ୍ଟିନ୍, ଆଇଗିଣିଆ, ଖଣ୍ଡଗିରି, ସିଆର୍‌ପି, ଜୟଦେବ ବିହାର, ଆଚାର୍ଯ୍ୟବିହାର, ବାଣୀବିହାର, ରସୁଲଗଡ଼ଠାରୁ ଆରମ୍ଭ କରି ଡମଣା, ପଟିଆ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଯଦିବା ବସ୍ ଏବଂ ଅଟୋ ସମେତ ବିଭିନ୍ନ ପବ୍ଲିକ୍ ଟ୍ରାନ୍ସପୋର୍ଟ ବନ୍ଦ ଥିଲା କଦବା କ୍ୱଚିତ୍ ଚଳାଚଳ କରୁଥିବା ଅଟୋ ଏବଂ କାର୍‌ଗୁଡ଼ିକୁ ଅଟକାଇବା ପାଇଁ କଂଗ୍ରେସ କର୍ମୀମାନେ ଚେଷ୍ଟା କରିଥିଲେ। ଯୁବ କଂଗ୍ରେସ କର୍ମୀମାନେ ବିଭିନ୍ନ ଛକରେ ଦୁଇଚକିଆ ଚାଳକଙ୍କୁ ଅଟକାଇ ଗୋଲାପ ଫୁଲ ଏବଂ ଚକୋଲେଟ୍ ଦେଇଥିଲେ। ସେହିଭଳି ଅନେକ ସ୍ଥାନରେ କଂଗ୍ରେସ କର୍ମୀମାନେ କାର୍ ଚାଳକଙ୍କୁ ଅଟକାଇ ସେମାନଙ୍କୁ ହାତଯୋଡ଼ି ବୁଝାଉଥିବା ଦେଖିବାକୁ ମିଳିଥିଲେ। କାଁ ଭାଁ ସ୍ଥାନରେ ବନ୍ଦକୁ କେନ୍ଦ୍ର କରି ପାଟିତୁଣ୍ଡ ଏବଂ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ରାଜଧାନୀର ପ୍ରମୁଖ ବ୍ୟାଙ୍କଗୁଡ଼ିକ ଉପରେ ବନ୍ଦର ପ୍ରଭାବ ପଡ଼ିଥିଲା। ଦିନରାସାରା ବ୍ୟାଙ୍କ୍‌ଗୁଡ଼ିକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏକନମ୍ବର ଅଞ୍ଚଳରେ ଥିବା ଏସ୍‌ବିଆଇ ମୁଖ୍ୟ ଶାଖାର ଗେଟ୍ ଖୋଲା ଥିଲା ଏବଂ ସୁରକ୍ଷା କର୍ମୀମାନେ ରହିଥିଲେ ମଧ୍ୟ କୌଣସି ଗ୍ରାହକଙ୍କୁ ସାରାଦିନ ଦେଖିବାକୁ ମିଳି ନ ଥିଲା। କେତେକ ବ୍ୟାଙ୍କ ଆଗରେ ସିପିଆଇଏମ୍ କର୍ମୀମାନେ ନାରାବାଜି କରିବା ସହ ବନ୍ଦ କରିଥିଲେ। ସେହିଭଳି ଅନ୍ୟ ବ୍ୟାଙ୍କଗୁଡ଼ିକ ବାହାର ପଟ ବନ୍ଦ ରହିଥିଲା। କେବଳ ବ୍ୟାଙ୍କ ନୁହେଁ ରାଜଧାନୀରେ ଥିବା ପେଟ୍ରୋଲ୍ ପମ୍ପଗୁଡ଼ିକ ବନ୍ଦ ରହିଥିଲା। ସେଗୁଡ଼ିକୁ ବ୍ୟାରିକେଡ୍ ମାଧ୍ୟମରେ ବନ୍ଦ କରି ଦିଆଯାଇଥିଲା। ତେବେ ଏହାର ସୁଯୋଗ ଦେଇ ରାଜଧାନୀର ବିଭିନ୍ନ ରାସ୍ତା କଡ଼ରେ ଖୋଲାରେ ପେଟ୍ରୋଲ୍ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା।

ଆଚାର୍ଯ୍ୟ ବିହାର ଛକରେ କଂଗ୍ରେସ କର୍ମୀମାନେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ସତ୍‌ସଙ୍ଗ ବିହାର ଛକରେ ଯୁବ କଂଗ୍ରେସ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ରାଜପଥ ଉପରେ ଅନେକ ଯାନବାହାନ ଅଟକି ରହିଥିଲା। ଯେଉଁମାନେ ଜୋର୍ ଜବରଦସ୍ତ ରାଜପଥରେ ଯିବାପାଇଁ ଚେଷ୍ଟା କରିଥିଲେ ଯୁବ କଂଗ୍ରେସ କର୍ମୀମାନେ ରାସ୍ତା ଉପରେ ଶୋଇ ରହିଥିଲେ। ଛାତ୍ର କଂଗ୍ରେସ ପକ୍ଷରୁ ଏକ ବାଇକ୍ ରାଲି ସହର ପରିକ୍ରମା କରିଥିଲା। ଜୟଦେବ ବିହାର ନନ୍ଦନକାନନ ରାସ୍ତାରେ ସିପିଏମ୍ କର୍ମୀମାନେ ଲୋକଙ୍କୁ ଅଟକାଇବା ଯୋଗୁଁ ଅନେକ ଗାଡ଼ି ଅଟକି ରହିଥିଲା।

ବନ୍ଦ ଯୋଗୁଁ ରାଜଧାନୀର ମାର୍କେଟ୍ ବିଲଡିଂ, କେଶରୀ ମଲ୍ ସମେତ ଅନ୍ୟାନ୍ୟ ଦୋକାନ ବଜାର ସାରାଦିନ ବନ୍ଦ ରହିଥିଲା। କେବଳ ମୁଖ୍ୟ ମାର୍କେଟ୍ କମ୍ପ୍ଲେକ୍ସ କିମ୍ବା ହାଟ ବଜାର ନୁହେଁ ରାଜଧାନୀର ବିଭିନ୍ନ ଗଳିକନ୍ଦିରେ ମଧ୍ୟ ଦୋକାନବଜାର ବନ୍ଦ ରହିଥିଲା। ଫଳରେ ପୂରା ସହର ଶୂନ୍‌ଶାନ୍ ହୋଇଯାଇଥିଲା। କେବଳ କେତେକ ଔଷଧ ଦୋକାନ ଖୋଲା ଥିବା ଦେଖିବାକୁ ମିଳିଥିଲା। ରାଜଧାନୀର ପ୍ରମୁଖ ହସ୍ପିଟାଲ୍ ଆଗରେ ସାମାନ୍ୟ ଭିଡ଼ ଦେଖିବାକୁ ମିଳିଥିବା ବେଳେ ଅନ୍ୟସବୁ ଅଞ୍ଚଳ ଶୂନ୍‌ଶାନ୍ ହୋଇ ଯାଇଥିଲା। ରାଜଧାନୀର ଖଣ୍ଡଗିରି, ଉଦୟଗିରି ଧଉଳି, ନନ୍ଦନକାନନ ଆଦି ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କୁ ଦେଖିବାକୁ ମିଳି ନ ଥିଲା। କାଁ ଭାଁ ପର୍ଯ୍ୟଟକ ଦେଖିବାକୁ ମିଳିଥିଲେ ମଧ୍ୟ ପୂରା ଅଞ୍ଚଳ ଶୂନ୍‌ଶାନ୍ ହୋଇଯାଇଥିଲା।

ଅପରପକ୍ଷେ ରାଜଧାନୀର ପ୍ରମୁଖ ଘରୋଇ ସ୍କୁଲ କଲେଜଗୁଡ଼ିକ ପୂର୍ବରୁ ଛୁଟି ଘୋଷଣା କରିଥିଲେ ମଧ୍ୟ କେତେକ ଘରୋଇ ବିଦ୍ୟାଳୟ ଏବଂ ସରକାରୀ ସ୍କୁଲଗୁଡ଼ିକ ଖୋଲାଥିଲା। କିନ୍ତୁ ଅଳ୍ପ କିଛି ସଂଖ୍ୟାକ ଛାତ୍ରଛାତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ଅନେକ ଛାତ୍ରଛାତ୍ରୀ ଚାଲିଚାଲି ସ୍କୁଲକୁ ଆସୁଥିବାର ଏବଂ ସ୍କୁଲ୍‌ରୁ ଫେରିବାର ଦେଖିବାକୁ ମିଳିଥିଲା।









## ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଲା ସିପିଆଇ(ଏମ୍)

ଭୁବନେଶ୍ୱର, ୧୭।୭ (ସମିସ): ଓଡ଼ିଶା ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିଥିବା ଯୋଗୁଁ ରାଜ୍ୟବାସୀଙ୍କୁ ସିପିଆଇ(ଏମ୍) ତରଫରୁ ଧନ୍ୟବାଦ ଦିଆଯାଇଛି। ଓଡ଼ିଶାର ଭୁବନେଶ୍ୱର ସମେତ ଅନ୍ୟ ଜିଲ୍ଲାରେ ମିଳିତ ବନ୍ଦ ଡାକରାରେ ସିପିଆଇ(ଏମ୍) ସକ୍ରିୟଭାବେ ସାମିଲ ହୋଇଛି ବୋଲି ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି।

## ଜାତୀୟ ରାଜପଥ ଅବରୋଧ କଲେ କଂଗ୍ରେସ କର୍ମୀ

ହଂସପାଳ, ୧୭।୭ (ସମିସ): କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାକୁ ନେଇ ପାହାଳ ଥାନା ଅଧୀନ ହଂସପାଳ ଛକରେ କଂଗ୍ରେସ କର୍ମୀଙ୍କ ଦ୍ୱାରା ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ସେହିପରି ରୁଦ୍ରପୁର, ତିରଣପଦା ଏବଂ ଜଗନ୍ନାଥପୁର ଛକରେ କଂଗ୍ରେସ କର୍ମୀମାନେ ପିକେଟିଂ କରିବା ସହିତ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଏହି ଆନ୍ଦୋଳନ ଦ୍ୱାରା ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

## ବାଲିପାଟଣାରେ ବି ବନ୍ଦ୍ ଓ ବିକ୍ଷୋଭ

ବାଲିପାଟଣା, ୧୭।୭ (ସମିସ) : ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାକୁ ବିରୋଧ କରି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଜୟଦେବ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକଙ୍କ ନେତୃତ୍ୱରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଥିଲା। ସକାଳୁ ଯୁବ କଂଗ୍ରେସ କର୍ମୀମାନେ ବାଲିପାଟଣା ଅଠାନ୍ତର ଧାନହରା ବନମାଳୀପୁର ଠାରେ ବନ୍ଦ ପାଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ ଅଫିସ୍ ବ୍ୟାଙ୍କ ପରିବହନ ଶିକ୍ଷାନୁଷ୍ଠାନ ବଜାର ସବୁ ବନ୍ଦ ରହିଥିଲା। ଏହି ବନ୍ଦ ପାଳନ ରେ ସୁଶ୍ରୀ ନଳିନୀ ବେହେରା, ଉମାକାନ୍ତ ସାହାଣୀ, ମୁସିଲିମ୍ ବକ୍ସ ଖାନ୍, ରାଜ୍ୟ ଛାତ୍ର କଂଗ୍ରେସ ଉପ-ସଭାପତି ସନ୍ଦୀପ ରାଉତରାୟ, ଯୁବନେତା ଇମ୍ରାନ୍ ଅଲ୍ଲୀ ଖାନ୍, ଦିଲ୍ଲୀପ ସ୍ୱାଇଁ ଓ ଅନେକ ମହିଳା କର୍ମୀ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ। ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସଫଳ ହୋଇଥିବାରୁ ଯୁବ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଗବତୀ ଭବନରୁ ବାହାରିଲା ସିପିଆଇ ପଦଯାତ୍ରା




ଭୁବନେଶ୍ୱର, ୧୭।୭ (ସମିସ): ଓଡ଼ିଶା ବନ୍ଦ ଅବସରରେ ଭୁବନେଶ୍ୱରସ୍ଥିତ ଭଗବତୀ ଭବନରୁ ଆଜି ସକାଳ ୬ଟା ସମୟରେ ସିପିଆଇ କର୍ମୀମାନଙ୍କର ଏକ ଶୋଭାଯାତ୍ରା ବାହାରି ରାଜମହଲ ଛକ, ମାଷ୍ଟରକ୍ୟାଣ୍ଟିନ, ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେସନ ପରିକ୍ରମା କରି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରାଇଥିଲେ। ଭୁବନେଶ୍ୱରରେ ଓଡ଼ିଶା ବନ୍ଦକୁ ସଫଳ କରାଇବା ପାଇଁ ଚାଲିଥିବା ଆନ୍ଦୋଳନରେ ସିପିଆଇ ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସମ୍ପାଦକମଣ୍ଡଳୀ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ପାର୍ଟି ପକ୍ଷରୁ ଏହି ବନ୍ଦ ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ସଚିବାଳୟ ଆଡ଼କୁ ଅଗ୍ରସର ହେଲାବେଳେ ଦୁଇଶହରୁ ଅଧିକ କର୍ମକର୍ତ୍ତାଙ୍କୁ ପୋଲିସ୍ ଗିରଫ କରିଥିଲା।

## ଫସିଲେ ଯାତ୍ରୀ; ଲୁଟିଲେ ଅସାଧୁ ଗାଡ଼ି ଚାଳକ

ଭୁବନେଶ୍ୱର, ୧୭।୭ (ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ପାଇଁ କଂଗ୍ରେସ ଆଜି ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଏଥିରେ ଦିନତମାମ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଶହ ଶହ ଯାତ୍ରୀ ଫସି ରହିଥିଲେ। ବସ୍‌ଷ୍ଟାଣ୍ଡରେ ଅଟକି ଯାଇଥିବା ସମସ୍ତ ଯାତ୍ରୀ ଦୂରଦୂରାନ୍ତରୁ ଆସିଥିବାରୁ ଦିନତମାମ୍ ଅପେକ୍ଷା କରି ରହିଥିଲେ। ମାଷ୍ଟରକ୍ୟାଣ୍ଟିନ୍‌ସ୍ଥିତ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ବି ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। ଯାତ୍ରୀମାନେ ଅବିଶ୍ରାନ୍ତ ଟ୍ରେନ୍ ଯାତ୍ରା ପରେ ରେଳ ଷ୍ଟେସନ୍‌ରେ ଅଟକି ରହିଥିଲେ। ତେବେ ଏହାର ସୁଯୋଗ ନେଇ କିଛି ଅସାଧୁ ଅଟୋ ଏବଂ କ୍ୟାବ୍ ଚାଳକ ଲୋକଙ୍କଠାରୁ ଅଧିକ ଟଙ୍କା ଦାବି କରିଥିଲେ।

ବନ୍ଦ ଡାକରା ବାବଦରେ ପୂର୍ବରୁ ସୂଚନା ଦିଆଯାଇଥିବାରୁ କୌଣସି ନିତିଦିନିଆ ଯାତ୍ରୀ ବସ୍‌ଷ୍ଟାଣ୍ଡରେ ନ ଥିଲେ। ଯେଉଁମାନେ ଥିଲେ ସେମାନେ ସମସ୍ତେ ରାଜ୍ୟ ବାହାରେ କାମ କରୁଥିବା ଯାତ୍ରୀ। ଏହି ଯାତ୍ରୀମାନେ ବନ୍ଦ ବାବଦରେ ଜାଣି ନ ଥିବାରୁ ସମସ୍ୟାରେ ପଡ଼ିଥିଲେ। ସେମାନଙ୍କ ଭିତରେ ବହୁ ଯାତ୍ରୀ ନୟାଗଡ଼, ଦଶପଲ୍ଲା, ଗଣିଆ, କନ୍ଧମାଳ, ଝାରସୁଗୁଡ଼ା, ବଲାଙ୍ଗୀର, ଢେଙ୍କାନାଳ ଆଦି ଜିଲ୍ଲାର। ଅଧିକାଂଶ ଲୋକ ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଟ୍ରେନ୍‌ରୁ ଓହ୍ଲାଇ ଘରକୁ ଯିବା ପାଇଁ ବରମୁଣ୍ଡାକୁ ଆସି ବସ୍‌କୁ ଅପେକ୍ଷା କରିଥିଲେ। ହାଇଦରାବାଦ୍, ପୁନେ, ମୁମ୍ବାଇ, ବେଙ୍ଗାଲୁରୁରେ କାମ କରୁଥିବା ବହୁ ଯୁବକ ଭୁବନେଶ୍ୱର ପର୍ଯ୍ୟନ୍ତ ଟ୍ରେନ୍‌ରେ



ଆସିବା ପରେ ବରମୁଣ୍ଡାରୁ ବସ୍ ଯୋଗେ ଘରକୁ ଯିବାର ଥିଲା। ମାତ୍ର ଓଡ଼ିଶା ବନ୍ଦ ଯୋଗୁଁ ସେମାନେ ହଇରାଣ ହୋଇଥିଲେ। ରାୟଗଡ଼ାର ହେମନ୍ତ ଗିରି ଦିଲ୍ଲୀରେ କାମ କରନ୍ତି। ସେ ଗତକାଲି ରାତିରେ ଟ୍ରେନ୍‌ରେ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ଆଜି ସକାଳୁ ସେ ବସ୍ ଯୋଗେ ଘରକୁ ଯିବା କଥା। ମାତ୍ର ଓଡ଼ିଶା ବନ୍ଦ ଯୋଗୁଁ ସେ ଦିନ ତମାମ୍ ବସଷ୍ଟାଣ୍ଡରେ ହିଁ ପଡ଼ି ରହିଲେ। ସେହିଭଳି ଢେଙ୍କାନାଳର ନଳିନୀକାନ୍ତ ସାହୁ ନାମକ ଜଣେ ଯୁବକ ପୁନେରୁ ଟ୍ରେନ୍‌ରେ ଭୁବନେଶ୍ୱର ଫେରିଥିଲେ। ଆଜି ସକାଳୁ ସେ ବସ୍‌ରେ ଘରକୁ ଫେରିବାର ଥିଲା। ଝାରସୁଗୁଡ଼ାର ବିନୋଦ ଟୁଡୁ ହାଇଦରାବାଦ୍‌ରୁ ଟ୍ରେନ୍‌ରେ ଭୁବନେଶ୍ୱରରେ ପହଞ୍ଚି ବରମୁଣ୍ଡାରେ ଅଟକିବାକୁ ବାଧ୍ୟ ହୋଇଥିଲେ। ରାତି ସାରା ଟ୍ରେନ୍‌ରେ ଭଲରେ ଶୋଇ ପାରି ନ ଥିବା ଏହି ଯାତ୍ରୀମାନେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସି ବସି କ୍ଲାନ୍ତ ହୋଇ ପଡ଼ିଥିଲେ। କିଛି ଯାତ୍ରୀ ବସିବାକୁ ଚେୟାର୍ ନ ପାଇ ତଳେ ଶୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା।

### ଷ୍ଟେସନ, ବସ୍‌ଷ୍ଟାଣ୍ଡରେ ଫସିଲେ ଶତାଧିକ ଲୋକ

ଅବଶ୍ୟ କମ୍ ସଂଖ୍ୟକ ଶିଶୁ ଓ ମହିଳା ଯାତ୍ରୀମାନେ ମହିଳା ବିଶ୍ରାମାଗାରରେ ଦିନଟି କଟାଇଥିଲେ। ସେମାନଙ୍କ ପାଇଁ ବିଶେଷ ସମସ୍ୟା ନ ଥିଲା। ଭାଗ୍ୟକୁ ଓଡ଼ିଶା ବନ୍ଦ ହୋଇଥିଲେ ବି ବସ୍‌ଷ୍ଟାଣ୍ଡରେ ଲୁଚା ଚୋରାରେ କିଛି ଦୋକାନ ବଜାର ହୋଟେଲ ଆଦି ଖୋଲାଥିଲା। ଆହାର କେନ୍ଦ୍ର ମଧ୍ୟ ଖୋଲାଥିଲା। ତେଣୁ ଖାଇବା ପିଇବାରେ ଯାତ୍ରୀମାନଙ୍କୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନଥିଲା। ସୌଭାଗ୍ୟକୁ ସନ୍ଧ୍ୟା ସୁଦ୍ଧା ବସ୍ ଚଳାଚଳ ସ୍ୱାଭାବିକ ହେବାରୁ ସେମାନେ ଆଶ୍ୱସ୍ତ ହୋଇଥିଲେ। ଏହି ମଉକାରେ କିଛି ର୍‍ୟାପିଡୋ ଚାଳକ ଗଳାକାଟରେ ଯାତ୍ରୀଙ୍କୁ ନେଇ ନିକଟତମ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲେ। ସେମାନେ ଯାତ୍ରୀଙ୍କଠାରୁ ମୋଟା ଅଙ୍କରେ ଟଙ୍କା ଲୁଟୁଥିଲେ। ସେହିଭଳି ରେଳ ଷ୍ଟେସନ୍‌ରୁ ବସ୍ ଷ୍ଟାଣ୍ଡ ଆସିବା ପାଇଁ ମଧ୍ୟ ଅଟୋ ଚାଳକ ମନଇଚ୍ଛା ଭଡ଼ା ଦାବି କରିଥିଲେ। କିଛି ଚାଳକ ମାଷ୍ଟରକ୍ୟାଣ୍ଟିନ୍‌ରୁ ବରମୁଣ୍ଡାକୁ ଆଣିବାକୁ ୫୦୦ ଟଙ୍କା ଦାବି କରିଥିଲେ। ଗାଡ଼ି ନ ମିଳିବା କାରଣରୁ ଲୋକମାନେ ବାଧ୍ୟ ହୋଇ ଦାବି ମୁତାବକ ଭଡ଼ା ଦେଇଥିଲେ।

## ଦିନକ ପାଇଁ ବସ୍ ଟର୍ମିନାଲ୍ ଶୂନଶାନ୍

ଭୁବନେଶ୍ୱର, ୧୭।୭ (ସମିସ): ଗୁରୁବାର ସକାଳୁ ବରମୁଣ୍ଡା ବସ ଟର୍ମିନାଲ ଖାଁ ଖାଁ ଲାଗୁଥିଲା। ବସ୍‌ଗୁଡ଼ିକ ବି ଧାଡ଼ି ଧାଡ଼ି ହୋଇ ଠିଆ ହୋଇଥିଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ବରମୁଣ୍ଡା ବସ୍ ଟର୍ମିନାଲ୍‌ରେ ଅଟକୀ ରହିଥିଲା ଶତାଧିକ ବସ୍। ବୁଧବାର ରାତିରୁ ଷ୍ଟାଣ୍ଡରୁ ଦୂର ସହରକୁ ଯାତ୍ରା କରିଥିବା ସବୁ ବସ୍ ଗୁରୁବାର ଭୋର ୪.୩୦ ରୁ ୫.୩୦ ଭିତରେ ଆସି ସବୁ ଷ୍ଟାଣ୍ଡରେ ପହଞ୍ଚିଯାଇଥିଲା। ଏଥିସହିତ ସରକାରୀ ବସ୍ ସକାଳ ଆଠଟା ପର୍ଯ୍ୟନ୍ତ ଯିବା ଆସିବା କରିଥିଲା ଆଠଟା ପରେ ଆଉ ଷ୍ଟାଣ୍ଡରୁ ଗଡ଼ି ନ ଥିଲା। ଦୂର ସ୍ଥାନରୁ ଆସିଥିବା ଲୋକାମାନେ ସକାଳୁ ସକାଳୁ ସେମାନଙ୍କ ଠିକଣା ସ୍ଥାନକୁ ଚାଲିଯାଇଥିବା ବେଳେ ଯେଉଁ ଲୋକମାନଙ୍କୁ ବସ୍‌ରେ ଯିବାର ଥିଲା ସେହିମାନେ ସକାଳୁ ସକାଳୁ ଷ୍ଟାଣ୍ଡକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ।

### ଆହାର ନ ପାଇ ଅଧା ଲୋକ ହଟହଟା

ଓଡ଼ିଶା ବନ୍ଦକୁ ଦୃଷ୍ଟିରେ ରଖି ବସ୍ ଟର୍ମିନାଲ ଭିତରେ ଥିବା ଆହାର କେନ୍ଦ୍ରରେ ଆଜି କମ୍ ପରିମାଣର ଭୋଜନ ଆସିଥିବାରୁ ଅନେକଙ୍କୁ ନିରାଶ ହୋଇଫେରିବାକୁ ପଡ଼ିଥିଲା। ବଲାଙ୍ଗୀର ଯିବାକୁ ଥିବା ରତ୍ନାକର ବାଗ୍ ମଧ୍ୟାହ୍ନ ଭୋଜନ ବଞ୍ଚିତ ହୋଇଥିଲେ। କେବଳ ରତ୍ନାକର ନୁହନ୍ତି ତାଙ୍କ ପରି ଅନେକ ଲୋକ ଆହାର ଆଶାରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଚାଲି ଆସିଥିଲେ ହେଲେ ସବୁଦିନ ପରି ଆହାର ଠିକ୍ ସମୟରେ ଖୋଲିଥିଲା ଅଧା ଲୋକ ପାଇଥିଲେ ତ ଆଉ ଅଧା ଲୋକ ୫ ଟଙ୍କା ଆହାର ଖାଇବାରୁ ବଞ୍ଚିତ ହେଇଥିଲେ। ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ପ୍ରତ୍ୟେକ ଦିନ ୧୭ଶହ ଲୋକଙ୍କ ପାଇଁ ଖାଦ୍ୟ ଆସୁଥାଏ ହେଲେ ଗୁରୁବାର ମାତ୍ର ୮ ଶହ ଲୋକଙ୍କ ପାଇଁ ଖାଦ୍ୟ ଆସିଥିଲା ଯାହାକି ଅଧା ଲୋକ ପାଇଥିଲେ ତ ଆଉ ଆଧା ଲୋକଙ୍କୁ ମିଳିନଥିଲା।



# କଂଗ୍ରେସର ବନ୍ଦ ଜିଲ୍ଲାବ୍ୟାପୀ ସମ୍ପୂର୍ଣ୍ଣ ଓ ଶାନ୍ତିପୂର୍ଣ୍ଣ











କେନ୍ଦୁଝର, ୧୭।୭ (ସମିସ):

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଓ ତାଙ୍କର ମୃତ୍ୟୁ ପରେ ନ୍ୟାୟ ଏବଂ ରାଜ୍ୟରେ ନାରୀ ସୁରକ୍ଷା ଦିଗରେ ବିଜେପି ସରକାର ବିଫଳ ବିରୋଧରେ ଆଜି କଂଗ୍ରେସ ଦଳ ପକ୍ଷରୁ ସାରା ଓଡିଶା ବନ୍ଦ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ସମସ୍ତ ବ୍ଲକରେ ସମସ୍ତ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ, ଯାନବାହନ, ପେଟ୍ରୋଲ ପମ୍ପ, ଦୋକାନ ବଜାର ବନ୍ଦ କରାଯାଇଥିଲା। କେବଳ ଆମ୍ବୁଲାନ୍ସ ଓ ଅତ୍ୟାବଶ୍ୟକ ଗାଡି ଗୁଡିକକୁ ଛାଡି ଦିଆ ଯାଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗାନ୍ଧୀ ଛକ, ଲାବଣ୍ୟ ଛକ, ଜିଲ୍ଲା କୋର୍ଟ, ସିରାଜୁଦ୍ଦିନ ଛକ ଓ ପୁରୁଣା ବଜାରଠାରେ କଂଗ୍ରେସ କର୍ମୀମାନେ ବନ୍ଦ କରିଥିଲେ। ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପୂର୍ବତନ ପିସିସି ସାଧାରଣ ସମ୍ପାଦକଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ମହିଳା ନେତ୍ରୀ ପ୍ରତିଭା ମଞ୍ଜରୀ ନାଏକ, ସୋନାଲି ମାର୍ଣ୍ଡି, ବରିଷ୍ଠ କଂଗ୍ରେସ ନେତା ବସନ୍ତ ଦାସ, ଉତ୍ତମ ସାହୁ, ରତ୍ନାକର ଜେନା, ଲଳିତ ମୋହନ ନାୟକ, ମନୋରଞ୍ଜନ ରାଉତ, ଦିନେଶ ରାଉତ, ସୁଜଳ ସେଠୀ, ସୁରଜିତ ଦାସ, ଦିଲ୍ଲୀପ ସାହୁ, ରଘୁନାଥ ପାତ୍ର, କ୍ଷୀରୋଦ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଯୁବ କଂଗ୍ରେସ ନେତା ସୌମ୍ୟରଞ୍ଜନ ରାଉତ, ଏତିହ୍ୟ ଦିବ୍ୟ ସିଂହ, ମାନସ ବେହେରା, ସୌମ୍ୟରଂଜନ ପଲେଇ, ସଂଗ୍ରାମ ବେହେରା, ଅଭିଜିତ ବେହେରା ପ୍ରମୁଖ ବନ୍ଦରେ ସାମିଲ ଥିଲେ।

**ଆନନ୍ଦପୁର:** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୋମ୍ୟଶ୍ରୀ ବିଶି ମୃତ୍ୟୁ ଘଟଣାର ନ୍ୟାୟିକ ତଦନ୍ତ ଦାବିକରି ଓଡ଼ିଶା ବନ୍ଦ ଡକରା ଆନନ୍ଦପୁର ଉପଖଣ୍ଡରେ ସମ୍ପୂର୍ଣ ସଫଳ ହୋଇଛି। ସକାଳ ୬ରୁ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ କୋର୍ଟ ଡାକଘର ବନ୍ଦ ରହିବାରୁ ଅନେକ ସରକାରୀ କାର୍ଯ୍ୟ ବ୍ୟାଘାତ ହୋଇଥିବା ଜଣାଯାଇଛି। ସେହିପରି ଘସିପୁରା ଶାଳପଡା ଶୈଳଙ୍ଗ ଅଞ୍ଚଳର ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଦୋକାନବଜାର ବନ୍ଦ ରହିଥିଲା। ଆନନ୍ଦପୁର ବ୍ରିଜ ଛକ ଗୋଲେଇରେ କଂଗ୍ରେସ ସଭାପତି ହାଡିବନ୍ଧୁ ଖୁଣ୍ଟିଆଙ୍କ ନେତୃତ୍ୱରେ ଶ୍ରୀଧର ଦଳେଇ, ନିକୁଞ୍ଜ ମିଶ୍ର, ନିରଞ୍ଜନ ମିଶ୍ର, ମୁରଲୀଧର ମିଶ୍ର, ନିମାଇଁ ଦାଶ, ଗୋବିନ୍ଦ ମାଝୀ, ମୁରଲୀ ବେହେରା, ବିଭୁ ଘଡେଇ, ଟୁମା ରାମ, ବ୍ରାହ୍ମଣୀଦେବି ଗୋଲେଇରେ ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ଲୁଲୁ ସିଂ, ସୁରେଶ ଜେନା, ମୁଟୁ ରାମ, ସୁଡସୁଡ଼ିଆ ବାଇପାସରେ ଦିଲୁ ଦାଶ, ନୁରୀ ସାହୁ, ଏକନ ସାହୁ, କାଠିଆ ସେନାପତି, ଶୈଳଙ୍ଗ ଛକରେ କଂଗ୍ରେସ ସଭାପତି ସୁବ୍ରତ ଚକ୍ର, ଦିଲୀପ ଜେନା, ମନୋଜ ନାୟକ, ତ୍ରିଲୋଚନ ପରିଡା, ସୁରେଶ ପୃଷ୍ଟି, କାଠି ସାହୁ, ଦୈତାରୀ ମହାକୁଡ଼, ଧ୍ରୁବଚରଣ ଚକ୍ର ସାମିଲ ହୋଇଥିଲେ। ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା ଓ ପୁଲିସ ବାହିନୀ ଆଇନଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିଥିଲେ।

**ରାମଚନ୍ଦ୍ରପୁର:** ବରିଷ୍ଠ ନେତା ସୁବ୍ରତ ଚକ୍ରଙ୍କ ନେତୃତ୍ୱରେ ଶହଶହ କର୍ମୀ କେନ୍ଦୁଝର ସୀମାନ୍ତ ୨୦ ନମ୍ବର ଜାତୀୟ ରାଜପଥ ଜରଦା ଛକରେ ପହଞ୍ଚି ଧାରଣାରେ ବସି ରହିଥିଲେ। ଜାତୀୟ ରାଜପଥ ବନ୍ଦ ହେବାରୁ ଯାଜପୁର ଏବଂ କେନ୍ଦୁଝର ସୀମାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଲମ୍ବା ଲାଇନରେ ଠିଆ ହୋଇରହିଥିଲା। ପରେ ୨୦ ନମ୍ବର ଜାତୀୟ ରାଜପଥରେ ପିକେଟିଂ କରି ରାମଚନ୍ଦ୍ରପୁର, ପଦନା, ସାଇଁକୁଳ ଏବଂ ଘସିପୁରାଠାରେ ବଭିନ୍ନ ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ଏବଂ ଦୋକାନ ବଜାର, ସରକାରୀ ଅଫିସ ବନ୍ଦ ରଖିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ଜିଲ୍ଲା ସମ୍ପାଦକ ତ୍ରିଲୋଚନ ପରିଡା, ବରିଷ୍ଠ କଂଗ୍ରେସ ନେତା ବଳରାମ ବେହେରା, ଚଗଲା କୁଅଁର, ନିରାକାର ସାହୁ, ମନୋଜ ସ୍ୱାଇଁ, ରମାକାନ୍ତ ନାୟକ, ନିରଂଜନ ଜେନା, ଉତ୍ତମ ସାହୁ, ଚିତ୍ତରଂଜନ ପରିଡା, ଦିଲ୍ଲୀପ ଜେନା, ବୃନ୍ଦାବନ ଜେନା, ଦୈତାରୀ ମହାକୁଡ, କୃଷ୍ଣଚନ୍ଦ୍ର ନାୟକ, ଦୀପକ ମାଝୀ, ବିପିନୀ ବିହାରୀ ମାଝୀ, ମିଡିଆ ସେଲ୍ ସଂଯୋଜକ ତାରିଣୀ ପ୍ରସାଦ ପଟ୍ଟନାୟକ ସାମିଲ ଥିଲେ। ରାମଚନ୍ଦ୍ରପୁର ଥାନାଧିକାରୀ ମନୋଜ ସ୍ୱାଇଁ ଜରଦା ଛକ ସମେତ ସମସ୍ତ ଛକ ବଜାରରେ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ।

**ଯୋଡ଼ା:** ଯୋଡ଼ା ଖଣି ଅଞ୍ଚଳରେ କଂଗ୍ରେସ ଓ ସିପିଆଇ ନେତା-କର୍ମୀମାନେ ମିଳିତ ଭାବେ ଏହି ବନ୍ଦ ପାଳନରେ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ସମୟରେ ଯାନବାହନ ଚଳାଚଳ ବନ୍ଦ ରହି ବଜାର ଘାଟ ଖାଁ ଖାଁ ଲାଗୁଥିଲା। ଯୋଡ଼ା କଂଗ୍ରେସ ନଗର ସଭାପତି ସୁବ୍ରତ ନାୟକ ଆନ୍ଦୋଳନର ମଙ୍ଗ ଧରିଥିଲେ। ଏହା ବ୍ୟତୀତ କେରଳା ଇଂଲିଶ ମିଡିଓମ ସ୍କୁଲର ଛାତ୍ର କ୍ରିଷ୍ଣା ପ୍ରଧାନଙ୍କ ମୃତ୍ୟୁର ପ୍ରତିବାଦ କରାଯାଇଥିଲା। ବଡ଼ବିଲ, ଭଦ୍ରାସାହି ଏବଂ ବାମେବାରୀ ଅଞ୍ଚଳରେ ମଧ ଶାନ୍ତିପୂର୍ଣ୍ଣ ଭାବେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଯୋଡ଼ା ନଗର ସଭାପତି ସୁବ୍ରତ ନାଏକଙ୍କ ନେତୃତ୍ୱରେ କଂଗ୍ରେସ ଓ ସିପିଆଇ ଟ୍ରେଡ ୟୁନିୟନ କର୍ମୀମାନେ ବିଭିନ୍ନ ଛକରେ ବ୍ୟାନର ଲଗାଇ ରାସ୍ତା ଅବରୋଧ କରିବା ସହ ସରକାରଙ୍କ ବିରୋଧରେ ନାରାବାଜି କରିଛନ୍ତି। ଦୋକାନ ବଜାର, ସ୍କୁଲକଲେଜ, ବ୍ୟାଙ୍କ, ଟ୍ରାନ୍ସପୋର୍ଟିଂ, ସରକାରୀ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଯାନବାହନ ଚଳାଚଳ ମଧ ଠପ ହୋଇଯାଇଥିଲା। ଜିଲ୍ଲା ଯୁବ ସମ୍ପାଦକ ରୂପରଂଜନ ପଣ୍ଡା, ମହିଳା ମୋର୍ଚ୍ଚା ନେତ୍ରୀ ଆରତୀ ଘଣା, କର୍ମୀ ମିଥୁନ ମୁଣ୍ଡା, କାର୍ତ୍ତିକ ନାଗ, ସିପିଆଇ ପକ୍ଷରୁ ମହେଶ୍ୱର ରାଉତ, କପିଳ ମହାନ୍ତି, ହୃଦାନନ୍ଦ ପ୍ରଧାନ, ନୀଳାଦ୍ରି ଭୂଷଣ ମହାନ୍ତ ପ୍ରମୁଖ ସାମିଲ ଥିଲେ।

**ଚମ୍ପୁଆ:** ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ସହ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ମୃତ୍ୟୁ ଘଟଣାର ପ୍ରତିବାଦ କରି କଂଗ୍ରେସ ଓ ବାମପନ୍ଥୀ ଦଳର ନେତା-କର୍ମୀମାନେ ବନ୍ଦ ପାଳନରେ ସାମିଲ ହୋଇଥିଲେ। ପୂର୍ବତନ ସାଂସଦ ତଥା ବର୍ତ୍ତମାନର କଂଗ୍ରେସ ନେତା ଯଶୋବନ୍ତ ନାରାୟଣସିଂ ଲାଗୁରି, ସିପିଆଇ ନେତା ବିଦ୍ୟାଧର ମହାନ୍ତ, ଗୁରୁବକ୍ସ ସିଂ ଆଲୁୱାଲିଆଙ୍କ ନେତୃତରେ ଶତାଧିକ କର୍ମୀ ଚମ୍ପୁଆ ରିମୁଳି ରାସ୍ତା, ଚମ୍ପୁଆ ବାସୁଦେବପୁର ରାସ୍ତା, ଚମ୍ପୁଆ ଝାଡଖଣ୍ଡ ସୀମାରେ ରାସ୍ତା ଅବରୋଧ କରିଥିଲେ। ବହୁ ସରକାରୀ କାର୍ଯ୍ୟାଳୟ ସହ ବେସରକାରୀ ଅନୁଷ୍ଠାନ, ଦୋକାନ ବଜାର, ଯାନବାହନ ଚଳାଚଳ ଠପ ହୋଇଯାଇଥିଲା।

**ତୁରୁମୁଙ୍ଗା:** ପାଟଣା-ସାହାରପଡ଼ା ବ୍ଲକ ଅଞ୍ଚଳରେ ବନ୍ଦ ଡକରା ଶାନ୍ତିପୂର୍ଣ୍ଣ ରହିଥିଲା। ପାଟଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଆୟୋଜିତ ସଭାରେ ଗୋପୀନାଥ ନାରାୟଣ ଉଚ୍ଚବିଦ୍ୟାଳୟ ଓ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଥିଲେ। କଂଗ୍ରେସ ନେତା କୈଳାଶଚନ୍ଦ୍ର ବାରିକଙ୍କ ସଂଯୋଜନାରେ ପାଟଣା ବ୍ଲକ ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ ଓ କଂଗ୍ରେସ କେନ୍ଦୁଝର ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ ପିକେଟିଂ କରି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ। ପାଟଣାରେ ଲକ୍ଷ୍ମଣ ଦାଶ, ଦିଲୀପ ଦାଶ, ନିରଞ୍ଜନ କର, ପ୍ରୀୟନତା ନାଏକ, ଉଦ୍ଧବ ମହନ୍ତ ଏବଂ ସାହାରପଡ଼ାରେ ବୀରଭଦ୍ର ମହାନ୍ତ, ମୁକୁନ୍ଦ ମହାନ୍ତଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ତୁରୁମୁଙ୍ଗାଠାରେ ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦଚନ୍ଦ୍ର ମହାନ୍ତଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ କରାଯାଇଥିଲା। ହାତୀବାରି ନିକଟସ୍ଥ ଏନ୍‌ଏଚ ୪୯କୁ କଂଗ୍ରେସ କର୍ମୀ ବନ୍ଦ କରିଥିଲେ। ବାଡ଼ିଆ ସାହୁ, ଈଶ୍ୱରଚନ୍ଦ୍ର ଦେହୁରୀ, ସୁବଳ ସାହୁ, ସୁବ୍ରତ ସେଠୀ, ପୂର୍ଣ୍ଣଚନ୍ଦ୍ର ପୃଷ୍ଟି, ବ୍ରଜ ନାଏକ, ମାନସ ନାଏକ, ଦିଲ୍ଲୀପ ସାହୁ, ମୁନା ସେଠୀ, ବୁଟୁ ନାଏକ, ଗୋବର୍ଦ୍ଧନ ସିଂ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

**ହାଟଡ଼ିହୀ:** ଆନନ୍ଦପୁରର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଏବଂ ରାଜ୍ୟ ଯୁବ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଇ. ମନୋଜ ଜେନାଙ୍କ ନେତୃତ୍ୱରେ ହାଟଡ଼ିହୀ ବ୍ଲକରେ ଶୃଙ୍ଖଳାର ସହ ବନ୍ଦ ପାଳନ ହୋଇଛି। ୫୩ନଂ ରାଜ୍ୟ ରାଜପଥର ହାଟଡ଼ିହୀ, ଛେନାପଦି, ମରୈଗାଁଠାରେ ଏହାର ପ୍ରଭାବ ରହିଥିଲା। ଶାଳଣିଆଁ, ସୋସୋ, ବିଦ୍ୟାଧରପୁର, ଢେଙ୍କା ଆଦି ସ୍ଥାନରେ ମଧ କଂଗ୍ରେସ କର୍ମୀମାନେ ବନ୍ଦ ପାଳନ କରିଥିଲେ। ଗ୍ରାମାଞ୍ଚଳର ବହୁତ ସାଧାରଣ ବ୍ୟକ୍ତି ମଧ ସାମିଲ ହୋଇଥିଲେ।

**ତେଲକୋଇ:** ତେଲକୋଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯିବା ସହ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଅଧିକାଂଶ ଦୋକାନ ବଜାର ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ତେଲକୋଇ ଛକରେ ଅବରୋଧ ଫଳରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ପୁଲିସ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରାଯାଇଥିଲା। ବରିଷ୍ଠ ନେତା ନିର୍ମଳଚନ୍ଦ୍ର ନାୟକ, ଜିଲ୍ଲା କୃଷକ ସେଲ୍ ଅଧକ୍ଷ ଦିଲ୍ଲୀପ ସାହୁ, ନାରାୟଣ ପ୍ରଧାନ, ନବନିର୍ମାଣ କୃଷକ ସଂଗଠନର ନେତା ଲକ୍ଷ୍ମୀଧର ପ୍ରଧାନ, ପ୍ରଦୀପ ଧୀର, ସୁବାସ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ଶ୍ୟାମ ନାୟକ, ବଦ୍ରୀ ପ୍ରଧାନ, ବାସୁଦେବ ପ୍ରଧାନ, ଚନ୍ଦ୍ରମଣି ସାହୁ, ରାଜକିଶୋର ନାୟକ, ପ୍ରମୋଦ ସାହୁ, କୈଳାସ ମହାପାତ୍ର, ଜାମୀ ପତ୍ର, ସଂଗ୍ରାମ ସାହୁ, ତ୍ରିଲୋଚନ ପାତ୍ର, ରାଘବ ବେହେରା, ଟଙ୍କଧାର ପ୍ରଧନ, ଅକ୍ଷୟ ସାହୁ, ଭକ୍ତପ୍ରିୟ ଜେନା ସାମିଲ ଥିଲେ।

**ବାଲିବନ୍ଧ:** ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡକରା ଯୋଗୁଁ ଝୁମ୍ପୁରା ଅଞ୍ଚଳ ପ୍ରଭାବିତ ହୋଇଛି। କଂଗ୍ରେସ କର୍ମୀମାନେ ବ୍ୟାନର ଏବଂ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ। ଏହାର ପ୍ରଭାବରେ ଜାତୀୟ ରାଜପଥ ଏବଂ ବଜାର ରାସ୍ତାରେ କାଁ ଭାଁ ଗାଡ଼ିମଟର ଚଳକଚଳ କରିଥିଲା। ଝୁମ୍ପୁରା ଥାନା ପକ୍ଷରୁ ଆଇଆଇସି ସମବାରୀ ହାଁସଦାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଛକରେ ପୁଲିସ ମୁତୟନ କରାଯାଇଥିଲା। ବ୍ଲକ ସଭାପତି ସୁବ୍ରତ ପ୍ରଧାନଙ୍କ ସମେତ ଧନୁର୍ଜୟ ନାୟକ, କପିଳ ବେହେରା, ବଳରାମ ପ୍ରଧାନ, ମଙ୍ଗଲ ମୁଣ୍ଡା, ହେମନ୍ତ ନାଏକ, ପୂର୍ଣ୍ଣ ପ୍ରଧାନ, ରାକେଶ ପ୍ରଧାନ, କାର୍ତ୍ତିକ ମହାନ୍ତ, କୁଞ୍ଜ ମହାନ୍ତ ପ୍ରମୁଖ କଂଗ୍ରେସ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ପୋଚ ଓ ମଦ ଜବତ; ୨ ଗିରଫ

ବଡ଼ସାହି,୧୭।୮ (ସମିସ): ବଡ଼ସାହି ଥାନା ଅଧୀନ ବଣତାଳପଦା ଗ୍ରାମରେ ବ୍ୟାପକ ଚୋରା ବେଆଇନ ଦେଶୀ ମଦ କାରବାର ହେଉଥିବା ଅବକାରୀ ବିଭାଗ ଖବର ପାଇ ଚଢ଼ଉ କରିଛି। ଫଳରେ ଘଟଣାସ୍ଥଳରୁ ୩୫୦ କେଜି ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ଅଭିଯୁକ୍ତକୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ବଣତାଳପଦା ଗ୍ରାମର ବୁଧସା ମାଝୀ ଓ ସାଲ ହେମ୍ବ୍ରମ୍।

## ଜୁଆ ଖେଳରୁ ଆକ୍ରମଣ; ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ

ବଡସାହି,୧୭।୭ (ସମିସ): ବଡସାହି ଥାନା ମୂଷାଗଡିଆ ଗ୍ରାମରେ ଜୁଆ ଖେଳରୁ ଗଣ୍ଡଗୋଳ ଘଟି ସଂଘବଦ୍ଧ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ସେହି ଗ୍ରାମର କାରୁ ମାରାଣ୍ଡି((୬୦)। ବଡସାହି ଥାନା ଇଲାକାରେ ବେଆଇନ ମଦ ଓ ଜୁଆ ଖେଳ ସୀମା ଟପିଛି। ଏହି ଦୁଇଟି ବେଆଇନ କାରବାର ପାଇଁ ଜଣେ ନିରୀହ ବୃଦ୍ଧର ପ୍ରାଣ ଯାଇଛି। ଏ ସଂକ୍ରାନ୍ତରେ ତାଙ୍କ ପୁଅ ଦର୍ଗା ମାରଣ୍ଡିଙ୍କ ଏତଲାକୁ ଭିତି କରି ପୁଲିସ ଏକ ମାମଲା ରୁଜ କରି ତଦନ୍ତ ଜାରି ରଖିଥିଲା। ମାତ୍ର ମୃତ୍ୟୁ ଖବର ପାଇବା ପରେ ପୁଲିସ ୪ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦଲ ମଳିକ, କାଲୁ ନାଏକ, ସନିଆ ଦେହୁରୀ ଓ ନାନ୍ଦିଆ ପାତ୍ର। ଅନ୍ୟମାନେ ଫେରାର ରହିଛନ୍ତି। ମାତ୍ର ମନ୍ଦ ଉଦ୍ଦେଶ୍ୟ ରଖି ପୁଲିସ ଅନ୍ୟ ଅଭିଯୁକ୍ତଙ୍କୁ ଫେରାର ହେବାରେ ସହାୟତା କରିଥିବା ସମାଜସେବୀ ପ୍ରକାଶ କର ମହାପାତ୍ର ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସେ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସେ କହିଛନ୍ତି। ସେ ତାଙ୍କ ବାସଭବନରେ ପହଞ୍ଚି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରଛନ୍ତି। ଗ୍ରାମରେ ତାସ ଜୁଆ ଖେଳରେ ଏହି ଗ୍ରାମର କୁନୁରାମ ମୁର୍ମୁଙ୍କ ପୁଅ ଲଙ୍ଗଳେଶ୍ୱର ୧୦୦ଟଙ୍କା ବାକି ରଖିଥିଲେ। ଏହାକୁ କେନ୍ଦ୍ର କରି ଉକ୍ତ ଗ୍ରାମର ନନ୍ଦିଆ ପାତ୍ର, ବାବୁଲି ନାଏକ, ବାଦଲ ମଲ୍ଲିକ, ସନିଆ ଦେହୁରୀ, ଟୁରା ଦେହୁରୀ, କାଲୁ ନାଏକ, ନିନି ଦେହୁରୀ, ବାଉ୍ଶି ଦେହୁରୀ, ଉଲା ଦେହୁରୀ, ରାଜା ଦଳେଇ କାର୍ତ୍ତିକ ଦେହୁରୀ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହା ଦେଖି ପଡୋଶୀ କାରୁ ମାରାଣ୍ଡି ସେମାନଙ୍କ କବଳରୁ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଲଙ୍ଗଳେଶ୍ୱର ବର୍ତ୍ତି ଯାଇଥିବା ବେଳେ କାରୁ ଗୁରୁତର ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୪ ଦିନ ଚିକିତ୍ସା ପରେ ଅବସ୍ଥାର ଉନ୍ନତି ନ ଆସିବାରୁ ତାଙ୍କୁ ପୁଣି କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ଗ୍ରାମରେ ଚାଷା ଉତ୍ତେଜନା ଲାଗି ରହିଛି।

## ମାଣିକପୁର ଜାହିରା ରାସ୍ତା ବିପର୍ଯ୍ୟସ୍ତ



ରାଇରଙ୍ଗପୁର,୧୭।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ପ୍ରଭାବରେ ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତ ମାଣିକପୁର ଗାଁର ଜାହିରା (ପୂଜାସ୍ଥଳୀ) ନିକଟ ରାସ୍ତା ପାଶ୍ୱର୍ ଖାଲଖମା ହୋଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ଗାଁର ହୁଟୁବ ସାହି ଏବଂ ବାଲେ ସାହି ନିର୍ଭର କରନ୍ତି। ଏହି ରାସ୍ତା ଦେଇ ବହୁ ଗ୍ରାମବାସୀ ଯିବା ଆସିବା କରନ୍ତି। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଲଗାଣ ବର୍ଷା ଯୋଗୁଁ ଏହି ମାଟି ରାସ୍ତାଟି ଖାଲଖମା ସୃଷ୍ଟି ହୋଇଥିବାବେଳେ ଲୋକେ କାଦୁଅରେ ଯିବାଆସିବା କରୁଛନ୍ତି। ଦୀର୍ଘ ବର୍ଷ ଧରି ପକ୍କା ସଡ଼କ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଆସୁଥିଲେ ମଧ ବ୍ଲକ ପ୍ରଶାସନ କୌଣସି ଦୃଷ୍ଟି ଦେଉନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

# କଂଗ୍ରେସର ଓଡ଼ିଶା ବନ୍ଦ ଶାନ୍ତିପୂର୍ଣ୍ଣ





କରଞ୍ଜିଆ, ୧୭।୭ (ସମିସ):

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ କଂଗ୍ରେସ ତରଫରୁ ଗୁରୁବାର ଡାକରା ଦିଆଯାଇଥିବା ଓଡିଶା ବନ୍ଦ ପାଳନ କରଞ୍ଜିଆରେ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଛି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କରଞ୍ଜିଆ ସହର ସମେତ କରଞ୍ଜିଆ ବ୍ଲକ ବନ୍ଦ ରହିଥିଲା। ବନ୍ଦ ପ୍ରଭାବରେ ସମସ୍ତ ବସ ସେବା ଟ୍ରକ ଚଳାଚଳ ବଜାର, ପେଟ୍ରୋଲ ପମ୍ପ, ସ୍କୁଲ କଲେଜ ଆଦି ବନ୍ଦ ରହିଥିଲା। କଂଗ୍ରେସ ଜିଲ୍ଲା ସଭାପତି (ପଶ୍ଚିମାଞ୍ଚଳ) ର ଭୁବନ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପିକେଟିଂ କରି ବନ୍ଦ କରିବାକୁ ନିବେଦନ କରିଥିଲେ। ଚଢେଇଭଳଠାରେ ରାଜରାସ୍ତାକୁ ଅବରୋଧ କରିବାରୁ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଲକ୍ଷ୍ମୀଧର ସିଂ, ଗୋଲାପ ମଞ୍ଜରୀ ସୋରେନ, ଲାଲନ ସିଂ, ସେକ ଜାକିର ହୁସେନ, ଚନ୍ଦ୍ର କୁମାର ଶୁଭେନ୍ଦୁ ଦାସ, ଶିବ ମହାରଣା, ବାବୁରାମ ବେସ୍ରା, ଛଟରାୟ ନାୟକ, ପାର୍ଥ ସାରଥୀ ନାୟକ, ରାଜେଶ ରାଜ, ବିଭୂଷଣ ସୟ, ପ୍ରମୁଖ ବନ୍ଦରେ ସାମିଲ ହୋଇ ଥିଲେ। ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା।

**ବହଳଦା :** ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ଦୋଷୀଙ୍କୁ ଦଣ୍ଡିତ କରିବା ସହ ନ୍ୟାୟ ପ୍ରଦାନ ଦାବିରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା କଂଗ୍ରେସ ଦଳ। ଏହି ପରିପ୍ରେକ୍ଷୀରେ ବହଳଦା ଓ ତିରିଂ ବ୍ଲକ ଅଞ୍ଚଳରେ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏହିପରିକି ଏହି ବନ୍ଦକୁ ସାଧାରଣ ଜନତା ଓ ବଣିକ ସଂଘ ମଧ୍ୟ ସମର୍ଥନ ଜଣାଇଥିଲା। ଫଳରେ ବହଳଦା ବଜାର ଓ ତିରିଂ ଅଞ୍ଚଳରେ ଅଭୁତପୂର୍ବ ଭାବେ ସମସ୍ତ ଦୋକାନ ବଜାର ଓ ଅନୁଷ୍ଠାନ ସବୁ ବନ୍ଦ ରହିଥିଲା। ବହଳଦାରେ କଂଗ୍ରେସ ଦଳର ବ୍ଲକ ଉପସଭାପତି ଶଶିକାପୁର ଯାଦବ, ମାଲାକି ବୋଇପାଇ, ମହମ୍ମଦ ଆବିଦ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଇନଚାର୍ଜ ଇନ୍ତେଖ୍ୱାବ ଆଲାମ, ଶୁକ୍ରା ଲିଆଙ୍ଗି, ବିଧାୟକ ପ୍ରାର୍ଥୀ ଯୋଗେନ୍ଦ୍ର ବାଣ୍ଡରା, ଲାଲାବିହାରୀ ବିନ୍ଧାଣୀ, ଏମଡି ସଜାଉଦ୍ଦିନ୍, ଏମଡି ସୋନୁଙ୍କ ସମେତ ବହୁ ସମର୍ଥକ ପିକେଟିଂ କରି ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଆଦି ବନ୍ଦ କରିଥିଲେ। ସେହିପରି ତିରିଂ ବ୍ଲକ ଅଞ୍ଚଳରେ କଂଗ୍ରେସ ଦଳର ବରିଷ୍ଠ ନେତା ମହମ୍ମଦ ଅଲି ଖାଁ ଓ ଭାଗିରଥୀ ପାତ୍ରଙ୍କ ସହ ଏସଟି ସେଲ୍‌ର ଜିଲ୍ଲା ଅଧକ୍ଷ ଅନୁପ କୁମାର ସୋରେନ୍‌ଙ୍କ ନେତୃତ୍ୱରେ ବ୍ଲକ ସଭାପତି ସନ୍ତୋଷ କୁମାର ନାଏକ, ରଘୁ ସାହୁ, ଶଙ୍କରଲାଲ କ୍ଷତ୍ରୀ ପ୍ରମୁଖଙ୍କ ସହ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସିପିଆଇ ପକ୍ଷରୁ ମଧ ବହୁ କର୍ମୀ ଏହି ବନ୍ଦକୁ ସମର୍ଥନ ଜଣାଇଥିଲେ। ଭଞ୍ଜସେନା ସଂଗଠନ ପକ୍ଷରୁ ଗାଙ୍ଗୁ ମାର୍ଣ୍ଡି, ସାଧୁଚରଣ ବେହେରା, ଚନ୍ଦନ ପାତ୍ର, ମନୋଜ ପାତ୍ର ଏବଂ ମଙ୍ଗଳ ସାହୁ ପ୍ରମୁଖ ଶତାଧିକ ସମର୍ଥକଙ୍କ ସହ ବନ୍ଦ ପାଳନକୁ ସମର୍ଥନ କରିବା ସହ ପିକେଟିଂ କରିଥିଲେ।

**ବାଙ୍ଗିରିପୋଷି :** ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିରେ ଗୁରୁବାର ଓଡିଶା ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହୋଇଛି। ୪୯ ନଂ ଜାତୀୟ ରାଜପଥ ଟ୍ରକ,ବସ୍ ଚଳାଚଳ ବନ୍ଦ ରହିଥିଲା। କଂଗ୍ରେସ, ବାମପନ୍ଥୀ, ଜେଏମଏମ ସହିତ ଜିଲ୍ଲାର ଅଣରାଜନୈତିକ ସଂଗଠନ ଭଞ୍ଜସେନା ମଧ ଏହି ବନ୍ଦକୁ ସମର୍ଥନ ଜଣାଇ ୪୯ ନଂ ଜାତୀୟ ରାଜପଥରେ ବିକ୍ଷୋଭ କରିଥିଲେ। ବାଙ୍ଗିରିପୋଷି ବଜାର ଦୋକାନ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ଆଦି ବନ୍ଦ ରହିଥିଲା। ବ୍ଲକ କଂଗେସ ଦଳ ପକ୍ଷରୁ ରବିନ୍ଦ୍ର ନାଥ ଟୁଡ୍ଡୁ, ପ୍ରଶାନ୍ତ ଦାଶ ପଟ୍ଟନାୟକ, ସତ୍ୟନାରାୟଣ ବିଜୁଳିଙ୍କ ନେତୃତ୍ୱରେ ବହୁ କର୍ମୀ ଯୋଗଦେଇଥିବା ବେଳେ ଭଞ୍ଜସେନା ପକ୍ଷରୁ ସତ୍ୟପ୍ରକାଶ ମହାନ୍ତି, ମନରୋଞ୍ଜନ ବାରିକ, ସନ୍ତୋଷ ଗିରି, ସଂଜୀବ ଗିରିଙ୍କ ନେତୃତ୍ୱରେ ବହୁ ଭଞ୍ଜସେନା ସମର୍ଥକ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରାରେ ଜେଏମଏମ, ବାମପନ୍ଥୀ ଦଳ ମଧ ସହଯୋଗ କରିଥିଲେ।

■ ବାଘଚମଡ଼ା ଜବତ ଅନ୍ତରାଳେ...

## ତନ୍ତ୍ର ସାଧନା ନାଁରେ ଅଭିଯୁକ୍ତ ପୂରଣ କରୁଥିଲେ ଯୌନ ଲାଳସା

ବାରିପଦା, ୧୭।୭ (ସମିସ): ଶିମିଳିପାଳ ୱାଇଲ୍ଡ ଲାଇଫ ଗୁଇନ୍ଦା ସରବରାହ ସଂସ୍ଥା ସୂଚନା କ୍ରମେ ବନବିଭାଗ ଚଢଉ ପରେ ବଡସାହି ଓ ଖୁଣ୍ଟା ଥାନା ଅଞ୍ଚଳର ପୃଥକ ସ୍ଥାନରୁ ଜବତ ୩ଟି କଲରାପତରିଆ ବାଘ ଚମଡା ଘଟଣାରେ ଅନେକ ଗୋପନ ତଥ୍ୟ ପଦାକୁ ଆସିବାରେ ଲାଗିଛି। ଏହି ଘଟଣାରେ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ପାଖରୁ ଜବତ ହୋଇଥିବା ମୋବାଇଲରୁ ଅଭିଯୁକ୍ତ ଗୁରୁପ୍ରସାଦ ପାତ୍ରଙ୍କ ମୋବାଇଲରେ ରହିଛି ସାଂଘାତିକ ଅପରାଧିକ ଘଟଣାର ଭିଡିଓ। ସାମ୍ବାଦିକ ସମ୍ମିଳନୀରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସମ୍ୟକ ତଥ୍ୟ ଦେଇଥିବା ବେଳେ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ବିଭାଗ ସ୍ତରରେ ରିପୋର୍ଟ କରିବେ ବୋଲି କହିଥିଲେ। ଗୁରୁପ୍ରସାଦଙ୍କ ଘର ହେଉଛି ବଡ଼ସାହି ଥାନା ଅଧୀନ ପାଉଁଶିଆ ଗ୍ରାମରେ। ବୟସ ୪୧ ହେଲେ ମଧ ସେ ସମ୍ପୃକ୍ତ ଅଞ୍ଚଳରେ ତନ୍ତ୍ର ସାଧକ ଭାବେ ଜଣାଶୁଣା। ତାଙ୍କ ଘରୁ ୨ଟି କଲରାପତରିଆ ବାଘ ଚମଡା ଉଦ୍ଧାର ହୋଇଥିଲା। ତାଙ୍କ ମୋବାଇଲରେ ତନ୍ତ୍ର ସାଧନାର କିଛି ଭିଡିଓ ରହିଛି। ଶହେରୁ ଉର୍ଦ୍ଧ୍ୱ ଭିଡିଓରେ ସେ ପୂଜାପାଠ କରି ଭିନ୍ନ ଭିନ୍ନ ମହିଳାଙ୍କ ଶରୀରର ଆପତ୍ତିଜନକ ସ୍ଥାନରେ ସିନ୍ଦୁର ଲଗାଗବା ଦୃଶ୍ୟ ରହିଛି। ତତସହିତ ମୋବାଲ ଯାଞ୍ଚ ହେଲେ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିବ ବୋଲି ଗ୍ରାମରେ ଚର୍ଚ୍ଚା ହେଉଛି। ବାଘ ଚମଡା ଉପରେ ବସି ସେ ତନ୍ତ୍ର ସାଧନା କଲେ ସମସ୍ତ ମନବାଞ୍ଛନା ପୂର୍ଣ୍ଣ ସହିତ ଧନାଗମନର ମିଥ୍ୟା ପ୍ରତିଶୃତି ଦେଇ ସେ କରୁଥିଲେ ଅନେକ କାଣ୍ଡ। ପ୍ରଥମ ସ୍ତ୍ରୀ ତାଙ୍କୁ ଛାଡି ପଳାଇଥିବା ବେଳେ ଦ୍ୱିତୀୟ ସ୍ତ୍ରୀ ଅଛନ୍ତି। ବାପାଙ୍କ ଅମଳରୁ ତନ୍ତ୍ର ସାଧନା ରହିଛି। ତେବେ ଏପରି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚାଲିଥିବା ବେଳେ ସ୍ଥାନୀୟ ପୁଲିସ ଜାଣି ନପାରିବା ତଦନ୍ତ ସାପେକ୍ଷ। ଅଭିଯୁକ୍ତଙ୍କ ସହିତ ଆଉ କେଉଁ ମାନେ ଯୌନ କେଳେଙ୍କାରୀରେ ସମ୍ପୃକ୍ତ ତାହା ପୁଲିସ ତଦନ୍ତ କଲେ ଜଣାପଡିବ। ଜବତ ମୋବାଇଲ ବର୍ତ୍ତମାନ କୋର୍ଟଙ୍କ ପାଖରେ ଥିବାରୁ ଅଭିଯୁକ୍ତଙ୍କ ରିମାଣ୍ଡରେ ଆଣି ମୋବାଇଲ ଯାଞ୍ଚ ଓ କଲରେକର୍ଡର ଯାଞ୍ଚ କଲେ ଅନେକ ମହାନ ହସ୍ତୀ ଘଟଣାରେ ଜଡିତ ଥିବା ତଥ୍ୟ ପଦାକୁ ଆସିବ। ବାଘଚମଡା ଓ ଶିକାର ଘଟଣାରେ ଆନ୍ତରାଜ୍ୟ ଲିଙ୍କ ର ମଧ ଖୁଲାସା ହେବ। ଏନେଇ ଏସପି ଦୃଷ୍ଟି ଦେବାକୁ ଦାବି ହେଉଛି।

**ରିମାଣ୍ଡରେ ଆଣି ତଦନ୍ତ ହେଲେ ଖୋଲିବ ବହୁ ତଥ୍ୟ**

ଢେଙ୍କାନାଳରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ

# ଦୋକାନ ବଜାର ବନ୍ଦ, ଯାତାୟାତ ଠପ୍









ଢେଙ୍କାନାଳ,୧୭ ।୭(ସମିସ):

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ନିର୍ଯାତନା ସହି ନ ପାରି ପେଟ୍ରୋଲ ଢାଳି ଆତ୍ମାହୁତି ଦେବା ଘଟଣାକୁ ନେଇ କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ତରଫରୁ ଶାନ୍ତିଶୃଙ୍ଖଳାର ସହ ଓଡ଼ିଶା ବନ୍ଦ ପାଳନ କରାଯାଇଛି । ଦୋକାନ ବଜାର ବନ୍ଦ ରହିଥିବା ବେଳେ ଯାନବାହାନ ଚଳାଚଳ ଠପ୍ ହୋଇଯାଇଥିଲା । ଆନ୍ଦୋଳନରେ ସାମିଲ କର୍ମୀଙ୍କୁ ପୁଲିସ ଉଠାଇ ନେଇଥିଲା ।

ଜିଲ୍ଲା କଂଗ୍ରେସ କମିଟି ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ । ବନ୍ଦ ପାଳନ ଯୋଗୁଁ ଦୋକାନ ବଜାର ବନ୍ଦ ରହିଥିବା ବେଳେ ସ୍କୁଲ କଲେଜରେ ଉପସ୍ଥାନ କମ ରହିଥିଲା । ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଖୋଲା ରହିଥିଲେ ମଧ୍ୟ କୌଣସି କାର୍ଯ୍ୟ ହୋଇପାରି ନ ଥିଲା । କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ ଥିଲେ । ୫୫ନଂ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । କର୍ମୀମାନେ ରେଳ ଷ୍ଟେସନରେ ରେଳରୋକ କରିଥିବା ବେଳେ ପୁଲିସ ସେମାନଙ୍କୁ ଉଠାଇ ନେଇଥିଲା । ମୋଟାମୋଟି ଭାବେ ବନ୍ଦ ପାଳନ ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବା ସହ ପାଟ୍ରୋଲିଂ କରାଯାଇଥିଲା । ବନ୍ଦ ପାଳନ ଜିଲ୍ଲାରେ ସଫଳ ହୋଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି ।

**କାମାକ୍ଷାନଗର:** କାମାକ୍ଷାନଗରରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି । ସହରର ସମସ୍ତ ଦୋକାନ ବଜାର ସମେତ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । କଂଗ୍ରେସ କର୍ମୀମାନେ ସହର ପରିକ୍ରମା କରି ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ ପିକେଟିଂ କରି ବିଭିନ୍ନ କାର୍ଯ୍ୟାଳୟ ଓ ସ୍କୁଲ କଲେଜ ବନ୍ଦ କରିଥିଲେ । ହନୁମାନ ବଜାରରେ ବରିଷ୍ଠ କଂଗ୍ରେସ ନେତା ପ୍ରଭୁଦତ୍ତ ଭଞ୍ଜଙ୍କ ନେତୃତ୍ୱରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ମୃତ ଛାତ୍ରୀଙ୍କୁ ନ୍ୟାୟ ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ବନ୍ଦରେ ଜନସାଧାରଣଙ୍କ ସହଯୋଗ ଦେଖିବାକୁ ମିଳିଥିଲା । କାମାକ୍ଷାନଗରରେ ବନ୍ଦ ଏକପ୍ରକାର ସଫଳ ହୋଇଛି । ବନ୍ଦରେ କାମାକ୍ଷା ପ୍ରସାଦ ପଣ୍ଡା, ସଞ୍ଜୀବ ବେହେରା, ଜଗନ୍ନାଥ ସ୍ୱାଇଁ, ଅଭୟ ମହାପାତ୍ର, ଦୁଃଶାସନ ସାହୁ ପ୍ରମୁଖ ସାମିଲ ଥିଲେ । ସେହିପରି ସିପିଆଇ ତରଫରୁ

## କର୍ମୀଙ୍କୁ ଉଠାଇନେଲା ପୁଲିସ

ମଧ୍ୟ ବନ୍ଦ ଡାକରାକୁ ସମର୍ଥନ କରାଯାଇ ବିଭିନ୍ନ ସ୍ଥାନରେ ବନ୍ଦ କରାଯାଇଛି । ଜିଲ୍ଲା ସମ୍ପାଦକ ଜଗବନ୍ଧୁ ନାଏକଙ୍କ ନେତୃତ୍ୱରେ ବହୁ ସଦସ୍ୟ ଉପସ୍ଥିତ ରହି ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ପିକେଟିଂ କରି ବନ୍ଦ ପାଳନରେ ସାମିଲ ହୋଇଥିଲେ ।

**ଭୁବନ:** ଭୁବନରେ ନଗର କଂଗ୍ରେସ ସଭାପତି ମନୋଜ ସାହୁ ତଥା କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ନେତା ବିପ୍ରବର ସାହୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ, ଛାତ୍ର କଂଗ୍ରେସ କର୍ମୀ ସକାଳ ୬ରୁ ସନ୍ଧ୍ୟା ୬ ପ୍ରର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିଥିଲେ । କାଳୀ ବଜାର ଛକରେ ଥିବା ସହିଦ ବୀର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ କାଳୀ ବଜାର ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା । ଭୁବନର ବାଣିଜ୍ୟିକ ସଂଗଠନ ବନ୍ଦ ପାଳନକୁ ସମର୍ଥନ ଦେଇଥିବା ଦେଖାଯାଇଥିଲା । ଏଥିସହ କଂଗ୍ରେସ କର୍ମୀମାନଙ୍କ ଦ୍ୱାରା ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ, ବାଜି ରାଉତ କଲେଜ, ମହିଳା ମହାବିଦ୍ୟାଳୟ, ଜାତୀୟ ରାଜପଥ ଆଦି ବନ୍ଦ କରାଯାଇଥିଲା । ବସ୍ ଚଳାଚଳ, ଦୋକାନ ବଜାର ବନ୍ଦ ରହିଥିଲା । ସେହିପରି ଜିରାଳ, ମହୁଲପାଳ, ମୃଦଙ୍ଗା ବଜାରର ବିପ୍ରବର ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା ।

**ପରଜଙ୍ଗ:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ସଫଳ ହୋଇଛି । ରାସ୍ତାଘାଟ ଜନଶୂନ୍ୟ ଥିବାବେଳେ ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦକୁ ପୂର୍ଣ୍ଣ ସମର୍ଥନ କରିଥିଲେ । କଂଗ୍ରେସ କର୍ମୀମାନେ ଡବଲ ଇଞ୍ଜିନ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ପୁରୁଖା କର୍ମୀ ଶରତ ଚନ୍ଦ୍ର ନାୟକ, ଦୟାସାଗର ଦାସ, ରଞ୍ଜିତ କୁମାର ସାହୁ, ଦିଲୀପ କୁମାର ନାଥ, ନଗେନ ବିନାୟକ, ସଦାଶିବ ମଲ୍ଲିକ, ମକରଧ୍ୱଜ ସାହୁ, ରାଜ୍ୟ ଏସ୍‌ସି ସେଲ ସମ୍ପାଦକ ଲମ୍ବୋଦର ନାଏକ, ଗୋଲେଖ ନାଏକ, ଟୁଲୁ ସାହୁଙ୍କ ସମେତ ଶତାଧିକ କର୍ମୀ ବନ୍ଦରେ ସାମିଲ ହୋଇଥିଲେ । ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ମନୋଜ କୁମାର ଯୋଗ ଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ ।

**ଢେଙ୍କାନାଳ:** ସଦର ବ୍ଲକ ଅଉଖୁମା ଗ୍ରାମରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଆନ୍ଦୋଳନ କରାଯିବା ସହ ଅଧ୍ୟାପକ ସମୀର ସାହୁ, ପୁଲିସ ଅଧିକାରୀ ନିରଞ୍ଜନ ବେହେରା, ଅଜୟ ମୁର୍ମୁଙ୍କ ନିରବତା ଓ ଅପରାଧକୁ ସମର୍ଥନକୁ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ବଦଳରେ ଅଧକ୍ଷ ତାଙ୍କୁ ଧମକ ଚମକ ଦେବା, ବିଧାୟକଙ୍କ ଆଖିବୁଜା ସମର୍ଥନ, ପୁଲିସର ବିଫଳତା, ନିରବତାକୁ ନେଇ ଏହି ଅନ୍ଦୋଳନ କରାଯାଇଥିଲା । ଛ'ଦେଶ ଅଉଖୁମା ଗ୍ରାମର ପୁଲିସ ଅଧିକାରୀ ଅତିରିକ୍ତ ଏସପି ନିରଞ୍ଜନ ବେହେରାଙ୍କୁ ପୀଡ଼ିତା ବହୁ ଆଗରୁ କହିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାକୁ ନେଇ



ଗ୍ରାମବାସୀ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ଛ'ଦେଶ ଅଞ୍ଚଳ ଏବଂ ଓଡ଼ିଶାବାସୀଙ୍କ ପାଇଁ ନିରଞ୍ଜନ କଳଙ୍କ ବୋଲି ଗ୍ରାମବାସୀ କହିଥିଲେ । ଗ୍ରାମ ସଭାପତି ସରୋଜ ମହାପାତ୍ର, ସମ୍ପାଦକ ନିରାକାର ସାହୁଙ୍କ ସହ ସମସ୍ତ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ହୋଇଥିଲେ ।

**ହିନ୍ଦୋଳ:** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟପାଇଁ ବନ୍ଦ ଡାକରାକୁ ହନ୍ଦୋଳରେ ମିଳିଛି ଅଭୁତପୂର୍ବ ସଫଳତା । ହିନ୍ଦୋଳ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଜିଲ୍ଲାସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି । ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ସ୍କୁଲ, କଲେଜ, ଅଫିସ, ଗାଡ଼ି ଚଳାଚଳ, ଦୋକାନବଜାର ବନ୍ଦ ରହିଥିଲା । ହିନ୍ଦୋଳ ଏନଏସି, ସାତମାଇଲ, ଖଜୁରିଆକଟା, ରାସୋଳ ସମେତ ପ୍ରତ୍ୟେକ ପଞ୍ଚାୟତରେ କଂଗ୍ରେସ ନେତା ଓ କର୍ମୀମାନେ ଶାନ୍ତପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗାଡ଼ିମଟର, ଦୋକାନ ବଜାର ସମସ୍ତ ଅନୁଷ୍ଠାନକୁ ବନ୍ଦ କରିଥିଲେ । ବନ୍ଦ ପାଳନ ଏଠାରେ ସମ୍ପୂର୍ଣ୍ଣ ସଫଳ ହୋଇଛି । ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଶେଖର ନାଏକ, କଂଗ୍ରେସ ନେତା ସୁବାସ ପାଳ, ସୁର ପଟ୍ଟନାୟକ, ରତିକାନ୍ତ ଗଡ଼ନାୟକ, ରସାନନ୍ଦ ବେହେରା, ତ୍ରିନାଥ ବେହେରା, ପ୍ରକାଶ ପରିଡ଼ା ପ୍ରମୁଖ ଶତାଧିକ ନେତା କର୍ମୀ ଏଥିରେ ସାମିଲ ହୋଇଥିଲେ ।

## ଅଙ୍ଗନବାଡ଼ି କେନ୍ଦ୍ର ସାମ୍ନାରେ କୃତ୍ରିମ ଜଳାଶୟ

**ପରଜଙ୍ଗ,୧୭ ।୭(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଦୁଇଟି ରାସ୍ତା ରହିଛି । ଏଥି ମଧ୍ୟରୁ ଗୋଟିଏ ଥାନା, ତହସିଲ କାର୍ଯ୍ୟାଳୟ ସମ୍ମୁଖ ଦେଇ ଭାଲୁମୁଣ୍ଡା ଦିଗକୁ ପୂର୍ତ୍ତ ବିଭାଗ ରାସ୍ତା ରହିଛି । ଅନ୍ୟଟି ସର୍ବସାଧାରଣଙ୍କ ରାସ୍ତା ରହିଛି । ଏହି ରାସ୍ତାରେ ମେଡିକାଲ, ବ୍ଲକ କାର୍ଯ୍ୟାଳୟ, ସ୍କୁଲ କଲେଜ ସମେତ ଅନ୍ୟ ସରକାରୀ ବେସରକାରୀ କାର୍ଯ୍ୟାଳୟ ରହିଛି । ବଜାରରୁ ୨ ଦିଗକୁ ୨ଟି ରାସ୍ତା ରହିଥିବା ବେଳେ ବଜାରକୁ ଲାଗି ଉଭୟ ରାସ୍ତା



ମଝିରେ ଗୋଟିଏ ପରିସରରେ ରହିଛି ୩ଟି ଅଙ୍ଗନବାଡ଼ି କେନ୍ଦ୍ର, ଗୋଟିଏ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ତେବେ ଏହି ଶିକ୍ଷାନୁଷ୍ଠାନ ମଧ୍ୟରୁ ୨ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ରର ଦୁରବସ୍ଥା କହିଲେ ନ ସରେ । ବର୍ଷା ହେଲେ ଏହି ଅଙ୍ଗନବାଡ଼ି କେନ୍ଦ୍ର ସାମ୍ନାରେ କୃତ୍ରିମ ଜଳାଶୟ ସୃଷ୍ଟି ହେଉଛି । ହନ୍ତସନ୍ତ ହେଉଛନ୍ତି କୋମଳମତି ପିଲା ଓ କେନ୍ଦ୍ରର ଶିକ୍ଷୟିତ୍ରୀ ଓ ସହାୟିକା। ୧୯୯୫ରେ ନିର୍ମିତ ଏହି ଅଙ୍ଗନବାଡ଼ି କେନ୍ଦ୍ରର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ବ୍ଲକ ରାସ୍ତାରେ ରହିଥିବା ଏହି କେନ୍ଦ୍ର ରାସ୍ତା କଡ଼କୁ ଲାଗି ରହିଛି । ବ୍ଲକ ପରିସରରେ ସିଡିପିଓଙ୍କ କାର୍ଯ୍ୟାଳୟ ଥିବା ବେଳେ ଏହି କେନ୍ଦ୍ର ନିକଟରେ ସିଡିପିଓ ଓ ବିଡିଓ ଯିବା ଆସିବା କରୁଥିଲେ ମଧ୍ୟ ଅଙ୍ଗନବାଡ଼ି କେନ୍ଦ୍ରର ପରିବେଶ ପ୍ରତି ତାଙ୍କ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି । ଘରଟି ଶୋଚନୀୟ ଅବସ୍ଥାରେ ରହିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନର ଚରମ ଅବହେଳା ଯୋଗୁଁ କୌଣସି ମୁହୂର୍ତ୍ତରେ ବିପଦର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ବର୍ଷା ହେଲେ ଘର ସମ୍ମୁଖ ଓ ବାରଣ୍ଡାରେ ପାଣି ଲହଡ଼ି ଭାଙ୍ଗୁଛି । କେନ୍ଦ୍ରକୁ ଲାଗି ଡ୍ରେନ ରହିଥିଲେ ମଧ୍ୟ ଏହା କେବଳ ଲୋକଦେଖାଣିଆ ହୋଇ ରହିଛି । ବ୍ଲକ ରାସ୍ତାରୁ କେନ୍ଦ୍ରଟି ନିଚ୍ଚରେ ଥିବାରୁ ପାଣି ନିଷ୍କାସନ ହୋଇ ନ ପାରି ଜମି ରହୁଛି । ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ଓ ପିଲାମାନେ ସେହି ପରିବେଶରେ ମଧ୍ୟାହ୍ନ ଭୋଜନ ଖାଉଛନ୍ତି । ଅନ୍ୟପଟେ ମଶାମାଛି ବଂଶ ବୃଦ୍ଧି ପାଉଥିବାରୁ ଡେଙ୍ଗୁ, ମେଲେରିଆ, ଡାଇରିଆ ବ୍ୟାପିବା ସମ୍ଭାବନା ସୃଷ୍ଟି ହୋଇଛି । ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହୋଇଛି ।

## ରାତିରେ ଦୁର୍ବୃତ୍ତ କାଟିନେଲେ ବିଦ୍ୟୁତ ତାର

**ଗଁଦିଆ,୧୭ ।୭(ସମିସ):** ଗଁଦିଆ ବ୍ଲକ ନିହଲପ୍ରସାଦ ସେକ୍ସନ ପିଙ୍ଗୁଆ ଷ୍ଟ୍ରକ୍‌ଚରଠାରୁ ଜିଲ୍ଲା ସଦର ମହକୁମା ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ଚଢ଼େଇଧରା ଛକକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାର କାଶୀପୁର ପଞ୍ଚାୟତ ବାଟମଙ୍ଗଳା ଛକ ପାଖରେ ଥିବା ଟାୱାର ପାଖରୁ ୨୮ ମାଇଲ ଛକ ଭିତରେ ୧୧ ସ୍ଥାନ ଇଲେଭେନ୍ କେଭି ବିଦ୍ୟୁତ ତାରକୁ ଦୁର୍ବୃତ୍ତ କାଟି ନେଇଛନ୍ତି । ଫଳରେ ବୁଧବାର ରାତିରୁ କାଶୀପୁର ପଞ୍ଚାୟତ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି । ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ



ତୁହାକୁ ତୁହା ବର୍ଷା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁଁ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ମୁଖ୍ୟ ରାସ୍ତାରେ ଦିନରାତି ଯାନବାହାନ ଚଳପ୍ରଚଳ କରିଥାନ୍ତି । ଏଥିସହ ରାତିରେ ମଧ୍ୟ ସମୟେ ସମୟେ ବନ ବିଭାଗର ହାତୀ ସ୍କ୍ୱାଡ ପକ୍ଷରୁ ପାଟ୍ରୋଲିଂ କରାଯାଏ । ନିହପ୍ରସାଦ ଥାନା ପୁଲିସ ମଧ୍ୟ ରାତିରେ ଉକ୍ତ ପଞ୍ଚାୟତ ଅଞ୍ଚଳରେ ପାଟ୍ରୋଲିଂ କରିଥାଏ । ଏହା ସତ୍ତ୍ୱେ ଦୁର୍ବୃତ୍ତମାନେ କିପରି ତାର କାଟିନେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ଉପଯୁକ୍ତ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ସାଧାରଣରେ ଦାବି ହେଉଛି ।

## ନିଆରା ଢଙ୍ଗରେ ବୃକ୍ଷର ଜନ୍ମଦିନ ପାଳନ



**ଢେଙ୍କାନାଳ,୧୭ ।୭(ସମିସ):** ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟ ରାସ୍ତା କଡ଼ରେ ଏକ ସୁନ୍ଦର ଝଙ୍କାଳିଆ ଜରିବଟର ବୃକ୍ଷ ରହିଛି । ବୁଧବାର ନିଆରା ଢଙ୍ଗରେ ଏହାର ଷଷ୍ଠ ବର୍ଷ ପୂର୍ତ୍ତି ପାଳନ କରାଯାଇଛି । ଏହି ବୃକ୍ଷକୁ ପ୍ରକୃତିପ୍ରେମୀ କୌପିନଧାରୀ ମହିମା ସମାଜ ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ୬ବର୍ଷ ତଳେ ରୋପଣ କରିଥିଲେ । ବୃକ୍ଷ ଗଣ୍ଡିରେ ନୂତନ ବସ୍ତ୍ର ଆବୃତ୍ତ କରାଯାଇ 'ଆଜି ମୋର ଜନ୍ମଦିନ, ମତେ ଆଶୀର୍ବାଦ କରନ୍ତୁ, ମୁଁ ଯେପରି ଆପଣଙ୍କୁ ନିରନ୍ତର ମୁକ୍ତ ପବନ ଓ ଶୀତଳ ଛାୟା ପ୍ରଦାନ କରିପାରିବି' ବୋଲି ପ୍ରାଚୀର ପତ୍ର ବୃକ୍ଷ ଦେହରେ ଲଗାଯାଇଛି । ଏହି ବୃକ୍ଷର ଜନ୍ମଦିନ ଉପଲକ୍ଷେ ମହାପାତ୍ର ଛୋଟ ପିଲାଙ୍କୁ ଚକୋଲେଟ୍ ବଣ୍ଟନ କରିଥିଲେ । କେବଳ ଏତିକି ନୁହେଁ, ସୁରକ୍ଷା ବାଡ଼ ଘେରଉ କରି ଏକ ଅଶ୍ୱତ୍‌ଥ ଏବଂ ହଳଦିଆ ଚମ୍ପାଗଛ ମଧ୍ୟ ମହାପାତ୍ର ଏହି ରାସ୍ତା କଡ଼ରେ ଲଗାଇଛନ୍ତି । ଯାହା ହୃଷ୍ଟପୁଷ୍ଟ ହୋଇ ବଢ଼ି ଆସିଲାଣି । ତାଙ୍କର ଏହି ବୃକ୍ଷପ୍ରେମକୁ ମହିମା ପରିବେଶ ସମ୍ମାନପ୍ରାପ୍ତ ପରିବେଶବିତ ପ୍ରଦ୍ୟୁମ୍ନ ରଥ ପ୍ରଶଂସା କରିଛନ୍ତି ।

## ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

କାମାକ୍ଷାନଗର,୧୭ ।୭(ସମିସ):



ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିକଟ କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ପୂର୍ବତନ ପରିଚାଳନା ସମିତି ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି । ଏଥିରେ ଶିକ୍ଷାବିତ ବଟକୃଷ୍ଣ ଦାସ ମୁଖ୍ୟବକ୍ତା, ଶିକ୍ଷାବିତ ଉପେନ୍ଦ୍ର ନାଥ ପଣ୍ଡା, ଓଷ୍ଟା ବ୍ଲକ ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ, ପ୍ରତିଷ୍ଠାତା ସମ୍ପାଦକ ଆର୍ତ୍ତବନ୍ଧୁ ବିଶ୍ୱାଳ, କାନପୁରା ପ୍ରକୃତି ସୁରକ୍ଷା ସମିତି ସଭାପତି ଶିବଚରଣ ରାଉତ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ପୂର୍ବତନ ସଭ୍ୟ କୃଷ୍ଣଚନ୍ଦ୍ର ରାଉତ, ସାରଙ୍ଗଧର ରାଉତ, ବୀରବର ରାଉତ, ପୂର୍ବତନ ଛାତ୍ର ସୁରେଶ ବ୍ରହ୍ମଙ୍କ ସମେତ ପରିଚାଳନା ସମିତି ସଭ୍ୟ, ଗ୍ରାମବାସୀ, ପୂର୍ବତନ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଶିକ୍ଷକ ନିରଞ୍ଜନ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଦ୍ୟାଳୟ ରାଜ୍ୟରେ ସର୍ବଶ୍ରେଷ୍ଠ ବିଦ୍ୟାଳୟ ହେବା, ବିଜ୍ଞାନ, କଳା, କ୍ରୀଡ଼ା, ମେଧାବୃତ୍ତି ଆଦିରେ ଜିଲ୍ଲା, ରାଜ୍ୟ ତଥା ଜାତୀୟସ୍ତରୀୟ ସଫଳତା ପାଇବା ବିଷୟରେ ପ୍ରଧାନଶିକ୍ଷକ ଆଲୋକପାତ କରିଥିଲେ । ଶିକ୍ଷକ କୈଳାସ ଚନ୍ଦ୍ର ବିଶ୍ୱାଳ, ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ସମରେନ୍ଦ୍ର ନାୟକ, ବସନ୍ତ କୁମାର ସାହୁ, ନିର୍ମଳ ମହାନ୍ତି, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ କୁମାର ସାହୁ, ଆକାଶ ରାଉତ, ରାଜେଶ କୁମାର ସାହୁ, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଗୀତା ମହାପାତ୍ର, ପ୍ରୀତିପ୍ରିୟମ୍ବଦା ପରିଡ଼ା, ଜୟସ୍ମିତା ରାଉତ, ଶିକ୍ଷା କର୍ମଚାରୀ ଗିରୀଶ ଚନ୍ଦ୍ର ମହାନ୍ତି, ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ଇସ୍କନ୍‌ର ଅଦିନ ରଥଯାତ୍ରା ନେଇ ଗଜପତିଙ୍କ ମତାମତକୁ ସମର୍ଥନ

**ଢେଙ୍କାନାଳ,୧୭ ।୭(ସମିସ):** ଇସ୍କନ୍ ଦ୍ୱାରା ଆଷାଢ଼ ଶୁକ୍ଳ ଦ୍ୱିତୀୟ ଭିନ୍ନ ଅନ୍ୟ ଦିନରେ ରଥଯାତ୍ରା ଆୟୋଜନକୁ ନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ମତାମତକୁ ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ପକ୍ଷରୁ ସମର୍ଥନ କରାଯାଇଛି । ଅନ୍ୟ ଦିନରେ ରଥଯାତ୍ରା ଆୟୋଜନ ସମ୍ପୂର୍ଣ୍ଣ ଭାବେ ଜଗନ୍ନାଥ ସଂସ୍କୃତି ବିରୋଧୀ । ବିଶ୍ୱ ସାରା ଗୋଟିଏ ଦିନରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଇସ୍କନ୍ ପକ୍ଷରୁ ଏହାର ବିରୁଦ୍ଧାଚରଣ କରାଯିବା ଅତ୍ୟନ୍ତ ଦୁଃଖଦାୟକ । ଗଜପତି ମହାରାଜାଙ୍କ ଏ ସଂକ୍ରାନ୍ତ ମତାମତକୁ ଇସ୍କନ୍ ସମ୍ମାନ ଦେବା ଉଚିତ୍ ବୋଲି ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ମତ ପୋଷଣ କରିଛି । ଇସ୍କନ୍ କର୍ତ୍ତୃପକ୍ଷ ଭୁଲିଯିବା ଉଚିତ୍ ନୁହେଁ ଯେ ତାଙ୍କ ପରମାରାଧ ଦ୍ୱାପର ଯୁଗାବତାର ଶ୍ରୀକୃଷ୍ଣଙ୍କ ଅଦାହ୍ୟ ପିଣ୍ଡର ଦାରୁବ୍ରହ୍ମ ସ୍ୱରୂପ ହେଲେ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କୁ ଅବମାନନା ଅର୍ଥ ଶ୍ରୀକୃଷ୍ଣଙ୍କ ଅବମାନନା ସହ ସମାନ । ଏହି ଘଟଣାକୁ ନେଇ ଢେଙ୍କାନାଳ ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା । ଏଥିରେ ପରିଷଦର ଉପଦେଷ୍ଟା ଯୁବରାଜ ଅମରଜ୍ୟୋତି ସିଂହଦେଓ, ସମ୍ପାଦକ ଅଶୋକ କୁମାର ନନ୍ଦ, ବରିଷ୍ଠ ସଭ୍ୟ ପରେଶ ମିଶ୍ର, ଇଂ. କିଶୋର ମିଶ୍ର, ପ୍ରେମଶଙ୍କର ମିଶ୍ର, ମନୋରଞ୍ଜନ ମିଶ୍ର, ପ୍ରଶାନ୍ତ କୁମାର ସାମଲ, ପ୍ରଦୀପ କୁମାର ଧଳ ଓ ସୁନୀଲ ଦାଶ ପ୍ରମୁଖ ସାମିଲ ହୋଇ ଇସ୍କନର ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ କରିଥିଲେ ।

## ଛିଣ୍ଡିପଡ଼ିଲା ବିଦ୍ୟୁତ୍ ତାର; ସଂସ୍ପର୍ଶରେ ଆସି ନାବାଳିକା ମୃତ

**ଢେଙ୍କାନାଳ,୧୭ ।୭(ସମିସ):** ସଦର ବ୍ଲକ ଧୀରପାଟଣା ଗ୍ରାମରେ ଏକ ବିଦ୍ୟୁତ ତାର ଛିଣ୍ଡି ପଡ଼ିବାରୁ ଏହା ସଂସ୍ପର୍ଶରେ ଆସି ଗ୍ରାମର ସନାତନ ଖୁଣ୍ଟିଆଙ୍କ ୧୩ ବର୍ଷର ଝିଅ ମାମିନା ଖୁଣ୍ଟିଆଙ୍କ ମୃତ୍ୟୁ ଘଟିଛି । ଗୁରୁବାର ସକାଳେ ମାମିନା ବାହାରକୁ ଆସୁଥିବା ସମୟରେ ଘରେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ଗୋଡ଼ରେ କୁଦି ଦେଇଥିଲେ । ଫଳରେ ବିଦ୍ୟୁତ ଆଘାତରେ ସେ ଅଚେତ ହୋଇପଡ଼ିଥିଲେ । ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି; ଓଡ଼ିଶା ବନ୍ଦ ସଫଳ


ଏରସମା


ନାଉଗାଁ


ତିର୍ତ୍ତୋଲ


ତିର୍ତ୍ତୋଲ


ବିରିଡ଼ି


ବିରିଡ଼ି


ବାଲିକୁଦା


ରଘୁନାଥପୁର


ରଘୁନାଥପୁର


ପାରାଦୀପ

ଜଗତସିଂହପୁର,୧୭।୭(ସମିସ):

ଜଗତସିଂହପୁର ଜିଲ୍ଲା କଂଗ୍ରେସ ସମେତ ମିଳିତ ବିରୋଧୀ ଦଳ ପକ୍ଷରୁ ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ବନ୍ଦ ସଫଳ ହୋଇଛି। ଜଗତସିଂହପୁର ସଦର ମହକୁମାଠାରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି। ଏହି ବନ୍ଦ କାର୍ଯ୍ୟକ୍ରମରେ ସିପିଏମ ରାଜ୍ୟ କମିଟି ସଦସ୍ୟ ଲୋଭାକାନ୍ତ ସ୍ୱାଇଁ, ଏସୟୁସିଆଇ ନେତା ପ୍ରଦୀପ୍ତ ରାମ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ସରପଞ୍ଚ ପ୍ରମୋଦ ସାହୁ, ସରପଞ୍ଚ ଦିଲ୍ଲୀପ ମହାନ୍ତି, ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଥାଳ, ପୂର୍ବତନ ସରପଞ୍ଚ କାହ୍ନୁଚରଣ ରାଉତ, ଜିଲ୍ଲା ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଳିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ସେଖ୍ ଅମିନୁସ ସାଜେଦିନ, କଂଗ୍ରେସ ନେତା ଲକ୍ଷ୍ମୀନାରାୟଣ ସାମନ୍ତରାୟ, ଦେବେନ୍ଦ୍ର ଦାଶ, ଇଂ ଜ୍ଞାନରଞ୍ଜନ ଜେନା, ସମୀର ଖୁଣ୍ଟିଆ, କାଳନ୍ଦୀ ଜେନା, ସେଖ୍ ସଫାତ, କିଶୋର ପଟ୍ଟନାୟକ, ପ୍ରବୀର ପରିଜା, ସୌମ୍ୟରଞ୍ଜନ ମହାନ୍ତି, ଦୀପକ ପାଲ, ଦାଶରଥି ସ୍ୱାଇଁ, ଦିଲ୍ଲୀପ ସିଂହ, ସ୍ୱରୁପ କାନୁନଗୋ, ଉମେଶ ସ୍ୱାଇଁ, ଆଶୀର୍ବାଦ ତ୍ରିପାଠୀ, ହିଫଜୁଲ୍ ରହେମାନ, ସନ୍ଦୀପ ସ୍ୱାଇଁ, ସୂର୍ଯ୍ୟକାନ୍ତ ସାହୁ, ଦେବୀପ୍ରସାଦ ପରିଡା, ଦୀପକ ସ୍ୱାଇଁ, ଅତୁଲ୍ୟ ବିଶ୍ୱାଳ, ସେଖ ଅମିନୁସ ସାଜେଦିନ, ବୃନ୍ଦାବନ ପ୍ରଧାନ, ମିର୍ଜା ସାମସୁଦ୍ଦିନ ବେଗ, ଅବନୀକାନ୍ତ ମହାରଣା, ତ୍ରିପୁରେଶ୍ୱର ମଲ୍ଲିକ, ପ୍ରଣବ ମହାପାତ୍ର, ବିଜୟ ପଲାଉରୀ ପ୍ରମୁଖ ଯୋଗଦେଇ ଓଡ଼ିଆ ବନ୍ଦରେ ସାମିଲ ହୋଇଥିଲେ। ଜଗତସିଂହପୁର ସହରର ଡାକବଙ୍ଗଳା, ଗାନ୍ଧୀ ଛକ, ଚର୍ଚ୍ଚିକା ବଜାର, ହାଟ ବଜାର, ଆଳିପିଙ୍ଗଳ ବଜାର, ଡିହସାହି ବଜାର ଆଦି ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀ ପିକେଟିଂ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ଜିଲ୍ଲାର ସମସ୍ତ ଅଫିସ, ବ୍ୟାଙ୍କ, କଲେଜ, ସ୍କୁଲ, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିବା ସହ ବନ୍ଦକୁ ସଫଳ କରିବାକୁ ସ୍ୱତଃ ପ୍ରବୃତ ଭାବେ ସହଯୋଗ କରିଥିବାରୁ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଓଡ଼ିଶା ବନ୍ଦ ସଂପୂର୍ଣ୍ଣ ସଫଳ ହୋଇଛି। ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି, ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି ସହ ଘଟଣାରେ ସଂପୃକ୍ତ ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

**ଏରସମା:** ଏରସମା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସର୍ବଦଳୀୟ ବନ୍ଦ ପାଳନ ସଫଳ ହୋଇଛି। ଏଥିରେ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଛକ ବଜାର ବନ୍ଦ ରହିଥିଲା। ରାସ୍ତା ଅବରୋଧ କରାଯାଇଥିଲା। ବ୍ଲକ ମୁଖ୍ୟାଳୟସ୍ଥ ଗାନ୍ଧୀ ଛକରେ କଂଗ୍ରେସ ପକ୍ଷରୁ ପିସିସି ଉପସଭାପତି ଡଃ ଲଲାଟେନ୍ଦୁ ମହାପାତ୍ର, ନଳିନୀ ସ୍ୱାଇଁ, ବ୍ଲକ ସଭାପତି ବହ୍ଲବାନନ୍ଦ ସ୍ୱାଇଁ, ଅଭିଜିତ ସାହୁ, ସଂଶୟ ସ୍ୱାଇଁ ପ୍ରମୁଖଙ୍କ ସହିତ ସିପିଆଇ ପକ୍ଷରୁ ଶଶୀଭୂଷଣ ସ୍ୱାଇଁ, ପ୍ରସନ୍ନ କୁଅଁର, ଦାମୋଦର ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲା। ଆମ୍ବିକି, ଭିତରଅନ୍ଧାରି, ଜପା, କୋଠି, ପଏଦା, ପୋଖରୀଆପଡା, ନାରାଦିଆ ବଜାର ବନ୍ଦ କରାଯାଇଥିଲା।

**ନାଉଗାଁ:** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ୧୨ ଘଣ୍ଟିଆ ଓଡିଶା ବନ୍ଦ ଡାକରା ସଫଳ ହୋଇଛି। ନାଉଗାଁ ବ୍ଲକ୍ କଂଗ୍ରେସ ସଭାପତି ବିଚିତ୍ରନନ୍ଦ ଲେଙ୍କାଙ୍କ ନେତୃତ୍ୱରେ ନାଉଗାଁ ବଜାରର ସମସ୍ତ ଦୋକାନ ବନ୍ଦ ରହିବା ସହିତ ପେଟ୍ରୋଲ ପମ୍ପ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବସ ଚଳାଚଳ ବନ୍ଦ ହୋଇଥିଲା। ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ସହିତ ଅପାରଗ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବୀ କରିଛି ଯୁବ ଓ ଛାତ୍ର କଂଗ୍ରେସ। ଯଦି ଆଗାମୀ ଦିନରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ହତ୍ୟା ଘଟଣା ରାଜ୍ୟ ସରକାରୀ ଚପାଇ ଦେବାକୁ ଉଦ୍ୟମ କରନ୍ତି, ଏହି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଛି କଂଗ୍ରେସ।

**ତିର୍ତ୍ତୋଲ:** ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଆଜ ମିଳିତ ବିରୋଧୀ ଦଳ ପକ୍ଷରୁ ଓଡ଼ିଶା ବନ୍ଦ କରାଯାଇଛି। ଓଡିଶା ବନ୍ଦର ସିଧାସଳଖ ପ୍ରଭାବ ତିର୍ତ୍ତୋଲ ବ୍ଲକର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା। କଂଗ୍ରେସ ନେତା ଇଂ ହିମାଂଶୁ ମଲ୍ଲିକ ଓ ପିସିସି ସଭ୍ୟ ଦେବପ୍ରସାଦ ନାୟକଙ୍କ ପରାମର୍ଶକ୍ରମେ ବ୍ଲକ କଂଗ୍ରେସ ନେତୃବୃନ୍ଦ ତିର୍ତ୍ତୋଲ ସରଣୀ ବଜାରରେ ଟାୟାର ଜାଳି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ । ଯେଉଁ ଲୋକ ଆସୁଥିଲେ ସେମାନଙ୍କୁ ଚକଲୋଟ ଦେଇ ବନ୍ଦ ପାଳନକୁ ସମର୍ଥନ ଦେବାକୁ ଅନୁରୋଧ କରିଥିଲେ। ବାଇକ ରାଲିରେ ଯାଇ ଡିଆରଡିଏ କାର୍ଯ୍ୟାଳୟ, ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟା।ଳୟ, ବ୍ଲକ, ତହସିଲ, ଆଦକିବ ସାରଳା ଦାସ ମହାବିଦ୍ୟାଳୟ, ବିଭିନ୍ନ ସରକାରୀ ବିଦ୍ୟାଳୟ, ବିଇଓ ଅଫିସ, ବ୍ୟାଙ୍କ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ସଅଁରା ଛକରେ ଟାୟାର ଜାଳି ଜୟପୁର-ଜଗତସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କୃଷ୍ଣାନନ୍ଦପୁର, ଜଗନ୍ନାଥପୁର, କଟରା, କନକପୁର, ମୂଳିସିଂହ ବଜାର ବନ୍ଦ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବ୍ଲକ କଂଗ୍ରେସ ଉପସଭାପତି ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ୍, ମଣିଜଙ୍ଗା ସରପଞ୍ଚ ଶଶଧର ମଲ୍ଲିକ, ତୁଳଙ୍ଗ ସମିତି ସଭ୍ୟ ଦେବୀପ୍ରସାଦ ପାଳ, ପ୍ରଶାନ୍ତ ଲେଙ୍କା, ଜୟନ୍ତ ପରିଜା, ତ୍ରିଲୋଚନ ସାହୁ, ମହମ୍ମଦ ଅବଦୁଲ ୱାହିଦ, ମହମ୍ମଦ ଇସମାଇଲି, ବ୍ରଜକିଶୋର ମଲ୍ଲିକ, ବିକ୍ରମ ଦାଶ, ପ୍ରଦୀପ୍ତ ଶତପଥୀ, ଗଗନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବିରିଡ଼ି:** ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପ୍ରତିବାଦରେ ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ଓ ସିପିଆଇ, ସିପିଏମର ନେତୃବୃନ୍ଦଙ୍କ ଓଡ଼ିଶା ବନ୍ଦ ସଫଳ ହୋଇଛି। ବିରିଡି ଛକରେ ମୁଖ୍ୟରାସ୍ତା ଅବରୋଧ କରିବା ସହ ଯୁବ ଓ ଛାତ୍ର କର୍ମକର୍ତ୍ତା ସରକାରୀ, ବେସରକାରୀ ଅଫିସ, ସ୍କୁଲ, କଲେଜ, ବଜାର ବନ୍ଦ କରିଥିଲେ। ପୂର୍ବତନ ସଭାପତି ଅଶୋକ ଜେନା, ପୂର୍ବତନ ସରପଞ୍ଚ ବିମଳ ସେଠୀ, ବଳରାମ ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ବେହେରା, ସିପିଆଇଏମ ନେତା ଗଣେଶ ମାଣିଆ, ଯୁଧିଷ୍ଠିର ଦାସ, ସିପିଆଇ ନେତା ତ୍ରୈଲୋକ୍ୟ ଜେନା, ନାରାୟଣ ଭୋଳ, ବିରିଡ଼ି ବ୍ଲକ କଂଗ୍ରେସ ସମସ୍ତ ପଞ୍ଚାୟତର ସଭାପତି ଚିତ୍ତରଞ୍ଜନ ବେହେରା, ସୌମ୍ୟକାନ୍ତ ସିଂହ,ଆଖିଳ ରାଉଳ, ସୁରଜ ଦାସ, ଅଜୟ ମଲ୍ଲିକ, ଅସିତ ମହାନ୍ତି, ଶୁଭେନ୍ଦ୍ର ରାଉତରାୟ, ଦୟାନିଧି ସେଠୀ, ଶ୍ରୀକାନ୍ତ ପଣ୍ଡା, ଶିବପ୍ରସାଦ ମହାପାତ୍ର, ନୃସିଂହ ଖୁଣ୍ଟିଆ, ଅଭୟ ମଲ୍ଲ, ଭାଗ୍ୟଧର ଜେନା ପ୍ରମୁଖ ଯୋଗଦେଇଥିଲେ।

**ବାଲିକୁଦା:** ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ଆଜି ବାଲିକୁଦା ବ୍ଲକରେ ଭାରତ ବନ୍ଦ ସଫଳ ହୋଇଛି। ବାଲିକୁଦା-ଏରସମା କଂଗ୍ରେସ ପକ୍ଷରୁ ରାଜ୍ୟ କଂଗ୍ରେସ ଉପସଭାପତି ଡା ଲଲାଟେନ୍ଦୁ ମହାପାତ୍ର, ବାଲିକୁଦା-ଏରସମା କଂଗ୍ରେସ ନେତା ନଳିନୀ ସ୍ୱାଇଁ, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡା, କଂଗ୍ରେସ ନେତା ବିଭୂତି ଭୂଷଣ ସ୍ୱାଇଁ, ଲକ୍ଷ୍ମୀଧର ମଲ୍ଲିକ, ଅଡଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ବୈରାଗୀ ରାଉତ, ଭାଗୀରଥି ମୁଦୁଲି, ରମେଶ ସ୍ୱାଇଁ, ଆର୍ତ୍ତବନ୍ଧୁ ବିଶ୍ୱାଳ, ସୁଶାନ୍ତ ଦାସ, ମହନୀ ରାଉତ, ସମିତିସଭ୍ୟ ନିରଞ୍ଜନ ଦାସ, ସାଧୁଚରଣ ସାହୁ, ମିଳନ ମହାରଣା, ଦିଲ୍ଲୀପ ମହାର, ନାଥ କାଣ୍ଡି, ତପନ ସ୍ୱାଇଁ ପ୍ରମୁଖ ଟାୟାର ଜାଳି ବାଲିକୁଦା ମୁଖ୍ୟ ରାସ୍ତା ଅବରୋଧ କରିବା ସହ ବାଲିକୁଦା କଲେଜ, ବ୍ଲକ, ତହସିଲ, ମହିଳା କଲେଜ, ବ୍ୟାଙ୍କ ବନ୍ଦ କରିଥିଲେ। ସେହିପରି ଅଖିଳ ଭାରତୀୟ କଂଗ୍ରେସ ସଂଯୋଜକ ସୁପ୍ରିମକୋର୍ଟ ଆଇନଜୀବୀ ସୁଶାନ୍ତ କାନୁନଗୋ ନିଜ ସମର୍ଥକଙ୍କ ସହ କଣିଆ ବଜାର ବନ୍ଦ କରିଥିଲେ।

**ରଘୁନାଥପୁର:** ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ଶାସନାଧୀନ ସରକାରଙ୍କୁ ଦାୟୀ କରି ରାଜ୍ୟ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରା ରଘୁନାଥପୁର ବ୍ଲକ ଅଞ୍ଚଳରେ ସଫଳ ହୋଇଛି। କାଁଭା ଚାହା ଜଳିଖିଆ ଦୋକାନକୁ ଛାଡିଦେଲେ ଦୋକାନ ବଜାର ବନ୍ଦ ରହିଥିଲା। ବସ ଓ ଟ୍ରକ ସହ ଚାରିଚକିଆ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଓ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ବ୍ଲକ ଛକ ନିକଟସ୍ଥ କଟକ-ପାରାଦୀପ ରାସ୍ତା ଉପରେ ବସିରହି ପ୍ରତିବାଦ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା କଂଗ୍ରେସ ଉପସଭାପତି ସର୍ବେଶ୍ୱର ପଣ୍ଡା, ବସନ୍ତ ଦାଶ, ମାନସ ଗୋଚ୍ଛାୟତ, ବସନ୍ତ ସ୍ୱାଇଁ, ବିନ୍ଦୁସାର ମହାପାତ୍ର, ଯୋଗେନ୍ଦ୍ର ବାରିକ, ଦୈତାରୀ ରାଉତ, ବିଷ୍ଣୁ ବିଶ୍ୱାଳ ଯୋଗ ଦେଇଥିଲେ। ଜଇପୁର ଛକ ନିକଟରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ମନୋରଞ୍ଜନ ଦାସ, ନାରାୟଣ ନାୟକ, କୀର୍ତ୍ତିରଞ୍ଜନ ରାୟ, ପ୍ରଦୀପ୍ତା ଦାସ ଓ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଛାତ୍ରୀ ମୃତ୍ୟୁ ଘଟଣା ପାଇଁ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଥିଲେ। ସକାଳୁ କଂଗ୍ରେସ କର୍ମୀ ବ୍ଲକ, ତହସିଲ ଓ ସ୍କୁଲ, କଲେଜ ଓ ବ୍ୟବସାୟୀଙ୍କୁ ଦୋକାନ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ତାରପୁର ବାଇପାସ୍, ଜଇପୁର ଛକ ବଜାର, ରେଢୁଆ ମାର୍କେଟ, ନାଳିବର ବଜାର ଓ ଅଟୋ ଆସୋସିଏସନ ପକ୍ଷରୁ ଅଟୋ ଚଳାଚଳ ସ୍ୱତପ୍ରବୃତ ଭାବେ ବନ୍ଦ ରହିଥିଲା।

**ପାରାଦୀପ:** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଆଜି କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ କରାଯାଇଥିଲା। ଏହି ବନ୍ଦକୁ କମ୍ୟୁନିଷ୍ଟ ପାର୍ଟି ସମେତ ୭ଟି ଦଳ ସମର୍ଥନ କରିଥିଲେ। ବନ୍ଦର ପ୍ରଶାସନିକ ଭବନ ସମ୍ମୁଖରେ କଂଗ୍ରେସର ବହୁ କର୍ମୀ ଏକତ୍ରିତ ହୋଇ ଗାଡ଼ି ଚଳାଚଳ ବନ୍ଦ କରିଥିଲେ। ସିଆଇଏସଏଫ ଓ ପୁଲିସ କର୍ମଚାରୀ ଆନ୍ଦୋଳନକାରୀଙ୍କୁ ମଧ୍ୟ ସମର୍ଥନ ଜଣାଇଥିଲେ। ସ୍ୱତପ୍ରବୃତ୍ତ ଭାବେ ପାରାଦୀପରେ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବଡପଡ଼ିଆ ଅଞ୍ଚଳରେ ଚା' ଦୋକାନ ଖୋଲାଯାଇ ନ ଥିବା ଦେଖିବାକୁ ମିଳିଥିଲା। ପାରାଦୀପ କଂଗ୍ରେସ ନେତା ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ବନ୍ଦ କରାଯାଇଥିଲା। ସମସ୍ତ ଦୋକାନ ବଜାର, ବ୍ୟାଙ୍କ, ପେଟ୍ରୋଲ ପମ୍ପ, ବ୍ୟବସାୟିକ ଅନୁଷ୍ଠାନ, ରେଳ ଚଳାଚଳ, ବସ୍ ସେବା, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। କଂଗ୍ରେସ୍ କର୍ମୀଙ୍କ ସହିତ କମ୍ୟୁନିଷ୍ଟ ପାର୍ଟି କର୍ମୀ ସାମିଲ ହୋଇଥିଲେ। ଏହି ବନ୍ଦ ଡାକରାରେ ପାରାଦୀପର ବରିଷ୍ଠ କଂଗ୍ରେସ୍ ନେତା କାଳନ୍ଦୀ ଦାସ, ତ୍ରିନାଥ ମହାନ୍ତି, ଜ୍ୟୋତିରଞ୍ଜନ ଦାସ, ପଦ୍ମସମ୍ଭୁତ ମହାନ୍ତି, କୃପାସିନ୍ଧୁ ଦାସ, ଚନ୍ଦ୍ରଶେଖର ମହାପାତ୍ର, ସୁନାକର ବାରିକ, ସୁଶାନ୍ତ ବାରିକ, ମହିଳା କଂଗ୍ରେସ୍ ନେତ୍ରୀ ବିନତି ପଢିଆରୀ, ଖୁଲଣା ଜେନା, କୌଶଲ୍ୟା ମହାନ୍ତି, ପୁଷ୍ପା ଦାସ, ଧରିତ୍ରୀ ସାମଲ, ଛାତ୍ର କଂଗ୍ରେସ୍ ନେତା ରାକେଶ ମହାପାତ୍ର, ଜନ୍ମେଜୟ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।


କୁଜଙ୍ଗ

**କୁଜଙ୍ଗ:** ଆଜି କଂଗ୍ରେସର ବନ୍ଦ ସଫଳ ହୋଇଛି। ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଛାତ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ଶ୍ରମିକ ନେତା ସୁବାସ ମାହାପତ୍ରଙ୍କ ନେତୃତ୍ୱରେ ନାରୀନେତ୍ରୀ ଜିନ୍ମୟି ସାହାଣୀ, ନିରଞ୍ଜନ ନାୟକ, ପ୍ରିୟମ୍ବଦା ପାଣି, ଆଇନଜୀବୀ ମଞ୍ଜୁଲତା ରାଉତ, ସିପିଆଇ ନେତା ଅଜୟ ବେହେରା, ଶରତ ବେହେରା, ଶରତ ବଳିୟାରସିଂ, ରବି ମାଝୀ, ରବି ମହାପାତ୍ର, ନିମାଇଁ ମହାପାତ୍ର, ସଲିଳ ସାମନ୍ତରାୟ, ଅଶୋକ ନାଥ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେହିପରି କଂଗ୍ରେସ ନେତା ବୀରେନ ଦଳାଇଙ୍କ ସମର୍ଥକ ଡାକଘର ଛକରେ ରାସ୍ତାରୋକ କରିଥିଲେ। ପୂର୍ବତନ ବ୍ଲକ କଂଗେସ ସଭାପତି ଶ୍ରୀ ତ୍ରିପାଠୀ, ଚିତ୍ତରଞ୍ଜନ ସାହୁ, ବିଶ୍ୱନାଥ ମଲିକ, ଆଇଏନଟିୟୁସି ଜିଲ୍ଲା ଉପସଭାପତି ଅବିନାଶ ମଲିକ ଓ ଆଇନଜୀବୀ ମଜୁଲତ ରାଉତ ପ୍ରମୁଖ ସାମିଲ ଥିଲେ।

## ନାଉଗାଁହାଟ ବିଦ୍ୟାଳୟରେ ବନ ମହୋତ୍ସବ



ନାଉଗାଁ, ୧୭।୭(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷୀ ସେଠୀଙ୍କ ପୌରୋହିତ୍ୟରେ ଏନ୍‌ସିସି ଅଧିକାରୀ ତଥା ଇକୋ କ୍ଲବ୍ ଇନଚାର୍ଜ ମାନସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳିତ ହୋଇଛି। ଏନ୍‌ସିସି କ୍ୟାଡେଟ୍, ଇକୋ କ୍ଲବ୍ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ଏକ ସଚେତନତା ରାଲି କରାଯାଇଥିଲା। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ନିରଞ୍ଜନ ମହାନ୍ତି ଯୋଗଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରା ରୋପଣ କରାଯାଇଥିଲା। ଶକ୍ତି କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ସମୀକ୍ଷା ଗିରି, ଶିକ୍ଷକ ପୁରୁଷୋତ୍ତମ ତ୍ରିପାଠୀ, ସନ୍ତୋଷ ପରିଡା, ପ୍ରଳୟ ବେହେରା, ସ୍ୱାତି ସ୍ୱାଇଁ, ସଙ୍ଗୀତା ସ୍ୱାଇଁ, ବେବିନା ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ନଦୀକୁ ଡେଇଁ ଯୁବତୀ ନିଖୋଜ

ଆଳି,୧୭।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁରସ୍ଥ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ଗୋବିନ୍ଦପୁର-ସିଂପୁର ସେତୁ ଉପରୁ ଆଜି ପୂର୍ବାହ୍ନ ୧୧ ସମୟରେ ଜଣେ ଯୁବତୀ ଭରା ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି। ଆଜି ଯୁବତୀ ଜଣକ କମ୍ପ୍ୟୁଟର କ୍ଲାସରୁ ଫେରି ଗୋବିନ୍ଦପୁର ସେତୁ ଉପରେ ପହଞ୍ଚି ଥିଲେ। ହଠାତ କେହି କିଛି ଭାବିବା ପୂର୍ବରୁ ସାଙ୍ଗରେ ନେଇଥିବା ସାଇକଲକୁ ସେତୁ ଉପରେ ରଖି ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ନଦୀରେ ବନ୍ୟା ଯୋଗୁଁ ଭାସିଯାଇଥିଲେ। ବିଂଝାରପୁର ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଖୋଜା ଖୋଜି କରି ପାଇ ନ ଥିବା ଜଣାପଡ଼ିଛି।

## ବନ୍ୟା ପାଣିରେ ବୁଡ଼ି ଯାଉଥିବା ଯୁବକ ଉଦ୍ଧାର

ପଟ୍ଟାମୁଣ୍ଡାଇ/ମାଳିପୁର, ୧୭।୭(ସମିସ):

ସମ୍ପ୍ରତି ଦୁଇଦିନ ଧରି ବ୍ରାହ୍ମଣୀର ଜଳ ପତନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର ଓ ବଳଭଦ୍ରପୁର ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମାଳିପୁର ବସ୍ ରହଣୀ ଓ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ତିନୋଟି ଯାକ ପଞ୍ଚାୟତର ଗ୍ରାମ୍ୟ ରାସ୍ତା ଜଳମଗ୍ନ ହୋଇଛି। ଶ୍ରୀରାମପୁର ପଞ୍ଚାୟତର ପ୍ରାୟତଃ ଆଠ ହଜାର ଓ ଡାମରପୁର ପଞ୍ଚାୟତର ସାତ ହଜାର ଲୋକ ଜଳବନ୍ଦୀ ଥିବାବେଳେ ଉଭୟ ପଞ୍ଚାୟତକୁ ଗୋଟିଏ ଲେଖାଏଁ ଡଙ୍ଗା ପ୍ରଶାସନ ତରଫରୁ ଯୋଗାଇ ଦିଆଯାଇଥିବାବେଳେ ପ୍ରାୟତଃ ସାତ ହଜାର ଲୋକ ଜଳବନ୍ଦୀ ଥିବା ବଳଭଦ୍ରପୁର ପଞ୍ଚାୟତକୁ ଦୁଇଟି ଡଙ୍ଗା ବିନା ଶୁଳ୍କରେ ଯାତାୟାତ ପାଇଁ ଯୋଗାଇ ଦିଆଯାଇଥିବା ଜାଣିବାକୁ ମିଳିଛି। ତେବେ ଆଜି ସକାଳେ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଛତ୍ରଧାରୀପାଟଣା ଗ୍ରାମର ପ୍ରଫୁଲ୍ଲ ପରିଡା (୩୩) ନାମକ ଜଣେ ଯୁବକ ପାଣି ସୁଅରେ ଭାସି ଯାଉଥିବାବେଳେ ଡଙ୍ଗା ବାହକ ନରି ମଲିକ, ବାବୁ ସେଠୀ, ଗଗନ ସେଠୀ ଗ୍ରାମବାସୀଙ୍କ ସହାୟତାରେ ପ୍ରଫୁଲ୍ଲଙ୍କୁ ଉଦ୍ଧାର କରିଥିଲେ। ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଅଶୋକ ମହାନ୍ତି, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସହନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ବିନୟ ମିଶ୍ର, ଡାମରପୁର ସରପଞ୍ଚ ବସନ୍ତ ନାଥ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟାଞ୍ଚଳକୁ ଅଧିକ ସଂଖ୍ୟକ ଡଙ୍ଗା ଯୋଗାଇ ଦିଆଯିବାକୁ ଦାବି ହେଉଛି।



## ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ନାଉଗାଁ, ୧୭।୭(ସମିସ): ଓଷକଣା ପଞ୍ଚାୟତ ସମିତି ସଭ୍ୟ ବିରେନ୍ଦ୍ର ବିଶ୍ୱାଳଙ୍କ ବାପା ବିଚିତ୍ରାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ଚିରଞ୍ଜୀବି ବିଶ୍ୱାଳ, ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସରପଞ୍ଚ ସଂଘ ସଭାପତି ଦୋଳଗୋବିନ୍ଦ ରାଉଳ, ଗଳଧାରୀ ସରପଞ୍ଚ ଦିଲ୍ଲୀପ ନାୟକ, ଘୋଡାଂଶ ସରପଞ୍ଚ ନିହାର ବସ୍ତିଆ, ସମିତି ସଭ୍ୟ ତରୁଣକାନ୍ତ ବାରିକ, ଡାବର ସମିତିସଭ୍ୟ ସୁବଳ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଚିତ୍ରାନନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କିଶୋର ନ୍ୟାୟ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଚେତନତା

ଜଗତସିଂହପୁର,୧୭।୭(ସମିସ): ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ପୁରୁଣାଗଡ଼ସ୍ଥ ବୀଣାପାଣି ଉଚ୍ଚବିଦ୍ୟାଳୟରେ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ ଆଇନ-୨୦୧୫ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ବରିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଆଇନ ସେବା ପ୍ରାଧିକରଣ ସଚିବ କହିଥିଲେ, କିଶୋର ନ୍ୟାୟ ଆଇନ ଅନୁଯାୟୀ ବିଭିନ ମାମଲା ସହ ଜଡ଼ିତ ଥିବା ୧୮ ବର୍ଷରୁ କମ୍ ପିଲାଙ୍କୁ ସୁରକ୍ଷା ପ୍ରଦାନ କରିବା ହେଉଛି ଏହି ଆଇନର ମୂଳ ଲକ୍ଷ୍ୟ। ଶିଶୁଙ୍କୁ ଦଣ୍ଡ ବଦଳରେ ପୁନର୍ବାସ କରାଇବା ସହ ସେମାନଙ୍କ ସହିତ ଜଡ଼ିତ ଥିବା ମୋକଦ୍ଦମାର ପରିଚାଳନା କରାଇବା ପାଇଁ ଏହି ଆଇନ ରୂପରେଖ ପ୍ରଦାନ କରିଥାଏ। ସଚିବ ଭାରତୀୟ ସମ୍ବିଧାନର ଧାରା ୨୧(କ) ଅନୁଯାୟୀ ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଧାନ ବିଷୟରେ ସଚେତନ କରାଇବା ସହ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ବନ୍ଦ; ରାଜ୍ୟବାସୀଙ୍କ ସ୍ୱତଃସ୍ଫୂର୍ତ୍ତ ସମର୍ଥନ







**ଛତ୍ରପୁର,୧୭ ।୭ (ସମିସ):** ବାଲେଶ୍ୱର ଫକୀରମୋହନ କଲେଜରେ ଛାତ୍ରୀଙ୍କ ଆତ୍ମାହୂତି ଘଟଣାରେ ସାରା ରାଜ୍ୟରେ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ଓଡିଶା ବନ୍ଦର ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଛତ୍ରପୁରରେ କଂଗ୍ରେସ ଓ ବାମପନ୍ଥୀ ଦଳ ପକ୍ଷରୁ ସହରରେ ଥିବା ବିଭିନ୍ନ ଦୋକାନ ବଜାର ବନ୍ଦ କରାଯିବା ସହିତ କଂଗ୍ରେସ ଓ ବାମପନ୍ଥୀ ଦଳର ନେତା ମାନେ ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପଶି ଉପଜିଲ୍ଲାପାଳଙ୍କୁ ବାହାରକୁ ଆସିବା ପାଇଁ ଦାବି କରିଥିଲେ। ପରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପାଚେରୀ ଡେଇଁ ଭିତରକୁ ପଶି ମୁଖ୍ୟ ଫାଟକରେ ଥିବା ତାଲାକୁ ଭାଙ୍ଗିଥିଲେ ଆନ୍ଦୋଳନକାରୀ। ସେପଟେ ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ମୃତୟନ କରାଯାଇଥିଲା। ପରେ ଡିଆରଡିଏ ଛକ ସ୍ଥିତ ଜାତୀୟ ରାଜପଥରେ ଗାଡି ଗୁଡିକୁ ଅଟକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଏନ. ନାରାୟଣ ରେଡ୍ଡୀ, ନାରୀନେତ୍ରୀ ଏନ. ଭାନୁମତି ରେଡ୍ଡୀ, ଜିଲ୍ଲା ନେତା ନୀଳକଣ୍ଠ ଦାଶ, ଛତ୍ରପୁର ଜୋନଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଜୋନାଲ ସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ଜିଲ୍ଲା ନେତା ସିଏଚ. ଜନାର୍ଦ୍ଦନ ରେଡ୍ଡୀ, କଂଗେସ ନେତା ଭାଗିରଥି ବେହେରା, ପୂର୍ବତନ ସରପଞ୍ଚ ଡି. କ୍ରିଷ୍ଣା ରେଡ୍ଡୀ ଓ ଡି. ରାମସ୍ୱାମୀ ରେଡ୍ଡୀ, କାଳିଆ ରାଉଳ, ଅଶୋକ ପଟ୍ଟନାୟକ, ଗଣପତି ବାରିକ, ଇଜୁ ଆମିନ ଖାନ, ମହେଶ ଗୌଡ଼, ଫରୱାର୍ଡବ୍ଲକର ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁ, ଦଳିତ ନେତା ତଥା ଆଇନଜୀବୀ ସୁମା ଦାସ, ସିପିଏମ ନେତା ପର୍ଶୁରାମ ଗୌଡ଼ଙ୍କ ସମେତ ବହୁ ଛାତ୍ର, ଯୁବକ ଓ ମହିଳା ମାନେ ଉପସ୍ଥିତ ଥିଲେ।

**ଶେରଗଡ:** ଶେରଗଡ ବ୍ଲକ କଂଗ୍ରେସ କମିଟି ସଭାପତି କୁନା ବିଷୋୟୀଙ୍କ ଅଧ୍ୟକ୍ଷତାରେ ୩୨୬ ନମ୍ବର ଜାତୀୟ ରାଜପଥର ଶେରଗଡ ଚାରି ଛକ ଠାରେ ରାସ୍ତାରୋକ କରାଯାଇଥିଲା। କାର୍ଯ୍ୟକ୍ରମରେ ସୀମାଞ୍ଚଳ ଗୌଡ, ରଜନୀକାନ୍ତ ବିଷୋୟୀ, ବଳରାମ ସାହୁ, ପ୍ରଭାକର ପାଣିଗ୍ରାହୀ, ମହେନ୍ଦ୍ର ସାହୁ, ସୁନୀଲ ପାଣିଗ୍ରାହୀ, ଇ.ଚିନ୍ମୟ ପାତ୍ର, ରବି ପାଣିଗ୍ରାହୀଙ୍କ ସମେତ ବାମଦଳ ପକ୍ଷରୁ ହରପ୍ରସାଦ ଆଚାରୀ, ଶିବରାମ ପାଣିଗ୍ରାହୀଙ୍କ ସମେତ ଶତାଧିକ କଂଗ୍ରେସ ଏବଂ ବାମଦଳର କର୍ମୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଶେରଗଡ ଥାନା ପକ୍ଷରୁ ଏସଆଇ ସତ୍ୟଜିତ ବେଣିଆଙ୍କ ସମେତ ବ୍ୟାପକ ପୁଲିସ କର୍ମୀ ନିୟୋଜିତ ଥିଲେ।

**କୋଦଳା:** ବେଗୁନିଆପଡ଼ା ବ୍ଲକ ଅଞ୍ଚଳରେ ବରିଷ୍ଠ କଂଗ୍ରେସ ନେତା ଭବାନୀ ପ୍ରସାଦ ଜେନାଙ୍କ ନେତୃତ୍ୱରେ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏହି ବନ୍ଦକୁ ଜନ ସାଧାରଣ ମାନେ ସହଯୋଗ କରିଥିଲେ। ସେହିପରି କୋଦଳା ଏନଏସି ମଧ୍ୟ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା। କୌଣସି ଅପ୍ରୀତିକାର ପରିସ୍ଥିତି ଯେମିତି



ସୃଷ୍ଟି ନହେବ ସେଥିପାଇଁ ପୁଲିସ ମୁତୟନ ହୋଇଥିଲେ।

**ଆସିକା:** ଆସିକା କଂଗ୍ରେସ ସାଂସଦ ପ୍ରାର୍ଥୀ ତଥା ଜିଲ୍ଲା ଅକ୍ଷଭ୍ୟ ନ୍ତରୀଣ ସଭାପତି ଦେବକାନ୍ତ ଶର୍ମାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ବନ୍ଦ ପାଳନ କରିଥିଲେ। କଂଗ୍ରେସ ଯୁବ ନେତା ପ୍ରିୟାଂଶୁ ପରିଡା, କଂଗ୍ରେସ ନେତ୍ରୀ ସୁଦୀପ୍ତା ଦାସ, ଅଜିତ ମୁନି, ଦୀପକ ଭୁୟାଁ, ଭାଲୁ ପାତ୍ର, ଭବାନୀ ଦାସ, ଅଭିମନ୍ୟୁ ବେହେରା, କ୍ଷେତ୍ରବାସି ଦୋରା, ସୁନାରାମ ସାବତଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

**ଧରାକୋଟ:** ଓଡିଶା ବନ୍ଦର ପ୍ରଭାବ ଧରାକୋଟରେ ଦେଖିବାକୁ ମିଳିଛି। ଧରାକୋଟ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ସୁନିଲ ଚୌଧୁରୀ, କଂଗ୍ରେସ କମିଟିର ବରିଷ୍ଠ ସଭ୍ୟ ସୋମନାଥ ମହାନ୍ତି, ସୁଧାକର ସ୍ୱାଇଁ, କୁନା ସ୍ୱାଇଁ, ରାଜା ସେଠି, ଶତ୍ରୁଘ୍ନ ଗୌଡ଼, ପ୍ରଫୁଲ୍ଲ ଦାସ, ଲୁଲୁ ପାତ୍ର, ଶିବରାମ ବାଡତ୍ୟା, ନିରଞ୍ଜନ ଛାଟୋଇ, ମୁନା ସ୍ୱାଇଁ, ବାବୁଲା ସ୍ୱାଇଁ, ସୁନୀଲ ସୁଆର, ଲଳିତ ରେଡ୍ଡୀ, ପ୍ରତାପ ଗୌଡ଼, ବନବାସ ବେହେରା, ସୁରେଶ ସ୍ୱାଇଁ, ଟୁନା ସେଠି, ରିଲୁ ସ୍ୱାଇଁ, ସିପିଆଇର ବ୍ଲକ ସମ୍ପାଦକ ବିଦେଶୀ ନାହାକ ପ୍ରମୁଖ ଧରାକୋଟ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ, ତହସିଲ, ଅନୁନିବନ୍ଧକ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ। ସେହିପରି ସି ପି ଆଇ ଏମ ଏଲ ଏନ ଡି ତରଫରୁ ମାଣିକପୁର ଠାରେ ରାସ୍ତା ଘାଟ, ଦୋକାନ ବଜାର,ସହ ଶିକ୍ଷାନୁଷ୍ଠାନ ସବୁ ବନ୍ଦ କରାଯାଇଥିଲା। ଏଥିରେ ବ୍ଲକ ସଭପତି ନରସିଂହ ଦଳବେହେରା, ଏଆଇକେଏମଏସର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ବ୍ଲକ ସମ୍ପାଦକ ଯକ୍ଷ ଗମାଙ୍ଗ, ବ୍ଲକ କମିଟି ସଭ୍ୟ ସୁକୁରୁ ଗମାଙ୍ଗ, ଦୟାନିଧି ସେଠୀ, ଝିଲିକା ଗମାଙ୍ଗ, ଲିଙ୍ଗା ଗମାଙ୍ଗ, ଚରଣ ଗମାଙ୍ଗ ପ୍ରଭୃତି ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ।

**ଖଲ୍ଲିକୋଟ:** କଂଗ୍ରେସ୍ ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ କର୍ମୀ ମାନେ ନିର୍ମଳଝର ଛକ ଠାରେ ରାସ୍ତାରୋକ କରିବା ସହ ସମସ୍ତ ଅଫିସ୍ ଦପ୍ତର ଆଗରେ ପିକେଟିଂ କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ କଂଗ୍ରେସ୍ ପକ୍ଷରୁ ଖଲ୍ଲିକୋଟ ବ୍ଲକ କଂଗ୍ରେସ ସଭାପତି ମେଘନାଦ ଦଳେଇ, ବିଧାୟକ ପ୍ରାର୍ଥୀ ଚିତ୍ତରଞ୍ଜନ ବେହେରା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବିଶ୍ୱଜିତ୍ ତରାଇ ଓ ଅଜୟ କୁମାର ପଣ୍ଡା, ଶ୍ରମିକ ନେତା ଭୋକଲି ସେଠୀ, ବରିଷ୍ଠ



କଂଗ୍ରେସ ନେତା ବିଜୟ କୁମାର ସାହୁ, ପ୍ରଭାତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିବା ବେଳେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ନେତା ସାଥୀ ଶ୍ରୀହର୍ଷ ରଥ, ଅଞ୍ଚଳ ପାର୍ଟି ସମ୍ପାଦକ ସାଥୀ ସୀମାଞ୍ଚଳ ବେହେରା, ସହ ସମ୍ପାଦକ ସାଥୀ ମନୋଜ କୁମାର ଗୌଡ଼, ସାଥୀ ବିଦ୍ୟାଧର ବେହେରା, ଆଇନଜୀବୀ ଜୟରାମ ଦାଶ, ଶ୍ରମିକ ନେତା ସାଥୀ ଦୁର୍ଗା ଚରଣ ପାତ୍ର, ସାଥୀ ରଘୁନାଥ ଗୌଡ଼, ଲକ୍ଷ୍ମୀ ପାଣିଗ୍ରାହୀ, କନ୍ଧ ପ୍ରଧାନ, ଗୁରୁଦେବ ଜାନି, ସନ୍ତୋଷ ଦଳେଇ ପ୍ରମୁଖ ନେତୃତ୍ୱ ନେଇଥିଲେ।

**କବିସୂର୍ଯ୍ୟନଗର:** ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜିବି ବିଷୋୟୀଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବରେ ସମଗ୍ର କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବନ୍ଦ ଡାକରା ଦିଆଯାଇଥିଲା। ଶ୍ରୀନିବାସ ପ୍ରଧାନ, ଶରତ ଚନ୍ଦ୍ର ଦାସ, ରବୀନ୍ଦ୍ର ବିଷୋୟୀ, ଦୀପକ ପାତ୍ର ସାମିଲ ହୋଇଥିଲେ। ସେହିପରି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ମଣ୍ଡଳ ନେତୃତ୍ୱରେ ନବକିଶୋର ଜେନା, ସୁବାସ ଚନ୍ଦ୍ର ଜେନା, ଉତ୍କଳ ନାୟକ, ଜଗନ୍ନାଥ ବେହେରା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଷ୍ଣୁନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

**କୁକୁଡାଖଣ୍ଡି:** କୁକୁଡାଖଣ୍ଡି ବ୍ଲକ କଂଗ୍ରେସ ସଭାପତି ପି. ଶିବ ପ୍ରସାଦ ଦୋରାଙ୍କ ନେତତ୍ୱରେ ବହୁ କଂଗ୍ରେସ କର୍ମୀ ଆନ୍ଦୋଳନରେ ଯୋଗ ଦେଇଥିଲେ। ଏହି ଅବସରରେ ସୁଦର୍ଶନ ସେଠି, ଅଦଳ ଭରତ, ଇପିଲି ମୋହନ, ମନୁ ଦୋରା, ବୁଲୁ ପଟନାୟକ, ବନବାସୀ ପାଢ଼ୀ ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ହୋଇ କୁକୁଡାଖଣ୍ଡି ସ୍ଥିତ ସମସ୍ତ ସରକାରୀ, ବେସରକାରୀ





ଅନୁଷ୍ଠାନ ସହ କଲେଜ, ବ୍ୟାଙ୍କ, ସ୍କୁଲ, ବୁଢ଼ୀଘରା ନିକଟରେ ଥିବା ମହିନ୍ଦ୍ରା ଗାଡି କମ୍ପାନୀ ନିକଟକୁ ଯାଇ ବନ୍ଦ କରିଥିଲେ। ସେହିପରି ଦିଗପହଣ୍ଡି ବିଧାୟକ କଂଗ୍ରେସ ପ୍ରାର୍ଥୀ ସାକା ସୁଜିତ କୁମାରଙ୍କ ନେତୃତ୍ୱରେ ଆଙ୍କୁଶପୁରରେ ଥିବା ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ଓ ଦୋକାନ ବଜାର ବନ୍ଦ କରାଯାଇଥିଲା। ଏ ଅବସରରେ ଜିଲ୍ଲା ପରିଷଦ ସଭ୍ୟ ବୃନ୍ଦାବନ ଖଟେଇ, ରାମନାଥ ସାହୁ, ଦିଲ୍ଲୀପ ପାତ୍ର, ସିପିଆଇଏମ ନେତା ତଥା ଆଙ୍କୁଶପୁରର ପୂର୍ବତନ ସରପଞ୍ଚ ବିଦ୍ୟାଧର ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ସିପିଆଇଏମ କର୍ମୀ ଉପସ୍ଥିତ ଥିଲେ।

**ଭଞ୍ଜନଗର:** ଯୁବନେତା କୁଲୁ ଭୂୟାଁ ଓ ରବିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ କଂଗ୍ରେସ ପତାକା ଧରି ସକାଳୁ



ଅପରାହ୍ନ ଯାଏଁ ପିକେଟିଂ କରିବାସହ ରାସ୍ତାରୋକ କରିଥିଲେ। ଫଳରେ ଭଞ୍ଜନଗର ସହର ତଥା ଏଠାରୁ କନ୍ଧମାଳ ଜିଲ୍ଲା ଦେଇ ଦୂରଦୁରାନ୍ତକୁ ଯାଉଥିବା ଯାନବାହାନ ଚଳାଚଳ ସଂପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ସେହିପରି ଭଞ୍ଜନଗର ସହରର ଚକରା ବିଷୋୟୀ ବାଇପାସ୍ ଛକ ଠାରୁ ଆରମ୍ଭ କରି ଭଞ୍ଜନଗର - ଭୁବନେଶ୍ୱର ମୁଖ୍ୟରାସ୍ତା, ଭଞ୍ଜନଗର – ଦଶପଲ୍ଲା ମୁଖ୍ୟରାସ୍ତାକୁ କଂଗ୍ରେସ ଓ ବାମଦଳର ନେତା ଓ କର୍ମୀମାନେ ବନ୍ଦ ରଖିଥିଲେ। ବରିଷ୍ଠ କମ୍ୟୁନିଷ୍ଟ ନେତା ସୋମନାଥ ନାୟକ, ବୈଦ୍ୟନାଥ ସାହୁ, ନିରାକାର ନାୟକଙ୍କ ସମେତ ଗତ ନିର୍ବାଚନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଥିବା ପ୍ରଶାନ୍ତ କୁମାର ବିଷୋୟୀ, ପିସିସି ସଭ୍ୟ ଦେବୀ ବିଷୋୟୀ, ପୂର୍ବତନ ପିସିସି ସଂପାଦକ ସୁକାନ୍ତ କୁମାର ଦିଗାଲ, ଜଗନ୍ନାଥପ୍ରସାଦ ବ୍ଲକ କଂଗ୍ରେସ ସଭାପତି ବିଦ୍ୟାଧର ପ୍ରଧାନ, ଅଭିମନ୍ୟୁ ଗୌଡ଼ ପ୍ରମୁଖଙ୍କ ସହ ବହୁ ଯୁବନେତା ଓ କର୍ମୀ ଉପସ୍ଥିତ ଥିଲେ।

**ପୁରୁଷୋତ୍ତମପୁର:** କଂଗ୍ରେସ ନେତା ତଥା କଂଗ୍ରେସର ଖଲ୍ଲିକୋଟ ବିଧାୟକ ପ୍ରାର୍ଥୀ ଚିତ୍ରସେନ ବେହେରାଙ୍କ ନେତୃତ୍ୱରେ କଂଗ୍ରେସ ଓ ସିପିଆଇ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆୟୋଜିତ କରାଯାଇଥିଲା। ପୁରୁଷୋତ୍ତମପୁର କାଳି ମନ୍ଦିରରୁ ଏହି ପ୍ରତିବାଦ ଶୋଭାଯାତ୍ରା ବାହାରି ଏନ୍‌ଏସି କାର୍ଯ୍ୟାଳୟ, ବ୍ଲକ,ତହସିଲ, ସ୍କୁଲ, କଲେଜ, ବ୍ୟାଙ୍କ ସହ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଦୋକାନ ବଜାର ବନ୍ଦ କରିଥିଲେ। ଏଥିରେ ବରିଷ୍ଠ ସିପିଆଇ ନେତା ପ୍ରକାଶ ଚନ୍ଦ୍ର ବେହେରା, ପ୍ରକାଶ ପାତ୍ର, ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ବେହେରା, ମନୋରଞ୍ଜନ ଦାଶ, ଚିରଞ୍ଜିବୀ ବିଷୋୟୀ, ସୁଶାନ୍ତ ଗୌଡ଼, ମାଧବ ମହାରଣା, ସୁନିଲ ବେହେରା, ମନୋଜ କୁମାର ରାଉଳ ସମେତ ବହୁ କଂଗ୍ରେସ ଓ ସିପିଆଇ କର୍ମୀ ସାମିଲ ହୋଇଥିଲେ।

**ପାତ୍ରପୁର:** ପାତ୍ରପୁର ବସଷ୍ଟାଣ୍ଡରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ରବିନ୍ଦ୍ରନାଥ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ବହୁ ନେତା କର୍ମୀଙ୍କ ପିକେଟିଂ ଏବଂ ବ୍ଲକିଙ୍ଗ କରୁଥିବା ଦେଖିବାକୁ ମିଳିଥିଲା। ପାତ୍ରପୁର ଗ୍ରାମରେ ଅବସ୍ଥିତ ସମସ୍ତ ସରକାରୀ କାଯ୍ୟାଳୟ, ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ର, ପ୍ରମୁଖ ବନ୍ଦ ଥିଲା। ଅଞ୍ଚଳବାସୀ ବାସି ସମର୍ଥନ ଜଣାଇ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ବନ୍ଦ କରିଥିବା ବେଳେ ସହର ସାରା ସବୁଠି ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ଏସବୁ ବାଦେ ପାତ୍ରପୁର ଅଞ୍ଚଳରେ ଥିବା ସମସ୍ତ ପେଟ୍ରୋଲ ପମ୍ପ ଖୋଲା ଥିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

**ବେଲଗୁଣ୍ଠା:** ବେଲଗୁଣ୍ଠାରେ ଅନୁଷ୍ଠିତ ବନ୍ଦ ପାଳନରେ ପୂର୍ବତନ ସମିତିସଭ୍ୟ ତଥା ନାଟଙ୍ଗା ସରପଞ୍ଚ ପ୍ରତିନିଧି ଦେବେନ୍ଦ୍ର କୁମାର ଗୌଡ଼, ସମିତିସଭ୍ୟ ରାଜୀବ୍ ଲୋଚନ ନାଇକ, ଯୁବନେତା ଅକ୍ଷୟ କୁମାର ଗୌଡ଼, ଅନୀଲ କୁମାର ମଲ୍ଲିକ, ପୂର୍ବତନ ସାଂସଦ ପ୍ରତିନିଧି ତଥା ବରିଷ୍ଠ କଂଗ୍ରେସ୍ ନେତା ନିକୁଞ୍ଜ ଖଣ୍ଡୁଆଳଙ୍କ ସମେତ ବେଲଗୁଣ୍ଠା ବ୍ଲକ୍ ଏବଂ ଏନ୍‌ଏସିର ଶତାଧିକ କର୍ମୀ ଯୋଗ ଦେଇଥିଲେ। ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବରଙ୍କ ନେତୃତ୍ୱରେ ଏସ୍‌ଆଇ ଅଭୟ କୁମାର ପ୍ରଧାନଙ୍କ ସମେତ ପୁଲିସ୍ ବାହିନୀ ମୁତୟନ ଥିଲେ।

**ରମ୍ଭା:** ବନ୍ଦ କାର୍ଯ୍ୟକ୍ରମରେ ପି. ହରେକୃଷ୍ଣ ରେଡ୍ଡୀ, ନାରାୟଣ ନାୟକ, ବିପ୍ର ଚରଣ ପ୍ରଧାନ, ଯୋଗେଶ ଚନ୍ଦ୍ର ସାହୁ, ଜେ. ଭାସ୍କର ପାତ୍ର, ଦିବାକର ବେହେରା, ଏନ ମାଧବ ରାଓ, ବସନ୍ତ ଦାସ,କ୍ଷେତ୍ର ମୋହନ ବେହେରା, ଜେ. ଲୋକନାଥ ପାତ୍ର, ରଘୁନାଥ ବେହେରା, ସୁରେନ୍ଦ୍ର ପ୍ରଧାନ, ଦିବାକର ବେହେରା, ଅନନ୍ତ ମନ୍ତ୍ରୀ, ଅରକ୍ଷିତ ନାୟକ, ସଭାପତି ଦାସ, ପ୍ରଫୁଲ୍ଲ ବେହେରା, ଚକ୍ରପାଣି ବେହେରା, ବାୟା ପ୍ରଧାନ, ନାରାୟଣ ଦାସ, ବେଣୁ ବେହେରା, ରାଘବ ବେହେରା, ଅଶିତ କାନ୍ତ ପାତ୍ର, ଧରଣୀଧର ବେହେରାଙ୍କ ସମେତ ଅନେକ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

**ଦିଗପହଣ୍ଡି:** ଦିଗପହଣ୍ଡିରେ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସଭା, ଶୋଭାଯାତ୍ରା ସହ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରାଯାଇଛି। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ଠାରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ନେତା ତଥା ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା, ନଗର କଂଗ୍ରେସ କମିଟି ସଭାପତି ତଥା କାଉନସିଲର ଦୀପକ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, ଡମ୍ବରୁ ଧର ବେହେରା, ଅଭିମନ୍ୟୁ ଜାନି, ଶିବ ସାହୁ, ରଞ୍ଜିତ ବେହେରା, ବାଲ୍ମୀକି ବେହେରା, ଗୋବିନ୍ଦ ପାଣିଗ୍ରାହୀ, ଶଙ୍କର ରାଓ, ଶ୍ରମିକ ସଙ୍ଗଠନ ଏଆଇଟିୟୁସି ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର, ସିପିଆଇ ଶାଖା ସମ୍ପାଦକ ତପନ କୁମାର ମିଶ୍ର, ଆଇନଜୀବୀ ହରପ୍ରସାଦ ରଥ, ଆର.ଦୀନବନ୍ଧୁ ଦୈତାରୀ ରେଡ୍ଡୀ, ପୁରୁଷୋତ୍ତମ ବେହେରା, ହରିକୃଷ୍ଣ ଗୌଡ଼, ସିପିଆଇ(ଏମ) ପକ୍ଷରୁ କୈଳାସ ଷଡଙ୍ଗୀ, ଗଜାନନ ତ୍ରିପାଠୀ, କୈଳାସ ମହାରଣା ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କର୍ମୀ ବ୍ରହ୍ମପୁର - ଦିଗପହଣ୍ଡି ୧୭ନଂ ରାଜ୍ୟ ରାଜପଥକୁ ଅବରୋଧ କରିବାରୁ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ଥିଲା।

**ଗଞ୍ଜାମ:** ଗଞ୍ଜାମ ସହରରେ ବନ୍ଦର ଆଂଶିକ ପ୍ରଭାବ ପଡିଥିଲା। ବ୍ଲକ କଂଗ୍ରେସ ଯୁବ ନେତା କୁନା ରେଡିଙ୍କ ନେତୃତ୍ୱରେ ଏକ ବାଇକ ରାଲି ଠାକୁରାଣୀ ମନ୍ଦିରରୁ ବାହାରି ବଡ଼ ବଜାର ପରିକ୍ରମା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ. ଭୀମା ରେଡି, ଏନ ପୂର୍ଣ୍ଣଚନ୍ଦ୍ର ରେଡି, ପି ଚନ୍ଦ୍ର ରାଓ ପ୍ରଧାନ, ରମଣୀ ମହାନ୍ତି, କାମରାଜୁ ବିଶ୍ୱାଳ, ଯୋଗେନ୍ଦ୍ର ବେହେରା, ବି. ପ୍ରଭାକର, ଏ. ମୁରଲୀ ପ୍ରମୁଖଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ। ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ରଙ୍କ ସମେତ ପୁଲିସ କର୍ମଚାରୀ ମାନେ ମୁତୟନ ଥିଲେ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ ସଭାପତି ବାବୁଲା ଦୋରାଙ୍କ ନେତୃତ୍ୱରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ବ୍ଲକ କଂଗ୍ରେସ ସଭାପତି ବାବୁଲା ଦୋର, ଚୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀ, ଖଳିଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ମିଥୁନ ସେଠୀ, ରୋହିତ ଖୁଣ୍ଟିଆ, ପିଣ୍ଟୁ ସେଠୀ, ସଞ୍ଜୟ ଦୋରା, ଦେବରାଜ ସେଠୀ, ପୂର୍ବତନ ସରପଂଚ ନିରାକାର ପ୍ରଧାନ, ସହଦେବ ପ୍ରଧାନ, ସମିତି ସଭ୍ୟ ସଂଗ୍ରାମ ବିଷୋୟୀ, ବିଲୁ ସେଠୀ, ସିମାଞ୍ଚଳ ଗୌଡ, ଶଙ୍କର ଖୁଣ୍ଟିଆ ଗଞ୍ଜାମ ଜିଲା କମ୍ୟୁନିଷ୍ଟ ସିପିଆଇ ପରିଷଦ ସଦସ୍ୟ ଅନନ୍ତ ମହାଙ୍କୁଡ, ସିପିଆଇ ସାନଖେମୁଣ୍ଡି ଆଞ୍ଚଳିକ କମିଟି ସମ୍ପାଦକ କୈଳାସ ପାତ୍ର, ବିନାୟକ ଦାସ, ଭଗବାନ ପାତ୍ରଙ୍କ ସହିତ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ।

**ବୁଗୁଡା:** ବୁଗୁଡା ସହର ମଧ୍ୟରେ କାଁ ଭାଁ ଦୋକାନ ଖୋଲା ରହିଥିବା ବେଳେ କଂଗ୍ରେସ ଦଳର ଜାନକୀ ବଲ୍ଲଭ ରାଉତ, ସୀମାଞ୍ଚଳ ଖଟେଇ, ସୁଜିତ କୁମାର ସ୍ୱାଇଁ, ଅଗସ୍ତି ବରଡ଼, ମାନସ ରଞ୍ଜନ ଦାଶ, ଶଙ୍କର ବେହେରା, ସୁବ୍ରତ କୁମାର ପଟ୍ଟନାୟକ, ଦିଲ୍ଲୀପ କୁମାର ଦାଶ ପ୍ରମୁଖ ପିକେଟିଂ କରୁଥିବା ଦେଖିବାକୁ ମିଳିଥିଲା ବେଳେ କେତେକ ସ୍ଥାନରେ ପୁଲିସ୍ ମୁତୟନ ରହିଥିଲେ ଏବଂ ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ରହିଥିଲା।











## ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

# ଖୋର୍ଦ୍ଧାରେ ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ସଫଳ









ଖୋର୍ଦ୍ଧା,୧୭।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ସରକାରୀ ଉଦାସିନତା ପ୍ରତିବାଦରେ କଂଗ୍ରେସ ଏବଂ ଅନ୍ୟ ୭ଟି ବିରୋଧୀ ଦଳ ଗୁରୁବାର ୧୨ଘଣ୍ଟିଆ ବନ୍ଦ ଡକରା ଦେଇଥିଲେ। ଖୋର୍ଦ୍ଧାରେ ଶାନ୍ତିପୂର୍ଣ୍ଣଭାବେ ଏହା ସଫଳ ହୋଇଥିବା ଦେଖାଯାଇଛି। ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ, ଔଷଧ ଦୋକାନ, କୋର୍ଟକୁ ବାଦ୍ ଦେଲେ ସ୍ୱତଃପ୍ରବୃତ୍ତ ଭାବେ ସମସ୍ତ ଦୋକାନ ବଜାର, ରାଷ୍ଟ୍ରାୟତ ବ୍ୟାଙ୍କ, ପୋଷ୍ଟାଲ, ଏଲ୍ଆଇସି, ଶିକ୍ଷାନୁଷ୍ଠାନ, ପେଟ୍ରୋଲ୍ ପମ୍ପ ପ୍ରଭୃତି ବନ୍ଦ ରହିଥିଲା। ନୂଆ ବସ୍ଷ୍ଟାଣ୍ଡ, ପୁରୁଣା ବସ୍ଷ୍ଟାଣ୍ଡ ଜନଶୂନ୍ୟ ରହିଥିଲା।

ଗୁରୁବାର ସକାଳ ୭ଟାରେ କଂଗ୍ରେସ, ସିପିଆଇଏମ୍, ସିଟୁ, ଏଆଇସିୟୁଟିୟୁସି, ଏଆଇଡିଏସ୍ଓ ପ୍ରଭୃତି ଦଳର କର୍ମୀମାନେ ନୂଆ ବସ୍ଷ୍ଟାଣ୍ଡରେ ପିକେଟିଂ କରିଥିଲେ। କଂଗ୍ରେସ ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ, କଂଗ୍ରେସ ମୁଖପାତ୍ର ଅମିତ୍ ମହାନ୍ତି, ବରିଷ୍ଠ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶିଶିର ପରିଡ଼ା, ସ୍ୱାଗତିକା ପଟ୍ଟନାୟକ, ବିଶ୍ୱରଞ୍ଜନ ବଡ଼ଜେନା, ଶିଳାଦିତ୍ୟ ପଟ୍ଟନାୟକ, ସୌମ୍ୟରଞ୍ଜନ ବରାଳଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ସିପିଆଇଏମ୍ ଜିଲ୍ଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଅଶୋକ ସାହୁ, ସିଟୁ ସମ୍ପାଦକ ଶୈଳେଶ ବଳିଆରସିଂହ, କିଶୋର ଚନ୍ଦ୍ର ପରମଗୁରୁ, ଯୋଗେନ୍ଦ୍ର ଦାସ, ଯୁଗଳ ପ୍ରଧାନ, ଏଆଇସିୟୁଟିୟୁସିର ଜିଲ୍ଲା ସଭାପତି ଅଶୋକ ସାହୁ, ଏଆଇଡିଏସ୍ଓ ଖୋର୍ଦ୍ଧା ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ଅଭିନାଶ ପ୍ରଧାନ, ରାକେଶ ପ୍ରଧାନ, ଅରୁଣ ନାୟକ, ଜୟନ୍ତ ମହାନ୍ତି, ସଂଘମିତ୍ରା ମହାପାତ୍ର, କାର୍ତ୍ତିକ ଘଡ଼େଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଟାଙ୍ଗୀ:** ଗୁରୁବାର ଟାଙ୍ଗୀ ବ୍ଲକ୍ର ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ସଫଳତା ଦେଖିବାକୁ ମିଳିଥିଲା। ଛାତ୍ରୀ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବିରେ କଂଗ୍ରେସ ସହିତ ୮ଟି ଦଳର ସହଯୋଗରେ ଓଡ଼ିଶା ବନ୍ଦ ଡକରା ସଫଳ ହୋଇଥିବା ଜଣାପଡ଼ିଛି। ଘଟଣାରେ ସାଧାରଣ ଜନତାଙ୍କର ସହଯୋଗ, ସହଭାଗିତା ଏବଂ ସମର୍ଥନ ଯୋଗୁଁ ଟାଙ୍ଗୀ ବ୍ଲକ୍ର ବିଭିନ୍ନ ଅଞ୍ଚଳ ସହିତ ଚାନ୍ଦପୁରରେ ବଜାରଘାଟ, ଦୋକାନ ବଜାର, ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ଏପରିକି ଟାଙ୍ଗୀ ବ୍ଲକ୍ କାର୍ଯ୍ୟାଳୟ, ସମସ୍ତ ବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ଚାନ୍ଦପୁର ଷ୍ଟେଟ୍ ବ୍ୟାଙ୍କ, ରାଜସ୍ୱ କାର୍ଯ୍ୟାଳୟ, କାନ୍ଧ ନୟାଗଡ଼ର ସମସ୍ତ ଶିକ୍ଷାନୁଷ୍ଠାନ, ରାସ୍ତାରେ ଗାଡ଼ିମୋଟର ଯାତାୟାତ ଠପ୍ ହୋଇଯାଇଥିଲା। ଚାନ୍ଦପୁରରେ ପଞ୍ଚାୟତ ସଭାପତି ପାର୍ଥସାରଥୀ ପାତ୍ର, ସମ୍ପାଦକ ସୁଜିତ ସାହୁ, ପୂର୍ବତନ ରଣପୁର ବ୍ଲକ୍ ସଭାପତି ଧ୍ରୁବଚରଣ ପରିଡ଼ାଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ସେହିପରି ଟାଙ୍ଗୀ ବ୍ଲକ୍ରେ ବାମପନ୍ଥୀ ନେତା ଗିରିଶ ମହାରଣା, ବିଚ୍ଛନ୍ଦ କୁମାର ଜୟସିଂ, ହୁରୁଶି ପଲ୍ଲେଇ, ସୁକାନ୍ତ ରାଉତ, ପ୍ରଶାନ୍ତ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ, ସେକ୍ ସାଜିଦ୍ଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। କୁହୁଡ଼ି ୧୬ ନମ୍ବର ଜାତୀୟରାଜପଥକୁ ଅବରୋଧ କରାଯାଇଥିଲା। ଫଳରେ ଶତାଧିକ ଗାଡ଼ିମୋଟର ରାସ୍ତାର ଦୁଇ ପାଶ୍ୱର୍ରେ ଅଟକି ରହିଥିଲା।

**ନିରାକାରପୁର:** ଗୁରୁବାର ଓଡ଼ିଶାରେ କଂଗ୍ରେସ ସମେତ ଅନ୍ୟ ୭ଟି ବିରୋଧୀ ଦଳ ଏକାଠି ହୋଇ ୧୨ଘଣ୍ଟିଆ ବନ୍ଦ ଡକରା ଖୋର୍ଦ୍ଧା ଜିଲ୍ଲା ନିରାକାରପୁର, ଜଙ୍କିଆ ଓ ଏହାର ପାଖାପାଖି ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଦୋକାନ ବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ନିରାକାରପୁର ରେଳ ଷ୍ଟେସନ ନିକଟରୁ ସିପିଆଇଏମ୍ ନେତା ବିଧୁ ଭୂଷଣ ମହାରଣାଙ୍କ ନେତୃତ୍ୱରେ ଏକାଧିକ କର୍ମୀମାନେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। ଖୋଲା ଥିବା ବ୍ୟାଙ୍କ, ଡାକଘରକୁ ସେମାନେ ବନ୍ଦ କରିଦେଇଥିଲେ। ସେହିପରି ରାମେଶ୍ୱର ଛକ ଓ ଜଙ୍କିଆ ଅଞ୍ଚଳରେ କଂଗ୍ରେସ ନେତା ବିଶ୍ୱଭୂଷଣ ଛୋଟରାୟଙ୍କ ନେତୃତ୍ୱରେ ଦୋକାନ, ବଜାର, ବିଭିନ୍ନ ସରକାରୀ, ବେସରକାରୀ ପ୍ରତିଷ୍ଠାନ ବନ୍ଦ କରାଯାଇଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିରାକାରପୁର ପୁଲିସ ଆଇଆଇସି ବିଶ୍ୱଜିତ୍ ରାଉତରାୟ ଓ ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୁଲିସ ବାହିନୀ ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା।

**ବୋଲଗଡ଼:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ କଂଗ୍ରେସର ଆହ୍ୱାନରେ ଗୁରୁବାର ଓଡ଼ିଶା ବନ୍ଦ ଡକରା ନେଇ ବୋଲଗଡ଼ରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ହୋଇଛି। ବୋଲଗଡ଼ରେ ଏହି ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଦୋକାନ ବଜାର ସ୍ୱତଃପ୍ରବୃତ୍ତ ଭାବେ ବନ୍ଦ କରିବାକୁ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ସମସ୍ତ ସ୍କୁଲ, କଲେଜ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଯାନବାହନ ଚଳାଚଳ ଉପରେ ପ୍ରଭାବ ପଡ଼ିଥିଲା। ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉଚ୍ଚଶିକ୍ଷା



ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବି କରି କଂଗ୍ରେସର କର୍ମୀମାନେ ବୋଲଗଡ଼ ଗୋପବନ୍ଧୁ ଛକଠାରେ ଆନ୍ଦୋଳନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ୍ କଂଗ୍ରେସ ସଭାପତି ସଞ୍ଜୟ ସୁବୁଦ୍ଧି, ପ୍ୟାରୀମୋହନ ଦାସ, ଧୀରେଶ ଚନ୍ଦ୍ର ମହାପାତ୍ର, ଜୟକୃଷ୍ଣ ପ୍ରହରାଜ, ରମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରକାଶ ରଥ, ଗଣେଶ୍ୱର ସୁବୁଦ୍ଧି, ସୀମାଞ୍ଚଳ ଖଣ୍ଡାଇଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

**ଜଟଣୀ:** ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ବନ୍ଦ ଡକରା ଦିଆଯାଇଥିଲା। ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲା ଜଟଣୀରେ କଂଗ୍ରେସ, ସିପିଆଇଏମ୍, ଓଡ଼ିଶା କୃଷକ ସଭା ସଂଗଠନ, ଖେତ ମୂଲିଆ ମଜଦୁର ସଂଘ, ଶ୍ରମିକ ୟୁନିୟନ ଆଦି ମିଳିତ ଭାବେ ଓଡ଼ିଶା ବନ୍ଦକୁ ସଫଳ କରିଛନ୍ତି। ଏହି ବନ୍ଦବେଳେ ଜଟଣୀ କଂଗ୍ରେସ ୨ ଦଳ ଅଲଗା ଅଲଗା ବିକ୍ଷୋଭ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଥିଲା। ଜଟଣୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ଗୋଷ୍ଠୀ ଓ ନଗର ସଭାପତି ଅଶୋକ ମଙ୍ଗରାଜଙ୍କ ଗୋଷ୍ଠୀ ପକ୍ଷରୁ ଅଲଗା ଅଲଗା ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସରେ ଥିବା ଗୋଷ୍ଠୀ ବିବାଦ ଜଳଜଳ ହୋଇ ଦେଖାଯାଉଥିଲା। କଂଗ୍ରେସର ଓଡ଼ିଶା ବନ୍ଦକୁ ସମର୍ଥନ ଜଣାଇ ସହରରେ ଦୋକାନ ବଜାର, ସୋ'ରୁମ୍ ଇତ୍ୟାଦି ପୂର୍ବରୁ ବନ୍ଦ ଥିବାବେଳେ ପେଟ୍ରୋଲ ପମ୍ପ, ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡ଼ିକ ଖୋଲାଥିବାର



ଦେଖାଯାଇଥିଲା। ଉଭୟ ଗୋଷ୍ଠୀ ଅଲଗା ଅଲଗା ହୋଇ ପେଟ୍ରୋଲ୍ପମ୍ପ ଏବଂ ବ୍ୟାଙ୍କରେ ପଶି ବନ୍ଦ କରିବାକୁ ଚେତାବନୀ ଦେଉଥିବାର ଦେଖିବାକୁ ମିଳିଥିଲା। ଏପରିକି କଂଗ୍ରେସର ଏହି ୨ ଗୋଷ୍ଠୀରେ ସିପିଆଇଏମ୍ର ନେତା ଓ କର୍ମୀମାନେ ମଧ୍ୟ ଅଲଗା ଅଲଗା ହୋଇ ବୁଲୁଥିଲେ।

**ବାଲୁଗାଁ:** ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ନ୍ୟାୟିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଜାତୀୟ କଂଗ୍ରେସ ଓଡ଼ିଶା ବନ୍ଦ ଡକରା ଦେଇଥିବାବେଳେ ସିପିଆଇଏମ୍ଏଲ୍, ସିପିଆଇ, ସିପିଏମ୍ ଆଦି ୮ଟି ବିରୋଧୀ ଦଳ ଏହି ବନ୍ଦ ଡାକରାରେ ସାମିଲ ହୋଇ ଗୁରୁବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ କରିଥିଲେ। ଏହି ପରିପ୍ରେକ୍ଷୀରେ ଚିଲିକା କଂଗ୍ରେସର ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁ, ସିପିଆଇଏମ୍ଏଲ୍ର ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ମୁରଲୀଧର ବେହେରା, ଟ୍ରେଡ୍ ୟୁନିୟନର ଜିଲ୍ଲା ସମ୍ପାଦକ ଶରତଚନ୍ଦ୍ର ବରାଳ, ସିପିଏମ୍ର ବ୍ରଜବନ୍ଧୁ ଘଡ଼ାଇ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇ ବାଣପୁର, ନାଚୁଣୀ, ଗମ୍ଭାରିମୁଣ୍ଡା ଓ ବାଲୁଗାଁ ବଜାର ଅଞ୍ଚଳରେ ପିକେଟିଂ କରି ପେଟ୍ରୋଲ୍ ପମ୍ପ, ସ୍କୁଲ, କଲେଜ, ବ୍ୟାଙ୍କ, ସରକାରୀ ବେସରକାରୀ କାର୍ଯ୍ୟାଳୟ ସହ ଦୋକାନ ବଜାର ବନ୍ଦ କରିଥିଲେ। ବାଲୁଗାଁ ଓ ବାଣପୁର ଅଞ୍ଚଳରେ ଏହି ବନ୍ଦ ଆଂଶିକ ସଫଳ ହୋଇଛି। କୌଣସି ସ୍ଥାନରେ ଅପ୍ରିତିକର ପରିସ୍ଥିତ ସୃଷ୍ଟି ହୋଇ ନ ଥିବାବେଳେ ଆଇନଶୃଙ୍ଖଳା ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯିବା ସହ ବାଣପୁର ଆଇଆଇସି ରମେଶ କୁମାର ଦେବତା ଓ ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା ଉପସ୍ଥିତ ରହି ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ।

**ବେଗୁନିଆ:** ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ୮ଟି ରାଜନୈତିକ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବା ବେଳେ ତାହା ବେଗୁନିଆରେ ପ୍ରଭାବ ରହିଥିଲା। ବେଗୁନିଆ ସଦର ମହକୁମାସ୍ଥିତ ପୋଷ୍ଟ ଅଫିସ ଛକଠାରୁ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ସାଧାରଣ ସମ୍ପାଦକ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ବ୍ଲକ୍ ସଭାପତି କାଳନ୍ଦୀ ଚରଣ ମହାପାତ୍ରଙ୍କ ସମେତ କର୍ମୀମାନଙ୍କ ଉପସ୍ଥିତିରେ ପଦଯାତ୍ରା ବାହାରି ଡବଲ ଇଞ୍ଜିନ୍ ସରକାରର କୁଶାସନ ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବେ ନାରାବାଜି କରିଥିଲେ। ଏପରିକି ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ପେଟ୍ରୋଲ ପମ୍ପ ଓ ବ୍ୟାଙ୍କକୁ ଯାଇ ବନ୍ଦ ପାଳନକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ।






## ବନ୍ଧୁକ ମୁନରେ ଲୁଟିନେଲେ ୩୦ ହଜାର

ନିରାକାରପୁର,୧୭।୭(ସମିସ): ଦିନକୁ ଦିନ ପୁଲିସ ପ୍ରଶାସନର ଭୟ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ବ୍ୟକ୍ତିମାନଙ୍କ ମନରୁ ଦୂର ହେବାକୁ ଲାଗିଛି। ଯାହାଫଳରେ ସାଧାରଣ ଲୋକଟି ନିଜକୁ ଅସୁରକ୍ଷିତ ମନେ କରିବା ସ୍ୱାଭାବିକ। ନିରାକାରପୁର ବଜାର ନିକଟସ୍ଥ ଷ୍ଟେସନ ରୋଡ୍ରୁ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ଦୁଇଜଣ ହେଲ୍ମେଟ୍ ପିନ୍ଧା ଯୁବକ ଏକ ବାଇକ୍ରେ ଆସି ଘରକୁ ଯାଉଥିବା ଜଣେ ଯୁବକଙ୍କୁ ଫାଙ୍କା ଗୁଳି ଚଳାଇ ୩୦ ହଜାର ଟଙ୍କା ଲୁଟି ନେଇଥିବା ନିରାକାରପୁର ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ନିରାକାରପୁର କଲେଜ ଛକ ନିକଟରେ ଥିବା ଏକ ସିଏସ୍ସି କେନ୍ଦ୍ର ତଥା ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ର ସବୁଦିନ ବନ୍ଦ କରି ଯାଉଥିବାବେଳେ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ପରିଚାଳକ ରଘୁନାଥ ପରିଡ଼ା ଯାଉଥିଲେ। ପୂର୍ବରୁ ସୁପରିକଳ୍ପିତ ଭାବେ ତାଙ୍କୁ ପିଛା କରୁଥିବା ଦୁଇଜଣ ଯୁବକ ଏକ ବାଇକ୍ରେ ଆସି ଷ୍ଟେସନ ରୋଡ୍ରେ ଅଟକାଇ ତାଙ୍କ ନିକଟରେ ଥିବା ବ୍ୟାଗ୍କୁ ନେବାପାଇଁ ଚେଷ୍ଟା କରିଥିଲେ। ଏଥିରେ ରଘୁନାଥ ବାଧା ଦେବାରୁ ସେମାନେ ପାଖରେ ରଖିଥିବା ଏକ ବନ୍ଧୁକରୁ ଦୁଇ ରାଉଣ୍ଡ ଫାଙ୍କା ଗୁଳି ଚଳାଇଥିଲେ। ପରେ ସେମାନେ ୩୦ ହଜାର ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ପୁଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି ବୋଲି ଆଇଆଇସି ବିଶ୍ୱଜିତ୍ ରାଉତରାୟ ପ୍ରକାଶ କରିଛନ୍ତି।

## ଚେକ୍ ବାଉନ୍ସ ମାମଲାରେ ୬ ମାସ କାରାଦଣ୍ଡ

ଖୋର୍ଦ୍ଧା,୧୭।୭(ସମିସ): ଏକ ଚେକ୍ ବାଉନ୍ସ ମାମଲା ବିଚାର କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ଙ୍କ କୋର୍ଟ ଅଜୟ ବିଶ୍ୱାଳଙ୍କୁ ୬ ମାସ କାରାଦଣ୍ଡ ଏବଂ ୨୦ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦ଲକ୍ଷ ଟଙ୍କା ଦେଇ ନ ପାରିଲେ ଆଉ ଅଧିକ ଦୁଇମାସ କାରାଦଣ୍ଡାଦେଶ ଦେଇଛନ୍ତି।

ପ୍ରକାଶ ଯେ, ଜଙ୍କିଆ ଥାନା ଅନ୍ତର୍ଗତ ମଳିପଡ଼ା ଗ୍ରାମର ମନୋରଞ୍ଜନ ଶ୍ରୀଚନ୍ଦନଙ୍କଠାରୁ ସେହି ଗ୍ରାମର ଅଜୟ ବିଶ୍ୱାଳ କାଜୁ ବ୍ୟବସାୟ ପାଇଁ ୧୦ ଲକ୍ଷ ଟଙ୍କା ନେଇଥିଲେ। ୨୦୨୧ରେ ସେ ଏହି ଟଙ୍କା ପରିଶୋଧ ପାଇଁ ଏକ ଚେକ୍ ଦେଇଥିବାବେଳେ ଆକାଉଣ୍ଟରେ ଟଙ୍କା ନ ଥିବାରୁ ଚେକ୍ ବାଉନ୍ସ ହୋଇଥିଲା। ମନୋରଞ୍ଜନ ଟଙ୍କା ମାଗି ନିରାଶ ହେବାରୁ ଅଜୟଙ୍କୁ ଓକିଲ ନୋଟିସ ପଠାଇଥିଲେ। ପରେ ସେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ସେହି ବର୍ଷ ଜୁନ୍ ମାସରେ ମାମଲା ରୁଜୁ କରିଥିଲେ। ଦରଖାସ୍ତ ବିଚାର କରି ଏବଂ ଚେକ୍ର ସତ୍ୟାସତ୍ୟ ଅନୁଧ୍ୟାନ କରିବା ସହ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ଦଣ୍ଡାଦେଶ ଦେଇଛନ୍ତି କୋର୍ଟ। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜିତ୍ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

## ମଣ୍ଡଳ ପ୍ରବନ୍ଧକଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ୍-ଇଚ୍ଛାପୁରମ୍ ରେଳ ସେକ୍ସନ ନିରୀକ୍ଷଣ



ଜଟଣୀ,୧୭।୭(ସମିସ): ଭିତ୍ତିଭୂମି, ସୁରକ୍ଷା ଏବଂ ଯାତ୍ରୀ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଏକ ଉନ୍ନୟନମୂଳକ ଅଭିଯାନରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଗୁରୁବାର ସମସ୍ତ ଶାଖା ଅଧିକାରୀଙ୍କ ସହିତ ଖୋର୍ଦ୍ଧା ରୋଡ୍-ଇଚ୍ଛାପୁରମ୍ ରେଳ ସେକ୍ସନର ନିରୀକ୍ଷଣ କରିଛନ୍ତି। ରେଳ ସେକ୍ସନର ମଧ୍ୟବର୍ତ୍ତୀ ଷ୍ଟେସନଗୁଡ଼ିକରେ ୱିଣ୍ଡୋ ଟ୍ରେଲିଂ, ବିସ୍ତୃତ ଯାଞ୍ଚ ଏବଂ ଭୂମି ସମୀକ୍ଷା ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ପଏଣ୍ଟଗୁଡ଼ିକର ମୂଲ୍ୟାଙ୍କନ ମାଧ୍ୟମରେ ଯାଞ୍ଚ କରାଯାଇଥିଲା। ନିରୀକ୍ଷଣ ସମୟରେ ଶ୍ରୀ ବାଜୱା ଭାରତୀୟ ରେଳବାଇର ଆଧୁନିକ, ଯାତ୍ରୀ-ଅନୁକୂଳ ଷ୍ଟେସନର ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ବିଭିନ୍ନ ଷ୍ଟେସନରେ ଅମୃତ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଅଗ୍ରଗତି ମଧ୍ୟ ମୂଲ୍ୟାଙ୍କନ କରାଯାଇଥିଲା।

ନିରୀକ୍ଷଣ ସମୟରେ ବ୍ରହ୍ମପୁର, ବାଲୁଗାଁ, ଇଚ୍ଛାପୁରମ୍ ଏବଂ ଛତ୍ରପୁର ଷ୍ଟେସନରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରାଯାଇଛି। ବ୍ରହ୍ମପୁରରେ ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ଢାଞ୍ଚାଗତ ଉନ୍ନତି ଏବଂ ମୁଖବନ୍ଧ ବିକାଶ ପାଇଁ ପରାମର୍ଶ ଦିଆଯାଇଛି। ବାଲୁଗାଁ ଷ୍ଟେସନରେ ସର୍କୁଲେଟିଂ ଏରିଆ ଏବଂ ପ୍ଲାଟ୍ଫର୍ମ ପୃଷ୍ଠରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ଇଚ୍ଛାପୁରମ୍ରେ ଅପେକ୍ଷା କ୍ଷେତ୍ରର ଆଧୁନିକୀକରଣ ଏବଂ ଉନ୍ନତ ଆଲୋକ ବ୍ୟବସ୍ଥା କାର୍ଯ୍ୟ ଚାଲୁରହିଛି। ସେହିଭଳି ଛତ୍ରପୁରରେ ନୂତନ ଛାତ ଏବଂ ବର୍ଦ୍ଧିତ ସାଇନେଜ୍ ଉପରେ ମଧ୍ୟ କାର୍ଯ୍ୟ ଚାଲୁରହିଛି। ଡିଆର୍ଏମ୍ ମଧ୍ୟ ଅଧିକାରୀମାନଙ୍କୁ ବିଚାରାଧୀନ ଭିତ୍ତିଭୂମି କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବାକୁ, ସୁରକ୍ଷା ମାନଦଣ୍ଡର କଡ଼ା ପାଳନ ସୁନିଶ୍ଚିତ କରିବାକୁ ଏବଂ ଷ୍ଟେସନଗୁଡ଼ିକର ପରିଷ୍କାର ଏବଂ ରକ୍ଷଣାବେକ୍ଷଣକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜରାଜୀର୍ଣ୍ଣ ଅବସ୍ଥାରେ ବାଲୁଗାଁ ମୁଖ୍ୟ ସ୍ୱର୍ଗଦ୍ୱାର



- ଶ୍ମଶାନରେ ଶବକୁ ମିଳୁନି ସମ୍ମାନ
- ପାନୀୟଜଳ ଓ ଆଲୋକ ବ୍ୟବସ୍ଥା କିଛି ନାହିଁ
- ଚତୁଃପାର୍ଶ୍ୱରେ ନାହିଁ ସୁରକ୍ଷା ପ୍ରାଚୀର

ବାଲୁଗାଁ,୧୭।୭(ସମିସ): ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବାଲୁଗାଁ କଲେଜ ପଛ ପାର୍ଶ୍ୱରେ ଅବସ୍ଥିତ ବାଲୁଗାଁ ଅଞ୍ଚଳର ମୁଖ୍ୟ 'ସ୍ୱର୍ଗଦ୍ୱାର' ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଅନାବନା ଲଟାବୁଦାରେ ପରିପୂର୍ଣ୍ଣ ହୋଇ ସରୀସୃପ ଓ ଜୀବଜନ୍ତୁଙ୍କ ବିଚରଣସ୍ଥଳ ପାଲଟିଥିବା ଦେଖିବାକୁ ମିଳୁଛି। ଉକ୍ତ ସ୍ୱର୍ଗଦ୍ୱାରରେ ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ କୌଣସି ସର୍ବନିମ୍ନ ସୁବିଧା ଉପଲବ୍ଧ ହେଉ ନ ଥିବାବେଳେ ଏଠାରେ ଶବକୁ ଉପଯୁକ୍ତ ସମ୍ମାନ ମଧ୍ୟ ମିଳୁ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। କୌଣସି ସୁବିଧା ନ ପାଇ ଉକ୍ତ ସ୍ୱର୍ଗଦ୍ୱାରକୁ ଶବଦାହ କରିବାକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଉ ନ ଥିବା ଜଣାଯାଇଛି।

ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ତଟଦେଶରେ ଅବସ୍ଥିତ ବାଲୁଗାଁ ଏକ ପ୍ରମୁଖ ସହର ହୋଇଥିବା ସ୍ଥଳେ ଏନ୍ଏସି ମାନ୍ୟତା ପାଇବା ପରଠାରୁ ସହରର ଚିଲିକା କୂଳସ୍ଥିତ ବାଲୁଗାଁ ମହାବିଦ୍ୟାଳୟର ପଛ ପାର୍ଶ୍ୱରେ ସହରର ମୁଖ୍ୟ ସ୍ୱର୍ଗଦ୍ୱାରଟି ଗଢ଼ିଉଠିଛି। ଉକ୍ତ ଶ୍ମଶାନ ଉପରେ ବାଲୁଗାଁ ସହରବାସୀ ସମ୍ପୂର୍ଣ୍ଣ ନିର୍ଭରଶୀଳ। ପୂର୍ବରୁ ଚିଲିକା ଅବବାହିକା ଅଞ୍ଚଳର ଏଣେତେଣେ ଶବଦାହ କରାଯାଉଥିବା ବେଳେ ଉକ୍ତ ସ୍ଥାନରେ ୧୯୮୩ ମସିହାରେ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ଚିଲିକା ଅବବାହିକା ତଟରେ କିଛି ଗୃହ ନିର୍ମାଣ କରି ବାଲୁଗାଁ ମହାବିଦ୍ୟାଳୟ ଆରମ୍ଭ କରାଯାଇଥିଲା। ଶ୍ମଶାନ ଅଞ୍ଚଳରେ ମହାବିଦ୍ୟାଳୟ ପ୍ରତିଷ୍ଠାଲାଭ କରିବା ପରେ ଏହାର ପଛ ପାର୍ଶ୍ୱରେ ସ୍ଥାୟୀ ଭାବେ ବାଲୁଗାଁ ସହରର ମୁଖ୍ୟ ସ୍ୱର୍ଗଦ୍ୱାର ନିର୍ମାଣ କରି ସେହିଦିନଠାରୁ ସେଠାରେ ଶବଦାହ କାର୍ଯ୍ୟ ହୋଇଆସୁଥିଲା। ପରବର୍ତ୍ତୀ ସମୟରେ ସେଠାରେ ଏନ୍ଏସି ପକ୍ଷରୁ ସ୍ୱଳ୍ପ କାର୍ଯ୍ୟ କରାଯାଇଛି। କିନ୍ତୁ ପରିତାପର ବିଷୟ ଆଜକୁ ପ୍ରାୟ ୫୦ବର୍ଷ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ଉକ୍ତ ଶ୍ମଶାନଟି ଲଟାବୁଦାରେ ପରିପୂର୍ଣ୍ଣ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ୨୦୨୩ ଏନ୍ଏସି ନିର୍ବାଚନର ଦୁଇ ବର୍ଷ ପୂର୍ବରୁ ତଥା ପୂର୍ବ ବିଜେଡି ସରକାର ସମୟରେ ୮୦ ଲକ୍ଷ ଟଙ୍କାର ବ୍ୟୟବରାଦରେ ଉକ୍ତ ସ୍ୱର୍ଗଦ୍ୱାରର ନବୀକରଣ ତଥା ସ୍ମାର୍ଟ ଶ୍ମଶାନର ରୂପରେଖା ଦେବା ନିମନ୍ତେ ଟେଣ୍ଡର କରାଯାଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ସମୟରେ କାର୍ଯ୍ୟ ଆରମ୍ଭ କରାଯାଇ ଶ୍ମଶାନର ଚତୁଃପାର୍ଶ୍ୱରେ ଘେରି ରହିଥିବା ପାଚେରିକୁ ଭାଙ୍ଗି ପରିସରକୁ ସଫା କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ନିର୍ମାଣ ଆରମ୍ଭର ଆଜକୁ ପ୍ରାୟ ୫ ବର୍ଷ ବିତିଯାଇଥିଲେ ମଧ୍ୟ ସେଠାରେ ଶବଦାହ ପାଇଁ ଯାଉଥିବା ସମ୍ପର୍କୀୟଙ୍କ ଆଶ୍ରୟ ନେବା ପାଇଁ ଉଦ୍ଦିଷ୍ଟ କେବଳ ଦୁଇଟି ଗୃହ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଶ୍ମଶାନ ପରିସର ଖୋଲାମେଲାରେ ପଡ଼ିରହି ଚାରିଆଡ଼େ ଅନାବନା କଣ୍ଟାବୁଦାରେ ପରିପୂର୍ଣ୍ଣ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାବେଳେ ଶ୍ମଶାନରେ ଜଳର ଅବ୍ୟବସ୍ଥା ନ କହିବା ଭଲ। ତତ୍ସହିତ କେଉଁ ଆବହମାନ କାଳରୁ ଶ୍ମଶାନ ନିକଟ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରି ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଯାହାଫଳରେ ଅନ୍ତିମ ସଂସ୍କାର କରିବାକୁ ଆସିଥିବା ପରିଜନ ସ୍ନାନ କରିବା ପାଇଁ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି।

ଉକ୍ତ ଶ୍ମଶାନରେ ଆଲୋକର କୌଣସି ସୁବନ୍ଦୋବସ୍ତ ନ ଥିବାରୁ ଦିବାଲୋକରେ ଲୋକେ ଯେନତେନ ପ୍ରକାରେ ଶବଦାହ କରିଦେଉଥିବା ବେଳେ ରାତିରେ ବହୁ ହଇରାଣ ହେଉଛନ୍ତି। ତେବେ ସ୍ୱର୍ଗଦ୍ୱାର ପାର୍ଶ୍ୱ ଦେଇ ବଙ୍ଗୀୟ ଗୋପବନ୍ଧୁ କଲୋନୀ ଏବଂ ସିଙ୍ଗେଶ୍ୱର ପଞ୍ଚାୟତକୁ ସଂଲଗ୍ନ କରୁଥିବା ରାସ୍ତା ପାଶ୍ୱର୍ରେ ଥିବା ବତୀ ଖୁଣ୍ଟ ରହିଛି, ତାହାର ସ୍ୱଳ୍ପ ଆଲୋକ ସ୍ୱର୍ଗଦ୍ୱାରକୁ ଯୋଗାଉଛି। ହେଲେ ପ୍ରାୟ ସମୟରେ ଉକ୍ତ ଲାଇଟ୍ ଖରାପ ହୋଇପଡୁଥିବାରୁ ଲୋକେ ଅନ୍ଧାରରେ ବହୁବିଧ ସମସ୍ୟାର ସମ୍ମୁଖୀନ ହୋଇ ଶବଦାହ କରୁଥିବା ଦେଖାଯାଇଛି। ଏହାର ଚତୁଃପାର୍ଶ୍ୱରେ କୌଣସି ସୁରକ୍ଷା ପ୍ରାଚୀର ନ ଥିବାରୁ ଏହାର ମୂଲ୍ୟବାନ ଜମି ଉପରେ ଜମି ମାଫିଆମାନେ ଲୋଲୁପ ଦୃଷ୍ଟି ପକାଇଥିବା ଜଣାଯାଇଛି। ଉକ୍ତ ଶ୍ମଶାନ ପାର୍ଶ୍ୱରେ ଥିବା ଏକମାତ୍ର ନଳକୂଅରୁ ଲୁଣିପାଣି ବାହାରିବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ତାହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବାଲୁଗାଁ ଏନ୍ଏସିର ୧୧ଟି ୱାର୍ଡ ମଧ୍ୟରୁ ୮ଟି ୱାର୍ଡର ବାସିନ୍ଦା ଏହି ସ୍ୱର୍ଗଦ୍ୱାର ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥା'ନ୍ତି। ଏ ସମ୍ପର୍କରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରେ ଶ୍ମଶାନ ପରିସରରେ ଥିବା ଏକ ବିରାଟ ଗଛକୁ କଟାଗଲା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଥିଲେ। ବର୍ତ୍ତମାନ ଉକ୍ତ ଗଛ କାଟିବାର ୬ମାସ ବିତିଯାଇଥିଲେ ବି ଶ୍ମଶାନର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

## କବିରାଜ ନାରାୟଣଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମନ୍ମଥ



ନିରାକାରପୁର,୧୭।୭(ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଥିବା ବରିଷ୍ଠ କବିରାଜ ନାରାୟଣ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଗୁରୁବାର ଯୋଗ ଦେଇଛନ୍ତି ବିଜେଡି ନେତା ମନ୍ମଥ ରାଉତରାୟ। ତାଙ୍କ ବସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶ୍ରୀ ରାଉତାରାୟ ପହଞ୍ଚିବା ଖବର ପ୍ରଘଟ ହେବା ପରେ ଶତାଧିକ ସମର୍ଥକ ତାଙ୍କ ପାଖରେ ପହଞ୍ଚିଥିଲେ।

- କମ୍ୟୁନିଟି ସେଣ୍ଟର ଚାବି ଖୋଲାକୁ ନେଇ ତେଜିଲା ରାଜନୀତି

## ତାଲା ପକାଇଲେ ବିଡିଓ

ବେଗୁନିଆ,୧୭।୭(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଜାଗିରବାଡ଼ ମୌଜାର କମ୍ୟୁନିଟି ସେଣ୍ଟର ଚାବି ଖୋଲିବାକୁ ନେଇ ରାଜନୀତି ଜୋର୍ ଧରିଛି। ସୂଚନା ଅନୁଯାୟୀ ବିଜୁ ପଟ୍ଟନାୟକ ଟାଉନ୍ ହଲ୍ ପରିସରରେ ଜାଗିରବାଡ଼ ମୌଜାରେ କମ୍ୟୁନିଟି ହଲ୍ଟି ଯୁବକମାନଙ୍କ ପାଇଁ ନିର୍ମାଣ ହୋଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା। ଏଥିରେ ସ୍ଥାନୀୟ ଯୁବକମାନେ ଉପସ୍ଥିତ ରହି ପରିଷ୍କାର ପରିଚ୍ଛନ୍ନ ସହ ବ୍ୟବହାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଏହି ଘଟଣାକୁ ନେଇ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ମୁହାଁମୁହିଁ ହୋଇ ରାଜନୈତିକ ପରିସ୍ଥିତି ଆଡ଼କୁ ଯାଇଥିବାରୁ ପୁଲିସ ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ସମାଧାନ କରିବାକୁ ଚେଷ୍ଟା ଜାରି ରଖିଥିଲେ। ଏଭଳି ପରିସ୍ଥିତି ସୃଷ୍ଟି ହେବାରୁ ବିଡିଓ ସନ୍ତୋଷ କୁମାର ଜେନା ପହଞ୍ଚି କମ୍ୟୁନିଟି ହଲ୍ର ଚାବି ପକାଇ ଚାଲିଯାଇଥିଲେ। ଏପରିକି ଟାଉନ୍ ହଲ୍ ପଛ ପାଖ ଗାଡ଼ି ପାର୍କିଂ ପାଇଁ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉଦ୍ଦିଷ୍ଟ ଥିବାବେଳେ ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ନିର୍ମାଣ କାର୍ଯ୍ୟକୁ ଅନ୍ୟତ୍ର କରା ନ ଯାଇ କିଭଳି ଭାବେ ଏଠାରେ କରାଯିବ ତାହା ସମସ୍ତଙ୍କୁ ବିସ୍ମିତ କରିଛି। ପୂର୍ବରୁ ଏହି ସ୍ଥାନରେ ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟାଳୟ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ସ୍ଥଳେ ପୁଣି ବିଚାରକୁ ନେଇ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି।

**ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ବନ୍ଦ**

# ଗଡ଼ିଲାନି ଗାଡ଼ିମଟର; ଖୋଲିଲାନି ଦୋକାନବଜାର









**ସମ୍ବଲପୁର, ୧୭।୭ (ସମିସ)**

ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କଂଗ୍ରେସ ଓ ବାମ ଦଳ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ସମ୍ବଲପୁରରେ ପଡିଛି। ସମ୍ବଲପୁର ସହରର ରାସ୍ତାଘାଟ ସମ୍ପୂର୍ଣ୍ଣ ଭାବେ ଖାଲି ହୋଇଯାଇଥିଲା। ସମସ୍ତ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର, ବସ ଓ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପେଟ୍ରୋଲ ପମ୍ପ ଗୁଡ଼ିକ ବନ୍ଦ ରହିଥିଲା। କେବଳ ଅତ୍ୟାବଶ୍ୟକୀୟ ଭାବେ ଔଷଧ ଦୋକାନ ଓ ଡାକ୍ତରଖାନା ଖୋଲାଥିଲା। ଜାତୀୟ ରାଜପଥ ଉପରେ ଟ୍ରକ ଗୁଡ଼ିକ ଅଟକି ରହିଥିଲା। ଆନ୍ଦୋଳନକାରୀମାନଙ୍କ କିଛି ସମୟ ବିକ୍ଷୋଭ ପରେ ଟ୍ରେନ ଛାଡ଼ିଥିଲା। ସହର ମଧ୍ୟରେ ଚାରିଚକିଆ ଯାନ କମ୍ ଚାଲୁଥିଲା। ଦୁଇଚକିଆ ଯାନ ଚାଲୁଥିବା ଦେଖାଯାଇଥିଲା। ସମ୍ବଲପୁର ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ନିଜ ସମର୍ଥନ ଦେଇଥିଲେ। ସମ୍ବଲପୁର ସହରରେ ପୂର୍ବରୁ ଏଭଳି ବିନା ଟାୟାର ଜାଳି ଏବଂ ଧମକଚମକରେ ଅଭୂତପୂର୍ବ ବନ୍ଦ ଦେଖା ଯାଇ ନଥିଲା। ସମ୍ବଲପୁର ସମେତ କୁଚିଣ୍ଡା, ରେଢ଼ାଖୋଲ, ରେଙ୍ଗାଲି, ନାକଟିଦେଉଳ ଆଦି ସମଗ୍ର ଜିଲ୍ଲାରେ ଆଜି ବନ୍ଦ ପାଳନ କରାଯାଇଥିଲା।

ଜିଲ୍ଲା କଂଗ୍ରେସ ପକ୍ଷରୁ ବିଭିନ୍ନ ଦଳ କରି ସମ୍ବଲପୁର ସହର ଓ ଉପକଣ୍ଠସ୍ଥ ଛକ ମାନଙ୍କରେ ପିକେଟିଂ କରାଯାଇଥିଲା। କଂଗ୍ରେସ କର୍ମକର୍ତ୍ତାଙ୍କ ଏକ ଦଳ ପଦଯାତ୍ରା ଓ ବାଇକ୍ ଶୋଭାଯାତ୍ରାରେ ଲକ୍ଷ୍ମୀଟକିଜ ଛକରୁ ବାହାରି ଜେଲ ଛକ, ଧନୁପାଲି ଛକ, ଅଇଁଠାପାଲି ଛକ ପରେ କଚେରୀ ଛକ ଏବଂ ବୁର୍ଲା ଓ ହୀରାକୁଦରେ ବୁଲି ବନ୍ଦକୁ ସମର୍ଥନ କରିବାକୁ ହାତଯୋଡ଼ି ଅନୁରୋଧ କରୁଥିବା ଦେଖାଯାଇଥିଲା। ଆଜି ସକାଳେ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ରେଲରୋକୋ କରିବାକୁ ଯାଇଥିବାବେଳେ ରେଲଷ୍ଟେସନ ସମ୍ମୁଖରେ ପୁଲିସ ପକ୍ଷରୁ କର୍ଡନ ଦିଆଯାଇ ଆନ୍ଦୋଳନକାରୀଙ୍କୁ ଅଟକାଯାଇଥିଲା। ମହିଳା କଂଗ୍ରେସର କର୍ମକର୍ତ୍ତା ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ (୩୦୩) ସମ୍ମୁଖରେ ଛିଡ଼ାହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିନ୍ତୁ ଯାତ୍ରୀ ଓ ପୁଲିସର ଅନୁରୋଧକ୍ରମେ ଇଣ୍ଟରସିଟି ସଠିକ୍ ସମୟ ସକାଳ ୬ଟାରେ ସମ୍ବଲପୁର ରେଲଷ୍ଟେସନ ଛାଡ଼ିଥିଲା। ସେହିପରି ଆଜି ସକାଳୁ କାଁଭାଁ ଗୋଟିଏ ଦୁଇଟି ରୁଟ୍ ୨୦୦ ଓ ୨୦୨ରେ ଆମ ବସ୍ ଚଳାଚଳ ଆରମ୍ଭ ହୋଇଥିଲା। ଏହାକୁ ମଧ୍ୟ ପ୍ରସଙ୍ଗର ସମ୍ବେଦନଶୀଳତା ଦର୍ଶାଇ କଂଗ୍ରେସ ପକ୍ଷରୁ ଅନୁରୋଧ କରାଗଲା ପରେ ବନ୍ଦ ହୋଇଯାଇଥିଲା। ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ କିଛି ଅଧିକାରୀ ଓ କର୍ମଚାରୀ କାମ ଆରମ୍ଭ କରିବାକୁ ଯାଉଥିବାବେଳେ କଂଗ୍ରେସ କର୍ମୀମାନେ ସେଠାକୁ ଯାଇ ସେମାନଙ୍କୁ ବନ୍ଦ କରିବାକୁ ହାତଯୋଡ଼ି ଅନୁରୋଧ କରିବାପରେ ସେମାନେ ବାହାରକୁ ଚାଲି ଆସିଥିଲେ। ଜିଲ୍ଲାପାଳ ଆଜି କାର୍ଯ୍ୟାଳୟକୁ ଆସିନଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଓ ଅଧିକାରୀ ତଥା କର୍ମଚାରୀମାନେ ବାହାରେ ଅପେକ୍ଷା କରୁଥିବା ଦେଖାଯାଇଥିଲା। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଆଦି ବିଭିନ୍ନ କାର୍ଯ୍ୟାଳୟରେ ମଧ୍ୟ କର୍ମଚାରୀମାନେ ଯୋଗ ଦେଇନଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ଶାଖା ସମେତ ସମସ୍ତ ବ୍ୟାଙ୍କ ଗୁଡ଼ିକୁ ପିକେଟିଂ କରି ଆନ୍ଦୋଳନକାରୀମାନେ ବନ୍ଦ କରିଥିଲେ। ସମ୍ବଲପୁର ଅଦାଲତର ବିଚାରପତି ମାନଙ୍କୁ ଆନ୍ଦୋଳନକାରୀମାନେ ଅଟକାଇ ନଥିବାବେଳେ ଆଇନଜୀବୀ ମାନଙ୍କୁ ହାତଯୋଡ଼ି ଅନୁରୋଧ କରିଥିଲେ। ଆଜି କୋର୍ଟକଚେରୀରେ ମଧ୍ୟ କାର୍ଯ୍ୟ ବନ୍ଦ ରହିବା ଦେଖାଯାଇଥିଲା।

ମୁମ୍ବାଇ-କଲିକତା ଜାତୀୟ ରାଜପଥ ନଂ. ୫୩ରେ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଟ୍ରକ୍ ଛିଡ଼ା ହୋଇ ରହିଥିଲା। ସିନ୍ଦୂରପଙ୍କ ଛକ, ଚୌଧୁରୀ ଛକ, ବରେଇପାଲି ଛକ ଆଦିରେ କଂଗ୍ରେସ କର୍ମୀମାନେ ପିକେଟିଂ କରିଥିଲେ। ଚୌଧୁରୀ ଛକରେ କଂଗ୍ରେସ ନେତା ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆଙ୍କ ନେତୃତ୍ୱରେ ପିକେଟିଂ କରିଥିଲେ। ଅଟକି ରହିଥିବା ଟ୍ରକ୍ ଚାଳକ ଓ ହେଲ୍‌ପର୍ ମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରାଯାଇଥିବା ଶ୍ରୀ ଦୁରିଆ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଟକି ରହିଥିବା ଟ୍ରକ୍ ଗୁଡ଼ିକ ମଧ୍ୟରେ ଛତିଶଗଡ଼, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ବାହାର ରାଜ୍ୟର ଥିବାବେଳେ ଓଡ଼ିଶା ପରିବହନ ନମ୍ବର ବିଶିଷ୍ଟ ଟ୍ରକ୍ ନଥିଲା। ଅପରାହ୍ଣ ପରେ ଟ୍ରକ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଆଜିର ବନ୍ଦ ପାଳନ ଓ ପିକେଟିଂ ସମ୍ବଲପୁର ଜିଲ୍ଲା କଂଗ୍ରେସ ସଂଯୋଜକ ଦୁର୍ଗା ପାଢ଼ୀ, ଏ ଆଇ ସି ସି ସମ୍ପାଦକ ଆସଫ ଖାଁ, ମହିଳା ନେତ୍ରୀ ସୁତପା ମିତ୍ର, ପିସିସି ସମ୍ପାଦକ ଦିଲ୍ଲୀପ ଦୂରିଆ, ପିସିସି ସଭ୍ୟା ସୁରଂଜିନି ବାରିକ, ପ୍ରଣତି ପଟ୍ଟନାୟକ, ଓବିସି ଜିଲ୍ଲା ସଭାପତି ଶିବ ପ୍ରଧାନ, ବୁର୍ଲା ସଭାପତି ଗିରିଜା ନାୟକ, ହୀରାକୁଦ ସଭାପତି ରବି ରାଉତ, ଜିତେନ ମହାନନ୍ଦ, ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଜିତେନ୍ଦ୍ର ପ୍ରଧାନ ଓ ସୁଧୀର ପଣ୍ଡା, ପିସିସି ସଭ୍ୟ ଚନ୍ଦ୍ର ପୁରୋହିତ, ବିଜୁ ପ୍ରଧାନ, ଚନ୍ଦ୍ର ମହାନ୍ତି, ପ୍ରକାଶ ଶତପଥି, କୁନା ସ୍ୱାଇଁ, ସଂଖ୍ୟାଲଘୁ ଜିଲ୍ଲା ସଭାପତି ଏମ.ଡି ମୁକ୍ତାର , ଓବିସି ନେତା କାଲୁ ସ୍ୱାଇଁ, ଦଶରଥ ଦାସ, ବାବୁ ଖାଁ, ଗୋବିନ୍ଦ ଷଣ୍ଢ , ଏମ ଡି ସଲିମ ପ୍ରମୁଖ ଶତାଧିକ କଂଗ୍ରେସ ମହିଳା କର୍ମୀ ଛାତ୍ର, ଯୁବ, ମହିଳା, ସେବାଦଳ, ବିଭିନ୍ନ ବିଭାଗର କର୍ମକର୍ତ୍ତା ସାମିଲ ହୋଇଥିଲେ।




**ଜମନକିରା :** ଜମନକିରାରେ ଜାତୀୟ କଂଗ୍ରେସ କମିଟୀ ପକ୍ଷରୁ ଓଡ଼ିଶା ବନ୍ଦ ସଫଳ ଶାନ୍ତି ଶୃଙ୍ଖଳାରେ ହୋଇ ଥିଲା। ଜମନକିରା ବାଇପାସ୍ ରାସ୍ତା ରେ ଜାତୀୟ ରାଜ ପଥ ୫୩ ଉପରେ ସକାଳ ୭ଟାରୁ ରାସ୍ତା ବନ୍ଦ କରା ଯାଇଥିଲା। ଅପରାହ୍ଣ ୪ଟା ରେ ଏକ ପ୍ରତିବାଦ ସଭା ଆୟୋଜନ କରିଥିଲେ। ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ କିଶୋର ନାଏକଙ୍କ ସଭାପତି ତ୍ୟ ରେ ଅନୁଷ୍ଠିତ ସଭାରେ ସୋମୀଶ୍ରୀ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ବିରୋଧରେ ସର୍ବୋପରି ରାଜ୍ୟ ରେ କ୍ରମ ବଢ଼ିଷ୍ଣୁ ନାରୀ ନିର୍ଯ୍ୟାତନା ବିରୋଧ କରା ଯାଇଥିଲା। ସଭାରେ କୁଚିଣ୍ଡା ବିଧାନସଭା କଂଗ୍ରେସ ପ୍ରାର୍ଥୀ କେଦାର ନାଥ ବରିହା, ସରୋଜ ପଟ୍ଟନାୟକ, ଅଶୋକ ଦାନୀ, ଡମ୍ବରୁଧର ଗଡ଼ତିଆ, ବିମଳ ମହାନ୍ତି, ଏମ ଡି ଜାହିର ଅନସାରୀ, ଅଜୟ ପ୍ରଧାନ, ଅନ୍ତ ଶବର, ସତ୍ୟ ନାରାୟଣ କାଲୋ, ରଞ୍ଜିତ ଏକ୍କା, ଭିକୁ ସାମଲ ପ୍ରଭୃତି ଉପସ୍ଥିତ ଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହି ଥିଲା। ପୁଲିସ ପ୍ରଶାସନ ପକ୍ଷରୁ ବନ୍ଦ ଉପରେ କଡା ନଜର ରଖା ଯାଇଥିଲା। ଜମନକିରା ଦୋକାନ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

**କୁଚିଣ୍ଡା :** ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନକ୍ରମେ କୁଚିଣ୍ଡା କଂଗ୍ରେସ କମିଟି ପକ୍ଷରୁ ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ବନ୍ଦ ଫଳରେ କୁଚିଣ୍ଡାରେ ଯାନ ବାହାନ ସମସ୍ତ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ସମସ୍ତ କାର୍ଯ୍ୟାଳୟ, ଦୋକାନ ବଜାର ଆଦି ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। କେତେକାଂଶ ପରେ କଂଗ୍ରେସ କର୍ମୀ ପିକେଟିଂ କରି ଅତ୍ୟନ୍ତ ପକ୍ଷେ ୧୨ ଘଣ୍ଟିଆ ବନ୍ଦ ରଖିବାକୁ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। କୁଚିଣ୍ଡା କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ପୂର୍ବତନ ନଗରପାଳ ଅଖିଳ ପ୍ରତାପ ସିଂ, ଯୁଧିଷ୍ଠିର ସିଂ ଦାନୀ, ସଞ୍ଜିତା ଶର୍ମା, ଟୁନା ମହାନନ୍ଦ, ପ୍ରମୋଦ ଛତ୍ରିଆ, ବିପିନ ନାୟକ, ଆଶିଷ ପ୍ରତାପ ସିଂ, ପିତାମ୍ବର ମାଝୀ, ଜିତେନ୍ଦ୍ର ସାହୁ, ବିପିନ ନାୟକ, ସରୋଜ ନାୟକ, ଦୁର୍ଗା ମାଧବ ପ୍ରମୁଖ ସହିତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ବନ୍ଦକୁ ସଫଳ କରିଥିଲେ।

**ରେଢ଼ାଖୋଲ :** ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସର ବନ୍ଦ ଡାକରାରେ ରେଢ଼ାଖୋଲ କଂଗ୍ରେସ ବ୍ଲକ ସଭାପତି ହରେଶ କର୍ଣ୍ଣଙ୍କ ନେତୃତ୍ୱରେ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଡାକରା ଉଦ୍ଦେଶ୍ୟ ବାଲେଶ୍ୱର ଜିଲ୍ଲାର ଫକିର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଦ୍ୱାରା ଛାତ୍ରୀ ସୌମ୍ୟାଶ୍ରୀ ନିର୍ଯାତନାର ଶିକାର ହୋଇ ଆତ୍ମାହୁତି କରିଥିଲେ। ୩ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ଏଥିରେ ସଂମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବନ୍ଦ ଡାକରା ଦିଆଯାଇଥିଲା। ଏଥିରେ ବିଜେପି ସରକାର ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରି ଚାଲିଛନ୍ତି। ଏହା ଏକ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ପକ୍ଷରୁ ପ୍ରତିକ୍ରିୟା ଦେଇଥିଲେ। ବନ୍ଦ ଡାକରାରେ ବିଜେପି ସରକାର ବିରୋଧରେ ନାରାବାଜି କରିଥିଲେ। ଏଥିରେ ସହରର ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ଅଦାଲତ, ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ ରହିଥିଲା। ଏଥିରେ ରେଢ଼ାଖୋଲ କଂଗ୍ରେସ ବରିଷ୍ଠ ନେତା ସୁନିଲ ପ୍ରଧାନ, ବିଶ୍ୱଜିତ ପଣ୍ଡା, କାଉନସିଲର ଅମରେଶ ନାୟକ, ଗଗନ ବାରିକ, ସତ୍ୟଜିତ ଚାନ୍ଦ, ସଞ୍ଜୀବ ବିଶ୍ୱାଳ, ଉମେଶ ଦେହୁରୀ, ରଞ୍ଜନ ରାଉତ, ଅମରେଶ ପ୍ରଧାନ, ସତ୍ୟବ୍ରତ ମହାନ୍ତି, ସଞ୍ଜୟ ସାହୁ, କୁନାଲ ମେହେର, ସରମତ୍ ଅଲ୍ଲୀ, ଦୀପକ ଷଣ୍ଢ, ବରିଷ୍ଠ କଂଗ୍ରେସ ନେତା ରାମ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ସୁମନ୍ତ ମାଝୀ, ଅଶୋକ ବାଗ, ମନୋଜ ବିଶ୍ୱାଳ, ପିଣ୍ଟୁ ବେହେରା ସମେତ ଅନ୍ୟ କର୍ମୀମାନେ ସାମିଲ ରହିଥିଲେ।




## ଡବା ଭିତରେ ଫସିଲା ସାପ ମୁଣ୍ଡ

**ରେଢ଼ାଖୋଲ, ୧୭।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ମେଡିକାଲ କଲୋନୀରେ ଏକ ବିରାଟ ଢମଣା ସାପର ମୁଣ୍ଡ କେନ ଟିଣ ଡବା ଭିତରେ ଫସି ରହିଥିଲା। ଦୀର୍ଘ ଏକ ଘଣ୍ଟା ପରେ ଡାକ୍ତରୀ ଟିମ୍ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ମେଡିକାଲ କଲୋନୀରେ ଏକ ସାଢେ ୬ ଫୁଟିଆ ଢମଣାସାପର ମୁଣ୍ଡ ଏକ କେନ ଟିଣ ଡବା ଭିତରେ ଫସି ରହି ବହୁ କଷ୍ଟ ପାଉଥିଲା। ମେଡିକାଲ କଲୋନୀରେ ରହୁଥିବା ଆମ୍ବୁଲାନ୍ସ ଡ୍ରାଇଭର ସତ୍ୟ ସାହା ଦେଖି ସାପକୁ ଧରି ରେଢ଼ାଖୋଲ ପ୍ରାଣୀ ଚିକିତ୍ସାଳୟ କୁ ଆଣିଥିଲେ। ପ୍ରାଣୀ ଚିକିତ୍ସାଳୟ ଡାକ୍ତରୀ ଟିମ୍ କୌଶଳକ୍ରମେ କେନ ଡବାରୁ କାଟି ସାପ ମୁଣ୍ଡକୁ ସୁରକ୍ଷିତ ଭାବରେ ବାହାର କରି ନିକଟରେ ଜଙ୍ଗଲରେ ସାପକୁ ଛାଡି ଦେଇଥିଲେ।



## ଜିଲ୍ଲାପାଳଙ୍କ ନବୋଦୟ ବିଦ୍ୟାଳୟ ପରିଦର୍ଶନ

**ସମ୍ବଲପୁର, ୧୭।୭ (ସମିସ) :** ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଜି ଗୋଶାଳାସ୍ଥିତ ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ଶିକ୍ଷା ପରିବେଶ, ଶିକ୍ଷା ମାନଦଣ୍ଡ ଓ ପ୍ରଶାସନିକ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଛାତ୍ରଛାତ୍ରୀ ମାନଙ୍କ ସହ ତାଙ୍କ ଅନୁଭୂତି, ଅଭିଳାଷା ଓ ଶିକ୍ଷା ଗତିବିଧି ବିଷୟରେ କଥାବାର୍ତ୍ତା କରିଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ ନିର୍ଦ୍ଧାରଣ କରି ତାହାକୁ ହାସଲ କରିବାକୁ କଠିନ ପରିଶ୍ରମ ଏବଂ ଶୃଙ୍ଖଳିତ ଅଧ୍ୟବସାୟରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ମାନଙ୍କଠାରୁ ଶିକ୍ଷା ପ୍ରଣାଳୀ ବିଷୟରେ ପଚାରି ବୁଝିଥିଲେ। ଏହସହ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ପାଇଁ ବିଦ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ଯୋଜନା ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।






## କମନ୍ ସର୍ଭିସ ସେଣ୍ଟରର ପ୍ରତିଷ୍ଠା ଦିବସ



**ରେଢ଼ାଖୋଲ, ୧୭।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ କମନ ସର୍ଭିସ ସେଣ୍ଟର (ସିଏସସି) ର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଢ଼ାଖୋଲ ବ୍ଲକ ଏବଂ ଏନ୍‌ଏସିର ସମସ୍ତ ଭିଏଲ୍‌ଇ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସିଏସସିର ଭିଏଲ୍‌ଇ ମାନେ କିଭଳି ଭାବରେ ସାଧାରଣଜନତାଙ୍କ ପାଇଁ ସେବା ମନୋଭାବ ନେଇ କାର୍ଯ୍ୟ କରିଥାନ୍ତି ଏବଂ ସିଏସଏସି ପଞ୍ଚାୟତସ୍ତରରେ ସମସ୍ତ ଘରକୁ ଘର ସେବା ପହଞ୍ଚାଉଛି ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ।ବୁର୍ଡା ପଞ୍ଚାୟତର ଭିଏଲ୍‌ଇ ପ୍ରଶାନ୍ତ କୁମାର ମହାକୁଡ ସିଏସସି ବିଷୟରେ ସମ୍ୟକ ସୂଚନା ଦେଇ ସଭାରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ କେକ୍ କାଟି ସମସ୍ତେ ଉତ୍ସାହ ସହିତ କାର୍ଯ୍ୟକ୍ରମ ପାଳନ କରିଥିଲେ।

## ରାସ୍ତାରେ ଆଣ୍ଠୁଏ କାଦୁଅ; ଚାନ୍ଦୁଟିକ୍ରାବାସୀ ହନ୍ତସନ୍ତ

**କୁଚିଣ୍ଡା, ୧୭।୭ (ସମିସ)**



କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତ ଠାକୁରନିକ୍ତିମାଲ ଚାନ୍ଦୁଟିକ୍ରା ଗ୍ରାମରେ ପ୍ରାୟ ୨୫ ପରିବାର ବସବାସ କରନ୍ତି। ସମସ୍ତେ ଚାଷ କାର୍ଯ୍ୟ ଉପରେ ନିର୍ଭର କରି ନିଜ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇ ଥିଲେ ବି ଆଜିଯାଏଁ ପଡ଼ାକୁ ପକ୍କା ରାସ୍ତାଟିଏ ହୋଇପାରିଲାନି। ରାସ୍ତା ସମ୍ପୂର୍ଣ୍ଣ କାଦୁଅ ପଚପଚ ହୋଇ ଜନସାଧାରଣ ଯାତାୟାତରେ ସର୍ବଦା ବାଧା ସୃଷ୍ଟି ହୋଇଥାଏ। ବୃଦ୍ଧ ବୃଦ୍ଧା, ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବର୍ଷା ହେଲେ କାଦୁଅ ରାସ୍ତାରେ ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବାକୁ ଅମଙ୍ଗ ହୁଅନ୍ତି। ଗାଁର କୌଣସି ବ୍ୟକ୍ତିଙ୍କ ଦେହ ଅସୁସ୍ଥ ହେଲେ ଡାକ୍ତରଖାନାକୁ ଯିବାକୁ ହେଲେ ଆମ୍ବୁଲାନ୍ସ ଆସିଲେ କାଦୁଅରେ ଫସି ଯାଇଥାଏ। ଗାଡି ପାଖକୁ ରୋଗୀକୁ ନେବାକୁ ପଡ଼ିଥାଏ। ଚାନ୍ଦୁଟିକ୍ରା ଠାରୁ ମୁଖ୍ୟ ରାସ୍ତା ଠାକୁର ନିକ୍ତିମାଲ ଛକକୁ ଯିବା ପାଇଁ ପ୍ରାୟ ୫ କିମି ପଡ଼ିଥାଏ। ଏପରିସ୍ଥଳେ ରାସ୍ତାରେ ରୋଗୀର ଜୀବନ ଯାଇପାରେ। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରାଗଲେ ଅତ୍ୟନ୍ତ ଭାବେ ଚାନ୍ଦୁଟିକ୍ରାପଡ଼ାବାସୀ ଉପକୃତ ହୁଅନ୍ତେ। ଏନେଇ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ବନ୍ୟା କ୍ଷୟ କ୍ଷତି ଟଙ୍କା ଆସିଲେ ପ୍ରଥମେ ଚାନ୍ଦୁଟିକ୍ରାପଡ଼ାର ରାସ୍ତା ମରାମତି କରାଯିବ ବୋଲି କହିଛନ୍ତି।

## ଏଫ୍‌ଏମ୍ କଲେଜର ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ

# ଅଖଚକ ବନ୍ଦ; ଦୋକାନ ବଜାରରେ ତାଲା





**ବୌଦ୍ଧ, ୧୭।୭(ସମିସ)**

ବାଲେଶ୍ୱର ଫକୀରମୋହନ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ଦେଇଥିବା ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରାରେ ବୌଦ୍ଧରେ ବନ୍ଦ ପାଳନ କରାଯାଇଛି।






ବୌଦ୍ଧ ସହର ସମେତ ଜହ୍ନାପଙ୍କ, ବାଉଁଶୁଣୀ, ମନମୁଣ୍ଡା, ପୁରୁଣାକଟକ, ଚାରିଛକରେ ବନ୍ଦ ପାଳନ କରାଯାଇଥିଲା। ବୌଦ୍ଧ ସହରର ଏନଏସି ଛକରେ ଜିଲ୍ଲା କଂଗ୍ରେସ ସଭାପତି ନବ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତାମାନେ ରାସ୍ତା ଉପରେ ବସି ରହିଥିଲେ। ସେହିପରି କଂଗ୍ରେସ କର୍ମୀ ମାନେ ସହର ସଂଲଗ୍ନ ରଇଠାଣୀ ବାଇପାସ ଛକ ଓ ମହାନଦୀ ବ୍ରିଜ ଛକଠାରେ ବନ୍ଦ ପାଳନ କରିଛନ୍ତି। ଏହାଫଳରେ ବ୍ରିଜଛକଠାରେ ବହୁସଂଖ୍ୟାରେ ଟ୍ରକ୍ ସବୁ ଅଟକି ରହିଥିଲା। ବୌଦ୍ଧ ବସଷ୍ଟାଣ୍ଡରୁ କୌଣସି ବସ୍ ଯାତାୟାତ କରି ନ ଥିଲା। ସମସ୍ତ ଅଟୋ ଓ ଟାକ୍ସି ଚଳାଚଳ ମଧ୍ୟ ବନ୍ଦ ରହିଥିଲା। ସେହିପରି ବିଭିନ୍ନ ଦୋକାନ ବଜାର, ସ୍କୁଲ, କଲେଜ, ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ମହାନନ୍ଦ ଓ ଅନ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ୍ ପାଳନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ନାରାୟଣ ପ୍ରସାଦ ପରିଜା, ସୁଧୀର କର୍ଣ୍ଣ, ଶାନ୍ତନୁ ମହାପାତ୍ର, ପଙ୍କଜ କର୍ଣ୍ଣଙ୍କ ସମେତ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହେଶ୍ୱର ପ୍ରଧାନ, ନିର୍ବାଚନ ମଣ୍ଡଳୀ ସଭାପତି ଅବଦୁଲ କଲିମ ଖାଁ, ପୂର୍ବତନ ଯୁବ ସଭାପତି ଅବଦୁଲ ଅଜିଜ ଖାଁ, ରାୟ ସଞ୍ଜୀବ ଦେଓ, ଦେବରାଜ ପଟ୍ଟନାୟକ, ସୁଦାମ ଝାଙ୍କର, ଅଲେଖ ବାଘ, ସାହିଦ ଖାଁ, ହଲିମ ଖାଁ, କୃଷକ ସଭାପତି ରଘୁନାଥ ପଲିଆ, ଛାତ୍ର କଂଗ୍ରେସ ସଭାପତି ହିତେଶ୍ୱର ଶାଣ୍ଢ, ଶିବ ବେହେରା ପ୍ରମୁଖ ଶତାଧିକ କର୍ମୀ ଏହି ବନ୍ଦ ପାଳନରେ ସାମିଲ ହୋଇଥିଲେ।

**ପଲଶାଗୋରା:** ପଲଶାଗୋରାର ସମସ୍ତ ଦୋକାନ ବଜାର ବନ୍ଦ ଥିଲା। କଂଗ୍ରେସ ନେତା ସୁଶାନ୍ତ ମଲିକ, ନିବାସ ବାରିକ, ଶୁକଦେବ ମଙ୍ଗରାଜ, ମକୁନ୍ଦ ନାଏକ, ସରୋଜ ସାହୁ, ବନମାଳୀ ଅମାତ, ନିତ୍ୟାନନ୍ଦ କର୍ମୀ, ସୁନାଧର ପୁଟେଲ, କେଶବ ଖେତୀ, ବ୍ରଜମହୋନ ବାରିକ, ପରାଧୀନ ଗୁରୁ, ବିଶ୍ୱାମିତ୍ର ପାଢ଼ୀ, ଅରବିନ୍ଦ କଅଁର, ଗୋପ ରଣା, ଅଭିମନ୍ୟୁ ଭୋଇ, ଦୁର୍ଯ୍ୟୋଧନ ରଣା, ହୃଦାନନ୍ଦ କଅଁର, ଅରୁଣ ବିଭାର, ଉସରେ ପଟ୍ଟନାୟକ, ସଚ୍ଚିଦା ତାଣ୍ଡି, ନରେନ୍ଦ୍ର ରଣା, ଗୁପ୍ତେଶ୍ୱର ଭୋଇ ପ୍ରମୁଖ ପିକେଟିଂ କରି ବନ୍ଦ କରାଇଥିଲେ।

**ମନମୁଣ୍ଡା:** ମନମୁଣ୍ଡାରେ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଛି। ନବୀନ ଭଏନାଙ୍କ ସହଯୋଗରେ ଅନେକ କଂଗ୍ରେସ କର୍ମୀ ମନମୁଣ୍ଡା ଗାନ୍ଧୀ ଛକରେ ବିଜେପି ବିରୋଧରେ ନାରାବାଜି କରିଥିଲେ। କଂଗ୍ରେସର ଡାକରା କ୍ରମେ ମନମୁଣ୍ଡାରେ ସମସ୍ତ ସ୍କୁଲ, କଲେଜ, ଦୋକାନ, ବଜାର, ବ୍ୟବସାୟ ପ୍ରତିଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। କେତେକ ସ୍କୁଲ, ଦୋକାନ ଖୋଲିଥିବାରୁ କଂଗ୍ରେସ କର୍ମୀ ବନ୍ଦ କରିଥିଲେ। ବନ୍ଦ ଯୋଗୁଁ ମନମୁଣ୍ଡାର ଗାନ୍ଧୀ ଛକ, ବାଇପାସ୍ ଓ ବାସୁଦେବପାଲିରେ ଶତାଧିକ ଗାଡ଼ି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଟକି ରହିଥିଲା।

**ଶଗଡ଼ା:** ମନମୁଣ୍ଡା-ସିନ୍ଧୁଗୋରା ରାସ୍ତାର କଣ୍ଟାମାଳ, ମନମୁଣ୍ଡା ଆଦି ବଡ଼ ବଡ଼ ସହର ଓ ଗାଁରେ ବନ୍ଦ ପାଳନ କରାଯାଇଛି। କଂଗ୍ରେସ କର୍ମୀଙ୍କ ପିକେଟିଂ ଯୋଗୁଁ ଦୋକାନବଜାର, ଯାନବାହନ, ବସସେବା, ସ୍କୁଲ କଲେଜ, ବ୍ୟାଙ୍କ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କଂଗ୍ରେସର ବରିଷ୍ଠ ନେତା ପ୍ରଶାନ୍ତ ସାହୁ ଏବଂ ବ୍ଲକର ସଭାପତି ସୁଶାନ୍ତ ମଲିକ ନେତୃତ୍ୱ ନେଇଥିଲେ। ଘଣ୍ଟାପଡ଼ା ଜୋନରେ କଂଗ୍ରେସ କର୍ମୀ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଉଗ୍ରେସନ ପଟ୍ଟନାୟକ, ବ୍ଲକ ଉପସଭାପତି ଗୋପ ରଣା, ପଞ୍ଚାୟତ ସଭାପତି ହୃଦାନନ୍ଦ କହଁର ପିକେଟିଂ କରିଥିଲେ। ଖୁଣ୍ଟିଗୋରା, ଆମ୍ବଗାଁ, ଘଣ୍ଟାପଡ଼ା ମଲିକୁଦ ଆଦି ସ୍ଥାନରେ ବନ୍ଦ ପାଳନ କରାଯାଇଥିଲା। ଜରୁରୀକାଳୀନ ସେବାକୁ ଛାଡ଼ି ଘଣ୍ଟାପଡ଼ାରେ ଦୋକାନବଜାର, ଗାଡ଼ି, ବ୍ୟାଙ୍କ, କଲେଜ, ସ୍କୁଲ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା।





**ସୋନପୁର:** ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ବନ୍ଦ ଡାକରାର ପ୍ରଭାବରେ ସହରର ସମସ୍ତ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସ୍କୁଲ କଲେଜ ବନ୍ଦ ରହିଥିଲା। ସକାଳୁ ସକାଳୁ ପ୍ରଥମେ କଂଗ୍ରେସ କର୍ମୀମାନେ ରାଜରାସ୍ତା ଅବରୋଧ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସହର ଦେଇ ଯାଉଥିବା ସମସ୍ତ ବସ, ଟ୍ରକ୍ ସହ ଦୋକାନ ବଜାର, ସ୍କୁଲ କଲେଜ ଓ ଜିଲ୍ଲା କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ସଂସ୍ଥା ଗୁଡିକୁ ବନ୍ଦ କରିଥିଲେ। ଏହି ବନ୍ଦ ପାଳନରେ ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ବିନୋଦ ପାତ୍ରଙ୍କ ନେତୃତ୍ୱରେ ପର୍ଯ୍ୟବେକ୍ଷକ ରାଜେଶ ମିଶ୍ର, ଜିଲ୍ଲା ସଧାରଣ ସମ୍ପାଦକ ସୁଧୀର ପଣ୍ଡା, ପିସିସି ସଦସ୍ୟ ଜିତେନ୍ଦ୍ର ପଟ୍ଟନାୟକ, ସୁମିତ ପୂଜାରୀ, ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ସୋନପୁର ବ୍ଲକ ସଭାପତି ଲକ୍ଷ୍ମଣ ସୁନା, ମହମ୍ମଦ ଇମ୍ରାମ, ରାଜେନ୍ଦ୍ର ମେହେର, ଚିତ୍ତ ରଞ୍ଜନ କୁମ୍ଭାର, ଜ୍ଞାନ ରଞ୍ଜନ ମିଶ୍ର, ଲକ୍ଷ୍ମଣ ଦାସ, ମାଧବ କୁମ୍ଭାର, ତରଣୀ ବାରିକ, ବରୁଣ ସୁନା, ଆନନ୍ଦ ରଣା, ହରିଶଙ୍କର ପାଣ୍ଡେ, ବଳଦେବ ଦାସ, କଳାଚାନ୍ଦ ବଗର୍ତ୍ତୀ, ସଚିଦାନନ୍ଦ ସାହୁ, ଭରତ ଜେନା, ପ୍ରମୋଦ ଗୁରୁ, ମୁନୁ ଦାଶ, ନିମେଇଁ ପାଣିଗ୍ରାହୀ ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇ ସହରର ବିଭିନ୍ନ ଛକରେ ପିକେଟିଂ କରିଥିଲେ। ବ୍ଲକ ଛକ, ମହାନଦୀ ବ୍ରିଜ୍, ଶତାଧିକ ଟ୍ରକ୍ ଅଟକି ରହିଥିଲା।

**ତରଭା:** ତରଭାରେ ମଧ୍ୟ ବନ୍ଦ ପାଳନର ପ୍ରଭାବ ପଡ଼ିଥିଲା। ଗୁରୁବାର ସକାଳ ୬ ଟାରେ ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗଙ୍କ ନେତୃତ୍ୱରେ ପ୍ରବୀଣ ସାହୁ, ପ୍ରକାଶ ହରିପାଲ, ବିରୋଧ ତାଣ୍ଡି, ଗଣେଶ ଗୁରୁ, ଚତୁର୍ଭୁଜ ସରଭଙ୍ଗ, ରତ୍ନାକର ତାଣ୍ଡି, ଧୀରୋଜ ସାହୁ, ରାଜେନ୍ଦ୍ର ଦୀପ, ସୁରୁସିଂ ସୁନା, କୈଳାସ ନାଗ, ବିପିନ ସରଭଙ୍ଗ, ଅରୁଣ ସାହୁ, ପବିତ୍ର ପ୍ରଧାନ, ଦୀନବନ୍ଧୁ ନାଗ, ଅନାଦି ବାଘଙ୍କ ସମେତ ଅନେକ ବନ୍ଦ ସପକ୍ଷବାଦୀ ମୋଟର ସାଇକଲରେ ସହର ପରିକ୍ରମା କରି ଜେଏମ୍‌ଏଫ୍‌ସି କୋର୍ଟ ବ୍ୟତୀତ ଦୋକାନ ବଜାର, ସ୍କୁଲ, କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ୍ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରାଇଥିଲେ। କଂଗ୍ରେସ କର୍ମୀମାନେ ବୈରାସର ବସଷ୍ଟାଣ୍ଡରେ ଖୋଲାଥିବା କିଛି ଦୋକାନକୁ ବନ୍ଦ କରାଇଥିଲେ। ବନ୍ଦ ପାଳନ ସମୟରେ ଯାନବାହନ ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ଅସୁବିଧା ଭୋଗ କରିଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ବୀରମହାରାଜପୁରର ସମସ୍ତ ଗାଡ଼ିମୋଟର ସ୍କୁଲ, କଲେଜ, ସରକାରୀ ଅଫିସ, ଦୋକାନ ବଜାର ବନ୍ଦ ରହିଥିଲା। ବନ୍ଦ ଡାକରାରେ ବୀରମହାରାଜପୁର ଜୋନ୍ ୧ର ଜିଲ୍ଲାପରିଷଦ ସଭ୍ୟ ଲବ ସାହୁ, ସୁବର୍ଣ୍ଣପୁରରେ କଂଗ୍ରେସ ଯୁବ ସଭାପତି ପ୍ରିୟବ୍ରତ ସାହୁ, ଦୀନବନ୍ଧୁ ମେହେର, ଗରିବ ଦଣ୍ଡସେନା, ସୁରେଶ ପଣ୍ଡା, ଗୋକୁଳାନନ୍ଦ ସାହୁ, ସାମନ୍ତ ପାତ୍ରଙ୍କ ସହ ଅନେକ କର୍ମୀ ସାମିଲ ଥିଲେ।

**ବିନିକା:** ବିନିକାରେ ବନ୍ଦ ପାଳନ ବେଳେ ଜରୁରିକାଳୀନ ସେବାକୁ ଛାଡ଼ି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ ବନ୍ଦ ରହିଥିଲା। ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା ଓ ଯୁବ ନେତା ପ୍ରଦୀପ ସେଠୀଙ୍କ ତତ୍ତ୍ୱାବଧାନରେ ନରେନ୍ଦ୍ର ସାହୁ, ସନ୍ତୋଷ ପଣ୍ଡା, ସଂଗ୍ରାମ କେଶରୀ ନାୟକ, ସପନେଶ୍ୱର ପୃଷ୍ଟି, ନରେନ୍ଦ୍ର ପଣ୍ଡା, ରାଘବ ଦାସ, ପବନ ଅଗ୍ରୱାଲ, ଅଜିତ ଦାସ, ଶ୍ରୀନିବାସ ଖମାରୀ, ସୁମନ୍ତ ସାହୁ, ବିଜୟ ଭୋଇ, ଗୋବିନ୍ଦା ଝାଙ୍କର, ଉମାକାନ୍ତ ଦୀପ, ଅନିଲ ନାଏକ, ସୁବ୍ରତ ପାତ୍ର, ସୁରଥ ପ୍ରଧାନ, ଭାଗିରଥି ବର୍ଗତ୍ତି, ଟିକେଶ୍ୱର୍ ପ୍ରଧାନ, ଆନନ୍ଦ ଦାସ, ନାଗେଶ୍ୱର ବାଘ, ରାମଜୀ ମହାନନ୍ଦ, କୃଷ୍ଣ ପ୍ରଧାନ, ପଞ୍ଚା ପାତ୍ର, ଗଣେଶ ମେହେର, ଜୟନାରାୟଣ, ନରସିଂହ, ଟିକୁ, ରବି, ସୁବାସ, ବିପିନ ପ୍ରମୁଖ ସାମିଲ ହୋଇଥିଲେ।

## ସିଡିଏମ୍‌ଓଙ୍କ ମନମୁଣ୍ଡା ସିଏଚ୍‌ସି ପରିଦର୍ଶନ



**ମନମୁଣ୍ଡା, ୧୭।୭(ସମିସ):** ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ ଗୁରୁ ଗୁରୁବାର ଅଚାନକ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି। ପରିମଳ ବ୍ୟବସ୍ଥା ତଦାରଖ କରିବା ସହ ଓପିଡି, ଆଇପିଡି ପରିଦର୍ଶନ କରିଥିଲେ। ନିରାମୟ, ରକ୍ତ ପରୀକ୍ଷାଗାର, ଲେବର ରୁମ୍, ଔଷଧ ଷ୍ଟକ୍ ରୁମ୍ ଇତ୍ୟାଦି ମଧ୍ୟ ପରିଦର୍ଶନ କରିଥିଲେ। ରୋଗୀଙ୍କୁ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ସିଏଚସି ଅଧକ୍ଷ ଡାକ୍ତର ମହେନ୍ଦ୍ର ସଏଙ୍କ ସମେତ ଅନ୍ୟ ଡାକ୍ତର ଏବଂ କର୍ମଚାରୀ ତଥା ବିପିଏମ ରାକେଶ ମହାପାତ୍ରଙ୍କୁ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ରେଜିଷ୍ଟର ଓ କାଗଜପତ୍ର ମଗାଇ ତନ୍ନ ତନ୍ନ କରି ତନଖି କରିଥିଲେ।

## ମାଛ ଜାଆଁଳ ଉତ୍ପାଦନ ନିମନ୍ତେ କୃତ୍ରିମ ପ୍ରଜନନ

**ବୌଦ୍ଧ, ୧୬।୭ (ସମିସ):** ବୌଦ୍ଧ ଜିଲ୍ଲା ମତ୍ସ୍ୟ ଫାର୍ମଠାରେ ମାଛ ଜାଆଁଳ ଉତ୍ପାଦନ ନିମନ୍ତେ କୃତ୍ରିମ ପ୍ରଜନନ ପାଇଁ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପ୍ସା ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ନୀଳ ଲୋହିତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଗାଁ ସାଥୀ ସଂଘ ପ୍ରତିନିଧିଙ୍କ ସହ ଜିଲ୍ଲା ପରିଷଦ ସିଡିଓଙ୍କ ଆଲୋଚନା

**ବୌଦ୍ଧ, ୧୬।୭(ସମିସ):** ବୌଦ୍ଧ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ବୌଦ୍ଧ ଜିଲ୍ଲା ଗାଁ ସାଥୀ ସଂଘର ପ୍ରତିନିଧିଙ୍କ ସହ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଆଲୋଚନା କରିଛନ୍ତି। ପୂର୍ବରୁ ସଂଘ ପକ୍ଷରୁ ଜିଲ୍ଲାରେ ଥିବା ବେଆଇନ ଗାଁ ସାଥୀମାନଙ୍କୁ ବହିସ୍କାର ଓ ଅନ୍ୟ ଦାବି ନେଇ ଜିଲ୍ଲାପାଳ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଏହାଫଳରେ ସଂଘର ପ୍ରତିନିଧି ଓ କର୍ମକର୍ତ୍ତାଙ୍କୁ ଡକାଇ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦଣ୍ଡସନା ଆଲୋଚନା କରିଛନ୍ତି। ଦାବି ପୂରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



## ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ

**ବୌଦ୍ଧ, ୧୬।୭(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲଳିତ ମୋହନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଭ୍ୟ ସଞ୍ଜୟ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପ୍ରମୁଖ ପ୍ରଭାତ ଶତପଥୀ, ସଂଘ ସଭ୍ୟ ସତ୍ୟ ନାରାୟଣ ପ୍ରଧାନ, ଘାସିରାମ ଭୋକ୍ତା, ଉପସଭାପତି ଜଗନ୍ନାଥ ବେହେରା, ସମ୍ପାଦକ ଦେବ ନାରାୟଣ ପ୍ରଧାନ, ସହ ସମ୍ପାଦକ ନାରାୟଣ ମହାରଣା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆପାଲିରେ ବନ ମହୋତ୍ସବକୁ ମହୀଧରଙ୍କ ସମାଲୋଚନା

**ଶଗଡ଼ା/ମନମୁଣ୍ଡା, ୧୭।୭(ସମିସ):** ବାଲେଶ୍ୱରସ୍ଥିତ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଶୋକ ପ୍ରକାଶ ପାଇଛି। ଅନେକ ସଂଗଠନ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି; ହେଲେ ଗତ ବୁଧବାର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ କୁଲୁତାଯୋର ପଞ୍ଚାୟତ ନୂଆଁପାଲି ଆଦିବାସୀ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଚଗୀତ ହୋଇଥିଲା। ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, ଜିଲ୍ଲା ବନାଞ୍ଚଳ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସହ ଜିଲ୍ଲାର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହାକୁ ନେଇ ପୂର୍ବତନ ବିଧାୟକ ମହିଧର ରଣା ଦୁଃଖ ପ୍ରକାଶ କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହାର କଡ଼ା ସମାଲୋଚନା କରିଛନ୍ତି। ବୁଧବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କଣ୍ଟାମାଳ କଲେଜ ସମ୍ମୁଖରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଥଲା। ଠିକ୍ ଏହି ସମୟରେ ନେତା, ଅଫିସରଗଣ ନାଚଗୀତରେ ମଜି ରହିବା ନିହାତି ଲଜାଜନକ ବୋଲି ଶ୍ରୀ ରଣା କହିଛନ୍ତି। ସୌମ୍ୟାଶ୍ରୀ ଏମାନଙ୍କ ଝିଅ କିମ୍ବା ଭଉଣୀ ହୋଇଥିଲେ ସେମାନେ କ'ଣ ଏପରି କରିଥାନ୍ତେ କି ବୋଲି ଶ୍ରୀ ରଣା ପ୍ରଶ୍ନ କରିଛନ୍ତି।

## ଆନ୍ତଃଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍‌ର ଦ୍ୱିତୀୟ ଦିନ

# ବରଗଡ଼ ଓ ଦେବଗଡ଼ ବିଜୟୀ



**ବୌଦ୍ଧ, ୧୭।୭(ସମିସ)**

ଓଡ଼ିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ଦ୍ୱାରା ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି। ଦ୍ୱିତୀୟ ଦିନରେ ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ବରଗଡ଼ ଓ କଳାହାଣ୍ଡି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଦଳ ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ଖେଳର ପ୍ରଥମାର୍ଦ୍ଧରେ ୩ମିନିଟରେ ବରଗଡ଼ ଦଳର ଅଙ୍କିତ ବେହେରା ଗୋଟିଏ, ଖେଳର ୧୭ ମିନିଟରେ ଜନସନ୍ ବାନ୍ଦ୍ରା, ୪୪ ମିନିଟରେ ଆନନ୍ଦ ଓରାମ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୭ମିନିଟରେ ଅଂଶ ଛତ୍ରିଆ ଗୋଟିଏ ଗୋଲ୍ ଦେଇଥିଲେ। ପ୍ରଥମ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ଲିଙ୍ଗରାଜ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ଲାଇନରେ ଜିତେନ୍ଦ୍ରୀୟ ଥନାପତି ଓ ସଞ୍ଜନ କୁଦେଇ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଦେବାଶିଷ ବାଗ ଦାୟିତ୍ୱ ତୁଲାଇଥିଲେ। ବରଗଡ଼ ଦଳର ଅଙ୍କିତ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଦେବଗଡ଼ ଓ ନୟାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ଼ ୨-୦ ଗୋଲ୍‌ରେ ବିଜୟୀ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ ଦେଇ ନ ଥଲେ। ଦ୍ୱିତୀୟାର୍ଦ୍ଧରେ ୬୭ ମିନିଟରେ ଦେବଗଡ଼ର ପ୍ରୀତମ ନାୟକ ଗୋଟିଏ ଓ ୯୩ ମିନିଟରେ ବିଭୂତି କିଷାନ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ଜାତୀୟ ବନ କର୍ମଚାରୀ ସଂଘର ସମ୍ପାଦକ ଜଗବନ୍ଧୁ ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ସୁଦାମ ଚରଣ ସ୍ୱାଇଁ, ବରିଷ୍ଠ ଫୁଟବଲ ଖେଳାଳି ପ୍ରଦୀପ ପ୍ରଧାନ, ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ମଞ୍ଚାସୀନ ଥିଲେ। ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ମନୋଜ ନାୟକ ପରିଚାଳନା କରିଥିଲେ। ଲାଇନରେ ସଲୀଳ ବେହେରା ଓ ଧନେଶ୍ୱର ସର୍ଦ୍ଦାର ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ଅମିତ ନାଏକ ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଦେବଗଡ଼ର ପଙ୍କଜ ତନ୍ତୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ପରିଚାଳନା କରିଥିଲେ। ଶୁକ୍ରବାର ପ୍ରଥମ ମ୍ୟାଚ ବଲାଙ୍ଗୀର ଓ ବୌଦ୍ଧ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ ନୂଆପଡ଼ା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ।

## ବ୍ଲକ୍‌ସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର



**ସୁବଳୟା, ୧୭।୭(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରେ ବ୍ଲକସ୍ତରୀୟ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନିଅର ରେଡ଼କ୍ରସ ଜିଲ୍ଲା ବରିଷ୍ଠ ସାଧନକର୍ମୀ ଚନ୍ଦ୍ରମଣି ବାଘ, ବୈକୁଣ୍ଠ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମୂର୍ଚ୍ଛା, ବଜ୍ରପାତ ସତର୍କତା, ଦୁର୍ଘଟଣାରେ ଆହତଙ୍କୁ ପ୍ରାଥମିକ ଚିକିତ୍ସା, ଆରାମଦାୟକ ସ୍ଥିତି ଆଦି ବିଭିନ୍ନ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଉତ୍ଫୁଲ୍ଲାମାହେଶ୍ୱରୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ବୃନ୍ଦାବନ ଭୋଇଙ୍କ ସଭାପତିତ୍ୱରେ ଓ ଜୁନିଅର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ବଳରାମ ପୁରୋହିତଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା। ବୀରମହାରାଜପୁର ଉଚ୍ଚ ବିଦ୍ୟାଳୟରେ ନୋଡାଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶଙ୍କ ସଭାପତିତ୍ୱ ଓ ପରାମର୍ଶଦାତା ଶିକ୍ଷକ ବୈକୁଣ୍ଠ ନାୟକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମରପାଲି ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମାସୁନ୍ଦର ସେଠୀଙ୍କ ସଭାପତିତ୍ୱ ଓ ପରାମର୍ଶଦାତା ଶିକ୍ଷକ ବ୍ରହ୍ମାନନ୍ଦ ପଧାନଙ୍କ ମାର୍ଗଦର୍ଶନରେ ସଭା ଅନୁଷ୍ଠିତ ହୋଇଥିଲା।

# କଂଗ୍ରେସର ଓଡ଼ିଶା ବନ୍ଦ ପାଳନ; ଜନଜୀବନ ପ୍ରଭାବିତ

## ଜାତୀୟ ରାଜପଥରେ ଅଟକିଲା ଶତାଧିକ ଯାନବାହନ










**ଭଦ୍ରକ,୧୭ ।୭(ସମିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣାର ପ୍ରତିବାଦରେ କଂଗ୍ରେସ ଓ ବିଭିନ୍ନ ବାମପନ୍ଥୀ ଦଳ ପକ୍ଷରୁ ଗୁରୁବାର ଡାକରା ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାରେ ଶାନ୍ତିପୂର୍ଣ୍ଣ ହୋଇଛି। ସକାଳ ୬ଟାରେ ଜିଲ୍ଲା କଂଗ୍ରେସ ସଂଯୋଜକ ଅସିତ ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମୀମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ସହିତ ୧୬ନମ୍ବର ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ବନ୍ଦ ରଖିଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବ୍ୟବସ୍ଥାକୃତ ଯୌନ ଉତ୍ପୀଡ଼ନ ଏବଂ ତାଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ରାଜ୍ୟର ମହିଳାଙ୍କ ସୁରକ୍ଷା ଦାବି ନେଇ କର୍ମୀମାନେ ସରକାର ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ରାଜ୍ୟର ଶାସନ ଦାୟିତ୍ୱରେ ଥିବା ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା ଏବଂ ତୁରନ୍ତ ମାମଲାର ବିଚାର କରାଯାଇ ଏକ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରିବାକୁ ସରକାରଙ୍କ ଠାରେ ଦାବି କରିଥିଲେ। ସେହିଭଳି ଏହି ଘଟଣାରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଇସ୍ତଫା ନ ଦେବା ଯାଏଁ ଏହି ଆନ୍ଦୋଳନ ଜାରି ରହିବ ବୋଲି କର୍ମକର୍ତ୍ତାମାନେ କହିଥିଲେ। ବନ୍ଦର ପ୍ରଭାବରେ ଭଦ୍ରକ ସହର ଓ ଉପକଣ୍ଠରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ୧୬ ନମ୍ବର ଜାତୀୟ ରାଜପଥରେ ବହୁ ସଂଖ୍ୟକ ଯାନବାହନ ଅଟକି ରହିଥିଲା। ଏପରିକି ଆନ୍ଦୋଳନକାରୀମାନେ ଏନଏଚଏଆଇ ଅଧିକାରୀଙ୍କୁ ମଧ୍ୟ ଛାଡି ନ ଥିଲେ। ମହିଳା ଗାଡ଼ି ଅଟକାଇ ବିଭିନ୍ନ ପ୍ରଶ୍ନ କରିଥିଲେ। ସେହିପରି ଗୋଆଲିୟରରୁ ଆସିଥିବା ତୀର୍ଥ ଯାତ୍ରୀ ଜାତୀୟ ରାଜପଥର ଭଦ୍ରକ ବନ୍ତଛକ ନିକଟରେ ଅଟକି ରହିଥିଲା। ଭଦ୍ରକର ସମସ୍ତ ରାଜ୍ୟ ଓ କେନ୍ଦ୍ରୀୟ ଅଫିସ, ସ୍କୁଲ, କଲେଜ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା ।ରେଳଷ୍ଟେସନରେ କଂଗ୍ରେସ ଓ ବାମପନ୍ଥୀ ଦଳ ଗୁଡିକ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରେଳରୋକ କରାଯାଇଥିଲା। ଭଦ୍ରକ-ନୟାଗଡ ମେମୁ ଟ୍ରେନ ସହ ଅନେକ ମାଲବାହୀ ଟ୍ରେନ ମଧ୍ୟ ଅଟକି ରହିଥିଲା।ବରିଷ୍ଠ ସିପିଆଇଏମ୍ ନେତା ଦିବ୍ୟସିଂହ ନାୟକ, ରାଧା ଦାସ, କଂଗ୍ରେସ ନେତା ଦେବରୂପ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ନଳିନୀକାନ୍ତ ମହାନ୍ତି, ସନିଆ ନନ୍ଦ, ପ୍ରଫୁଲ୍ଲ ସାମଲ, ନଳିନୀକାନ୍ତ ମହାନ୍ତି, ଦଳିତ ନେତା ରାଜେନ୍ଦ୍ର ଦାସ, ନାରୀନେତ୍ରୀ ସୁରଜିତା ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଗିରିଧାରୀ ନାଥ, ଶ୍ରମିକ ନେତା ରମେଶ ଜେନା, ପ୍ରକାଶଜ୍ୟୋତି ମହାକୁଡ, ହାକିମ ଦାସ, ଚାଷୀନେତା ବିମ୍ବାଧର ବାରିକ୍, ସେକ୍ ସନାଉଲ୍ଲା, ଯୁବ ନେତା ବିନୋଦ ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ବନ୍ଦରେ ସାମିଲ ହୋଇଥିଲେ।

ସେହିପରି କଂଗ୍ରେସର ଓଡ଼ିଶା ବନ୍ଦ ଡାକରାକୁ ମଧ୍ୟ ଆଇନଜୀବୀମାନେ ସମର୍ଥନ ଜଣାଇ କାର୍ଯ୍ୟ ବନ୍ଦ କରିଥିଲେ। ଅଭିଯୁକ୍ତକୁ ନେଇ କୋର୍ଟକୁ ଆସୁଥିବା ଗାଡି ମଧ୍ୟ ଅଟକିଥିଲା। ବନ୍ଦରେ କଂଗ୍ରେସ ସହ ଅନ୍ୟ ବାମପନ୍ଥୀ ଦଳ ମଧ୍ୟ ସାମିଲ ହୋଇଥିଲା। ଭଦ୍ରକ ଆଇନଜୀବୀ ସଂଘ ସାମିଲ ହୋଇ ଜିଲ୍ଲା କୋର୍ଟ ସମ୍ମୁଖରେ ବସ ନାରାବାଜି କରିବା ସହ କୋର୍ଟ ଭିତରକୁ କାହାକୁ ଛାଡି ନ ଥିଲେ। ଏପରିକି ବିଚାରାଧୀନଙ୍କୁ ନେଇ କୋର୍ଟକୁ ଆସିଥିବା ଦୁଇଟି ଗାଡିକୁ ଭିତରକୁ ଯିବାକୁ ଦେଇ ନ ଥିଲେ। ଆନ୍ଦୋଳନର ନେତୃତ୍ୱ ନେଉଥିବା ଆଇନଜୀବୀ ତଥା ଶ୍ରମିକ ନେତା ଦିବ୍ୟସିଂ ନାୟକ କହିଛନ୍ତି ଯେ ଆଜି ସମସ୍ତ ମାମଲାର ପୋଷ୍ଟିଂ ବନ୍ଦ୍ କରିବା ପାଇଁ ବିଚାରପତିଙ୍କୁ ଅନୁରୋଧ କରିଥିଲେ।

■ **ଭଦ୍ରକ:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଯାଇଥିବା ଅଭାବନୀୟ ଘଟଣାର ପ୍ରତିବାଦରେ କଂଗ୍ରେସ ଓ ବିଭିନ୍ନ ବାମପନ୍ଥୀ ଦଳ ସମୂହ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାରେ ସାମିଲ ହୋଇ ସାଳନ୍ଦୀ ସହର ସ୍ତରୀୟ ମହାସଂଘ (ସି.ଏଲ.ଏଫ୍.) ଓ ଭଦ୍ରକ ସ୍ୱୟଂ ସହାୟିକା ଗୋଷ୍ଠୀ ମହାମଞ୍ଚ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ସିପିଆଇଏମ୍ଏଲ୍ ତରଫରୁ ଭଦ୍ରକରେ ବନ୍ଦ ପାଳନ କରାଯାଇଛି। ସକାଳ ୬ଟା ସମୟରେ ଏହି ସଂଗଠନର କାର୍ଯ୍ୟକର୍ତ୍ତା ସହରର ବିଭିନ୍ନ ଛକରେ ପିକେଟିଂ କରିବା ସହିତ ଜାତୀୟ ରାଜପଥରେ ଯାନବାହନ ଚଳାଚଳକୁ ବନ୍ଦ ରଖିଥିଲେ। ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବ୍ୟବସ୍ଥାକୃତ ଯୌନ ଉତ୍ପୀଡ଼ନ ଏବଂ ବିଚାର ବିଭାଗୀୟ ତଦନ୍ତ ଓ ରାଜ୍ୟର ମହିଳାଙ୍କ ସୁରକ୍ଷା ଦାବି ନେଇ ନାରାବାଜି କରିଥିଲେ। ଆଜି ଏ ସମାଜରେ ନାରୀ ଜାତି ସୁରକ୍ଷିତ ନୁହେଁ। ରାଜ୍ୟର ଶାସନ ଦାୟିତ୍ୱରେ ଥିବା ସରକାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଥିଲେ। ତୁରନ୍ତ ଅଭିଯୁକ୍ତର ମାମଲାର ବିଚାର କରାଯାଇ ଏକ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଆନ୍ଦୋଳନରେ ସିପିଆଇଏମ୍ଏଲ୍ର ସମର ବଳ, ସି.ଏଲ.ଏଫ.ର ଜିଲ୍ଲା ସଭାନେତ୍ରୀ ଉର୍ମିଳା ପଣ୍ଡା, ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, କୋଷାଧ୍ୟକ୍ଷା ମଞ୍ଜୁଲତା ଦାସ, ନାରୀନେତ୍ରୀ ମଧୁମିତା ପୃଷ୍ଟି, ଗୀତାଞ୍ଜଳି ନାୟକ, ରୁକ୍ସାନା ବିବି, ଦୀପ୍ତିପ୍ରଭା ରାୟ, ଗୁଡ଼ିଆ ଫର୍ଜାନାଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ।

■ **ଆରଡି :** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀଙ୍କ ନ୍ୟାୟ ଦାବିରେ ରାଜ୍ୟ କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଗୁରୁବାର ସକାଳ ୬ଟାରୁ ଆରଡି ସମେତ ସୁନ୍ଦରପୁର, ଓଳଗ, ନାନ୍ଦପୁର ଆଦି


■ ଆରଡି

ଅଞ୍ଚଳରେ କଂଗ୍ରେସ କର୍ମୀ ପିକେଟିଂ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ଦୋକାନ ବଜାର ବନ୍ଦ କରିବାକୁ ସାଧାରଣ ଲୋକଙ୍କୁ ନିବେଦନ କରିଥିଲେ। ଯାହାର ପ୍ରଭାବରେ ଆରଡିପୀଠ ସମେତ ଓଳଗମଠ, ଦୋହରା ପାଟଣା, ସୁନ୍ଦରପୁର ବଜାର ବନ୍ଦ, ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସମସ୍ତ କାର୍ଯ୍ୟାଳୟ, ବ୍ୟାଙ୍କ ଆଦି ବନ୍ଦ ରହିଥିଲା। ଅନ୍ୟପଟେ ଆରଡି ପୀଠକୁ ମଧ୍ୟ ସମସ୍ତ ବସ ସେବା ବନ୍ଦ ରହିଥିଲା।

■ **ଦୋବଲ :** ଧାମନଗର ବ୍ଲକ ଦୋବଲ ଜୋନରେ ବିଭିନ୍ନ ସ୍ଥାନରେ ବନ୍ଦର ପ୍ରଭାବ ଦେଖିବାକୁ ପଡ଼ିଥିଲା ବେଳେ ଆନନ୍ଦପୁର, ଖଡ଼ିପଦା, ଷେଣ୍ଢେପୁର, କରଦାଠାରୁ ଆରମ୍ଭ କରି ଦୋବଲ ପର୍ଯ୍ୟନ୍ତ


■ ଦୋବଲ

ବ୍ୟାଙ୍କ, ସ୍କୁଲ ସମେତ ସମସ୍ତ ସରକାରୀ ଅନୁଷ୍ଠାନ ସହ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ଆଦି ବନ୍ଦ ରହିଥିଲା। ଆଜିର ବନ୍ଦକୁ ସାଧାରଣ ଜନତା ମଧ୍ୟ ସ୍ୱତପ୍ରବୃତ୍ତଭାବେ ସମର୍ଥନ ଜଣାଇଥିଲେ। କଂଗ୍ରେସ ଦଳର ପ୍ରତେକ କାର୍ଯ୍ୟକର୍ତ୍ତା ତଥା ସଞ୍ଜୟ ମିଶ୍ର, ପ୍ରମୋଦ ନାୟକ, ରାଜକିଶୋର ସାହୁ, ବିଷ୍ଣୁଚରଣ ଦାସ, ମଦନମୋହନ ଦାସ,ସେକ୍ ତାରିକ, ବ୍ରଜକିଶୋର ସାମଲ ପ୍ରମୁଖ ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନବଜାର ଆଦି ବନ୍ଦ କରିଥିଲେ।

■ **ବାସୁଦେବପୁର :** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ନିର୍ଯାତିତା ଛାତ୍ରୀ ଆତ୍ମଦାହ ଘଟଣାର ନ୍ୟାୟିକ ତଦନ୍ତ ଦାବିରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରାରେ ସାମିଲ ହୋଇଥିଲେ ବିଭିନ୍ନ ଦଳ ଓ ମହିଳା ସଂଗଠନ। ଏହି ବନ୍ଦର ପ୍ରଭାବ ବାସୁଦେବପୁରରେ ଦେଖିବାକୁ ମିଳିଛି । କଂଗ୍ରେସ ପକ୍ଷରୁ ବାସୁଦେବପୁର ବିଧାୟକ ତଥା ଦଳର ଉପନେତା ଅଶୋକ କୁମାର ଦାସ ନେତୃତ୍ୱରେ ଏକ.ବି. ହାଇସ୍କୁଲ ଛକ ଓ କାଳୀମନ୍ଦିର ଛକରେ ଯାନବାହନ ଚଳାଚଳକୁ ଅଟକାଇ ଥିଲେ। ତେବେ ଅତ୍ୟାବଶ୍ୟକ ଗାଡି ଛାଡି ଦିଆଯାଉଥିଲା। ବାମଦଳର ବନଲତା ଜେନା, କାହ୍ନୁଚରଣ ବେହେରା ଓ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସଭାନେତ୍ରୀ ବିଜୟଲକ୍ଷ୍ମୀ ବାରିକ, ସମ୍ପାଦିକା ବାସନ୍ତୀ ବେହେରା, ଭଦ୍ରକ ଜିଲ୍ଲା ସମ୍ପାଦିକା ମମତା ଜେନା ପ୍ରମୁଖ ଯୋଗଦେଇ ବନ୍ଦ ପାଳନ କରିବା ସହିତ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବାସୁଦେବପୁରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ମଧ୍ୟ ବନ୍ଦ ରହିଥିଲା।

■ **ବାରିକପୁର/ମଞ୍ଜୁରୀରୋଡ :** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଆଜି କଂଗ୍ରେସ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ କର୍ମୀମାନେ ପ୍ରତିବାଦ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ରଜନୀ କାନ୍ତ ଚନ୍ଦଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ବହୁ ଯାନବାହନ ଅଟକି ରହିଥିଲା। ବ୍ଲକ କାର୍ଯ୍ୟାଳୟ ସମେତ



■ ବାରିକପୁର/ମଞ୍ଜୁରୀରୋଡ


ତହସିଲ କାର୍ଯ୍ୟାଳୟ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବିଦ୍ୟୁତ୍ କାର୍ଯ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଓ ବିଭିନ୍ନ ସ୍କୁଲ କଲେଜ ଆଦି ବନ୍ଦ ରହିଥିଲା। ଯୁବ ନେତା ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ଗୁରୁପ୍ରସାଦ ଗିରି, ସନ୍ତୋଷ ସାହୁ, କମଳାକାନ୍ତ ଜେନା, ପୀତାମ୍ବର ଦାସ,ଗଗନ ନାୟକ, ଦୀପ୍ତି ରଞ୍ଜନ ନାୟକ, ଅଶ୍ୱିନୀ ନାୟକ, ପୀତବାସ ନାୟକ, ମାଧ ଜେନା ପ୍ରମୁଖ ବନ୍ଦରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଅପାରଗତାକୁ ତୀବ୍ର ସମାଲୋଚନା କରିଥିଲେ। ବାରିକପୁର ବଜାର ସମ୍ପୂର୍ଣ୍ଣ ବନ୍ଦ ସହିତ ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ନିକଟସ୍ଥ ଜଳମଣ୍ଡୁଆ, ବିଷ୍ଣୁପୁର, ନିର୍ଗୁଣ୍ଡି, ତୋଡଗାଁ, ଦରଡା, ବେଲମଳାର କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେହିଭଳି ମଞ୍ଜୁରୀ ରୋଡଠାରେ ବରିଷ୍ଠ କଂଗ୍ରେସ ନେତା ଅଜୟ ସାହୁଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ବନ୍ଦହୋଇଥିଲା। ବଜାର ସମେତ ସ୍କୁଲ,ଡାକ, ବ୍ୟାଙ୍କ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଯୁବ ନେତା ଦେବବ୍ରତ ଜେନା, ସୁଶାନ୍ତ ବାରିକ, ମହେଶ୍ୱର ବେହେରା, ଅଭିଷେକ ଜେନା, ବିଶ୍ୱଜିତ କର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ସେହିପରି ଆଖୁଆପଦା, ଛତାବର, ମାଳଦା, ଧାମନଗର ଛକରେ ମଧ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା।

■ **ଭଣ୍ଡାରିପୋଖରୀ :** ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଓ ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ହୋଇଛି। ବନ୍ଦ ଯୋଗୁଁ ବିଭିନ୍ନ କାର୍ଯ୍ୟାଳୟରେ ଉପସ୍ଥାନ କମ ଥିଲା। ସ୍କୁଲ, କଲେଜ, ବ୍ୟାଙ୍କ, ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଯୁବନେତା ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ସନ୍ତୋଷ ସାହୁ ପ୍ରମୁଖ ଭଣ୍ଡାରିପୋଖରୀ ବଜାର, ରାଜପଥର ଯାନହାବନ ଚଳାଚଳ, ବିଭିନ୍ନ ବ୍ୟାଙ୍କ, ବିଦ୍ୟାଳୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପହଞ୍ଚି ପିକେଟିଂ କରିଥିଲେ। କଂଗ୍ରେସ ନେତା ସୁବ୍ରତ ଦାସ, ସୀତାକାନ୍ତ ଜେନା, ନିଗମାନନ୍ଦ ଜେନା, ଧରିତ୍ରୀ ଜେନା ପ୍ରମୁଖ ବାରିକପୁର ବଜାର, ମାଳଦା, ଧାମନଗର ଛକ ଆଦି ସ୍ଥାନରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିଥିଲେ। ମଞ୍ଜୁରୀରୋଡ ବଜାରରେ କଂଗ୍ରେସ ନେତା ଅଜୟ କୁମାର ସାହୁ, ଗଣେଶ ଭାରତୀ, ରମେଶ ଭାରତୀ, ସୁଶାନ୍ତ ସାହୁ ପ୍ରମୁଖ ବନ୍ଦ ପାଳନ କରିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।



■ ଧାମନଗର

■ **ଧାମନଗର :** କଂଗ୍ରେସ ଡାକରାରେ ଓ ବିଭିନ୍ନ ବାମପନ୍ଥୀ ଦଳର ସମର୍ଥନରେ ଡାକରା ଦିଆଯାଇଥିବା ଓଡିଶା ବନ୍ଦ ଧାମନଗରରେ ପ୍ରଭାବ ପଡିଥିଲା। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ମୃତ୍ୟୁ, ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯାତନା ବୃଦ୍ଧି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ପୁଲିସର ଦମନଲୀଳାକୁ ବିରୋଧ କରି କଂଗ୍ରେସର ଓଡିଶା ବନ୍ଦ ଡାକରା ଦିଆଯାଇଥିଲା। ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରାରେ ସାଧାରଣ ଜୀବନ ଯାତ୍ରା ଠପ ହୋଇଯାଇଥିଲା। ଧାମନଗର ଅଂଚଳର ସମସ୍ତ ଦୋକାନ ବଜାର, ସରକାରୀ କାର୍ଯାଳୟ, ବ୍ୟାଙ୍କ, ଡାକଘର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ, ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଥିଲା। କଂଗ୍ରେସ ନେତା ରଞ୍ଜନ କୁମାର ବେହେରା, ଜିଲ୍ଲା ଦଳିତ ସେଲର ସଭାପତି ବିଦ୍ୟାଧର ଯେନା,ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବେହେରା,ବରିଷ୍ଠ କଂଗ୍ରେସ ନେତା ହୃଦାନନ୍ଦ ସେଠୀ,ପ୍ରସନ୍ନ ଧଳ,ରମଣୀ ରଞ୍ଜନ ଦାସ,ନଗର ସଭାପତି ମାନସ ରଞ୍ଜନ ମହାପାତ୍ର,ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ,କଂଗ୍ରେସ ନେତା ଅରବିନ୍ଦ ନାୟକ, ସେକ ଜୋନେଦ, ସେକ ମାମା, ମୀର ନୁରୁଲ ଇସଲାମ, ନାରୀ ନେତ୍ରୀ ଜାନକୀ ଲତା ଦାସ, ସିପିଆଇ ଏମ ନେତା ଜୟନୁଲ ଆବେଦ୍ଦିନ, ଗୟାଧର ସାହୁ, ବିପ୍ଳବ ଯେନା, ବାବୁଲାଲ ସାହୁ ପ୍ରମୁଖ ପରମେଶ୍ୱର ଜେନାଙ୍କ ସମେତ ବହୁ ରାଜନେତା, ସଂଗଠକ ଓ କର୍ମୀ ମାନେ ବିଭିନ୍ନ ସ୍ଥାନରେ ପିକେଟିଂ ବନ୍ଦ କରିବାକୁ ନିବେଦନ କରିଥିଲେ। ଧାମନଗରରେ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହୋଇଥିଲା।

■ **ଭଦ୍ରକ :** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହରେ ସଂଶ୍ଲିଷ୍ଟ ଅଭିଯୁକ୍ତଙ୍କୁ ଗିରଫ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ ଓ ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତଙ୍କ ଇସ୍ତଫା ଦାବିରେ ଗୁରୁବାର କଂଗ୍ରେସ ପକ୍ଷରୁ ଗୁରୁବାର ଦିଆଯାଇଥିବା ବନ୍ଦ ଡାକରା ଶାନ୍ତିପୂର୍ଣ୍ଣ ହୋଇଛି। କର୍ମୀମାନେ ଧାମରା ବନ୍ଦର, ଧାମରା ମତ୍ସ୍ୟ ପୋତାଶ୍ରୟ, ଚାନ୍ଦବାଲି ବଜାର, ଘଣ୍ଟେଶ୍ୱର ବଜାର, ମତୋ ବଜାର, ଦିଗଛିଆ ବଜାର, ରାଜ୍ୟ ରାଜପଥ, ଚାନ୍ଦବାଲି ମହାବିଦ୍ୟାଳୟ, ଘଣ୍ଟେଶ୍ୱର ମହାବିଦ୍ୟାଳୟ, ମତୋ ମହାବିଦ୍ୟାଳୟ, ବ୍ଲକର ସମସ୍ତ ବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଚାନ୍ଦବାଲି କୋର୍ଟ, ଏନ୍ ଏ ସି କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ବ୍ଲକ ବ୍ୟାପୀ ଏହି ବନ୍ଦରେ କଂଗ୍ରେସ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ନେତା ଅମୀୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର ଦାସ, କଂଗ୍ରେସ ଚାନ୍ଦବାଲି ବ୍ଲକ ସଭାପତି ତ୍ରୈଲୋଚନ ପଣ୍ଡା, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିପିଆଇ(ଏମ)ର ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ବରିଷ୍ଠ ବାମପନ୍ଥୀ ନେତା ବ୍ରହ୍ମାନନ୍ଦ ପରିଡା, ସିପିଆଇ ଚାନ୍ଦବାଲି ଜୋନ ସଂପାଦକ ଅନନ୍ତ ମହାନ୍ତି, ସିପିଆଇ ଯୁବ ନେତା ଗୌରହରି ମିଶ୍ର, ଛାତ୍ର ନେତା କାହ୍ନୁ ଚରଣ ପରିଡା, ଦଳିତ ଯୁବନେତା ଅଞ୍ଜନ ଦାସ, ହାକିମ ଦାସ, ପ୍ରତାପ ମହାଲିକ,ଚାନ୍ଦବାଲି ଟାଉନ ଯୁବ କଂଗ୍ରେସ



■ ଚାନ୍ଦବାଲି



■ ବାସୁଦେବପୁର


■ ଭଣ୍ଡାରିପୋଖରୀ

### ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

# ଓଡ଼ିଶା ବନ୍ଦ ପାଳନକୁ ସବୁ ମହଲରୁ ସମର୍ଥନ







ନୟାଗଡ଼,୧୭।୭(ସମିସ): ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତିର ପ୍ରତିବାଦରେ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଜାତୀୟ କଂଗ୍ରେସ ଓ ବାମପନ୍ଥୀ ଦଳଙ୍କ ଆହ୍ୱାନରେ ସଂଗଠିତ ବନ୍ଦ ଆନ୍ଦୋଳନକୁ ଜନସାଧାରଣଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ହେତୁ ବନ୍ଦ ସଫଳ ହୋଇପାରିଛି। ଦଳୀୟ କର୍ମୀମାନେ ସକାଳୁ ସକାଳୁ ନୟାଗଡ଼ ମୁଖ୍ୟ ଛକରେ ଧାରଣା ଦେଇ ପିକେଟିଂ କରିଥିଲେ। ନାରାବାଜି କରି ଛକକୁ ଅବରୋଧ କରିଥିଲେ। ଦୋକାନ ବଜାର, ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଦଳୀୟ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଅଫିସ, ବୀମା, ବ୍ୟାଙ୍କ, ସ୍କୁଲ, କଲେଜ ଆଗରେ ପିକେଟିଂ କରି କାର୍ଯ୍ୟ ବନ୍ଦ କରାଇଥିଲେ। ଓକିଲ ସଂଘ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ କରି ଜିଲ୍ଲା ଜଜ୍‌କୋର୍ଟଠାରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ କାର୍ଯ୍ୟରୁ ନିବର୍ତ୍ତାଇ ଥିଲେ। ଫଳରେ କୋର୍ଟ କାର୍ଯ୍ୟ ବନ୍ଦ ହୋଇଥିଲା। ବିକ୍ଷୋଭକାରୀମାନେ ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୋଲେଇ ଛକଠାରେ ସଭାକରି ସୌମ୍ୟାଶ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଜଣେ କାର୍ଯ୍ୟରତ ହାଇକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କରି ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା, ଉଚ୍ଚଶିକ୍ଷା ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ସାଂସଦଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା, ସମ୍ପୃକ୍ତ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପ୍ରଭୃତି ଦାବି ଉପରେ ନେତାମାନେ ମତବ୍ୟକ୍ତ କରିଥିଲେ। ଜାତୀୟ କଂଗ୍ରେସର ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକ, ରଣଜିତ୍ ଦାଶ, ମନୋଜ ସାହୁ, କମଳ ସାହୁ, ହୁସେନ ଖାଁ, ସିପିଆଇ ନେତା ଅମୀୟ ପଟ୍ଟନାୟକ, ସିପିଆଇଏମ୍ ନେତା ପବିତ୍ର ଇନ୍ଦ୍ରଜିତ, ସରୋଜ ନାୟକ, ବୁଦ୍ଧି ନାୟକ, କୁଳମଣି ପୃଷ୍ଟି, ସିପିଏମ୍‌ଏଲ୍ ନେତା ଗୋପିନାଥ ଜେନା ପ୍ରମୁଖ ବିକ୍ଷୋଭ ସଭାରେ ମୋହନ ସରକାରର ବିଫଳତାକୁ କଟୁ ସମାଲୋଚନା କରିଥିଲେ। ଯୁବନେତା ପ୍ରତୀକ ମହାପାତ୍ର, ଛାତ୍ର ନେତା ଶିବରଞ୍ଜନ ସାହୁ ସମେତ ବହୁ ଯୁବ ଛାତ୍ର ଆନ୍ଦୋଳନରେ ସାମିଲ୍ ହୋଇଥିଲେ। ପୁଲିସ ୨୦ ଜଣ ସତ୍ୟାଗ୍ରହୀଙ୍କୁ ଗିରଫ କରି ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦେଇଥିଲେ।

■ ଭାପୁର : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ କଂଗ୍ରେସ ତରଫରୁ ବଜାର ବନ୍ଦ କରିବା ସହ ବିଭିନ୍ନ ବ୍ୟାଙ୍କ ସମ୍ମୁଖରେ ପିକେଟିଂ କରାଯାଇଥିଲା। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ଗୁରୁବାର ରାଜ୍ୟ କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦେଇଥିଲେ। ଏହି ବନ୍ଦକୁ ସଫଳ କରିବା ପାଇଁ ବୈଜୟନ୍ତୀବାଳା ମହାନ୍ତି ଓ ବିନୋଦିନୀ ମହାନ୍ତିଙ୍କ ନେତୃତ୍ୱରେ ବ୍ଲକ୍ ସଭାପତି ବାଙ୍କନିଧି ଧଳ, ପୂର୍ବତନ ରାଜ୍ୟ ମୁଖପାତ୍ର ପ୍ରଦୀପ୍ତ କୁମାର ପ୍ରଧାନ, ଡିୱାଇଏଫ୍‌ୱାଇ ବିରଞ୍ଚି ନାରାୟଣ ପ୍ରଧାନ, ସିପିଆଇଏମ୍‌ର ଚାପଧାରୀ ରାଉତ, ପ୍ରତାପ ବରାଡ଼, ଜିଲ୍ଲା ଉପସଭାପତି ଦେବାଶିଷ ପରମଗୁରୁ ଓ ବାଳକୃଷ୍ଣ ଦାଶ ଭାପୁର ବଜାରରେ ସଭା କରି ଅପାରଗ ଶାସକ ଦଳର ନାରୀ ନିର୍ଯାତନା କିପରି ଚରମ ସୀମାରେ ପହଞ୍ଚିଛି ସେ ନେଇ ଜନସଚେତନତା ସୃଷ୍ଟି କରିଥିଲେ। ଡବଲ ଇଞ୍ଜିନ ସରକାରରେ ଦୁର୍ନୀତି, ନାରୀ ନିର୍ଯାତନା ଓ ଅନ୍ୟାୟ ଡବଲ ହୋଇଛି ବୋଲି କହିଥିଲେ। ବଜାରରେ ଥିବା ବ୍ୟାଙ୍କ, ବ୍ଲକ୍, ତହସିଲ୍ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିବା ସହ ବଜାର ବନ୍ଦ କରାଇଥିଲେ। ଏହି ବନ୍ଦ ଯୋଗୁଁ ଭାପୁର ଅଞ୍ଚଳରେ ସଡ଼କ ଯାତାୟାତ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଥିବାରୁ ଜନଜୀବନ ବାଧାପ୍ରାପ୍ତ ହୋଇଥିଲା।




■ ଗଣିଆ: ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ସାରା ରାଜ୍ୟରେ ଆନ୍ଦୋଳନର ନିଆଁ ଜଳିବାରେ ଲାଗିଛି। କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବାବେଳେ ଗଣିଆ ବ୍ଲକ୍‌ର ବରିଷ୍ଠ କଂଗ୍ରେସ କର୍ମୀଙ୍କ ନେତୃତ୍ୱରେ ବନ୍ଦ ପାଳନ ସଫଳ ହୋଇଥିଲା। ଜନସାଧାରଣ ସ୍ୱତଃପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ କରିଥିବାବେଳେ ସରକାରୀ ଅଫିସ, ତହସିଲ୍, ବ୍ଲକ୍, ସ୍କୁଲ, କଲେଜରେ କଂଗ୍ରେସ କର୍ମୀ ପହଞ୍ଚି ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ କରିବାକୁ ନିବେଦନ କରିଥିଲେ। ଗଣିଆ ବଜାର ଉପରେ ଟାୟାର ଜାଳି ପ୍ରତିବାଦ କରିବା ସହିତ ନାରାବାଜି କରିଥିଲେ। ବିଜେପି ସରକାରରେ ୧ ବର୍ଷ ଭିତରେ ମହିଳାଙ୍କ ପ୍ରତି ଅନ୍ୟାୟ, ଅତ୍ୟାଚାର ବୃଦ୍ଧି ପାଇଥିବାରୁ ସରକାର ଗାଦି ଛାଡ଼ନ୍ତୁ ବୋଲି ସେମାନେ ଦାବି କରିଥିଲେ। ଗଣିଆ ବ୍ଲକ୍ କଂଗ୍ରେସର ବରିଷ୍ଠ କର୍ମୀ ସୁକାନ୍ତ ଶତପଥୀ, ଅବ୍‌ଦୁଲ୍ ହଲିମ୍ ଖାଁ, ରବିନ୍ଦ୍ର ରାଉତ, ପ୍ରଦୀପ୍ତ ମହାପାତ୍ର, ତ୍ରିନାଥ ବେହେରା, ଯୋଗୀ ସାହୁ, ବାବୁନି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍ଆଇ ମନୋରଞ୍ଜନ ପ୍ରଧାନ ପ୍ରମୁଖ ବ୍ଲକ୍‌ର ପ୍ରମୁଖ ଛକଗୁଡ଼ିକରେ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

■ ଖଣ୍ଡପଡ଼ା: ଖଣ୍ଡପଡ଼ାରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଆନ୍ଦୋଳନ ପରିପ୍ରେକ୍ଷୀରେ ବରିଷ୍ଠ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତି ଓ ବୈଜୟନ୍ତୀମାଳା ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ କର୍ମୀ, କର୍ମକର୍ତ୍ତାମାନେ ହାତରେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିବା ସହ ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଥିଲେ। ଖଣ୍ଡପଡ଼ା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ନେତ୍ରୀ ଓ ନେତାମାନେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିବା ସହ ସମଗ୍ର ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଥିଲେ। ନ୍ୟାୟ ପାଇବା ପାଇଁ ସଂଗ୍ରାମ କରି ଜୀବନ ଯୁଦ୍ଧରେ ହାରିଯାଇଥିବା ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ସମସ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦଳୀୟ ନେତାମାନେ ଦାବି କରିଥିଲେ। କଂଗ୍ରେସ ସଂଗଠକ ଦେବାଶିଷ ପରମଗୁରୁ, ଖଣ୍ଡପଡ଼ା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁଙ୍କ ସମେତ ଦଳୀୟ କର୍ମୀ ଓ ମହିଳାମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

■ ଓଡ଼ଗାଁ: ଓଡ଼ଗାଁଠାରେ ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ କଂଗ୍ରେସ ତରଫରୁ ଓଡ଼ିଶା ବନ୍ଦ ଡକରା ଦିଆଯାଇଥିବାବେଳେ ଓଡ଼ଗାଁ ବନ୍ଦ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ରହିଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ କେତେକ କଂଗ୍ରେସ କର୍ମୀ ହାତରେ ପ୍ଲାକାର୍ଡ ଧରି ଓଡ଼ଗାଁ ଥାନା ନିକଟ ବସ୍‌ଷ୍ଟାଣ୍ଡ ସାମ୍ନାରେ ନୟାଗଡ଼-ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଥିସହିତ ଓଡ଼ଗାଁ ଏନ୍ଏସି ଅଞ୍ଚଳ ମନ୍ଦିର ରୋଡ୍, ସିନେମା ହଲ୍ ଛକ ଏବଂ ଗ୍ୟାରେଜ ରୋଡ୍‌ରେ ଅନେକ ଦୋକାନ ବଜାର ସ୍ୱାଭାବିକ ଭାବେ ବ୍ୟବସାୟ କରୁଥିବାବେଳେ ମଧ୍ୟାହ୍ନ ୧୨ଟା ବେଳକୁ କର୍ମୀମାନଙ୍କ ଦ୍ୱାରା ବନ୍ଦ କରାଯାଇଥିଲା। କାର୍ଯ୍ୟକ୍ରମରେ ରଣଜିତ ଦାସ, ପ୍ରତୀକ ମହାପାତ୍ର, ଶିବରାମ ସାହୁ, ବସନ୍ତ କର, ବିଭୂତି ରାଉତ, ପୂର୍ଣ୍ଣ ଚନ୍ଦ୍ର ପାଣିଗ୍ରାହୀ, ନିରଞ୍ଜନ ରାଉତ, ନିରଞ୍ଜନ ଆଚାରୀ, ସୋମନାଥ ସାହୁ, ବସନ୍ତ ମହାଙ୍କୁଡ଼, ଦେବରାଜ ପାହାନ, ପ୍ରତାପ ବିଶୋଇ, ବିଜି ପ୍ରଧାନ, କରୁଣାକର ସେଠୀ, ପୂର୍ଣ୍ଣ ଚନ୍ଦ୍ର ଡାକୁଆ ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ନିମନ୍ତେ ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଆଇଆଇସି ଅଭୟ ବେହେରାଙ୍କ ଦ୍ୱାରା ପୁଲିସ ମୁତୟନ ବ୍ୟବସ୍ଥା କରାଯାଇଥିଲା।







### ଆଜି ଜିଲ୍ଲା ପରିଷଦ ଦଶମ ସାଧାରଣ ଅଧିବେଶନ

# ଉଠିବ କି ମେଡିକାଲ କଲେଜ ଓ ଚିନିକଳ ପ୍ରସଙ୍ଗ

ନୟାଗଡ଼,୧୭।୭(ସମିସ): ନୟାଗଡ଼ ଜିଲ୍ଲା ପରିଷଦ ସାଧାରଣ ଅଧିବେଶନଗୁଡ଼ିକରେ ଯାହା ଆଲୋଚନା ହେଉଛି, ତାହା କାର୍ଯ୍ୟକାରୀ ହେଉନି। ବିଗତ ଦିନରେ ବରିଷ୍ଠ ଜିଲ୍ଲା ପରିଷଦ ସଦସ୍ୟମାନେ ଏହାକୁ ନେଇ ତୁମ୍ବିତୋଫାନ କରିଥିଲେ। ଆଲୋଚନା ପ୍ରସ୍ତାବଗୁଡ଼ିକ କେବଳ ରିଜୋଲେସନ ବହିରେ ସୀମିତ ରହୁଥିବା ଆଲୋଚନା ହେଉଛି। ବିଗତ ଦିନରେ ହୋଇଥିବା ଅନେକ ଆଲୋଚନାକୁ ଲକ୍ଷ୍ୟ କଲେ ଏହା ବେଶ୍ ବାରି ହେଉଛି। ଅଷ୍ଟମ ସାଧାରଣ ଅଧିବେଶନରେ ପୁରୀ ସାଂସଦ ସମ୍ବିତ୍ ପାତ୍ର ଚିନିକଳ ନିର୍ମାଣକୁ ଗୁରୁତ୍ୱ ଦେଇଥିଲେ। ଉକ୍ତଦିନ ସନ୍ଧ୍ୟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହାକୁ ନେଇ ଏକ ସମୀକ୍ଷା କରିଥିଲେ। ପୁରୁଣା ଚିନିକଳ କାର୍ଯ୍ୟକ୍ଷମ ହେବା ଅବସ୍ଥାରେ ନ ଥିବାରୁ ନୂତନ ଚିନିକଳ ନିର୍ମାଣ କରିବାକୁ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ଏହି ନୂଆ ଚିନିକଳ ନିର୍ମାଣ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲ୍ଲା ମହୋତ୍ସବ ଉଦ୍‌ଘାଟନ ଦିବସରେ ମଧ୍ୟ କହିଥିଲେ। ନୂତନ ଚିନିକଳ ନିର୍ମାଣ କେତେବାଟ ଗଲା ତାହା ଜିଲ୍ଲାବାସୀଙ୍କ ମନରେ ବଡ଼ ପ୍ରଶ୍ନଭାବେ ଉଭାହୋଇଛି।

ସେହିଭଳି ମେଡିକାଲ କଲେଜ ନିର୍ମାଣ ପାଇଁ ଖଣ୍ଡପଡ଼ା ବିଧାୟକଙ୍କ ସମେତ ବହୁ ନେତା ଜିଲ୍ଲା ପରିଷଦ ବୈଠକରେ ପ୍ରସଙ୍ଗ ଉଠାଇଥିଲେ। ଏହା ଉପରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ କ'ଣ କରାଯାଇଛି, ତାହା ଜିଲ୍ଲାବାସୀ ଜାଣିବାର ଆବଶ୍ୟକତା ରହିଛି। ମେଡିକାଲ କଲେଜ ଓ ଚିନିକଳ ନୟାଗଡ଼ ଜିଲ୍ଲାର ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହୋଇଥିବାବେଳେ କିଛି ନେତା ଏହାକୁ ନେଇ ବେଶ୍ ରୁଟି ସେକି ସାରିଲେଣି। ମେଡିକାଲ କଲେଜ ଚାନ୍ଦପୁରରେ ଏବଂ ଚିନିକଳ ଗମେଇରେ ନିର୍ମାଣ କରାଯିବା ନେଇ ଯେଉଁ ଚର୍ଚ୍ଚା ହେଉଛି, ଏହା ଉପରେ ଜିଲ୍ଲା ପ୍ରଶାସନ ସ୍ୱଷ୍ଟ ମତ ରଖିବା ଆବଶ୍ୟକ ଅଟେ। ଜିଲ୍ଲା ପରିଷଦ ବୈଠକରେ କାହିଁକି ଏହି ପ୍ରସଙ୍ଗ ଆଲୋଚନା ହେବ ନାହିଁ ବୋଲି ଜନୈକ ଜିଲ୍ଲା ପରିଷଦ ସଦସ୍ୟ କହିଛନ୍ତି। ଏହା ବ୍ୟତିରେକ ବନ ବିଭାଗ ପକ୍ଷରୁ କରାଯାଇଥିବା ଅନେକ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲା ପରିଷଦ ସୁପାରିସ୍ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ସୁପାରିସ୍ କରାଯାଇଛି ନା ନାହିଁ। ଯଦି କରାଯାଇଛି, ତଦନ୍ତ କାହିଁକି ହୋଇନାହିଁ ବୋଲି ଜିଲ୍ଲାବାସୀ ଅନ୍ଧାରରେ ରହିଛନ୍ତି। ବନ ବିଭାଗ ଅଧିକାରୀମାନେ ଜିଲ୍ଲା ପରିଷଦ ବୈଠକକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ବଡ଼ ସମସ୍ୟା ଏବଂ ସଦସ୍ୟଙ୍କ ବାରମ୍ବାର କ୍ଷୋଭ ଦେଖାଯାଇଛି। ଏହା ଉପରେ ସରକାରଙ୍କୁ ଅବଗତ କରିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଖୋର୍ଦ୍ଧା ବନଖଣ୍ଡରୁ ରଣପୁର ବନାଞ୍ଚଳକୁ ନୟାଗଡ଼ ଫେରାଇ ଆଣିବାକୁ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ କି ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ମଧ୍ୟ ଜିଲ୍ଲାବାସୀ ଅଜ୍ଞ ରହିଛନ୍ତି। ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେଉଥିଲେ ମଧ୍ୟ ବାସ୍ତବରେ ତାହା ସଠିକ୍ ଦିଗରେ କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଇଛି।

## ସ୍ୱାମୀଙ୍କ ଅକାଳ ମୃତ୍ୟୁ; ସ୍ତ୍ରୀଙ୍କୁ ମିଳିଲା ୨ ଲକ୍ଷ




ଓଡ଼ଗାଁ,୧୭।୭(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ବାହାଡ଼ାଝୋଲା ଫାଣ୍ଡି ନୂଆଗାଁ ବ୍ଲକ୍ ଗୁମୀ ପଞ୍ଚାୟତ କଲିଆ ନିକଟ ରାଣୀଗମା ଗାଁର ଅନୁସୂଚିତ ଜନଜାତି ମହିଳାଙ୍କୁ ଷ୍ଟେଟ୍ ବ୍ୟାଙ୍କ୍ ଓଡ଼ଗାଁ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି ୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସ୍ୱାମୀ ଲୋକନାଥ ପ୍ରଧାନଙ୍କ ମୃତ୍ୟୁର ୨୦ ମାସ ପରେ ସ୍ୱାମୀଙ୍କ ଜମାଖାତାରେ ଥିବା ଜମା ଅର୍ଥ ଉଠାଣ କରି ଖାତା ବନ୍ଦ କରିବାକୁ ସ୍ତ୍ରୀ ନୟନୀ ଷ୍ଟେଟ୍ ବ୍ୟାଙ୍କ୍ ଓଡ଼ଗାଁ ଶାଖାକୁ ଆସିଥିଲେ। ଟଙ୍କା ଉଠାଣବେଳେ ସ୍ୱାମୀ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୪୩୬ ଟଙ୍କା ପ୍ରିମିୟମ୍ ଦାଖଲ କରିଥିବା ଜଣାପଡ଼ିଥିଲା। ଲୋକନାଥଙ୍କୁ ୫୫ ବର୍ଷ ବୟସ ହେବା ପୂର୍ବରୁ ତାଙ୍କର ଅକାଳ ବିୟୋଗ ହୋଇଥିଲା। କିନ୍ତୁ ମୃତ୍ୟୁର ୨୦ ମାସ ପରେ ବୀମା ସମ୍ପର୍କରେ ଜଣାପଡ଼ିବାରୁ ଏବଂ ବିଳମ୍ବ କାରଣରୁ ବୀମା ଅର୍ଥ ମଞ୍ଜୁର କରିବା ନିମନ୍ତେ ବ୍ୟାଙ୍କ ପରିଚାଳକଙ୍କ ତରଫରୁ ତ୍ୱରିତ ସମସ୍ତ ପ୍ରକାରର ଆବଶ୍ୟକ ପ୍ରମାଣ ଏବଂ ତଥ୍ୟ ବୀମା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ସ୍ୱାମୀଙ୍କ ଜମା ଖାତାର ନୋମିନି ଭାବରେ ସ୍ତ୍ରୀ ନୟନୀଙ୍କ ଜମାଖାତାକୁ ୨ଲକ୍ଷ ଟଙ୍କାର ବୀମା ଅର୍ଥ ପ୍ରଦାନ କରାଯାଇଛି। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି ନୟନୀ।

## ରାସ୍ତାରେ ଭାସୁଛି ନର୍ଦ୍ଦମା ଜଳ



କଣ୍ଟିଲୋ,୧୭।୭(ସମିସ): ବାଘମାରୀ-ବଲାଙ୍ଗିର ୪୮ ନଂ ରାଜ୍ୟ ରାଜପଥ ବଡ଼ବାଣପୁର ଛକ ନିକଟରେ ରାସ୍ତାସାରା ବର୍ଷ ତମାମ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି। ଏହି ନର୍ଦ୍ଦମା ରାସ୍ତା ଦେଇ ଜନସାଧାରଣ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏଠାରେ ରାସ୍ତା ସଂଲଗ୍ନ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଗ୍ରାମରୁ ନିର୍ଗତ ନର୍ଦ୍ଦମା ଜଳ ରାଜପଥରେ ଜମି ରହୁଛି। ବିସ୍ମୟ ଯେ, ଉକ୍ତ ରାଜପଥ ବାଣପୁର ରାସ୍ତାରେ ନର୍ଦ୍ଦମା ଜଳ ଭାସୁଥିବାବେଳେ ଆଉ ମାତ୍ର କେଇ ମିଟର ଦୂର ହାଇସ୍କୁଲ ପାଶ୍ୱର୍ ରାସ୍ତାରେ ଆବଶ୍ୟକ ନ ଥାଇ ଚାଲିଛି ଡ୍ରେନ୍ ନିର୍ମାଣ। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ସହ ଗଣିଆ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଉକ୍ତ ସମସ୍ୟା ସମ୍ପର୍କରେ ଅଭିଯୋଗ କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ରାସ୍ତା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ୬ ବର୍ଷ ହେଲା ଅଧପନ୍ତରିଆ ଦୋକାନ ଗୃହ



ଗଣିଆ,୧୭।୭(ସମିସ): ବେରୋଜଗାର ଯୁବକମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଗ୍ରାମଗୁଡ଼ିକରେ ସରକାର ମାର୍କେଟ କମ୍ପ୍ଲେକ୍ସ ଅଥବା ଦୋକାନ ଗୃହ ନିର୍ମାଣ କରିଛନ୍ତି। ଯାହାଫଳରେ ସେମାନେ ଦି ପଇସା ରୋଜଗାର କରି ନିଜ ପରିବାର ପ୍ରତିପୋଷଣ କରିପାରିବେ। ୬ ବର୍ଷରୁ ଅଧିକ ସମୟ ଧରି ଦୋକାନ ଗୃହ ନିର୍ମାଣ ଅଧପନ୍ତରିଆ ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଗଣିଆ ବ୍ଲକ୍ କରଡ଼ାପଡ଼ା ପଞ୍ଚାୟତ ରଗଡ଼ିସାହି ଛକଠାରେ। ୨୦୧୮-୧୯ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ ଉକ୍ତ ସ୍ଥାନରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ୫ ବଖରା ଦୋକାନ ଗୃହ ମଧ୍ୟ ସେଠାରେ ନିର୍ମାଣ କରାଯାଇଛି। ତାହା ଆଜିପର୍ଯ୍ୟନ୍ତ ଅଧପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ଏହି ଯୋଜନାର ସଫଳ ରୂପାୟଣ ହୋଇପାରୁ ନାହିଁ। ଫଳରେ ଏଠାରେ ଗ୍ରାମବାସୀ ଶୁଖିଲା କାଠ ରଖିବା ସହିତ ବୁଲା ଗାଈଗୋରୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ଏହି ଗୃହ ନିର୍ମାଣ ଅଧପନ୍ତରିଆ ହୋଇ ପଡ଼ି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ନବୋଦୟ ବିଦ୍ୟାଳୟରେ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ

ନୟାଗଡ଼,୧୭।୭(ସମିସ): ନୟାଗଡ଼ ନବୋଦୟ ବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଛାତ୍ରୀଙ୍କ ଅବସ୍ଥା ଉଦ୍‌ବେଗ ରହିଛି। ଅନେକ ଛାତ୍ରୀ ଚେତାଶୂନ୍ୟ ହୋଇ ପଡୁଥିବା ସୂଚନା ମିଳିଛି। ୧୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଛାତ୍ରୀଙ୍କୁ ଚିକିତ୍ସା କରାଯିବା ସହ ସେମାନଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଟିମ୍ ବିଦ୍ୟାଳୟକୁ ଯାଇଥିବା ସୂଚନା ମିଳିଛି।

### ଦୁଇ ବର୍ଷ ତଳୁ ସରିଛି ନିର୍ମାଣ

# କାର୍ଯ୍ୟକ୍ଷମ ହେଉନି ଓଏଭି ଛାତ୍ରୀନିବାସ



ଗଣିଆ,୧୭।୭(ସମିସ): ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀ ଉନ୍ନତମାନର ଶିକ୍ଷା ପାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ରାଜ୍ୟରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରିଥିଲେ। ପ୍ରତି ବ୍ଲକ୍‌ରେ ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯାଇ ଷଷ୍ଠ ଶ୍ରେଣୀରୁ ଛାତ୍ରଛାତ୍ରୀମାନଙ୍କର ନାମଲେଖା ହେଉଛି। ଏପରିକି ଛାତ୍ରଛାତ୍ରୀମାନେ ସେଠାରେ ରହି ପାଠ ପଢ଼ିବାକୁ ଛାତ୍ରୀନିବାସ ତିଆରି ହୋଇଛି। ଗଣିଆରେ ଏହି ଛାତ୍ରୀନିବାସ ନିର୍ମାଣ ପାଇଁ ଡିସେମ୍ବର ୨୦୨୨ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ କାର୍ଯ୍ୟ ପାଖାପାଖି ଦୁଇ ବର୍ଷ ହେବ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଠାରେ ୬ଷ୍ଠରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ୩ଶହରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଫଳରେ ଛାତ୍ରୀମାନେ ଗାଡ଼ି ଭଡ଼ା କରି ପାଠ ପଢ଼ିବାକୁ ଆସୁଛନ୍ତି। ଅଭିଭାବକମାନେ ଏଥିପାଇଁ ଅଯଥାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଯିବାଆସିବା, ଟ୍ୟୁସନ ଖର୍ଚ୍ଚ ବାବଦକୁ ହଜାର ହଜାର ଟଙ୍କା ଦେଇ ନ ପାରି ଆଦର୍ଶ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେଲେ ମଧ୍ୟ ଗରିବ ମଧ୍ୟବିତ ଛାତ୍ରଛାତ୍ରୀମାନେ ଏଠାରେ ପାଠପଢ଼ି ପାରୁନାହାନ୍ତି। ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାହିଁକି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ ତାହା ଏବେ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଉକ୍ତ ଗୃହ ଚାରିପାଖେ ଅନାବନା ଗଛଲତା ଉଠି ଜଙ୍ଗଲରେ ପରିଣତ ହେବା ସହିତ କାନ୍ଥଗୁଡ଼ିକ ଶିଉଳି ପଡ଼ି କଳା ହୋଇଗଲାଣି। ଆଦର୍ଶ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଥିବାବେଳେ କିଛି ଅପାରଗ ଅଧିକାରୀମାନଙ୍କ ଯୋଗୁଁ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ତୁରନ୍ତ ଏହି ଛାତ୍ରୀନିବାସ କାର୍ଯ୍ୟକାରୀ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

# କାଠମୁହଁରେ ଜୀବନ ଭରନ୍ତି କାଳିଆ





ଖଣ୍ଡପଡ଼ା,୧୭।୭(ସମିସ): କୁଶଳୀ କାରିଗର, କୁଟୀରଶିଳ୍ପ, ଚିତ୍ରକଳା, ବହୁ ପୁରାତନ ହାତୀଦାନ୍ତ ଓ କାଷ୍ଠ ହସ୍ତଶିଳ୍ପ କାରୁକାର୍ଯ୍ୟ ପାଇଁ ଖ୍ୟାତିଲାଭ ଖଣ୍ଡପଡ଼ାରେ ପ୍ରସିଦ୍ଧ କାଠମୁଖା ବେଶ୍ ଆକର୍ଷଣୀୟ। ଖଣ୍ଡପଡ଼ା କୁମ୍ଭାରସାହିର କିଛି କୁଶଳୀ ଚିତ୍ରକର ପରିବାର ପାର୍ବଣ ଋତୁରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରିବା ସହିତ ପାରମ୍ପରିକ କାଠମୁଖା ତିଆରି କରି ପରିବାର ଚଳାଉଥିବାବେଳେ ସେମାନଙ୍କ ଏହି କଳା, କାରିଗରୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବାସଗୃହର ଶୋଭାବର୍ଦ୍ଧନ କରିଥାଏ। ଏସବୁ କଳା କାରିଗରୀର ନିପୁଣ ବିନ୍ଧାଣିମାନେ ନାନା ପ୍ରକାର ସମସ୍ୟା ଦେଇ ଗତି କରୁଥିବା ଜଣାପଡ଼ିଛି। ସମସ୍ୟାକୁ ମାତ୍ ଦେଇ ମୁଖା କାରିଗରମାନେ ସେମାନଙ୍କ କଳାକୁ ରାଜ୍ୟ ତଥା ଦେଶରେ ପରିଚିତ କରାଇଛନ୍ତି। କୂଳବେଉସା ଓ ମୁଖା କାରିଗରୀ କାମକୁ ବଞ୍ଚାଇ ରଖିବା ପାଇଁ ବରିଷ୍ଠ ଶିଳ୍ପୀ କାଳିଆ ମହାପାତ୍ରଙ୍କ ଉଦ୍ୟମ ସବୁଠାରୁ ଅଧିକ। ୪୦ବର୍ଷ ଧରି ବିଭିନ୍ନ ଝଡ଼ଝଞ୍ଜା ମଧ୍ୟରେ ଏହି କୂଳବେଉସାକୁ ଜାବୁଡ଼ି ଧରିଛନ୍ତି ସେ। ସାହିର ପ୍ରାୟ ୧୦ଟି ପରିବାର କାର୍ଯ୍ୟ କରୁଥିବାବେଳେ କାଳିଆଙ୍କ ନିଖୁଣ କାରୁକାର୍ଯ୍ୟ କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ମଧ୍ୟ ବେଶ୍ ଆଦୃତ ହୋଇପାରିଛି। ଭିତ୍ତିଭୂମି ଏବଂ ବିଭିନ୍ନ ଆନୁଷଙ୍ଗିକ ପ୍ରୋତ୍ସାହନ ସୁବିଧା ନ ଥିବାରୁ ଏହି ପାରମ୍ପରିକ ମୁଖା ଚିତ୍ରକଳାକୁ ଆଗକୁ ନେବାରେ ସମସ୍ୟା ସୃଷ୍ଟି ହେଉଥିବା ସେ କହିଛନ୍ତି। ପ୍ରାୟ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବଂଶାନୁକ୍ରମେ ଏହି କାର୍ଯ୍ୟ ସେମାନେ କରି ଆସୁଥିବା କହିଛନ୍ତି। ବିଶେଷକରି ଶିମିଳି, ନିମ୍ବ, ପାଳଧୂଆ କାଠରେ ଚତୁର୍ଦ୍ଧାମୂର୍ତ୍ତି, ହନୁମାନ, ରାବଣ, ଗଣେଶ, ଦେବଦେବୀ, ବ୍ୟାଘ୍ର ସମେତ ବିଭିନ୍ନ ରାକ୍ଷସଙ୍କ ମୁଖା ତିଆରି କରୁଛନ୍ତି। ଏହିସବୁ କାରୁକାର୍ଯ୍ୟକୁ ଚତୁର ବ୍ୟବସାୟୀମାନେ ଦେଶର ବିଭିନ୍ନ ସହରରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ପାଉଥିବାବେଳେ କାରିଗର ହିସାବରେ କେବଳ ପାରିଶ୍ରମିକ ମିଳୁଥିବା କହିଛନ୍ତି କାଳିଆ। ମୁଖାର ଆକାର ଅନୁଯାୟୀ ୧ ହଜାର ଟଙ୍କାରୁ ଆରମ୍ଭ କରି ୨ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ସେ କହିଛନ୍ତି। ବର୍ତ୍ତମାନ ପୌରାଣିକ ନାଟକରେ କଳାକାରମାନେ ପୂର୍ବପରି ମୁଖା ବ୍ୟବହାର କରୁ ନ ଥିବାବେଳେ ସହରରେ ଥିବା ବିଭିନ୍ନ ନାମିଦାମୀ ହୋଟେଲ, ରେଷ୍ଟୋରାଁ ଏବଂ ଘର ସଜାଇବା ପାଇଁ ମୁଖାର ଚାହିଦା ଥିବା ସେ କହିଛନ୍ତି। ଏତଦ୍‌ବ୍ୟତୀତ ଆଖିଦୃଶିଆ କାରୁକାର୍ଯ୍ୟ ହେଉଥିଲେ ମଧ୍ୟ ଏସବୁ ପାଇଁ କାଠର ଅଭାବ ଥିବା କହିଛନ୍ତି। ସେହିପରି ପାରମ୍ପରିକ ହତିଆର ଯଥା- ବଟାଳି, ବାରିସି, କରତ, ନିହାଣ ଆଦିରେ କାମ କରିବା ଯୋଗୁଁ ଅଧିକ ସମୟ ସହ କାଠ ମଧ୍ୟ ଅପଚୟ ହେଉଛି। ଏହି ଅସୁବିଧା ଦୂର କରିବା ନିମନ୍ତେ ଆଧୁନିକ ମେସିନ ତଥା ପ୍ରଶିକ୍ଷଣ ସହ ଆର୍ଥିକ ସହାୟତା ମିଳିପାରିଲେ ବହୁ ଆଗକୁ ବଢ଼ିପାରିବେ ବୋଲି ପ୍ରତିକ୍ରିୟା ରଖିଛନ୍ତି। ଜିଲ୍ଲା ପ୍ରଶାସନ କୁଶଳୀ କାରିଗରଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଇଦେଲେ ଏହି ପାରମ୍ପରିକ ମୁଖା କଳାକୃତି ବଞ୍ଚିରହିବା ସଙ୍ଗେସଙ୍ଗେ କାଳିଆଙ୍କ ପରି ବହୁ କାରିଗର ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ।